# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୫/୨୦୨୧ (୧୬ ପୃଷ୍ଠା) | Bhubaneswar, Wednesday, September 15/2021 | ★★★★

୪୭ଶ ଭାଗ ୨୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





ଢେଙ୍କାନାଳ-ସମ୍ବଲପୁର ରେଳ ସେକ୍ସନର ତାଳଚେର ରୋଡ୍ ଷ୍ଟେଶନ ନିକଟ ଭୋଗବେରେଣୀ ପୋଲଠାରେ ସୋମବାର ବିଳମ୍ବିତ ରାତିରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। **(ରିପୋର୍ଟ: ପୃଷ୍ଠା-୩)**

# ଚାନ୍ଦିପୁର ଡିଆରଡିଓର ଗୁପ୍ତ ତଥ୍ୟ ଲିକ୍

*୨୦୧୪ରେ ଈଶ୍ୱର ବେହେରା ନାମକ ଜଣେ ଠିକା ଫଟୋଗ୍ରାଫର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ(ଡିଆର୍‌ଡିଓ)ର ଗୁପ୍ତ ତଥ୍ୟ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ଯୋଗାଇଥିଲେ। ଉକ୍ତ ଘଟଣାରେ ଅଦାଲତ ଈଶ୍ୱରଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ସେ ଏବେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ଅନୁରୂପଭାବେ ଏବେ ଆଉ ଏକ ଘଟଣା ଘଟିଛି। ଡିଆର୍‌ଡିଓର ଗୁପ୍ତ ତଥ୍ୟକୁ ପାକିସ୍ତାନୀ ଗୋଇନ୍ଦା ସଂସ୍ଥାକୁ ଯୋଗାଇବା ଅଭିଯୋଗରେ ପୋଲିସ ମଙ୍ଗଳବାର ୪ଜଣ ଅସ୍ଥାୟୀ କର୍ମଚାରୀଙ୍କୁ ଗିରଫ କରିଛି। ଏହି ଘଟଣାରେ ଅନ୍ୟ ୪ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଏହି ଘଟଣା ପ୍ରମାଣ କରୁଛି ଯେ, ଭାରତରେ ପ୍ରତିରକ୍ଷା କ୍ଷେତ୍ରରେ ଆଭ୍ୟନ୍ତରୀଣ ଯାଞ୍ଚର ଉପଯୁକ୍ତ ବ୍ୟବସ୍ଥା ରଖାଯାଇନାହିଁ। ଏହା ଫଳରେ ଚାନ୍ଦିପୁର ଭଳି ଅତି ସମ୍ବେଦନଶୀଳ ମିଶାଇଲ ପରୀକ୍ଷଣ ଘାଟିରେ ମଧ୍ୟ ବାରମ୍ବାର ବିଦେଶୀ ଗୁପ୍ତଚରୀ କାର୍ଯ୍ୟ ଲାଗି ରହୁଛି। ଏହାର ଦୋଷ ଅତି ନିମ୍ନସ୍ତରର ଠିକା କର୍ମଚାରୀଙ୍କ ଉପରେ ଲଦି ଦିଆଯାଇ ସବୁବେଳେ ପାକିସ୍ତାନର ନାମ ନିଆଯାଉଛି। ଏଠାରେ ପ୍ରଶ୍ନ ଉଠିପାରେ ଯେ, ଚାଇନା, ରୁଷିଆ ଓ ଆମେରିକା ଭଳି ରାଷ୍ଟ୍ରର ମଧ୍ୟ ଗୁପ୍ତଚର ଏଠାରେ କାମ କରୁଥାଇପାରନ୍ତି। ସେ ଦିଗରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ପଡୁଥିବା ଭଳି ମନେ ହେଉନାହିଁ।*

## ୪ ଠିକା କର୍ମଚାରୀ ଗିରଫ



ଗିରଫ ଅଭିଯୁକ୍ତ (ବାମରୁ)ବସନ୍ତ ବେହେରା, ପ୍ରକାଶ ବେହେରା, ସେକ୍ ମୁସାଫିର

**ପାକିସ୍ତାନୀ ଗୋଇନ୍ଦା ସଂସ୍ଥାକୁ ତଥ୍ୟ ପ୍ରଦାନ କରୁଥିଲେ**

ବାଲେଶ୍ୱର ଅଫିସ, ୧୪।୯

ପାକିସ୍ତାନୀ ଗୋଇନ୍ଦା ସଂସ୍ଥାକୁ ଯୋଗାଇ ଦିଆଯାଉଥିଲା ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ର ଗୁପ୍ତ ତଥ୍ୟ। ବିଶେଷ କରି କ୍ଷେପଣାସ୍ତ୍ର ପରୀକ୍ଷଣ ସମୟର ବିଭିନ୍ନ ତଥ୍ୟ ପ୍ରଘଟ ହେଉଥିବା ଜଣାପଡ଼ିବା ପରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଗୋଇନ୍ଦା ସଂସ୍ଥା (ଆଇବି)ର ୨ଜଣ ଅଧିକାରୀ ୩ଦିନ ପୂର୍ବେ ବାଲେଶ୍ୱରରେ ପହଞ୍ଚି ତନାଘନା ଆରମ୍ଭ କରିଥିଲେ। ସୋମବାର ରାତିରେ ସ୍ଥାନୀୟ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ଡିଆରଡିଓର ୮ଜଣ ଅସ୍ଥାୟୀ କର୍ମଚାରୀଙ୍କୁ ଉଠାଇନେଇ ପଚରାଉଚୁରା କରିବା ପରେ ଘଟଣାର ସତ୍ୟାସତ୍ୟ ☞ ପୃଷ୍ଠା-୪

## ୧ରୁ ଯୁକ୍ତ୨ ଅଫ୍‌ଲାଇନ୍ ପରୀକ୍ଷା

ଭୁବନେଶ୍ୱର,୧୪।୯(ବ୍ୟୁରୋ): ଯୁକ୍ତ୨ ଅଫ୍‌ଲାଇନ୍ ପରୀକ୍ଷା ଆସନ୍ତା ୧ ତାରିଖରୁ ଆରମ୍ଭ ହେବ। ଅକ୍ଟୋବର୧ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ରବିବାର ମଧ୍ୟ ପରୀକ୍ଷା ହେବ ବୋଲି ମଙ୍ଗଳବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ସୂଚନା ଦେଇଛି। ୨ଟି ଇଲେକ୍ଟିଭ୍ ସବ୍‌ଜେକ୍ଟ ଓ ମାତୃଭାଷାରେ ପରୀକ୍ଷା ହେବ। ବିକଳ୍ପ ମୂଲ୍ୟାୟନକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଅଫଲାଇନ୍ ପରୀକ୍ଷା ପାଇଁ ୧୩,୦୪୩ ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୩୧ ତାରିଖରେ ଯୁକ୍ତ୨ ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଚଳିତବର୍ଷ ବିଜ୍ଞାନରେ ମୋଟ୍ ୮୯ ହଜାର ୯୫୧ ପିଲା ପାସ୍ କରିଥିବା ବେଳେ ପାସ୍ ହାର ୯୯.୮୮% ରହିଥିଲା। ସେହିପରି ବାଣିଜ୍ୟରେ ପାସ୍ ହାର ୯୯.୯୫% ଥିଲା। ଅଗଷ୍ଟ ୧୪ରେ ଯୁକ୍ତ୨ କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ପ୍ରକାଶ ପାଇଥିଲା। କଳାରେ ପାସ୍ ହାର ୮୯.୪୯% ଥିବାବେଳେ ଧନ୍ଦାମୂଳକରେ ୮୬.୨% ପାସ୍ ହାର ରହିଥିଲା। ଚଳିତବର୍ଷ କରୋନା ଯୋଗୁ ଯୁକ୍ତ୨ ପରୀକ୍ଷା କରାଯାଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ ହୋଇଥିଲା। ଏହାକୁ ନେଇ କେତେଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ଯେଉଁ ପିଲାମାନେ ପରୀକ୍ଷା ଫଳରେ ସନ୍ତୁଷ୍ଟ ନ ଥିବେ ସେମାନଙ୍କୁ ଅଫ୍‌ଲାଇନ ☞ ପୃଷ୍ଠା-୪

# 'ସମସ୍ତେ ସମ୍ମାନର ସହ ବଞ୍ଚନ୍ତୁ'

## ସୁନ୍ଦରଗଡ଼ ଜିଲାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ଏମ୍ସ ସୁନ୍ଦରଗଡ଼ବାସୀଙ୍କ ନ୍ୟାୟପୂର୍ଣ୍ଣ ଦାବି
- ଅଲିମ୍ପିକ୍ସ ହକି ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଲେ

ରାଉରକେଲା ଅଫିସ୍, ୧୪।୯

ସୁନ୍ଦରଗଡ ଜିଲାବାସୀଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଛି। ମଙ୍ଗଳବାର ରାଉରକେଲା ଆଇଜିଏଚ୍ ସୁପର ସ୍ପେଶାଲିଟି ହସ୍ପିଟାଲ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରିଥିଲେ। ଏଥିସହ ସେ ୫୮୦.୮୨ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ରାଉରକେଲା ଏୟାରଷ୍ଟ୍ରିପ୍‌ରେ ପହଞ୍ଚିଥିଲେ। ସେଠାରୁ ସେ ସିଧାସଳଖ ଆଇଜିଏଚ୍ ସୁପର ସ୍ପେଶାଲିଟି ହସ୍ପିଟାଲ ସମ୍ମିଳନୀ କକ୍ଷକୁ ଆସି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲ୍‌ଥ କାର୍ଡ ଦ୍ୱାରା ରାଜ୍ୟର ☞ ପୃଷ୍ଠା-୪




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରୁଛନ୍ତି।

# ବେଦାନ୍ତକୁ ୨କୋଟି ଜଳକର ଛାଡ଼

ସମ୍ବଲପୁର,୧୪।୯(ବ୍ୟୁରୋ)

ରାଜ୍ୟ ସରକାର କମ୍ପାନୀ ପ୍ରତି ଅହେତୁକ ଅନୁକମ୍ପା ଦେଖାଉଥିବା ନେଇ ଅଭିଯୋଗ ହୋଇଆସୁଛି। ଝାରସୁଗୁଡ଼ା ଜିଲାରେ ଥିବା ବେଦାନ୍ତ ଆଲୁମିନିୟମ କମ୍ପାନୀକୁ ଚଞ୍ଚକତା କରି ଜଳକର ଛାଡ କରାଯାଇଥିବା ନେଇ ଆଉ ଏକ ଅଭିଯୋଗ ଏଥିରେ ଯୋଡିହୋଇଛି। ବେଦାନ୍ତ କମ୍ପାନୀ ଆରମ୍ଭରୁ ଜଳକର ଦେବାରେ ବିଳମ୍ବ କରିବା ସହ ବିବାଦରେ ରହିଆସିଛି। ଏପରିସ୍ଥଳେ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ନଭେମ୍ବର ୨୦୨୦ରେ ଏକକାଳୀନ ଟିକସ ପ୍ରଦାନ (ଓଟିଏସ୍) ବ୍ୟବସ୍ଥା କରାଯାଇଥିଲା। ଏ ନେଇ ଜଳସମ୍ପଦ ବିଭାଗ ଇଞ୍ଜିନିୟର ଇନ୍ ଚିଫ୍ ଜ୍ୟୋତିର୍ମୟ ରଥଙ୍କ ହସ୍ତାକ୍ଷର ଥିବା ଚିଠି (ନଂ. ୨୦୦୯୦, ସେପ୍ଟେମ୍ବର ୨୨, ୨୦୨୦) କରାଯାଇଛି। ଏହା ଆଧାରରେ କମ୍ପାନୀର ୨ କୋଟି ୭ ଲକ୍ଷ ୫ ହଜାର ଟଙ୍କା ଜଳକର ଛାଡ କରାଯାଇଥିଲା। ଏହି ଚିଠିର ନକଲ ଧରିତ୍ରୀର ହସ୍ତଗତ ହୋଇଛି।

ଅନ୍ୟପକ୍ଷେ ୨୦୨୦ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ବେଦାନ୍ତର ଜଳକର, ସୁଧ ଓ ଜରିମାନା ମିଶି ୧୦ କୋଟି ୮ ଲକ୍ଷ ୬୮ ହଜାର ଟଙ୍କା ବକେୟା ରହିଥିଲା। ଟଙ୍କା ଦେବାରେ ଖିଲାପ କରିଥିବା ସତ୍ତ୍ୱେ କମ୍ପାନୀକୁ ହୀରାକୁଦ ଜଳଭଣ୍ଡାରରୁ ପାଣି ନେବା ଉପରେ ରୋକ ଲଗାଯାଇ ନ ଥିଲା। ଏଥିରୁ ଚଞ୍ଚକତା କରି କମ୍ପାନୀକୁ ଓଟିଏସ୍‌ରେ ସାମିଲ କରାଯାଇଥିବା ସ୍ପଷ୍ଟ ହେଉଛି। ବେଦାନ୍ତ କମ୍ପାନୀ ପୂର୍ବରୁ ମଧ୍ୟ ଜଳକର ଦେବାରେ ଖିଲାପ କରିଥିବା ଜଣାପଡିଛି। ବେଦାନ୍ତ ଭଳି ବୃହତ୍ କମ୍ପାନୀକୁ ଅନେକ କୋଟି ଟଙ୍କା ଛାଡ କରାଯାଉଥିବାବେଳେ ଗରିବ ଚାଷୀଙ୍କୁ ଗୋଟିଏ ଟଙ୍କା ମଧ୍ୟ ଛାଡ଼ କରାଯାଉନାହିଁ। ଜମିର ଖଜଣା ଦେବା ସମୟରେ ରାଜସ୍ୱ ବିଭାଗ ଜଳକର ମିଶାଇ ନେଇଯାଉଛି। ଏପରି କି ଚାଷୀ ନ ଦେଲେ ଜମିରେ ନାଲି ଝଣ୍ଡା ଲଗାଇବା ଭଳି ଘଟଣା ଦେଖାଯାଉଛି। ସୂଚନାଯୋଗ୍ୟ, ଝାରସୁଗୁଡ଼ାର ବେଦାନ୍ତ କମ୍ପାନୀ ସମ୍ବଲପୁର ପିତାପାଲିଠାରେ ପମ୍ପହାଉସ କରି ହୀରାକୁଦ ଜଳଭଣ୍ଡାରରୁ ପାଣି ନେଉଛି। ଜଳଭଣ୍ଡାରରୁ ପାଣି ନେବା ସମୟରେ ବିରୋଧ ହୋଇଥିଲା। ପରେ ପ୍ରଶାସନ ପକ୍ଷରୁ ବଳପୂର୍ବକ ଜଳଭଣ୍ଡାରରୁ ପାଣି ଯୋଗାଇଦେବା ବ୍ୟବସ୍ଥା ହୋଇଥିଲା। ଏ ସମ୍ପର୍କରେ ହୀରାକୁଦ ଜଳଭଣ୍ଡାର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିରାକାର ବିଶି କହିଛନ୍ତି, ଓଟିଏସ୍ ବ୍ୟବସ୍ଥା ଆମ କାର୍ଯ୍ୟାଳୟରୁ ହୋଇ ନ ଥାଏ। କମ୍ପାନୀର ଜଳକର ଛାଡ ହୋଇଥିବା ନେଇ ସେ ଜାଣିନାହାନ୍ତି ବୋଲି କହିଥିଲେ।


USHA TRAVELS
www.flyusha.in
OFFER PRICE
BHUBANESWAR ⇄

| | |
|---|---|
| KOLKATA | 2533/-* |
| HYDERABAD | 3533/-* |
| BENGALURU | 3533/-* |
| DELHI | 3633/-* |
| MUMBAI | 3733/-* |
| DUBAI | 10,333/-* |

T&C Apply*
CALL US! 1800 890 3566


**ଆଜିର ସମ୍ପାଦକୀୟ**

## 'ବେଟା' ନୁହେଁ



**ପଞ୍ଜଶିରରେ ୨୦ ଜଣଙ୍କୁ ହତ୍ୟା କଲା ତାଲିବାନ୍**

ଆଫଗାନିସ୍ତାନର ପଞ୍ଜଶିର ଉପତ୍ୟକାରେ ତାଲିବାନ୍ ୨୦ ନାଗରିକଙ୍କୁ ହତ୍ୟା କରିଛି। ସେଠାରେ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ କରିଦେଇଛି। ଅନ୍ତର୍ଜାତୀୟ ଗଣମାଧମ ଦ୍ୱାରା ନିଆଯାଇଥିବା ଫୁଟେଜ୍‌ରେ ସୈନିକ ପୋଷାକରେ ଥିବା ଜଣେ ବ୍ୟକ୍ତିଙ୍କୁ ଆତଙ୍କବାଦୀ ଘେରି ରହିଛନ୍ତି । ସେହିପରି ପଞ୍ଜଶିରରେ ଏକ ଦୋକାନ ଖୋଲିଥିବା ଅନ୍ୟଜଣେ ବ୍ୟକ୍ତି ଜୀବନ ବଞ୍ଚାଇବା ପାଇଁ ନିଜକୁ ସାଧାରଣ ନାଗରିକ କହୁଥିବା ଦେଖିବାକୁ ମିଳିଛି। ସେ ପ୍ରତିରୋଧୀ ବଳକୁ ସିମ୍‌କାର୍ଡ ବିକ୍ରି କରୁଥିବା କହି ତାଲିବାନୀମାନେ ତାଙ୍କୁ ହତ୍ୟା କରିଛନ୍ତି।

## ସଂକ୍ଷେପରେ

### ଏନ୍‌ଇଇଟିରେ ବିଫଳତା ଭୟ: ଛାତ୍ରୀଙ୍କ ଆତ୍ମହତ୍ୟା

ଚେନ୍ନାଇ, ୧୪।୯: ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟିରେ ବିଫଳ ହେବା ଆଶଙ୍କା କରି ତାମିଲନାଡୁର ଜଣେ ଛାତ୍ରୀ ସୋମବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଛନ୍ତି। ଆରିୟଲୁର ଜିଲା ସାତ୍ତାମ୍ପଡି ଗ୍ରାମର କାନିମୋଝି ଯୁକ୍ତ ୨ ପରୀକ୍ଷାରେ ୬୦୦ରୁ ୫୬୦ ନମ୍ବର ରଖିଥିଲେ। ଓକିଲ ଦମ୍ପତିଙ୍କ ଝିଅ କାନିମୋଝି ଏନ୍‌ଇଇଟିରେ ପ୍ରଦର୍ଶନକୁ ନେଇ ଅସନ୍ତୁଷ୍ଟ ଥିଲେ। ସୋମବାର ସନ୍ଧ୍ୟାରେ ତାଙ୍କ ମା' ବାପା ଏକ ବିବାହ ଉତ୍ସବକୁ ଯାଇଥିବାବେଳେ ସେ ବେକରେ ରଶି ଲଗାଇ ଦେଇଥିଲେ। ତାମିଲନାଡୁ ସରକାର ବିନା ଏନ୍‌ଇଇଟିରେ ଛାତ୍ରଛାତ୍ରୀମାନେ ଡାକ୍ତରୀ ପାଠ ପଢ଼ିପାରିବେ ବୋଲି ସୋମବାର ବିଲ୍ ଆଣିଥିବା ସତ୍ତ୍ୱେ ଛାତ୍ରୀ ଜଣକ ଏହି ଚରମ ନିଷ୍ପତ୍ତି ନେଇଛନ୍ତି। ଗତ ରବିବାର ତାମିଲନାଡୁର ୧୯ ବର୍ଷୀୟ ଛାତ୍ର ଧନୁଷ ଏନ୍‌ଇଇଟି ପରୀକ୍ଷା ଦେବା ପୂର୍ବରୁ ଆତ୍ମହତ୍ୟା କରିଥିଲେ।

### ୨୪ରେ ମୋଦିଙ୍କ ଆମେରିକା ଗସ୍ତ

ନୂଆଦିଲ୍ଲୀ, ୧୪।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୪ ତାରିଖରେ ଆମେରିକା ଗସ୍ତ କରିବେ। ୱାଶିଂଟନ୍ ଡିସିରେ ଆମେରିକା ଆୟୋଜନ କରିବାକୁ ଥିବା କ୍ୱାଡ୍‌ର ଶୀର୍ଷ ସମ୍ମିଳନୀରେ ସେ ଯୋଗଦେବେ। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍, ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଡେ ସୁଗା ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଧ ସମ୍ମିଳନୀରେ ଭାଗ ନେବେ। ସମ୍ମିଳନୀରେ ଉନ୍ନତ ପ୍ରଯୁକ୍ତିବିଦ୍ୟା, ସଂଯୋଗୀକରଣ ଏବଂ ଭିତ୍ତିଭୂମି, ସାଇବର ସୁରକ୍ଷା, ସାମୁଦ୍ରିକ ସୁରକ୍ଷା, ମାନବିକ ସହାୟତା, ଜଳବାୟୁ ପରିବର୍ତ୍ତନ, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ, କୋଭିଡ୍-୧୯ ମୁକାବିଲା ଏବଂ ଜଳବାୟୁ ପରିବର୍ତ୍ତନ ଆଦି ପ୍ରସଙ୍ଗରେ ଆଲୋଚନା କରାଯିବ। ସେପ୍ଟେମ୍ବର ୨୫ରେ ମୋଦି ନ୍ୟୁୟର୍କରେ ଜାତିସଂଘ ସାଧାରଣ ସଭାର ୭୬ ତମ ଅଧିବେଶନରେ ଉଚ୍ଚସ୍ତରୀୟ ବର୍ଗର ଜେନେରାଲ ଡିବେଟ୍‌କୁ ସମ୍ବୋଧନ କରିବେ।

### ରାଜ୍ୟ ସଭା ଯିବେ ସୁସ୍ମିତା ଦେବ



ନୂଆଦିଲ୍ଲୀ, ୧୪।୯: କଂଗ୍ରେସ ଛାଡ଼ି ତୃଣମୂଳ କଂଗ୍ରେସ(ଟିଏମ୍‌ସି)ରେ ଯୋଗଦେବାର ମାସେ ଭିତରେ ସୁସ୍ମିତା ଦେବଙ୍କୁ ରାଜ୍ୟ ସଭା ପଠାଇବାକୁ ମମତା ବାନାର୍ଜୀ ମନୋନୀତ କରିଛନ୍ତି। ଏ ନେଇ ଟିଏମ୍‌ସି ପକ୍ଷରୁ ମଙ୍ଗଳବାର ଏକ ଟୁଇଟ୍ କରାଯାଇଛି। ମହିଳାମାନଙ୍କୁ ସଶକ୍ତ କରିବା ଏବଂ ରାଜନୀତିରେ ସେମାନଙ୍କର ସର୍ବାଧିକ ଭାଗୀଦାରି ସୁନିଶ୍ଚିତ କରିବା ମମତାଙ୍କ ଭିଜନ ବୋଲି ଏଥିରେ କୁହାଯାଇଛି। ସୁସ୍ମିତା ଏ ନେଇ ମମତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଟିଏମ୍‌ସି ଏମ୍‌ପି ମାନସ ରଞ୍ଜନ ଭୂୟାଁ ରାଜ୍ୟ ସଭାରୁ ଇସ୍ତଫା ଦେବାପରେ ସେହି ପଦ ଖାଲିରହିଛି। ଭୂୟାଁଙ୍କୁ ମମତା ତାଙ୍କ କ୍ୟାବିନେଟରେ ମନ୍ତ୍ରୀ କରିଥିଲେ। ତାମିଲନାଡୁରେ ୨, ପଶ୍ଚିମବଙ୍ଗ, ଆସାମ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ପୁଡୁଚେରୀରେ ଗୋଟିଏ ଲେଖାଏ ରାଜ୍ୟ ସଭା ଆସନ ଖାଲିପଡ଼ିଛି। ଅକ୍ଟୋବର ୪ରେ ସମସ୍ତ ୭ ପଦ ପାଇଁ ଉପ-ନିର୍ବାଚନ ହେବ ବୋଲି ଭାରତର ନିର୍ବାଚନ କମିଶନ ବିଜ୍ଞପ୍ତି ଜାରି କରିଛନ୍ତି।

# ଖାଇବା ତେଲ: କମୁନି ଦର

**ମୁଣ୍ଡ ଉପରେ ଭୋଟ ଥିଲେ ଜରୁରୀ ସାମଗ୍ରୀଗୁଡ଼ିକର ଆକାଶଛୁଆଁ ଦରଦାମ୍ ଶାସକ ଦଳର ବିଜୟ ଆଶାକୁ ମଳିନ କରିଦିଏ। ଉତ୍ତର ପ୍ରଦେଶ ସମେତ ୫ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ବିଧାନସଭା ନିର୍ବାଚନକୁ ଆଉ ମାତ୍ର କେଇମାସ ବାକି ଥିବାବେଳେ ଦରଦାମ୍ ନିୟନ୍ତ୍ରଣକୁ ଆଣିବା କେନ୍ଦ୍ର ସରକାରଙ୍କ ଆଗରେ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଉଚିତ ଅନୁପାତରେ ମୌସୁମୀ ବର୍ଷା ନ ହେବାରୁ ଖରିଫ ଅମଳକୁ ନେଇ ଅନିଶ୍ଚିତତା ଦେଖାଦେଇଛି, ଯାହାକି ଆଗାମୀ ଦିନରେ ଜରୁରୀ ସାମଗ୍ରୀ ମୂଲ୍ୟକୁ ଆହୁରି ବଢ଼ାଇଦେଇପାରେ। ତେଣୁ ଖାଦ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟ ବୃଦ୍ଧି ବିଶେଷକରି ଡାଲିଜାତୀୟ ଓ ତେଲ ଦର ଉପରେ ଲଗାମ ଲଗାଇବା ପାଇଁ କେନ୍ଦ୍ର ବିଭିନ୍ନ ପଦକ୍ଷେପ ନେବା ଆରମ୍ଭ କରିଛି। ଏହା ସତ୍ତ୍ୱେ ପାର୍ବଣରେ ସୁଫଳ ମିଳିବା ଆଶା ଦିଶୁନାହିଁ।**

**ପାର୍ବଣରେ ମିଳି ନ ପାରେ ସୀମା ଶୁଳ୍କ ହ୍ରାସର ସୁଫଳ**



ନୂଆଦିଲ୍ଲୀ/ଭୁବନେଶ୍ୱର,୧୪।୯(ବ୍ୟୁରୋ)

ଖାଦ୍ୟ, ସାଧାରଣ ବଣ୍ଟନ ଏବଂ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ଅର୍ଥନୈତିକ ପରାମର୍ଶଦାତା ମନୀଷା ସେନଶର୍ମା ଗୁରୁବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କ ନିକଟକୁ ଏକ ପତ୍ର ପଠାଇଥିଲେ। ଖାଇବା ତେଲ ଓ ତୈଳବୀଜର ଦରଦାମ ବୃଦ୍ଧି ଉପରେ ଧ୍ୟାନ ଦେବାକୁ ଉକ୍ତ ଚିଠିରେ ସେ ନିର୍ଦ୍ଦେଶ ଦେଇଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ, ୧୯୫୫ ଅନୁସାରେ ଲୋକଙ୍କ ପାଇଁ ଉଚିତ ମୂଲ୍ୟରେ ଜରୁରୀ ସାମଗ୍ରୀଗୁଡ଼ିକର ଉପଲବ୍ଧତା ସୁନିଶ୍ଚିତ କରିବାକୁ ଏଥିରେ କୁହାଯାଇଛି। ନିକଟରେ ଆମଦାନୀ ଶୁଳ୍କ ହ୍ରାସ କରିବା ସତ୍ତ୍ୱେ ଖାଇବା ତେଲ/ତୈଳବୀଜର ମୂଲ୍ୟବୃଦ୍ଧି ଦେଖିବାକୁ ମିଳିଛି। ଅସାଧୁ ବ୍ୟବସାୟୀମାନେ ବେଆଇନ ଭାବେ ଅଧିକ ପରିମାଣର ତେଲ ମହଜୁଦ ରଖୁଥିବାରୁ ଏପରି ହୋଇଥିବା ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଟ୍ରେଡର୍ସ, ମିଲର୍ସ ଓ ଷ୍ଟକିଷ୍ଟଙ୍କୁ ନିଜ ନିଜ ଷ୍ଟକ୍ ଘୋଷଣା କରିବା ନିମନ୍ତେ କେନ୍ଦ୍ର ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଷ୍ଟକ୍ ଘୋଷଣା ପରେ ତାକୁ ରାଜ୍ୟ ସରକାର ଯାଞ୍ଚ କରିବେ। ସେହିପରି ଖାଇବା ତେଲ ଓ ତୈଳବୀଜଗୁଡ଼ିକର ମୂଲ୍ୟ ଉପରେ ମଧ ସାପ୍ତାହିକ ଭିତ୍ତିରେ ଅନୁଧ୍ୟାନ କରିବା ପାଇଁ କୁହାଯାଇଛି।

ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଯୋଗୁ ସମସ୍ତ ଜରୁରୀ ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହୋଇଛି। ପାର୍ବଣରେ ଖାଉଟିଙ୍କୁ ଆଶ୍ୱସ୍ତି ଦେବା ପାଇଁ କେନ୍ଦ୍ର ସରକାର ଆମଦାନୀ ଶୁଳ୍କ ହ୍ରାସ କରିଛନ୍ତି। ଏହାସତ୍ତ୍ୱେ ଖାଇବା ତେଲ ଦରଦାମ ହ୍ରାସ ପାଉନାହିଁ। ଏଥିପାଇଁ ଖାଦ୍ୟ, ସାଧାରଣ ବଣ୍ଟନ ଏବଂ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ମହଜୁଦକାରୀଙ୍କୁ ଦାୟୀ କରି ଷ୍ଟକ୍ ଲିମିଟ୍ ଉପରେ ଅଙ୍କୁଶ ଲଗାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ, ୧୯୫୫ ଅନୁସାରେ ଲୋକଙ୍କ ପାଇଁ ଉଚିତ ମୂଲ୍ୟରେ ଜରୁରୀ ସାମଗ୍ରୀଗୁଡ଼ିକର ଉପଲବ୍ଧତା ସୁନିଶ୍ଚିତ କରିବାକୁ ରାଜ୍ୟ ସରକାରମାନଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମୋଦି ସରକାର ଗତ ଜୁନ୍ ୫ରେ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ଅଧ୍ୟାଦେଶ ଆଣିଥିଲେ। ସେତେବେଳେ ତୈଳବୀଜ, ଡାଲିଜାତୀୟ ଶସ୍ୟ, ପିଆଜ ଆଦିକୁ ଉକ୍ତ ଆଇନ ପରିସର ବାହାରେ ରଖାଯାଇଥିଲା। ଉଦ୍ଦେଶ୍ୟ ଥିଲା ସେସବୁକୁ ମହଜୁଦ ରଖିବା ସୀମା କଟକଣାରୁ ମୁକ୍ତ କରିବା। ତେବେ ସୁପ୍ରିମକୋର୍ଟ ଉକ୍ତ ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରି କରିଥିବାରୁ ସରକାର ଏବେ ଏହାକୁ ଆଳ କରି ତେଲ ଦର ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଷ୍ଟକ୍ ସୀମା ନେଇ କଟକଣା ଜାରି କରିଛନ୍ତି। ଏନେଇ ଭୁବନେଶ୍ୱର ୟୁନିଟ୍-୧ରେ ଗ୍ରୋସେରି ଦୋକାନ କରିଥିବା ଦୀନେଶ ପାତ୍ର କହିଛନ୍ତି, ସରକାର ଆମଦାନୀ ଶୁଳ୍କ ହ୍ରାସ କରିଛନ୍ତି ସତ। କିନ୍ତୁ ଆମେ ପୂର୍ବରୁ ଚଢ଼ା ଦରରେ କିଣି ମହଜୁଦ ରଖିଥିବା ତେଲକୁ ଏବେ ବିକ୍ରି କରିବାକୁ ପଡ଼ିବ। ନୂଆ ମାଲ ଆସିଲେ ନୂଆ ଦରରେ ବିକିବୁ। ଏବେ ଯାହା ମହଜୁଦ ଅଛି ତାକୁ ପୁରୁଣା ଦରରେ ହିଁ ଗ୍ରାହକଙ୍କୁ ଦେବୁ। ଆମେ ସୋୟାବିନ ତେଲ ଲିଟର ପିଛା ୧୫୦, ସୋରିଷ ତେଲ ଲିଟର ୧୮୫ରୁ ୧୯୫, ଓ ସୂର୍ଯ୍ୟମୁଖୀ ଲିଟର ପ୍ରତି ୧୪୫ ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହେଉଛୁ। ଖାଇବା ତେଲକୁ ନିୟନ୍ତ୍ରଣକୁ ଆଣିବା ଲାଗି ଏହା ହେଉଛି କେନ୍ଦ୍ରର ଦ୍ୱିତୀୟ ହସ୍ତକ୍ଷେପ। ଗତ ଅଗଷ୍ଟରେ ମଧ କଞ୍ଚା ତଥା ରିଫାଇଣ୍ଡ ସୋୟାବିନ୍ ଓ ସୂର୍ଯ୍ୟମୁଖୀ ତେଲ ଉପରୁ ଆମଦାନୀ ଶୁଳ୍କ ହ୍ରାସ କରାଯାଇଥିଲା। ବର୍ତ୍ତମାନ କଞ୍ଚା ସୋୟାବିନ୍ ଓ ସୂର୍ଯ୍ୟମୁଖୀ ତେଲ ଉପରେ ଆମଦାନୀ ଶୁଳ୍କ ୩୦.୨୫% ରହିଛି, ଯାହାକି ପୂର୍ବରୁ ୩୮.୫୦% ଥିଲା। ସେହିପରି ରିଫାଇଣ୍ଡ ତେଲର ଆମଦାନୀ ଶୁଳ୍କକୁ ୪୯.୫୦ ପ୍ରତିଶତରୁ ୪୧.୨୫%କୁ ହ୍ରାସ କରାଯାଇଥିଲା। ଖାଇବା ତେଲର ଦର ବର୍ଷକୁ ବର୍ଷ ୨୦-୩୦% ବୃଦ୍ଧି ପାଉଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ବିଶ୍ୱରେ ଖାଇବା ତେଲର ମୂଲ୍ୟ ବୃଦ୍ଧି ଯୋଗୁ ଭାରତରେ ମଧ ଏହାର ବହୁଳ ପ୍ରଭାବ ପଡ଼ିଛି। ଗତବର୍ଷ ବାଦାମ ତେଲର ହାରାହାରି ଖୁଚୁରା ମୂଲ୍ୟ ଲିଟର ପିଛା ୧୫୦.୫୦ ଟଙ୍କା ଥିବାବେଳେ ଏବେ ଏହା ୧୭୭.୯୧ ଟଙ୍କାକୁ ବୃଦ୍ଧି ପାଇଛି। ଅନୁରୂପ ଭାବେ ସୋୟାବିନ୍ ତେଲର ଦର ୧୦୪.୨୭ ଟଙ୍କାରୁ ୧୫୧.୪୩ ଟଙ୍କାକୁ ଚଢ଼ିଛି। ସୋରିଷ ତେଲ ଲିଟର ପ୍ରତି ୧୨୬.୧୭ ଟଙ୍କା ଥିବାବେଳେ ଏବେ ୧୭୨.୫୫ ଟଙ୍କାରେ ବିକ୍ରି ହେଉଛି। ପାମ୍ ଅଏଲ ମଧ ୯୪.୧୮ ଟଙ୍କାରୁ ୧୩୨.୪୬ ଟଙ୍କାକୁ ବୃଦ୍ଧି ପାଇଛି। ଏପରି କି ଘିଅର ବିକଳ୍ପ ଭାବେ ବ୍ୟବହୃତ ବନସ୍ପତି ତେଲର ଦାମ୍ ଲିଟର ପିଛା ୯୪.୧୮ରୁ ୧୩୨.୪୬ ଟଙ୍କାରେ ପହଞ୍ଚିଛି। ଏଭଳି ସମୟରେ ସରକାର ଖାଇବା ତେଲ ଉପରୁ ଆମଦାନୀ ଶୁଳ୍କ ହ୍ରାସ କରିଛନ୍ତି।



ମୋଦି ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ, ୧୯୫୫ରେ ସଂଶୋଧନ ଆଣିବାର ବର୍ଷକ ପରେ ମହଜୁଦ ସୀମା କଟକଣା ଜାରି କରାଯାଇଛି। ଉକ୍ତ ସଂଶୋଧନ ପଛର ଉଦ୍ଦେଶ୍ୟ ଥିଲା ତୈଳବୀଜ, ଡାଲିଜାତୀୟ ଶସ୍ୟ, ପିଆଜ ଆଦିକୁ ଆଇନ ପରିସର ବାହାରେ ରଖିବା ଏବଂ ସେସବୁକୁ ସୀମା କଟକଣାରୁ ମୁକ୍ତ କରିବା। ତେବେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାରୁ ଉକ୍ତ ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରି କରାଯାଇଛି।

- ଅର୍ଥ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁସାରେ କ୍ରୁଡ୍ ପାମ୍ ଅଏଲ୍ ଉପରୁ ଆମଦାନୀ ଶୁଳ୍କ ୧୦%ରୁ ୨.୫%କୁ ହ୍ରାସ କରାଯାଇଛି। କ୍ରୁଡ୍ ସୋୟାବିନ୍ ତେଲ ଓ ସୂର୍ଯ୍ୟମୁଖୀ ତେଲ ଉପରେ ପୂର୍ବରୁ ବସାଯାଉଥିବା ଆମଦାନୀ ଶୁଳ୍କକୁ ୭.୫%ରୁ ୨.୫%କୁ କମାଇ ଦିଆଯାଇଛି।
- ସୀମା ଶୁଳ୍କ ହ୍ରାସ କରାଯିବା ଦ୍ୱାରା ଭାରତ ୨୦୨୨ ଆର୍ଥିକ ବର୍ଷରେ ୪,୬୦୦ କୋଟି ଟଙ୍କାର ରାଜସ୍ୱ ହରାଇବ ବୋଲି କେନ୍ଦ୍ର ସରକାର କହୁଛନ୍ତି।
- ଏହି ପଦକ୍ଷେପ ଯୋଗୁ ଭାରତୀୟ ଖୁଚୁରା ବଜାରରେ ଖାଇବା ତେଲ ଦର ଲିଟର ପିଛା ୪ରୁ ୫ ଟଙ୍କା ପର୍ଯ୍ୟନ୍ତ ଶସ୍ତା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ତାହା କମୁନାହିଁ। ଅର୍ଥାତ୍ ବୁଝିବାକୁ ପଡ଼ିବ ଯେ ଦେଶର ଉପଭୋକ୍ତାମାନଙ୍କ ନିକଟରେ ଏହି ସୁବିଧା ପହଞ୍ଚିପାରି ନାହିଁ।
- ଅର୍ଥାତ୍ ଭାରତକୁ ଖାଇବା ତେଲ ରପ୍ତାନି କରୁଥିବା ଇଣ୍ଡୋନେସିଆ ଓ ମାଲେସିଆର ବିକ୍ରେତାମାନେ ଏଥିରୁ ଲାଭବାନ ହୋଇପାରନ୍ତି।

ଏହା ପଛରେ ଦୁଇଟି କାରଣ ରହିଥିବା କୁହାଯାଉଛି। ତାହା ହେଲା ଆସନ୍ତା ମାସରେ ଆରମ୍ଭ ହେବାକୁ ଥିବା ଖରିଫ ଫସଲ ଅମଳ ସମୟ ପାଖେଇ ଆସୁଛି। ତେଲ ଦର ହ୍ରାସ କରିବା ପାଇଁ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଥିବା ଉକ୍ତ ଚିଠିରେ ଦର୍ଶାଯାଇଛି। ଦ୍ୱିତୀୟରେ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୁଜରାଟ ଓ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ ଖାଦ୍ୟ ସାମଗ୍ରୀର ଦରଦାମ ବୃଦ୍ଧି ବଡ଼ ପ୍ରସଙ୍ଗ ହେବାକୁ ଯାଉଛି। ସବୁ ଅଞ୍ଚଳରେ ମୌସୁମୀଜନିତ ସୁଷମ ବୃଷ୍ଟିପାତ ନ ହେବାରୁ ଅମଳ କାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ। ଏହାକୁ ନେଇ ନୀତି ପ୍ରଣୟନକାରୀମାନେ ଅସୁବିଧାର ସମ୍ମୁଖୀନ ହେବାରେ ଲାଗିଲେଣି, ଯାହାକି ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇନାହିଁ।

## ସୀମା ସାମି ଜାତିସଂଘ ମହିଳା ମୁଖ୍ୟ

ଜାତିସଂଘ, ୧୪।୯



ଜୋର୍ଡାନର ସୀମା ସାମି ବାହୋସ୍ ଜାତିସଂଘ ମହିଳା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିଯୁକ୍ତ ହୋଇଛନ୍ତି। ଏହି ପଦ ପାଇଁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ତାଙ୍କ ନାମ ଘୋଷଣା କରିଛନ୍ତି। ୨୦୧୬ରୁ ଆମେରିକାରେ ଜୋର୍ଡାନର ସ୍ଥାୟୀ ରାଷ୍ଟ୍ରଦୂତ ଥିବା ବାହୋସ୍ ଦକ୍ଷିଣ ଆଫ୍ରିକାର ଫୁମଜିଲେ ମାଲାମ୍ବୋଙ୍କ ସ୍ଥାନ ନେଇଥିବା ଜାତିସଂଘ ମହାସଚିବଙ୍କ ଅଫିସ୍‌ରୁ ଜାରି ବିବୃତିରେ କୁହାଯାଇଛି। ୨୦୧୨ରୁ ୨୦୧୬ ପର୍ଯ୍ୟନ୍ତ ବାହୋସ୍ ଜାତିସଂଘ ବିକାଶ ପ୍ରୋଗ୍ରାମ ରିଜିଓନାଲ ବ୍ୟୁରୋ ଫର୍ ଆରବ ଷ୍ଟେଟ୍‌ସ ପାଇଁ ଅତିରିକ୍ତ ପ୍ରଶାସକ ଏବଂ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଛନ୍ତି। ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ ସେ ଲିଗ୍ ଆରବ ଷ୍ଟେଟ୍‌ସର ସାମାଜିକ ବିକାଶ ବିଭାଗ ମୁଖ୍ୟ ଏବଂ ସହକାରୀ ମହାସଚିବ ରହିଛନ୍ତି।

## ଡଙ୍ଗା ବୁଡ଼ି ୩ ମୃତ

ଅମରାବତୀ, ୧୪।୯

ମହାରାଷ୍ଟ୍ରର ଅମରାବତୀ ଜିଲା ବରଦା ନଦୀରେ ମଙ୍ଗଳବାର ଏକ ଡଙ୍ଗା ବୁଡ଼ି ୩ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୮ ଜଣ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ଖୋଜାଖୋଜି ପରେ ୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ମଧ୍ୟରେ ଜଣେ ନାବାଳିକା ରହିଛନ୍ତି। ହାତରାନା ଗ୍ରାମରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଏହି ଦୁର୍ଘଟଣା ଘଟିଛି। ନଦୀ ତୁଠରେ ପୂଜା ସାରି ୩ ପରିବାରର ୧୧ ଜଣ ଡଙ୍ଗାରେ ବସି ଯାଉଥିବାବେଳେ ଓଜନ ସମ୍ଭାଳି ନ ପାରି ବୁଡ଼ିଯାଇଥିଲା।

## ଘର ଛାଡ଼ିବାକୁ କହୁଛି ତାଲିବାନ୍

କାନ୍ଦାହାର, ୧୪।୯

ଆଫଗାନିସ୍ତାନର ଦ୍ୱିତୀୟ ବୃହତ୍ତମ ସହର କାନ୍ଦାହାରରେ ଥିବା ଏକ ଆବାସିକ ଆର୍ମି କଲୋନିରେ ଲୋକଙ୍କୁ ଘର ଛାଡ଼ିବାକୁ ତାଲିବାନ୍ ନିର୍ଦ୍ଦେଶ ଦେଇଛି। ଏପରିକି ନିଜ ଘରୁ ସେମାନେ କୌଣସି ଜିନିଷପତ୍ର ନ ନେବାକୁ ମଧ ଧମକାଇଛି। ଏହାକୁ ବିରୋଧ କରି ମଙ୍ଗଳବାର ଶହ ଶହ ସଂଖ୍ୟାରେ କାନ୍ଦାହାରବାସୀ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ଥାନୀୟ ମିଡିଆ ପକ୍ଷରୁ ବିକ୍ଷୋଭର ଭିଡିଓ ଓ ଫଟୋ ଜାରି କରାଯାଇଛି।

ଉକ୍ତ କଲୋନିରେ ରହୁଥିବା ପ୍ରାୟ ୩ ହଜାର ପରିବାର ତୁରନ୍ତ ସେମାନଙ୍କ ଘର ଛାଡ଼ିବାକୁ କହିବା ପରେ କାନ୍ଦାହାର ରାଜଭବନ ସମ୍ମୁଖରେ ଲୋକେ ରୁଣ୍ଡ ହୋଇ ରାସ୍ତା ଅବରୋଧ କରିଛନ୍ତି। ସେଠାରେ ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ ଆଫଗାନ୍ ସୁରକ୍ଷାବଳର ସଦସ୍ୟଙ୍କ ପରିବାର ରହୁଥିବାରୁ ତାଲିବାନ୍ ଏପରି କରିଥିବା ଅଭିଯୋଗ ହୋଇଛି। ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେମାନେ ସେଠାରେ ବାସ କରୁଥିବାବେଳେ ୩ ଦିନ ମଧ୍ୟରେ ଉକ୍ତ ଜାଗା ଛାଡ଼ିବାକୁ ଧମକ ମିଳିଛି। ଏପରି ଘଟଣାର ତଦନ୍ତ କରାଯିବ ବୋଲି ତାଲିବାନ୍ ଲିଡର କହିଥିବାବେଳେ ବିକ୍ଷୋଭ ପୂର୍ବରୁ ଲୋକେ ଅନୁମତି ନିଅନ୍ତୁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଆନ୍ଦୋଳନରେ କୌଣସି ହିଂସାକାଣ୍ଡ ବାବଦରେ ରିପୋର୍ଟ ପ୍ରକାଶ ପାଇନାହିଁ।

**ରାସ୍ତାକୁ ଓହ୍ଲାଇଲେ କାନ୍ଦାହାରବାସୀ**



## ୪ ରାଜ୍ୟ, କେନ୍ଦ୍ରକୁ ଏନ୍‌ଏଚ୍‌ଆର୍‌ସି ନୋଟିସ

ନୂଆଦିଲ୍ଲୀ, ୧୪।୯

କେନ୍ଦ୍ରର ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ସୀମାରେ ଗତ ନଭେମ୍ବରରୁ ଚାଷୀ ଆନ୍ଦୋଳନ ଜାରି ରହିଛି। ଏଥିଯୋଗୁ ଉଦ୍ୟୋଗ ଓ ପରିବହନ କ୍ଷେତ୍ରରେ ବାଧା ଉପୁଜୁଥିବା ଅଭିଯୋଗ ଉପରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ମଙ୍ଗଳବାର ଦିଲ୍ଲୀ, ରାଜସ୍ଥାନ, ହରିୟାଣା ଏବଂ ଉତ୍ତରପ୍ରଦେଶ ସରକାରଙ୍କ ସମେତ କେନ୍ଦ୍ରକୁ ନୋଟିସ୍ ଜାରି କରିଛନ୍ତି। ଦିଲ୍ଲୀ ସମେତ ୩ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ପୋଲିସ କମିଶନର ସେମାନଙ୍କ ତଜ୍ଜନିତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନୋଟିସ୍‌ରେ ଦର୍ଶାଯାଇଛି, ଦୀର୍ଘ ମାସ ହେଲା ଚାଷୀ ଆନ୍ଦୋଳନ ଯୋଗୁ ୯ ହଜାରରୁ ଊର୍ଦ୍ଧ୍ୱ କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରଭାବିତ ହୋଇଛି। ପରିବହନ ବାଧାପ୍ରାପ୍ତ ହେବା ଫଳରେ ଯାତ୍ରୀ, ରୋଗୀ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ବରିଷ୍ଠ ନାଗରିକମାନେ ଅସୁବିଧା ଭୋଗୁଛନ୍ତି। ସୀମାରେ ବ୍ୟାରିକେଡ୍ ଲାଗିଥିବାରୁ ଅନେକଙ୍କୁ ବହୁତ ଦୂର ବାଟ ଦେଇ ଯାତ୍ରା କରିବାକୁ ପଡୁଛି। ଅନ୍ୟପକ୍ଷରେ କୃଷକ ଆନ୍ଦୋଳନରେ ମଧ ମାନବାଧିକାର ଜଡ଼ିତ ରହିଛି। ତେଣୁ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭକୁ ସମ୍ମାନ ଦିଆଯିବା ଦରକାର ବୋଲି ଏନ୍‌ଏଚ୍‌ଆର୍‌ସି କହିଛନ୍ତି। ଆନ୍ଦୋଳନର ପ୍ରତିକୂଳ ପ୍ରଭାବ ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରି ଅକ୍ଟୋବର ୧୦ ସୁଦ୍ଧା ଦାଖଲ ପାଇଁ ଇନଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ ଗ୍ରୋଥ (ଆଇଇଜି)କୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ କୃଷକ ଆନ୍ଦୋଳନର ପ୍ରତିକୂଳ ପ୍ରଭାବ ତଥା ବିରୋଧ ସ୍ଥଳରେ କୋଭିଡ ପ୍ରୋଟୋକଲ ପାଳନ ଉପରେ ରିପୋର୍ଟ ଦାଖଲ କରିବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ବିକ୍ଷୋଭସ୍ଥଳରେ ଗଣବଳାତ୍କାରର ଶିକାର ହୋଇଥିବା ଜଣେ ମାନବାଧିକାର କର୍ମୀଙ୍କୁ କ୍ଷତିପୂରଣ ପ୍ରଦାନ ବାବଦ ରିପୋର୍ଟ ଅକ୍ଟୋବର ୧୦ ସୁଦ୍ଧା ହରିୟାଣାର ଝାଜର ଜିଲା ମାଜିଷ୍ଟ୍ରେଟ୍‌ଙ୍କୁ ରିପୋର୍ଟ ଦାଖଲ କରବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପାର୍ବଣରେ ଆକ୍ରମଣ ଯୋଜନା ପଣ୍ଡ

ନୂଆଦିଲ୍ଲୀ, ୧୪।୯

- ୬ ଆତଙ୍କବାଦୀ ଗିରଫ
- ଟ୍ରେନିଂ ଦେଇଛି ଆଇଏସ୍‌ଆଇ

ପାର୍ବଣ ସମୟରେ ଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ରରେ ଆତଙ୍କବାଦୀ ଆକ୍ରମଣ ଯୋଜନା କରିଥିବା ୬ ଆତଙ୍କବାଦୀଙ୍କୁ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ମଙ୍ଗଳବାର ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ତାଲିମ୍ ଦେଇଥିବା ଜଣାପଡ଼ିଛି। ଗିରଫ ହୋଇଥିବା ଜାନ୍ ମହମ୍ମଦ ଶେଖ୍(୪୭), ଓସାମା ଓରଫ ସାମି(୨୨), ମୁଲଚାନ୍ଦ ଓରଫ ସାଜୁ(୪୭), ଜିଶାନ୍ କମର(୨୮), ମହମ୍ମଦ ଅବୁ ବକର(୨୩) ଏବଂ ମହମ୍ମଦ ଅମିର ଜାଭେଦ(୩୧) କୁଖ୍ୟାତ ଗ୍ୟାଙ୍ଗଷ୍ଟାର ଦାଉଦ ଇବ୍ରାହିମ୍ ସହଯୋଗୀଙ୍କ ସହ ମିଶି ଉକ୍ତ ରାଜ୍ୟଗୁଡ଼ିରେ ଆକ୍ରମଣ ଯୋଜନା କରିଥିଲେ ବୋଲି ପୋଲିସ କହିଛି।

ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ କମିଶନର ନିରଜ ଠାକୁର କହିଛନ୍ତି, ଭାରତର ବିଭିନ୍ନ ସ୍ଥାନରେ ଆଇଡି, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଗ୍ରେନେଡ୍ ଆଦି ପହଞ୍ଚାଇବା ପାଇଁ ଦାଉଦଙ୍କ ଭାଇ ଅନୀଶ ଇବ୍ରାହିମ୍‌ଙ୍କୁ ଆଇଏସ୍‌ଆଇ ହାତ କରିଛି। ଅଭିଯୁକ୍ତ ଓସାମା ଏବଂ ଜିନାଶଙ୍କୁ ଆଇଏସ୍‌ଆଇ ପାକିସ୍ତାନରେ ତାଲିମ୍ ଦେଇ ପଠାଇଥିବା ଠାକୁର ସୂଚନା ଦେଇଛନ୍ତି।

## 'ଅବ୍ବା ଜାନ୍' ମନ୍ତବ୍ୟ: ଯୋଗୀଙ୍କ ନାଁରେ ମାମଲା

ଲକ୍ଷ୍ନୌ/ନୂଆଦିଲ୍ଲୀ,୧୪।୯

ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ଭାଜପାର ଧ୍ରୁବୀକରଣ ପ୍ରୟୋଗ ସେତିକି ବଢ଼ିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ 'ଅବ୍ବା ଜାନ୍' ମନ୍ତବ୍ୟ ଏବେ ଜାତୀୟ ରାଜନୀତିରେ ମଧ ଝଡ଼ ସୃଷ୍ଟି କରିଛି। ଇତିମଧ୍ୟରେ ବିହାରର ମୁଜାଫରପୁରସ୍ଥିତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଏନେଇ ଏକ ମାମଲା ରୁଜୁ ହୋଇଛି। ଏଭଳି ମନ୍ତବ୍ୟ ମୁସଲମାନ ସମୁଦାୟର ଧର୍ମୀୟ ଭାବାବେଗକୁ କୁଠାରାଘାତ କରିଥିବା ସ୍ଥାନୀୟ ସାମାଜିକ କର୍ମୀ ତମନ୍ନା ହାଶମି ଉକ୍ତ ପିଟିଶନରେ ଦର୍ଶାଇଛନ୍ତି।

ଯୋଗୀ ଆଦିତ୍ୟନାଥଙ୍କ ପ୍ରଥମ ମୁଖ୍ୟମନ୍ତ୍ରୀ ପାଳି ଶେଷ ହେବାକୁ ଯାଉଛି। ଆସନ୍ତା ଫେବୃୟାରୀ-ମାର୍ଚ୍ଚରେ ରାଜ୍ୟରେ ବିଧାନସଭା ନିର୍ବାଚନ ହେବ। ଏଭଳି ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଓ ବିବାଦରେ ରହିଆସିଥିବା ଗୋରଖପୁର ମହନ୍ତ ଯୋଗୀ ରବିବାର କୁଶିନଗରରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁସଲମାନ ସମୁଦାୟ ଓ ବିରୋଧୀ ସମାଜବାଦୀ ପାର୍ଟିକୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ସରକାର ଏବେ ସମସ୍ତଙ୍କୁ ରିହାତି ମୂଲ୍ୟରେ ରାଶନ ସାମଗ୍ରୀ ଯୋଗାଇ ଦେଉଛନ୍ତି। କିନ୍ତୁ ୨୦୧୭ ପୂର୍ବରୁ କେବଳ ସେମାନଙ୍କୁ 'ଅବ୍ବା ଜାନ୍' କହୁଥିବା



ଯୋଗୀ ଆଦିତ୍ୟନାଥ

ଲୋକଙ୍କୁ ମିଳୁଥିଲା। ଲୋକେ 'ଅବ୍ବା ଜାନ୍' କହି ରାଶନ ସାମଗ୍ରୀଗୁଡ଼ିକୁ ହଜମ କରିଦେଉଥିଲେ। କୁଶିନଗରର ରାଶନ ନେପାଳ ଓ ବାଂଲାଦେଶକୁ ଚାଲାଣ ହୋଇଯାଉଥିଲା। ବର୍ତ୍ତମାନ ଯିଏ ବି ଲୋକଙ୍କ ରାଶନ ଗିଳିବାକୁ ଉଦ୍ୟମ କରିବେ ତାଙ୍କୁ ଜେଲକୁ ପଠାଇଦିଆଯିବ। ଅବ୍ବା ଜାନ୍ ଏକ ଉର୍ଦ୍ଦୁ ଶବ୍ଦ, ଯାହାର ଅର୍ଥ ହେଉଛି ବାପା। ଉତ୍ତରପ୍ରଦେଶର ମୋଟ ଜନସଂଖ୍ୟାର ୧୯.୨୬% ହେଉଛନ୍ତି ମୁସଲମାନ। ତେଣୁ ରାଜ୍ୟର ମୁସଲମାନ ସମୁଦାୟକୁ ଟାର୍ଗେଟ କରି ଯୋଗୀ ଦେଇଥିବା ଉପରୋକ୍ତ ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସମାଜବାଦୀ ପାର୍ଟି ମତରେ ଏଭଳି ଅସଂସଦୀୟ ଭାଷା ମୁଖ୍ୟମନ୍ତ୍ରୀଙ୍କୁ ଶୋଭା ପାଉନାହିଁ। ଯୋଗୀ କମ୍ ଶିକ୍ଷିତ ବୋଲି ଏଥିରୁ ବୁଝାପଡୁଛି। କଂଗ୍ରେସର ଅଭିଯୋଗ ହେଉଛି, ସମାଜ ବିଭାଜନ ପାଇଁ ଉଦ୍ଦିଷ୍ଟ ଯୋଗୀଙ୍କ ଭାଷା ଗଣତନ୍ତ୍ରକୁ ମଳିନ କରିଛି। ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା କହିଛନ୍ତି, ଏକ କାର୍ଯ୍ୟସୂଚୀ ନେଇ ନିର୍ବାଚନ ଲଢ଼ିବା ଭାଜପାର ଲକ୍ଷ୍ୟ ନୁହେଁ। ଏହି ଦଳ ସାମ୍ପ୍ରଦାୟିକତା ଓ ଘୃଣାଭାବ ସୃଷ୍ଟି କରି ମୁସଲମାନଙ୍କ ବିରୋଧରେ ବିଷାକ୍ତ ପରିବେଶ ସୃଷ୍ଟି କରୁଛି। ହିନ୍ଦୁମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ରାଶନକୁ ମୁସଲମାନମାନେ ଖାଇଗଲେ ବୋଲି ମୁଖ୍ୟମନ୍ତ୍ରୀ କହିବା ଦୁର୍ଭାଗ୍ୟଜନକ। ସଂଯୁକ୍ତ ଜନତା ଦଳ (ଜେଡିୟୁ) ରାଷ୍ଟ୍ରୀୟ ଅଧ୍ୟକ୍ଷ ଲଲନ ସିଂ କହିଛନ୍ତି, ଏ ଦେଶ ସମସ୍ତଙ୍କର। ଏଠାରେ 'ବିବିଧତାରେ ଏକତା' ଭଳି ବାକ୍ୟର ବ୍ୟବହାର କରାଯାଏ। ଦେଶକୁ କ୍ଷତି କରିବା ଭଳି ମନ୍ତବ୍ୟ ଦେବା ଅନୁଚିତ। ସେହିପରି ଯୋଗୀଙ୍କ ଅବ୍ବା ଜାନ୍ ମନ୍ତବ୍ୟ ଅପମାନଜନକ ବୋଲି ବିଶିଷ୍ଟ ଅଭିନେତା ନାସିରୁଦ୍ଦିନ ଶାହା କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୬୩,୬୧,୬୧୮ | ୪୬,୫୬,୯୬୯ | ୨୦,୩୦,୨୭,୪୩୫ |
| ଭାରତ | ୩,୩୩,୧୪,୮୬୯ | ୪,୪୪,୫୧୭ | ୩,୨୫,୧୩,୮୮୨ |
| ଓଡ଼ିଶା | ୧୦,୧୭,୨୬୧ | ୮୧୦୮(+୫୩) | ୧୦,୦୩,୬୦୩ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

ନିଜେ ନିଜକୁ କିଡ୍‌ନାପ୍ କରେଇଦେଇଥିଲା ସ୍ୱିଗିବୟ!




# ପୋଲ ଉପରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

**ଅନୁଗୋଳ ଅଫିସ,୧୪।୯**

ଢେଙ୍କାନାଳ-ସମ୍ବଲପୁର ରେଳ ସେକ୍ସନର ତାଳଚେର ରୋଡ୍ ଷ୍ଟେଶନ ନିକଟ ଭୋଗବେରେଣୀଠାରେ ସୋମବାର ବିଳମ୍ବିତ ରାତିରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଏକ ଛୋଟ ପୋଲ ଅତିକ୍ରମ କରୁଥିବାବେଳେ ଗହମ ବୋଝେଇ ଏହି ଟ୍ରେନ୍‌ର ଇଞ୍ଜିନ ସହ ୧୨ଟି ୱାଗନ ଧାରଣାରୁ ବାହାରିଯାଇଛି। ତେବେ ଲୋକୋ ପାଇଲଟ ଏବଂ ଅନ୍ୟ କର୍ମଚାରୀମାନେ ସୁରକ୍ଷିତ ଅଛନ୍ତି। ଖବରପାଇ ପୂର୍ବତଟ ରେଳପଥର ଟେକ୍ନିକାଲ ଟିମ୍ ମଙ୍ଗଳବାର ସକାଳୁ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଧାରଣା ଉପରୁ ଇଞ୍ଜିନ ଓ ଚଢ଼ାଚଢ଼ି ହୋଇ ରହିଥିବା ୱାଗନଗୁଡ଼ିକୁ ହଟାଯାଇପାରି ନ ଥିବାରୁ ଏହି ରୁଟ୍‌ରେ ଯିବାକୁ ଥିବା ୨୦ରୁ ଅଧିକ ଟ୍ରେନ୍‌କୁ ବାତିଲ କରିଦିଆଯାଇଛି। ୮ଟିର ଗତିପଥ ବଦଳାଯାଇଛି। ଟ୍ରାକ୍ ସମ୍ପୂର୍ଣ୍ଣ ଠିକ୍ କରିବା ପାଇଁ ଆହୁରି ୨୪ ଘଣ୍ଟାରୁ ଅଧିକ ସମୟ ଲୋଡ଼ା ବୋଲି ଟେକ୍ନିକାଲ ଟିମ୍ ପକ୍ଷରୁ କୁହାଯାଇଛି।



ଦୁର୍ଘଟଣାଗ୍ରସ୍ତ ଟ୍ରେନ୍‌ର ୱାଗନଗୁଡ଼ିକ ଗୋଟିଏ ଉପରେ ଗୋଟିଏ ଚଢ଼ିଯାଇଛି।

ସମ୍ବଲପୁରରୁ ଗହମ ବୋଝେଇକରି ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଏହି ଟ୍ରେନ୍ ସୋମବାର ରାତି ପ୍ରାୟ ୨ଟା ୧୫ରେ ଅନୁଗୋଳ ଷ୍ଟେଶନ ଛାଡ଼ିଥିଲା। ଏହାର ୩୫ ମିନିଟ୍ ପରେ ଅର୍ଥାତ୍ ରାତି ୨ଟା ୫୦ରେ ପୋଲ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଟ୍ରେନ୍‌ର ୧୨ଟି ୱାଗନ ମଧ୍ୟରୁ ୧୦ଟି ଯେପରି ଗୋଟିଏ ଉପରେ ଗୋଟିଏ ଚଢ଼ିଯାଇଛି, ସେଥିରୁ ଏହା ଦ୍ରୁତଗତିରେ ଯାଉଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ତେବେ ବର୍ଷା ଓ ମାଟି ଦବିବା କାରଣରୁ ଟ୍ରେନ୍ ଲାଇନଚ୍ୟୁତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଟ୍ରାକ୍ ମରାମତି ପାଇଁ ୫ଟି ଟିମ୍ ଗଠନ କରାଯାଇଥିବାବେଳେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରଥମେ ୱାଗନଗୁଡ଼ିକୁ ହଟାଇବାକୁ ଉଦ୍ୟମ କରାଯାଉଛି। ଖୋର୍ଦ୍ଧା ଓ ସମ୍ବଲପୁରରୁ ଦୁଇଟି ବଡ଼ କ୍ରେନ୍ ଅଣାଯାଇଥିଲେ ମଧ୍ୟ ପୋଲ ଉପରେ ଝୁଲି ରହିଥିବା ଇଞ୍ଜିନ ଓ ୱାଗନଗୁଡ଼ିକୁ ହଟାଯାଇପାରି ନାହିଁ। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଥିବା ସୂଚନା ମିଳିଛି।

- ଅନୁଗୋଳ ଦେଇ ରେଳ ଚଳାଚଳ ଠପ୍
- ୨୦ରୁ ଅଧିକ ଟ୍ରେନ୍ ବାତିଲ, ୮ର ଗତିପଥ ବଦଳିଲା
- ଟ୍ରାକ୍ ଉପରୁ ହଟାଇବାକୁ ଆହୁରି ୨୪ ଘଣ୍ଟା ଲୋଡ଼ା

# କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

ପଶ୍ଚିମବଙ୍ଗରୁ ଓଡ଼ିଶା ଆସୁଛି ବ୍ରାଉନସୁଗାର। ନିଶା ମାଫିଆମାନେ ରାଜ୍ୟ ବାହାରୁ ବ୍ରାଉନସୁଗାର ଆଣି ଓଡ଼ିଶାରେ ବିକ୍ରି କରୁଛନ୍ତି। ଓଡ଼ିଶାରେ ବ୍ରାଉନସୁଗାର କାରବାର କରୁଥିବା ଦୁଇଜଣ ଆନ୍ତଃରାଜ୍ୟ ବେପାରୀଙ୍କୁ ସୋମବାର ରାତିରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଭୁବନେଶ୍ୱରର ରସୁଲଗଡ଼ ଲେବଲ କ୍ରସିଂ ନିକଟରୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗ ଦକ୍ଷିଣ ଚବିଶ ପ୍ରଗଣା ଜିଲା ଜିବନ୍ତୋଲା ଥାନା ଅଞ୍ଚଳର ରକିବୁଲ୍ ଲସ୍କର(୩୦) ଓ କୁଲତୋଳି ଥାନା ଅଞ୍ଚଳର ସୁଧାନ୍ୟ ଗାୟେନ (୪୪)। ଏସ୍‌ଟିଏଫ୍ ଏମାନଙ୍କଠାରୁ ୧ କେଜି ୨୫ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଏହାର ମୂଲ୍ୟ ୧ କୋଟି ଟଙ୍କା ହେବ। ଏମାନଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ-୩୨/୨୧) ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତେବେ ଏମାନେ କେତେଦିନ ହେଲା ଏହି କାରବାରରେ ସମ୍ପୃକ୍ତ ଥିଲେ, ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ଅନୁସନ୍ଧାନ ଜାରି ରଖିଛି। ଏହି ମାମଲାରେ ଅଧିକ ତଦନ୍ତ ପାଇଁ ପଶ୍ଚିମବଙ୍ଗକୁ ଏକ ଟିମ୍ ଯାଇ ତନାଘନା କରିବ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଏସ୍‌ଟିଏଫ୍ ଏସ୍‌ପି ତେଜରାଜ ପଟେଲ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତଦ୍ୱୟ ମୁଖ୍ୟତଃ ଭୁବନେଶ୍ୱରରେ ରହି କାରବାର ଚଳାଉଥିଲେ। ଓଡ଼ିଶାର ଛୋଟ ଛୋଟ ଏଜେଣ୍ଟମାନଙ୍କ ସହିତ ଯୋଗାଯୋଗ କରୁଥିଲେ। ଏଜେଣ୍ଟମାନେ ଖବର ଦେଲେ ଦୁହେଁ ବ୍ରାଉନସୁଗାର ସହ ପହଞ୍ଚି ଯାଉଥିଲେ। ସୋମବାର ରାତିରେ ରକିବୁଲ୍ ଓ ସୁଧାନ୍ୟ ଭୁବନେଶ୍ୱର ରସୁଲଗଡ଼ ଲେବଲ କ୍ରସିଂ ନିକଟରେ ବ୍ରାଉନସୁଗାର ଧରି ଏଜେଣ୍ଟଙ୍କୁ ଅପେକ୍ଷା କରିଥିଲେ। ଏନେଇ ଏସ୍‌ଟିଏଫ୍‌ର ଏକ ଟିମ୍ ସୂଚନା ପାଇବା ପରେ ସେଠାରେ ଅତର୍କିତ ଚଢାଉ କରି ଉଭୟଙ୍କୁ ଧରିଥିଲା।




ଗିରଫ ୨ ଅଭିଯୁକ୍ତ।

- ରସୁଲଗଡ଼ରୁ ୨ ଆନ୍ତଃରାଜ୍ୟ ବେପାରୀ ଗିରଫ
- ତଦନ୍ତ ପାଇଁ ପଶ୍ଚିମବଙ୍ଗ ଯିବ ଏସ୍‌ଟିଏଫ୍ ଟିମ୍

# ଶ୍ୱାସରୁଦ୍ଧ ହୋଇ ବାପ, ପୁଅ ଓ ଜ୍ୱାଇଁ ମୃତ

**ସୋନପୁର/ବିନିକା, ୧୪।୯(ନି.ପ୍ର./ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ରାମପୁର ଥାନା କୁଇବାହାଲ ପଞ୍ଚାୟତର ଆନନ୍ଦପୁର ଗ୍ରାମରେ ମଙ୍ଗଳବାର ଅପରାହ୍ଣରେ ଏକ ଅଭାବନୀୟ ଘଟଣା ଘଟିଛି। କଇଁଛ ଧରିବାକୁ ଏକ ପରିତ୍ୟକ୍ତ କୂଅରେ ପଶିଥିବା ବେଳେ ଶ୍ୱାସରୁଦ୍ଧ ହୋଇ ଚାଲିଯାଇଛି ୩ ଜୀବନ। ମୃତକଙ୍କ ମଧ୍ୟରେ ଅଛନ୍ତି ବାପ, ପୁଅ ଓ ଜ୍ୱାଇଁ। ମୃତକ ହେଲେ ଆନନ୍ଦପୁର ଗ୍ରାମର ସାଧୁ କାଲସେ(୫୮) ତାଙ୍କ ପୁଅ ଆଲୋକ କାଲସେ(୧୯) ଓ ଜ୍ୱାଇଁ ସୁଲେଇ ଗ୍ରାମର ନବୀନ ମଟାରି(୩୧) । ଏହାକୁ ନେଇ ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ କିଛିଦିନ ତଳେ ବାହାରକୁ ଯାଇଥିବା ସାଧୁ ଓ ନବୀନ ମଙ୍ଗଳବାର ଘରକୁ ଫେରିଥିଲେ। ସାଧୁ ନିଜ ଘର ପଛପଟରେ ଥିବା ପ୍ରାୟ ୨୫ଫୁଟ ଗଭୀରର ପରିତ୍ୟକ୍ତ କୂଅରେ କଇଁଛ ଥିବା ଜାଣିଥିଲେ। ତେଣୁ ଘରେ ଭୋଜି କରିବା ପାଇଁ କଇଁଛ ଧରିବାକୁ ସେ ଉକ୍ତ କୂଅରେ ପଶିଥିଲେ। କିଛି ସମୟ ପରେ ସାଧୁ ପାଣିରେ ବୁଡିଯିବା ଦେଖି ସେଠାରେ ଥିବା ଜ୍ୱାଇଁ ନବୀନ କୂଅ ଭିତରକୁ ପଶିଥିଲେ। ସେ ମଧ କୂଅ ଭିତରେ ରହି ଯାଇଥିଲେ। ପୁଅ ଆଲୋକ ସେତେବେଳେ ଗାଧୋଇବାକୁ ବାହାରକୁ ଯାଇଥିଲେ। ଘରକୁ ଫେରି ବାପା ଓ ଭିଣୋଇଙ୍କୁ ଖୋଜାଖୋଜି କରିଥିଲେ। ପରେ ଉଭୟଙ୍କୁ କୂଅ ଭିତରେ ଥିବା ଦେଖି ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ତେବେ ବାପା ଓ ଭିଣୋଇଙ୍କୁ ଉଦ୍ଧାର କରିବାକୁ ଯାଇ ସେ ନିଜେ ଅଣନିଃଶ୍ୱାସୀ ହୋଇପଡିଥିଲେ। ତିନି ଜଣ ଯାକ ଶ୍ୱାସରୁଦ୍ଧ ହୋଇ କୂଅ ଭିତରେ ମୃତ୍ୟୁବରଣ କରିଥିଲେ। ସୂଚନା ପାଇ ବିନିକା ଅଗ୍ନିଶମ ବିଭାଗ କର୍ମଚାରୀ କୂଅ ଭିତରୁ ୩ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ସୋନପୁର ପୋଲିସ ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗି ଓ ରାମପୁର ଆଇଆଇସି ପ୍ରଦୀପ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ବିନିକା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

**କୂଅରୁ କଇଁଛ ଧରିବା କାଳ ହେଲା**

# ଡିଇଏଲ୍‌ଇଡି ଦ୍ୱିତୀୟ ବର୍ଷ ପରୀକ୍ଷା କାର୍ଯ୍ୟସୂଚୀ ପ୍ରକାଶିତ

**କଟକ ଅଫିସ,୧୪।୯**

ଡିପ୍ଲୋମା ଇନ୍ ଏଲିମେଣ୍ଟାରି ଏଜୁକେଶନ (ଡିଇଏଲ୍‌ଇଡି) ଦ୍ୱିତୀୟ ବର୍ଷ ପରୀକ୍ଷା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମଙ୍ଗଳବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଆସନ୍ତା ୨୯ରୁ ଅକ୍ଟୋବର ୮ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ। ୨୯ ତାରିଖରେ ପ୍ରଥମ ପେପର ସିଆଇଇ ପରୀକ୍ଷା, ଅକ୍ଟୋବର ୧ରେ ତୃତୀୟ ପେପର ସିପିଟି ପରୀକ୍ଷା, ୪ରେ ତୃତୀୟ ପେପର ସିପିଏମ ପରୀକ୍ଷା, ୫ରେ ଦ୍ୱିତୀୟ ପେପର ସିପିଇ ପରୀକ୍ଷା, ୭ରେ ପଞ୍ଚମ ପେପର ସିପିଏସ୍ ପରୀକ୍ଷା ଓ ୮ ତାରିଖରେ ଷଷ୍ଠ ପେପର ସିପିଏସ୍‌ଏନ୍/ସିପିପିଏନ୍ ପରୀକ୍ଷା ହେବ। ୨୯, ୧, ୪, ୭ ତାରିଖରେ ପୂର୍ବାହ୍ଣ ୧୦.୩୦ରୁ ଅପରାହ୍ଣ ୧.୩୦ ପର୍ଯ୍ୟନ୍ତ ପରୀକ୍ଷା ହେବ। କେବଳ ୮ ତାରିଖରେ ହେବାକୁ ଥିବା ପରୀକ୍ଷା ପୂର୍ବାହ୍ଣ ୧୦.୩୦ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି ।



**ଆଜିର ମନ୍ତବ୍ୟ**

"୨୦୧୭ ପୂର୍ବରୁ ଉତ୍ତରପ୍ରଦେଶକୁ ଗ୍ୟାଙ୍ଗଷ୍ଟର ଓ ମାଫିଆମାନେ ଚଳାଉଥିଲେ। ଯୋଗୀ ଆଦିତ୍ୟନାଥ ମୁଖ୍ୟମନ୍ତ୍ରୀ ହେବା ପରେ ଏଭଳି ତତ୍ତ୍ୱଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି।"

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ସଂହିତା
ପରିବାରବର୍ଗ



ରୋଶନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭିଜିଲାନ୍ସ ଜାଲରେ କୋଟିପତି ଅଙ୍ଗନୱାଡ଼ି କର୍ମୀ

- ଭୁବନେଶ୍ୱର ସମେତ ୬ ସ୍ଥାନରେ ଚଢ଼ାଉ
- ୪ କୋଟି ଟଙ୍କାର ସମ୍ପତ୍ତି ଠାବ

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର କୋରଡ଼କଣ୍ଟା ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ କବିତା ମାଥନଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ବିଭାଗ ଚଢ଼ାଉ କରିଛି। ତାଙ୍କର ଭୁବନେଶ୍ୱରସ୍ଥିତ ବାସଭବନ ସମେତ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ତାଙ୍କର ସମୁଦାୟ ୪କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଥିବା ଭିଜିଲାନ୍ସ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ କବିତା କିପରି ଏତେ ପରିମାଣର ସମ୍ପତ୍ତି ଉପାର୍ଜନ କଲେ ଏବଂ ତାଙ୍କର ଅନ୍ୟ କେଉଁ ସ୍ଥାନରେ ସମ୍ପତ୍ତି ରହିଛି ସେନେଇ ଅଧିକ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ଅଙ୍ଗନୱାଡ଼ି କର୍ମଚାରୀ କବିତାଙ୍କ ବିରୋଧରେ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ୧୦ ଡିଏସ୍‌ପି, ୬ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କୁ ନେଇ ୬ଟି ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଭୁବନେଶ୍ୱର, ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁରର ୬ଟି ସ୍ଥାନରେ ଚଢ଼ାଉ କରିଥିଲେ। କବିତାଙ୍କର ଭୁବନେଶ୍ୱରରେ ଗୋଟିଏ ୪ ମହଲା କୋଠା, ଗୋଟିଏ ୩ ମହଲା କୋଠା ଓ ୨ଟି ଦୁଇମହଲା କୋଠା ରହିଥିବା ଜଣାପଡ଼ିଥିଲା। ସେହିପରି ତାଙ୍କର ୧୪ଟି ପ୍ଲଟ୍ ବାହାରିଥିଲା, ସେଥିମଧ୍ୟରୁ ୧୦ଟି ଭୁବନେଶ୍ୱରରେ ଥିବାବେଳେ ୩ଟି ଜଗତସିଂହପୁର ତଳକୁସୁମାରେ ଏବଂ ଗୋଟିଏ ପ୍ଲଟ୍ ଖୋର୍ଦ୍ଧା ବାଲିଅନ୍ତା ଅଞ୍ଚଳରେ ଥିବା ଜଣାପଡ଼ିଥିଲା। ଏଥିସହ ଗୋଟିଏ ୪ଚକିଆ, ୩ଟି ୨ଚକିଆ ଯାନ ସମେତ ୨ଲକ୍ଷ ୨୦ହଜାର ଟଙ୍କାର ବୀମା, ୨୧୨ଗ୍ରାମର ସୁନାଗହଣା ଏବଂ ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି।

ଅନ୍ୟପକ୍ଷରେ କବିତା ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆମେ ଜିରୋରୁ ହିରୋ ହୋଇଛୁ। ଶାଗ ଖିଆକୁ ପେଜ ଖିଆ ମଣିଷ ଦେଖିପାରନ୍ତି ନାହିଁ, ସେଥିପାଇଁ କେହି ଆମ ନାଁରେ ଅଭିଯୋଗ କରିଛି। ବରା, ପିଆଜ ବିକିବା ସହ ଟ୍ୟୁସନ ମଧ୍ୟ କରିଛି। ସ୍କୁଲରେ କ୍ୟାଣ୍ଟିନ କରିଥିଲି। ଏମିତିକି କାକୁଡିରୁ ଚୋପା ଛଡ଼ାଇ ବିକ୍ରି କରି ଉପରକୁ ଉଠିଛି। ମୋର ଦରମା ୭ହଜାର ୫୦୦ଟଙ୍କା ବୋଲି ସେ କହିଛନ୍ତି।

# ସନ୍ଦେହ ଘେରରେ ଠିକା ନିଯୁକ୍ତି

## ଅଗ୍ନିଶମ ବିଭାଗରେ ଠିକା କର୍ମଚାରୀ ନିଯୁକ୍ତି ଆଜି

**ବାଲେଶ୍ୱର ଅଫିସ, ୧୪।୯**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଡିଆର୍‌ଡିଓର ଗୁପ୍ତ ତଥ୍ୟ ପ୍ରଘଟ ଘଟଣାରେ ଆଇଟିଆର୍ ୩ ନମ୍ବର ଲଞ୍ଚ ପ୍ୟାଡ୍‌ରେ କାର୍ଯ୍ୟ କରୁଥିବା ୪ଜଣ ଠିକା କର୍ମଚାରୀ ମଙ୍ଗଳବାର ଗିରଫ ହୋଇଛନ୍ତି। ପୂର୍ବରୁ ମଧ୍ୟ ଏହିଭଳି ଏକ ଘଟଣାରେ ଈଶ୍ୱର ବେହେରା ନାମକ ଜଣେ ଠିକା ଫଟୋଗ୍ରାଫର ଗିରଫ ହୋଇଥିଲେ। ଭାରତର ପ୍ରତିରକ୍ଷା ବିଭାଗ ଅଧୀନରେ ଆସୁଥିବା ଡିଆର୍‌ଡିଓରେ ଠିକା କର୍ମଚାରୀଙ୍କ କାର୍ଯ୍ୟକଳାପ ବିଭିନ୍ନ ସମୟରେ ସନ୍ଦେହ ଘେରକୁ ଆସିଥିବାବେଳେ ଏବେ ପ୍ରୁଫ୍ ଆଣ୍ଡ ଏକ୍ସପ୍ରିମେଣ୍ଟାଲ ଏଷ୍ଟାବ୍ଲିଶମେଣ୍ଟ(ପିଏଏ)ର ଅଗ୍ନିଶମ ବିଭାଗରେ ଠିକା କର୍ମଚାରୀ ନିଯୁକ୍ତି ପାଇଁ ପ୍ରକ୍ରିୟା ଚାଲୁ ରହିଛି। ଡିଆର୍‌ଡିଓ ଭଳି ସମ୍ବେଦନଶୀଳ ସ୍ଥାନରେ କର୍ତ୍ତୃପକ୍ଷଙ୍କ ଠିକା କର୍ମଚାରୀ ନିଯୁକ୍ତି ପ୍ରକ୍ରିୟାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ଚାନ୍ଦିପୁରସ୍ଥିତ ପ୍ରମାଣ ତଥା ପ୍ରାୟୋଗିକ ସ୍ଥାପନାରେ କିଛିଦିନ ହେଲା ଅଗ୍ନିଶମ ବିଭାଗରେ ୪୧ଟି ପଦବୀ ଖାଲିପଡ଼ିଛି। ଏହି ସ୍ଥାୟୀ ପଦବୀଗୁଡ଼ିକ ପୂରଣ ପାଇଁ ପିଏଏ କର୍ତ୍ତୃପକ୍ଷ ଠିକା କର୍ମଚାରୀ ନିଯୁକ୍ତି ଲାଗି ଟେଣ୍ଡର ଆବେଦନ କରି ନିଯୁକ୍ତି ପ୍ରକ୍ରିୟା ଚାଲୁ ରଖିଛନ୍ତି। ଏହି କର୍ମଚାରୀମାନେ ପ୍ରତିରକ୍ଷା ବିଭାଗର ବିଭିନ୍ନ ନିଷିଦ୍ଧାଞ୍ଚଳରେ କାର୍ଯ୍ୟ ପାଇଁ ମୁତୟନ ହେଉଥିବାରୁ ଏଠାରେ ଠିକା କର୍ମଚାରୀ ନିଯୁକ୍ତି ଦେଶର ସୁରକ୍ଷା ଓ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ପ୍ରତିଷ୍ଠାନରେ ଥିବା ପ୍ରୁଫ୍ ଏମ୍ପ୍ଲୋଇଜ୍ ଟ୍ରେଡ୍ ୟୁନିୟନ୍ ବାରମ୍ବାର ପ୍ରତିବାଦ କରିଆସୁଛି। ପିଏଏ କର୍ତ୍ତୃପକ୍ଷ ମଧ୍ୟ ଏହାକୁ ଭ୍ରୂକ୍ଷେପ ନ କରି ଠିକା ନିଯୁକ୍ତି ପାଇଁ ବୁଧବାର ସମୟ ସ୍ଥିର କରିଛନ୍ତି। ଏହାକୁ ପ୍ରୁଫ୍ ଏମ୍ପ୍ଲୋଇଜ୍ ୟୁନିୟନ୍‌ର ସାଧାରଣ ସମ୍ପାଦକ ରବି ନାରାୟଣ ମିଶ୍ରଙ୍କ ସମେତ ସଂଗଠନର ସମସ୍ତ କର୍ମକର୍ତ୍ତା ବିରୋଧ କରିଛନ୍ତି।

# ଯନ୍ତ୍ରୀଙ୍କୁ କାଦୁଅ ରାସ୍ତାରେ ଚଲାଇଲେ ଗ୍ରାମବାସୀ

**ନିରାକାରପୁର,୧୪।୯(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଭଗବତୀପଡ଼ା ଗ୍ରାମରେ ଜଳସେଚନ ବିଭାଗ ରାଜୁଆ ସବ୍‌ଡିଭିଜନର ଉପନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ବେହେରା ଓ କନିଷ୍ଠ ଯନ୍ତ୍ରୀ ଶିଶିର କୁମାର ସାହୁଙ୍କୁ ଗ୍ରାମବାସୀ କାଦୁଅ ରାସ୍ତାରେ ଚଲାଇବା ସହ ଗାଳିଗୁଲଜ କରିଥିବା ନେଇ ମଙ୍ଗଳବାର ନିରାକାରପୁର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ମଲାଗୁଣୀ ନଦୀ ବନ୍ଧ ରାସ୍ତାକୁ ଯିବା ପାଇଁ ଭଗବତୀପଡ଼ା, ତଇଲା ଗ୍ରାମବାସୀ ଜାମୁଝାରୀ ନାଳ ବନ୍ଧ ରାସ୍ତାକୁ ବ୍ୟବହାର କରିଥାନ୍ତି। ଲଗାଣ ବର୍ଷା ଯୋଗୁ ଏହି ରାସ୍ତା କାଦୁଅରେ ଭର୍ତ୍ତି ହୋଇଯାଇଛି। ଫଳରେ ରାସ୍ତାରେ ଚାଲିକି ଯିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ସୋମବାର ଜଳସେଚନ ବିଭାଗ ରାଜୁଆ ସବ୍‌ଡିଭିଜନର ଉପନିର୍ବାହୀ ଯନ୍ତ୍ରୀ ବେହେରା ଓ କନିଷ୍ଠ ଯନ୍ତ୍ରୀ ସାହୁ ମଲାଗୁଣୀ ନଦୀ ବନ୍ଧର ସ୍ଥିତି ଦେଖିବା ପାଇଁ ଯାଇଥିବା ବେଳେ ଗ୍ରାମବାସୀ ରାସ୍ତା ସମ୍ପର୍କରେ ସେମାନଙ୍କୁ ପଚାରିଥିଲେ। ସନ୍ତୋଷଜନକ ଉତ୍ତର ନ ପାଇବାରୁ ଗ୍ରାମବାସୀ ଏହି ଦୁଇ ଯନ୍ତ୍ରୀଙ୍କୁ କାଦୁଅ ରାସ୍ତାରେ ଚଲାଇବା ସହ ଠେଲାପେଲା ଓ ଗାଳିଗୁଲଜ କରିଥିଲେ।


# classifieds Everyday
0674-2580101, 2549302




**BRIDE WANTED**

Kshyatriya boy 1986, 5'9" B.S.c Serving Nationalised Bank "Sunasansar". 9937512659, 8249969649. D-71706

Handsome Khandayat boy-32+ M-tech/ Nalco Engineer, Bhubaneswar. SUHAG-7978399083, 9090486408. D-21642

**GROOM WANTED**

52 ବୟସ୍କା ସରକାରୀ ଚାକିରିଆ ସୁନ୍ଦର କରଣ ଜାତିର ବିଧବାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। ଯୋଗାଯୋଗ- 7681044808. D-21627




**SALE**

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/–, ନଖରା ତ୍ରିନାଥବଜାର sqft.– 150/– (Outright). 9348232008. D–21590

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାରି commercial ଜାଗା ବିକ୍ରିହେବ। (Single Owner). ଷ୍ଟାର ହୋଟେଲ୍, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। ଯୋଗାଯୋଗ– 8917413036. D-71160

ଭୁବନେଶ୍ୱର ଚନ୍ଦକାରେ BCCST College ପାଖରେ ରୋଡ୍, Electricity, Water ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 7735922768, 7326820978. D-70897

**Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805.** D-70900

4464sft plot sale at Korodokanta mouza, Bhubaneswar closer to Cuttack Puri bypass. Contact- 7205876986. D-21623

**ଭୁବନେଶ୍ୱର Khordha NH side ପିତାପଲ୍ଲୀ ଏବଂ Sum Hospital 4 k.m. Ri Training Centre ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। Owner: 9090963952.** D-71703

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call: 9827119799. D-71154

**ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320.** D-71705




**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

**Construct your home with branded material. We provide plan approval, boring, vastu. 7789824989, 9040744989.** D-70891




2BHK Bharatpur GA Colony 7000/- top floor 24hr. water. 9437195452. D-67800

3Bed room house at Jayadev Vihar. Contact: 9437060996. D-21614




**Refreshing your mind, your body with tha best therapy at Lotus SPA. 8018891951.** D-70482

Refreshments rejuvenation body massage therapy with experience therapists, Bhubaneswar. 9668374480. D-71152

Swarna SPA newly open positively health benefits with expert therapist. 9556978408. D-71156

Life is great, massage makes it better. Book appointment. 7852986810. D-71416

Newly Open Saikrupa Panchakarma Spa positively health benefits with Expert. 8984068077. D-21568

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରୋ ରଙ୍ଗୀନ ଟ୪୨୦/–ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Medical Registration BAMS, BHMS, BUMS, BDS, BPT, ANM, GNM, DPharma, Dental Hygiene, DHMS, DAMS, DUMS, Only Sms/ Whatsapp 9893869473 (Only Practitioners). D-21640

**AFFIDAVIT**

By virtue of an affidavit sworn in the court of Executive Magistrate Tahasildar Khaira, I, Karisima Barik (ପଲିସି ବଣ୍ଡରେ ଥିବା ନାମ) S/D/ of Chandra Sekhar Barik changed my name from Karisima Barik ପଲିସି ବଣ୍ଡରେ ଥିବା ନାମ) to Pratima Barik (ପରିବର୍ତ୍ତିତ ନାମ) Henceforth I will be known as Pratima Barik (ପରିବର୍ତ୍ତିତ ନାମ) for all purpose. D-21641

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


## ଚାନ୍ଦିପୁର ଡିଆର୍‌ଡିଓରେ...

ପ୍ରଥମ ପୃଷ୍ଠାରୁ...

ଜଣାପଡ଼ିଛି। ଏହି ଘଟଣାରେ ମଙ୍ଗଳବାର ୪ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୪ଜଣ ଯୁବକଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଥିବା ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ୍ ସୂଚନା ଦେଇଛନ୍ତି। ଦେଶର ସୁରକ୍ଷା, ସାର୍ବଭୌମତ୍ୱ ତଥା ଅଖଣ୍ଡତା ଉପରେ ପ୍ରଭୂତ କ୍ଷତି ଘଟାଇବା ଅଭିଯୋଗରେ ଚାନ୍ଦିପୁର ଥାନାରେ ଆଇପିସି ଦଫା ୧୨୦(ବି), ୧୨୧(ଏ), ୩୪ ଏବଂ ଅଫିସିଆଲ୍ ସିକ୍ରେଟ ଆକ୍ଟର ଦଫା ୩, ୪ ଓ ୫ରେ ଏକ ମାମଲା (ନଂ. ୭୬/୨୧) ରୁଜୁ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ ନାମ ଓ ଅଧିକ ତଥ୍ୟ ପ୍ରକାଶ କରିବାକୁ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ମନା କରିଛନ୍ତି। ତେବେ ଗିରଫ ୪ଜଣଙ୍କ ମଧ୍ୟରୁ ୩ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ଚାନ୍ଦିପୁର ଥାନା ଅନ୍ତର୍ଗତ ଝାମ୍ପୁରା ହାଟସ୍ଥିତ ନୂଆନଈ ଅଞ୍ଚଳର ବସନ୍ତ ବେହେରା, ପ୍ରକାଶ ବେହେରା ଏବଂ ସେକ୍ ମୁସାଫିର। ବସନ୍ତ ଆଇଟିଆରର ୩ ନମ୍ବର ଲଞ୍ଚ ପ୍ୟାଡ୍‌ରେ ଏସି ଅପରେଟର ଭାବେ କାର୍ଯ୍ୟ କରୁଥିବାବେଳେ ଅନ୍ୟ ୩ଜଣ ଉକ୍ତ ଲଞ୍ଚ ପ୍ୟାଡ୍‌ରେ ଜେନେରେଟର ଅପରେଟର ଭାବେ କାର୍ଯ୍ୟ କରୁଥିଲେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ଏମାନଙ୍କ ମାଧ୍ୟମରେ କିଏ ଓ କେଉଁ ତଥ୍ୟ ହାସଲ କରିଛି ସେନେଇ ତଦନ୍ତ ଜାରି ରହିଛି। ଏହି କର୍ମଚାରୀମାନେ କେତେବର୍ଷ ହେଲା କାମ କରୁଥିଲେ ଏବଂ କାହା ମାଧ୍ୟମରେ ଆସିଥିଲେ ଓ ଏଥିରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ବାଲେଶ୍ୱର ଚାନ୍ଦିପୁର ପ୍ରତିରକ୍ଷା ବିଭାଗର ଗୁପ୍ତ ତଥ୍ୟ ପଡ଼ୋଶୀ ଶତ୍ରୁଦେଶକୁ ଫୋନ୍ କଲ୍ ମାଧ୍ୟମରେ ଦିଆଯାଉଥିବା ଆଇବି ଅଧିକାରୀ ଜାଣିବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ଡିଆର୍‌ଡିଓରେ କାର୍ଯ୍ୟରତ କେତେଜଣ ବ୍ୟକ୍ତିଙ୍କ ନିକଟକୁ ଅନ୍ତର୍ଜାତୀୟ କଲ୍ ଆସିବା ସହ ତାଙ୍କଠାରୁ ବାହାରକୁ ମଧ୍ୟ କଲ୍ ଯାଉଥିବା ଗୋଇନ୍ଦା ବିଭାଗ ଟ୍ରାକ୍ କରି ଜାଣିପାରିଥିଲା। ଦେଶର ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ଏହି ଫୋନ୍ କଲ୍ ମାଧ୍ୟମରେ ପଡ଼ୋଶୀ ପାକିସ୍ତାନ ଏଜେଣ୍ଟଙ୍କୁ ପ୍ରଦାନ କରାଯାଉଥିବା ସନ୍ଦେହ କରାଯାଇଥିଲା। ରାଜସ୍ଥାନ ବର୍ଡର ନିକଟରୁ ଏହି ଅନ୍ତର୍ଜାତୀୟ କଲ୍ ଆସୁଥିବା ଗୋଇନ୍ଦା ବିଭାଗ ଜାଣିବାକୁ ପାଇବା ପରେ ଆଇବି ଏ ସମ୍ପର୍କରେ ବାଲେଶ୍ୱର ପୋଲିସ ମୁଖ୍ୟାଳୟକୁ ଅବଗତ କରାଇଥିଲା। ଆଇବିର ଏକ ଟିମ୍ ବାଲେଶ୍ୱରରେ ପହଞ୍ଚିବା ପରେ ସନ୍ଦିଗ୍ଧଙ୍କୁ ଧରିବା ପାଇଁ ପୂର୍ବାଞ୍ଚଳ ଆଇଜିଙ୍କ ନେତୃତ୍ୱରେ ୬ଟି ଟିମ୍ ଗଠନ ହୋଇଥିଲା। ଯେଉଁଥିରେ ଏସ୍‌ପିଙ୍କ ସହ ୬ଜଣ ଆଇଆଇସି ଓ ୬ଜଣ ଡିଏସ୍‌ପି ରହିଥିଲେ। ପ୍ରାୟ ୩ ଦିନ ଧରି ତନାଘନା କରିବା ପରେ ସମସ୍ତ ତଥ୍ୟ ଯୋଗାଡ଼ କରାଯାଇଥିଲା। ଗୁପ୍ତତଥ୍ୟ ଲିକ୍ କାର୍ଯ୍ୟରେ ଲିପ୍ତ ଥିବା ଡିଆର୍‌ଡିଓରେ କାର୍ଯ୍ୟ କରୁଥିବା ୮ଜଣ ଠିକା କର୍ମଚାରୀଙ୍କୁ ସୋମବାର ରାତିରେ ଉଠାଇ ଆଣି ଜିଲାର ବିଭିନ୍ନ ଥାନାରେ ରଖି ପଚରାଉଚୁରା ଆରମ୍ଭ କରିଥିଲା। ୪ଜଣଙ୍କ ନିକଟରୁ ବିଭିନ୍ନ ଆପରାଧିକ ସାମଗ୍ରୀ ପୋଲିସ ଜବତ କରିବା ପରେ ସେମାନଙ୍କୁ ଗିରଫ କରିଥିଲା।

ଉଲ୍ଲେଖଯୋଗ୍ୟ, ୨୦୧୪ରେ ଈଶ୍ୱର ବେହେରା ନାମକ ଜଣେ ଠିକା ଫଟୋଗ୍ରାଫର ଡିଆର୍‌ଡିଓର ଗୁପ୍ତ ତଥ୍ୟ ଲିକ୍ କରି ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ଯୋଗାଇବା ଅଭିଯୋଗରେ ଚାନ୍ଦିପୁର ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ଈଶ୍ୱରଙ୍କ ବିରୋଧରେ ଦେଶ ବିରୋଧୀ କାର୍ଯ୍ୟ ଭଳି ବିଭିନ୍ନ ଦଫା ଲାଗିଥିଲା। ପରେ ଏହି ମାମଲା କ୍ରାଇମବ୍ରାଞ୍ଚ ହାତକୁ ନେଇଥିଲା। ଈଶ୍ୱର ଦେଶଦ୍ରୋହ ମାମଲାରେ ଜଡିତ ଥିବା ବଳିଷ୍ଠ ପ୍ରମାଣ ମିଳିବା ପରେ ୨୦୨୧ ଫେବୃୟାରୀ ୧୧ରେ ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ୍ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ସେ ଏବେ ବାଲେଶ୍ୱର ଜିଲା କାରାଗାରରେ ସଜା କାଟୁଛନ୍ତି।

## 'ସମସ୍ତେ ସମ୍ମାନର...


୯୬ ଲକ୍ଷ ପରିବାରର ସାଢେ ତିନି କୋଟି ଲୋକ ଉପକୃତ ହେବେ। ଏହାଦ୍ୱାରା ଗରିବ ଲୋକମାନେ ସ୍ୱାସ୍ଥ୍ୟସେବା ଚିକିତ୍ସା ଖର୍ଚ୍ଚ ଜନିତ ଆର୍ଥିକ ସମସ୍ୟାରୁ ମୁକ୍ତ ହୋଇପାରିବେ। ବର୍ତ୍ତମାନ ଲୋକମାନେ ବିନା କୌଣସି ଅସୁବିଧାରେ କାର୍ଡ ଧରି ଦେଶର ୨ଶହ ବଡ ବଡ ହସ୍ପିଟାଲରେ ଭଲ ଚିକିତ୍ସା ପାଇପାରିବେ। ଏଥିପାଇଁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡିବ ନାହିଁ। ତାଙ୍କ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ୍। ଚାଷୀ କି ମୂଲିଆ ଅବା ରିକ୍ସାବାଲା–ସମସ୍ତେ ସମ୍ମାନର ସହ ବଞ୍ଚନ୍ତୁ । ଏହା ତାଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସୁନ୍ଦରଗଡରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କହିଲେ, ରାଜ୍ୟ ସରକାର ଏଥିପାଇଁ ପ୍ରୟାସ ଜାରି ରଖିବେ। ଦେଶ ପାଇଁ ଅଲିମ୍ପିକ୍ସ ଗୌରବ ଆଣିଥିବା ସୁନ୍ଦରଗଡବାସୀଙ୍କ ଏହି ନ୍ୟାୟପୂର୍ଣ୍ଣ ଦାବି ପୂରଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶା ସରକାର ତାଙ୍କର ଉଦ୍ୟମକୁ ଆହୁରି ଜୋରଦାର କରିବେ। ଏହି ଅବସରରେ ଟୋକିଓ ଅଲିମ୍ପିକ୍ସର ହକି ଖେଳାଳିମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ପରେ ସେ ୭ଜଣ ହିତାଧିକାରୀଙ୍କୁ ବିଜୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଉପସ୍ଥିତ ଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସ୍ୱାଗତ ଭାଷଣ ଏବଂ ଆକାଶ ଦାସ ନାୟକ ଓ ଶ୍ରୀମୟୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଧାୟକ ସୁବ୍ରତ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ। ରାଉରକେଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିବା ପରେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ବ୍ଲକ ଏବଂ ପୌରପାଳିକା ଅଞ୍ଚଳରେ ମନ୍ତ୍ରୀମାନେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଆରମ୍ଭ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**



ସହକର୍ମୀଙ୍କ ସହାୟତା ଆପଣଙ୍କ କାମକୁ ସହଜ କରିବ। କେତେକ କ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ପାଖକୁ ଆସି ପାରି ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। କଚେରି ମାମଲାରେ ପ୍ରତିପକ୍ଷ ପ୍ରତିଶ୍ରୁତି ରକ୍ଷା ନ କରି ଠିକ୍ ସମୟରେ ଆସି ନ ପାରନ୍ତି।

**ବୃଷ**



ଶାରୀରିକ ସୁସ୍ଥତା ସଙ୍ଗକୁ ବନ୍ଧୁଙ୍କ ପରାମର୍ଶ ଆପଣଙ୍କ କାର୍ଯ୍ୟକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। କଳା, ସାହିତ୍ୟ ଓ କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ପାଇବେ। ବ୍ୟବସାୟିକ ଦିଗରୁ ଦିନଟି ସନ୍ତୋଷଜନକ ହେତୁ ମାନ ଭଲ ରହିବ। ଅଫିସ୍‌ରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ମିଥୁନ**



କର୍ମକ୍ଷେତ୍ରରେ ମାନସିକଚାପର ବଶବର୍ତ୍ତୀ ହୋଇ କେତେକ କାମ କରିବାକୁ ବାଧ୍ୟ ହେବେ। ପଡ଼ୋଶୀମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ଆଜିର ଫେରନ୍ତା ବାଟରେ ମିତ୍ରତା ସୃଷ୍ଟି କରିପାରନ୍ତି। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ସାମୟିକ ମନୋବଳ ବୃଦ୍ଧିକରିବ।

**କର୍କଟ**



ଅତୀତର ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ବିବାଦ ଦେଖାଦେଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିବାର ଆଶା ରହିଛି। ପୂର୍ବ କଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ନିର୍ମାଣ, ପରିବହନ, ସଭାସମିତି, ସାମ୍ବାଦିକତା ପ୍ରଭୃତି କ୍ଷେତ୍ରରେ ସମସ୍ୟା ଦୂର ହେବ।

**ସିଂହ**



ଦୀର୍ଘଦିନରୁ ଯାହା ଆଜିଯାଏ ଚାହୁଁଛନ୍ତି ତାହା ପାଇବା ସକାଶେ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଆକସ୍ମିକ କାରଣକୁ ନେଇ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ଆଲୋଚନା କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ଉତ୍ତରାଫାଲଗୁନୀ ନକ୍ଷତ୍ରର ଭୁଲ୍ ବୁଝାମଣାରୁ ପାରିବାରିକ୍ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ।

**କନ୍ୟା**



ବାରମ୍ବାର ପରିବାରରେ ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା କ୍ରମଶଃ ହ୍ରାସ ପାଇପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ। ଅଫିସ୍ କାମରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିଜଦୋଷରୁ ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହୋଇପାରେ।

**ତୁଳା**



ଅନ୍ୟମାନେ ନିଜର ସୁବିଧା ଅନୁଯାୟୀ କାମ କରି ଆପଣଙ୍କ ପାଇଁ ସମସ୍ୟାର କାରଣ ସାଜି ପାରନ୍ତି। କର୍ମକ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବାର ସୂଚନା ରହିଛି।

**ବିଛା**



ବିଭିନ୍ନ ସମସ୍ୟା ମଧ୍ୟରେ ଗତିକରି ମନରେ ଦୁଶ୍ଚିନ୍ତା ସୃଷ୍ଟି ହେବ। ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ସମ୍ପର୍କୀୟଙ୍କ ଅବଦାନକୁ ଭୁଲି ପାରିବେ ନାହିଁ। ରାଜନୈତିକ ସ୍ତରରେ ନେତୃ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପରକଥାକୁ ପ୍ରାଧାନ୍ୟ ଦେଲେ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବ।

**ଧନୁ**



ସହକର୍ମୀଙ୍କ ସହଯୋଗ ଓ ସଦିଚ୍ଛା ଲାଭ କରି ଖୁସି ରହିବେ। ଅଫିସରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ନ ରହିଲେ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ନିଜର କୌଣସି ବ୍ୟକ୍ତିଗତ କାମ ହାସଲ ପାଇଁ ପର ଉପରେ ନିର୍ଭର କରିବାକୁ ପଡିପାରେ।

**ମକର**



ପରିବାରରେ ଭୁଲ୍ ବୁଝାମଣା କାରଣରୁ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ହାସଲ କରିବେ। ଅପରାହ୍ନେ ବନ୍ଧୁଙ୍କ ମାଧ୍ୟମରେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ। ବ୍ୟବସାୟିକ ଦିଗ ପାଇଁ ଆଜିର ଦିନଟି ବହୁତ ଭଲ।

**କୁମ୍ଭ**



ଘରୋଇ କଳହ ବୃଦ୍ଧି ପାଇବାରୁ ମନ ଭଲ ରହିବ ନାହିଁ। ଏଣେ କର୍ମକ୍ଷେତ୍ରରେ ମଧ୍ୟ ଯୋଜନାଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ହେବା କଷ୍ଟକର ହୋଇପାରେ। ବିଭିନ୍ନ ଅସୁବିଧାରେ ବୁଡି ରହିଥିବା ସମୟରେ ନିଜ ଲୋକମାନେ ଦାଉ ସାଧିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ**



ସମସ୍ୟା ବିଜଡିତ ପରିସ୍ଥିତିରେ ବନ୍ଧୁଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ସାମାଜିକ ସ୍ତରରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିବେ। ଆନୁଷ୍ଠାନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବାର ସମ୍ଭାବନା ରହିଛି। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ହେତୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

## ୧ରୁ ଯୁକ୍ତ୨...

ପରୀକ୍ଷା ଦେବା ପାଇଁ ସୁଯୋଗ ଦିଆଯିବ ବୋଲି ପୂର୍ବରୁ ପରିଷଦ ପକ୍ଷରୁ କୁହାଯାଇଥିଲା। ଏହି ପରୀକ୍ଷା ପାଇଁ ଗତ ୨ରୁ ୯ତାରିଖ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କଠାରୁ କୌଣସି ଫି' ନିଆଯାଇ ନାହିଁ। ପୂର୍ବରୁ ପରିଷଦ କହିଥିଲା ଯେ ପରୀକ୍ଷାର୍ଥୀଙ୍କ ସଂଖ୍ୟାକୁ ଦେଖି ପରୀକ୍ଷା ସୂଚୀ ଓ କେନ୍ଦ୍ର ଘୋଷଣା କରାଯିବ। ଠିକ୍ ସମୟରେ ଏହି ସ୍ୱତନ୍ତ୍ର ଯୁକ୍ତ୨ ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ଘୋଷଣା କରାଯିବ। ତେବେ ଯେଉଁମାନେ ଏହି ପରୀକ୍ଷା ଦେବେ, ସେମାନଙ୍କୁ ବିକଳ୍ପ ମୂଲ୍ୟାୟନରେ ମିଳିଥିବା ମାର୍କ ଆଉ ରହିବ ନାହିଁ। ସ୍ୱତନ୍ତ୍ର ପରୀକ୍ଷା ମାର୍କ ହିଁ ଚୂଡ଼ାନ୍ତ ହେବ।

# ୨୧ କି.ମି. ଭାସିଗଲେ ନାବାଳକ

## ବ୍ରାହ୍ମଣୀରେ ଢେଙ୍କାନାଳରୁ ଜେନାପୁର

ଜେନାପୁର,୧୪।୯(ଡି.ଏନ.ଏ.)

ବ୍ରାହ୍ମଣୀ ନଦୀର ଯାଜପୁର ଜିଲା ଜେନାପୁର ଥାନା ଅଧୀନ ଏଣ୍ଡଲବା ପଞ୍ଚାୟତସ୍ଥ ଏଣ୍ଡଲବା ନୌକା ଘାଟ ନିକଟରୁ ଭାସି ଯାଉଥିବା ଜଣେ ନାବାଳକଙ୍କୁ ମଙ୍ଗଳବାର ଉଦ୍ଧାର କରାଯାଇଛି। ଏଣ୍ଡଲବାର ନାବିକ ଓ କେତେଜଣ ସାମାଜିକ କର୍ମୀ ନାବାଳକଙ୍କୁ ଉଦ୍ଧାର କରିଛନ୍ତି। ଉଦ୍ଧାର ନାବାଳକ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ପଣ୍ଡୁଆ ଗ୍ରାମର ସୁଶାନ୍ତ ବାରିକଙ୍କ ପୁଅ ଅଲ୍‌ହା(୧୭)। ସେ ପ୍ରାୟ ୨୧ କିଲୋମିଟର ନଦୀରେ ଭାସି ଆସିଥିବା ଜଣାପଡ଼ିଛି। ସମ୍ପୃକ୍ତ ନାବାଳକ ତାଙ୍କ ମାମୁଘର ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଦିଗାମ୍ବରପୁର ପଞ୍ଚାୟତ ପଥରକଣି ଗ୍ରାମର ପୀତବାସ ବାରିକଙ୍କ ଘରେ ରହୁଥିଲେ। ସକାଳେ ନଦୀରେ ଗାଧୋଇବା ବେଳେ ଭାସି ଯାଇଥିଲେ। ପ୍ରାୟ ଅଢ଼େଇ ଘଣ୍ଟା ପହଁରିବା ପରେ ଉଦ୍ଧାର ହୋଇଥିଲେ। ସେ ନୂଆ ଜୀବନ ପାଇଛନ୍ତି।

ପ୍ରକାଶ ଯେ, ସକାଳ ପ୍ରାୟ ୧୦ଟାରେ ଏଣ୍ଡଲବାର ଅଭିମନ୍ୟୁ ଦାଶଙ୍କ ନିକଟକୁ ଢେଙ୍କାନାଳ ଜିଲା ପଥରକଣି ଗ୍ରାମରୁ ଏକ ଫୋନ କଲ୍ ଆସିଥିଲା। ଆମର ଜଣେ ପିଲା ବ୍ରାହ୍ମଣୀ ନଦୀ ବନ୍ୟାଜଳରେ ଭାସିଯାଉଥିବା ନେଇ ଫୋନ୍ କରିଥିବା ବ୍ୟକ୍ତି ଜଣାଇଥିଲେ। ଏକଥା ଗ୍ରାମର କେତେଜଣ ସାମାଜିକ କର୍ମୀ ଜାଣିବା ମାତ୍ରେ ନାବିକମାନଙ୍କୁ ଜଣାଇଥିଲେ। ଫଳରେ ଏଣ୍ଡଲବା ବ୍ରାହ୍ମଣୀ ନଦୀ କୂଳରେ ଥିବା କେତେଜଣ ନାବିକ ଓ ସାମାଜିକ କର୍ମୀ ନାବାଳକଙ୍କୁ ଉଦ୍ଧାର କରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଥିଲେ। ପ୍ରାୟ ଦୁଇଘଣ୍ଟାପରେ ନଦୀ ଭିତରୁ ଜଣେ କେହି ହାତ ହଲାଇବାର ଦେଖିବାକୁ ପାଇଥିଲେ। ଫଳରେ ସଙ୍ଗେସଙ୍ଗେ ଏମାନେ ଡଙ୍ଗା ନେଇ ନଦୀ ଭିତରକୁ ଯାଇଥିଲେ। ମାତ୍ର ତରବରରେ ଯାଇଥିବାରୁ ହାଲସା ଓ ବଡ଼ କାତ ନେଇ ନ ଥିଲେ। କିନ୍ତୁ କଳେବଳେ ଯାଇ ନାବାଳକଙ୍କ ପାଖରେ ପହଞ୍ଚିଥିଲେ। ସେଠାରୁ ୫ କିଲୋମିଟର ତଳେ ବାଲି କୁଦିଆ ନଦୀକୂଳରୁ ନାବାଳକଙ୍କୁ ଉଦ୍ଧାର କରିଥିଲେ। ଏଣ୍ଡଲବା ଗ୍ରାମର ନାବିକ ଧକେଇ ବେହେରା, ମଦନ ବେହେରା, ବାବୁଲି ମଲ୍ଲିକ, ସନ୍ତୋଷ ବେହେରା, କବି ତରାଇ ଓ ରବି ତରାଇ ପ୍ରମୁଖ ନାବାଳକଙ୍କ ଜୀବନ ବଞ୍ଚାଇଛନ୍ତି। ପରେ ଖବରଦାତା ପ୍ରଶାନ୍ତ ସାମଲ ଓ କେତେଜଣ ସାମାଜିକ କର୍ମୀ ଜେନାପୁର ଥାନାକୁ ଖବର ଦେବା ସହ ୧୦୮ ଆମ୍ବୁଲାନ୍ସ ଡକାଇଥିଲେ। ଆମ୍ବୁଲାନ୍ସରେ ନାବାଳକଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ଏବଂ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ନାବାଳକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ତେବେ ବଡ଼ କଥା ହେଲା ଏଣ୍ଡଲବା ନୌକା ଘାଟରେ ସବୁ ବର୍ଷ ବନ୍ୟା ଆସିଲେ ନାବିକମାନେ ବହୁ ଲୋକଙ୍କୁ ଉଦ୍ଧାର କରୁଛନ୍ତି। ତେଣୁ ଏଠାରେ ଏକ ମୋଟରଚାଳିତ ବୋଟ୍ ନିୟୋଜିତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିପ୍ରତି ଯାଜପୁର ଜିଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।


ନାବିକମାନେ ନାବାଳକଙ୍କୁ ଉଦ୍ଧାର କରି ଫେରୁଛନ୍ତି।

# ନଦୀ ଜଳଧାରଣ କ୍ଷମତା କମୁଛି

## ଜଳ ସଂରକ୍ଷଣ ପାଇଁ ୧୧,୭୦୦ କୋଟିର ଯୋଜନା

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ରାଜ୍ୟର ପ୍ରମୁଖ ନଦୀଗୁଡ଼ିକର ଜଳପ୍ରବାହ ଗତ ୨୦ ବର୍ଷ ଭିତରେ ଯଥେଷ୍ଟ ହ୍ରାସ ପାଇଛି। ଜଳବାୟୁ ପରିବର୍ତ୍ତନ, ଦୁର୍ବଳ ମୌସୁମୀ ପ୍ରଭାବରେ ନଦୀଗୁଡ଼ିକୁ ଶୁଷ୍କ ହୋଇଯିବା ଆଶଙ୍କା ଦେଖାଦେଲାଣି। ଚାଷକାର୍ଯ୍ୟ ତ ଦୂରର କଥା ଆଗକୁ ପିଇବା ପାଣି ମୁନ୍ଦାଏ ପାଇବାକୁ ମଧ୍ୟ ଡହଳ ବିକଳ ହେବାକୁ ପଡ଼ିବ। ଜଳ ସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟରୁ ଏଭଳି ଚିତ୍ର ଜଳଜଳ ହୋଇ ଦିଶିଲାଣି। ଏହାର ପ୍ରତିକାର ଲାଗି ରାଜ୍ୟ ସରକାର ଆଗାମୀ ୫୦ ବର୍ଷକୁ ନଜରରେ ରଖି ଜଳ ସଂରକ୍ଷଣ ପାଇଁ ୧୧,୭୦୦ କୋଟିର ଯୋଜନା ପ୍ରସ୍ତୁତ କରିଛନ୍ତି।

ଗତ ୨୦ ବର୍ଷ ମଧ୍ୟରେ ଭୁବନେଶ୍ୱର ନିକଟସ୍ଥ କୁଆଖାଇ ନଦୀରେ ମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେଉଥିଲା, ସେଥିରୁ ୨୧.୬୫ ପ୍ରତିଶତ ଏବଂ ଅଣ ମୌସୁମୀ ସମୟରେ ୨୧.୪୯ ପ୍ରତିଶତ କମ୍ ଜଳ ପ୍ରବାହିତ ହେଉଛି। ସେହିପରି ମହାନଦୀର ଶାଖା ବିରୂପା ନଦୀରେ ମୌସୁମୀ ବେଳେ ୩.୧୩ ଏବଂ ଅଣ ମୌସୁମୀ ସମୟରେ ୪.୫୩ ପ୍ରତିଶତ, ଜିରା ନଦୀରେ ଯଥା କ୍ରମେ ୩.୨୭ ଓ ୨.୬୨, ଇନ୍ଦ୍ର ୦.୫୫ ଓ ୦.୦୮, ବୈତରଣୀ ନଦୀର ଶାଖା ଖସରୁଆଁ ନଦୀର ୩.୭୭ ଓ ୨.୨୮, ବୈତରଣୀ ୧.୪୪ ଓ ୦.୭୨, କୁଶେଇ ୨.୧୫ ଓ ୧.୭, ବୁଢ଼ାବଳଙ୍ଗରେ ୨.୮୭ ଓ ୧.୮୭ ପ୍ରତିଶତ ଜଳପ୍ରବାହ ହ୍ରାସ ପାଇଛି। ଅନୁରୂପ ଭାବେ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ ଜଳଧାରଣ କ୍ଷମତା ହରାଇ ଚାଲିଛନ୍ତି। ମୌସୁମୀ ସମୟରେ ନଦୀରେ ଯେଉଁ ଜଳ ପ୍ରବାହିତ ହେଉଛି, ସେଥିରୁ ପ୍ରାୟ ୬୫% ଜଳ ସମୁଦ୍ରକୁ ଚାଲିଯାଉଛି।

ଏକ ଆକଳନ ଅନୁଯାୟୀ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ବଂଶଧାରା, ବୁଢ଼ାବଳଙ୍ଗ, କୋଲାବ, ଇନ୍ଦ୍ରାବତୀ, ବାହୁଦା, ନାଗାବଳୀ ଏବଂ ସୁବର୍ଣ୍ଣରେଖା ଭଳି ୧୧ଟି ପ୍ରମୁଖ ନଦୀର ୯୫ ହଜାର ୫୪୦ ନିୟୁତ କ୍ୟୁବିକ ମିଟର ଜଳଧାରଣ କ୍ଷମତା ରହିଛି। ସେଥିରୁ ୨୧,୭୯୩.୧୯ ନିୟୁତ କ୍ୟୁବିକ ମିଟର ଜଳ ଚାଷ ପାଇଁ ବ୍ୟବହାର କରାଯାଉଛି। ସେହିପରି ପାନୀୟ ଓ ଦୈନନ୍ଦିନ ବ୍ୟବହାର ପାଇଁ ୨୮୩.୯୫, ଶିଳ୍ପ ପାଇଁ ୨୨୭୫.୮୫ ଏବଂ ପରିବେଶ ଲାଗି ୨୦୫୪୧.୧୦ ନିୟୁତ କ୍ୟୁବିକ ମିଟର ଉପଯୋଗ ହେଉଥିବା ସର୍ଭେରୁ ଜଣାପଡିଛି। ଏସବୁ ସତ୍ତ୍ୱେ ନଦୀର ଆହୁରି ୫୦,୬୪୫.୯୧ ନିୟୁତ କ୍ୟୁବିକ ମିଟର ଜଳ ବଳକା ରହୁଛି। ତେବେ ଉକ୍ତ ଜଳକୁ ରୋକିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ତାହା ସିଧାସଳଖ ସମୁଦ୍ରକୁ ଚାଲିଯାଉଛି। ମହାନଦୀରୁ ୨୫,୯୪୦.୨୮ ନିୟୁତ କ୍ୟୁବିକ ମିଟର, ବ୍ରାହ୍ମଣୀରୁ ୭,୮୧୯.୭୧, ବୈତରଣୀରୁ ୨,୨୧୫.୮୦, ବଂଶଧାରାରୁ ୨,୪୬୮.୪୭, ବୁଢ଼ାବଳଙ୍ଗରୁ ୧,୬୬୮.୦୪, କୋଲାବ ୪,୬୯୯.୮୧, ଇନ୍ଦ୍ରାବତୀ ୨,୦୩୮.୬୭, ନାଗାବଳୀରୁ ୧,୬୧୪.୮୧ ଏବଂ ସୁବର୍ଣ୍ଣରେଖା ନଦୀରୁ ୧,୪୫୧.୫୯ ନିୟୁତ କ୍ୟୁବିକ ମିଟର ଜଳ ସମୁଦ୍ରକୁ ଚାଲିଯାଉଛି। ଅପରପକ୍ଷେ ଶିଳ୍ପସଂସ୍ଥାଗୁଡ଼ିକ ଯେଉଁ ପରିମାଣର ଜଳ ନଦୀରୁ ଶୋଷି ଚାଲିଛନ୍ତି, ଏହାକୁ ଦେଖିଲେ ଆଗାମୀ କିଛି ବର୍ଷ ମଧ୍ୟରେ ନଦୀ ଓ ଭୂତଳ ଜଳ ମଧ୍ୟ ନିଅଣ୍ଟିଆ ପଡ଼ିବ। ରାଜ୍ୟର ପ୍ରମୁଖ ୧୦ ନଦୀରୁ ୨୪୫ ଶିଳ୍ପସଂସ୍ଥା ଦୈନିକ ୧,୯୯୭.୪୮ କ୍ୟୁସେକ (୫୫,୯୨୮.୫୪୪ ଲିଟର) ପାଣି ନେଉଛନ୍ତି। ସେହିପରି ୭୯୪ ଶିଳ୍ପାନୁଷ୍ଠାନ ଭୂଗର୍ଭରୁ ୩୮.୦୨୬ କ୍ୟୁସେକ୍ (୧୦୬୪.୫୬ ଲିଟର) ପାଣି ଶୋଷୁଛନ୍ତି। ଏସବୁକୁ ଦେଖିଲେ ଆଗାମୀ ୩୦ ବର୍ଷ ମଧ୍ୟରେ ରାଜ୍ୟରେ ଜଳସଙ୍କଟ ଆହୁରି ଉତ୍କଟ ହୋଇଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

ଏହାର ମୁକାବିଲା ଲାଗି ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରାଜ୍ୟ ଜଳ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିସହିତ ଜଳ ସଂରକ୍ଷଣ ପାଇଁ ଜଳ ସମ୍ପଦ ବିଭାଗ ଦ୍ୱାରା ୫ ବର୍ଷ ମଧ୍ୟରେ ନଦୀଗର୍ଭ ଜଳାଶୟ ନିର୍ମାଣ ପାଇଁ ୧୧,୭୦୦ କୋଟି ଟଙ୍କାର ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି ବୋଲି ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଏହି ଯୋଜନା ସକାଶେ ୭୯୪.୭୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ୮ଟି ନଦୀଗର୍ଭ ଜଳାଶୟ ନିର୍ମାଣ ପାଇଁ ସ୍ଥାନ ଚୟନ କରି କାର୍ଯ୍ୟ ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ୨୦୨୧-୨୨ ଆର୍ଥିକ ବର୍ଷରେ ୨୩ଟି ନଦୀଗର୍ଭ ଜଳାଶୟ ନିର୍ମାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଜଳକୁ ସଂରକ୍ଷଣ କରିବା ସକାଶେ ଲୋୟର ସୁକତେଲ, ସୁବର୍ଣ୍ଣରେଖା, କାନୁପୁର, ହଦୁଆ, ଦେଓ, ଛେଳିଗଡ଼, ଘଟକେଶ୍ୱର, ଆନନ୍ଦପୁର, ମହେନ୍ଦ୍ରତନୟା ଏବଂ କୁସୁମୀ ବ୍ୟାରେଜ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି।



# ଛୁଟିରେ ଗଲେ ପ୍ରଦୀପ୍ତ ମହାପାତ୍ର

■ ଆର.କେ. ଶର୍ମାଙ୍କୁ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ୨୮ ଦିନ ପାଇଁ ଛୁଟିରେ ଯାଇଛନ୍ତି। ସେପ୍ଟେମ୍ବର ୧୪ରୁ ଅକ୍ଟୋବର ୧୧ ତାରିଖ ଯାଏ ସେ ଛୁଟିରେ ରହିବେ। ପ୍ରଦୀପ୍ତ ବ୍ୟକ୍ତିଗତ କାରଣ ପାଇଁ ଛୁଟିରେ ରହିଥିବା ମଙ୍ଗଳବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ଆଦେଶନାମାରେ କୁହାଯାଇଛି। ଏହି ସମୟରେ କୃଷି ଉତ୍ପାଦନ କମିଶନର ରାଜ କୁମାର ଶର୍ମା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଦାୟିତ୍ୱ ତୁଲାଇବେ। ଅକ୍ଟୋବର ୧୨ରୁ ୧୫ ଦଶହରା ପାଇଁ ଛୁଟି ରହୁଥିବାରୁ ପ୍ରଦୀପ୍ତ ଛୁଟି ଅବଧି ଶେଷ ହେବାର ୪ ଦିନ ଅର୍ଥାତ୍ ଅକ୍ଟୋବର ୧୬ ତାରିଖରେ କାର୍ଯ୍ୟରେ ଯୋଗ ଦେବେ ବୋଲି ଜଣାପଡିଛି।

# ହୀରାକୁଦ ଡ୍ୟାମ୍‌ର ୬ ଗେଟ୍ ଖୋଲିଲା

## ତଳମୁଣ୍ଡରେ ବିପଦ ଆଶଙ୍କା

ସମ୍ବଲପୁର,୧୪।୯(ବ୍ୟୁରୋ)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଛି। ତେଣୁ ଚଳିତବର୍ଷ ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟରେ ବାମ ପାର୍ଶ୍ୱର ୪ ଓ ଡାହାଣ ପାର୍ଶ୍ୱର ୨ ଏପରି ମୋଟ ୬ ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ମିଳିଥିବା ରିପୋର୍ଟ ଅନୁସାରେ ଜଳଭଣ୍ଡାରରେ ସର୍ବାଧିକ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବାବେଳେ ଏବେ ଜଳସ୍ତର ୬୨୭.୦୪ ଫୁଟ୍ ରହିଛି। ଜଳଭଣ୍ଡାର ଉପମୁଣ୍ଡରେ ମଧ୍ୟ ବର୍ଷା ଜାରି ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୭୬ ହଜାର ୫୬୦ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ଗେଟ୍ ଦେଇ ୯୭ ହଜାର ୨୩୦ କ୍ୟୁସେକ, ପାୱାର ଚ୍ୟାନେଲରେ ୨୬ ହଜାର ୫୫୪, ଶିଳ୍ପକୁ ୨୮୨ ଓ ଚାଷ ପାଇଁ ବିଭିନ୍ନ କେନାଲରେ ୩ ହଜାର ୨୧ଶହ ମୋଟ ୧ ଲକ୍ଷ ୨୭ ହଜାର ୮୭ କ୍ୟୁସେକ ଜଳ ନିଷ୍କାସନ ହେଉଛି। ବେଲଗାଁରେ ୪୯ ହଜାର ୮ ଶହ, ପର୍ଥଲାରେ ୩ ଲକ୍ଷ ୦୫ ହଜାର ୮୬୮, ଖଇରମାଳରେ ୪ ଲକ୍ଷ୬୬ ହଜାର, ବରମୁଲାରେ ୫ ଲକ୍ଷ ୪୩ ହଜାର, ମୁଣ୍ଡଲୀରେ ୪ ଲକ୍ଷ ୭୪ ହଜାର ୬୨୪ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଜଳଭଣ୍ଡାରରୁ ନିଷ୍କାସନ ହେଉଥିବା ପାଣି ତଳମୁଣ୍ଡରେ ପହଞ୍ଚିଲେ ବିପଦ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି।


# କାନ୍ଥ ଭୁଶୁଡ଼ି ଶିଶୁକନ୍ୟା ମୃତ, ୨ ଆହତ

ଧରାକୋଟ,୧୪।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ବଡ଼ଗଡ଼ ଥାନା ଅନ୍ତର୍ଗତ ରୁଗୁମୁ ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଲଗାଣ ବର୍ଷାରେ ଭିଜି ଯାଇଥିବା ଘରକାନ୍ଥ ଭୁଶୁଡ଼ି ପଡିବାରୁ ୪ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟିଙ୍କୁ ନାଇକଙ୍କ ଝିଅ ଲିପି। ଲିପିଙ୍କ ସହ ଖେଳୁଥିବା ପୂର୍ଣ୍ଣ ନାଇକଙ୍କ ପୁଅ ପ୍ରଶାନ୍ତ(୬) ଓ ଝିଅ ତୁଳସୀ (୧୨)ଗୁରୁତର ଆହତ ହୋଇଛନ୍ତି। ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କ ଚିକିତ୍ସା ଚାଲିଛି। ଲଘୁଚାପ ପ୍ରଭାବରେ ଗତ ୩ ଦିନ ହେଲା ଧରାକୋଟ ବ୍ଲକ ଅଞ୍ଚଳରେ ବର୍ଷା ଲାଗିରହିଥିଲା। ଏଥିରେ ରାମଚନ୍ଦ୍ରପୁର ଗ୍ରାମର ଟିଙ୍କୁଙ୍କ ଘରର ମାଟିକାନ୍ଥ ଭିଜି ରହିଥିଲା। ମଙ୍ଗଳବାର ସକାଳେ ଘର ଆଗରେ ଝିଅ ଲିପି, ପ୍ରଶାନ୍ତ ଓ ତୁଳସୀ ଖେଳୁଥିଲେ। ଏହି ସମୟରେ ହଠାତ୍ ଉକ୍ତ ଭିଜାକାନ୍ଥ ଭୁଶୁଡି ସେମାନଙ୍କ ଉପରେ ପଡ଼ିଯାଇଥିଲା। ଖବରପାଇ ଧରାକୋଟ ଦମକଳବାହିନୀ ପହଞ୍ଚି ସମସ୍ତଙ୍କୁ ମାଟିତଳୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଲିପିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତ ଭଉଣୀଭାଇ ପ୍ରଶାନ୍ତ ଓ ତୁଳସୀଙ୍କ ଚିକିତ୍ସା ଚାଲିଛି। ବଡ଼ଗଡ଼ ଥାନାଧିକାରୀ ସୁରଜ କୁମାର ଝଙ୍କର ପହଞ୍ଚି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ.୧୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସରକାରୀ ଗାଇଡ ଲାଇନ ପ୍ରକାରେ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ସ୍ଥାନୀୟ ତହସିଲଦାର କବିରାଜ ପ୍ରଧାନ କହିଛନ୍ତି। ବିଜେଡି ରାଜ୍ୟ ମହିଳା ଉପଦେଷ୍ଟା ନନ୍ଦିନୀ ଦେବୀ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତ ପିଲାଦ୍ୱୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

# ବୈବାହିକ ସମ୍ପର୍କ ସହଜ ନ ହେଲେ ବିଚ୍ଛେଦ

*ଏକତ୍ର ରହିବା(ଲିଭିଂ ଟୁଗେଦର) ବାଧ୍ୟତାମୂଳକ ନୁହେଁ, କିନ୍ତୁ ବିବାହ ହେଉଛି ୨ଜଣଙ୍କ ମଧ୍ୟରେ ଏକ ବନ୍ଧନ । ଯଦି ଏହା କୌଣସି ପରିସ୍ଥିତିରେ ସହଜ ହୋଇପାରୁ ନାହିଁ, ସେ କ୍ଷେତ୍ରରେ ମାମଲାକୁ ଅଧିକ ଦିନ ନ ଗଡ଼ାଇ ବିଚ୍ଛେଦ କରିଦେବା ଉଚିତ୍ : ସୁପ୍ରିମକୋର୍ଟ*





ନୂଆଦିଲ୍ଲୀ, ୧୪।୯

ବାରମ୍ବାର ପରିବାର ମଧ୍ୟରେ କଳହ ଲାଗିବା, ଏପରି କି ସ୍ୱାମୀ କିମ୍ବା ସ୍ତ୍ରୀ ପରସ୍ପର ବିରୋଧରେ ବିଭିନ୍ନ କାରଣକୁ ନେଇ ଅଭିଯୋଗ ଆଣିବା ନିର୍ଯାତନା ସହ ସମାନ। ଦୀର୍ଘ ବର୍ଷ ପରେ ବି ଯଦି ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ହୋଇପାରୁ ନାହିଁ, ସେ କ୍ଷେତ୍ରରେ ହିନ୍ଦୁ ବିବାହ ଆଇନ୍(ହିନ୍ଦୁ ମ୍ୟାରେଜ୍ ଆକ୍ଟ)ର ଧାରା ୧୩(ଏ)(୧ଏ) ଅନୁସାରେ ଏହାକୁ ବିଚ୍ଛେଦର ଏକ ପ୍ରମୁଖ କାରଣ ଭାବେ ଧରାଯାଇପାରିବ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଏପରି କି କାହାକୁ ଚାକିରିରୁ ବାହାର କରିଦେବା ପାଇଁ ବାରମ୍ବାର ଅଭିଯୋଗ କରିବା ମାନସିକ ନିର୍ଯାତନା ସହ ସମାନ ବୋଲି ଦର୍ଶାଇ ବିଚାରପତି ସଞ୍ଜୟ କିଷାନ୍ କଉଲ ଏବଂ ହୃଷୀକେଶ ରୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ବିବାହ ବିଚ୍ଛେଦକୁ ଅନୁମତି ଦେଇଛନ୍ତି।

ପରିବାରରେ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଯଦି ସବୁବେଳେ ଅଶାନ୍ତି ରହିବ, ଉତ୍ତମ ବୁଝାମଣା ରହିବ ନାହିଁ ଏବଂ ପରସ୍ପର ବିରୋଧୀ ଅଭିଯୋଗ ସବୁବେଳେ ହେବ, ସେ କ୍ଷେତ୍ରରେ ବିବାହ ବିଚ୍ଛେଦ ସବୁଠାରୁ ଉତ୍ତମ ପନ୍ଥା ବୋଲି ଜଣେ ସ୍ୱାମୀଙ୍କ ଦ୍ୱାରା କରାଯାଇଥିବା ଏକ ବିବାହ ବିଚ୍ଛେଦ ଆବେଦନର ଶୁଣାଣି କରି ଖଣ୍ଡପୀଠ କହିଛନ୍ତି। ସମ୍ବିଧାନର ଧାରା ୧୪୨ ଅନୁସାରେ ସର୍ବୋଚ୍ଚ ଅଦାଲତଙ୍କ ସବୁ ପ୍ରକାର ମାମଲାର ଶୁଣାଣି କରି ଚୂଡ଼ାନ୍ତ ରାୟ ପ୍ରକାଶ କରିବାର କ୍ଷମତା ରହିଛି। ଗତ ୨୦ବର୍ଷ ମଧ୍ୟରେ ଯଦି ଦମ୍ପତିଙ୍କ ମଧ୍ୟରେ ଉତ୍ତମ ବୈବାହିକ ସମ୍ପର୍କ ପ୍ରତିଷ୍ଠା ହୋଇପାରୁ ନାହିଁ, ସେ କ୍ଷେତ୍ରରେ ମାମଲାର ଦିନ ଗଡ଼ାଇବାର ଅର୍ଥ କିଛି ନାହିଁ। ଏକତ୍ର ରହିବା(ଲିଭିଂ ଟୁଗେଦର) ବାଧ୍ୟତାମୂଳକ ନୁହେଁ, କିନ୍ତୁ ବିବାହ ହେଉଛି ୨ଜଣଙ୍କ ମଧ୍ୟରେ ଏକ ବନ୍ଧନ । ଯଦି ଏହା କୌଣସି ପରିସ୍ଥିତିରେ ସହଜ ହୋଇପାରୁ ନାହିଁ, ସେ କ୍ଷେତ୍ରରେ ମାମଲାକୁ ଫଇସଲା କରିବା ଉଚିତ୍ ହେବ ବୋଲି ବିବାହ ବିଚ୍ଛେଦ ପାଇଁ ସ୍ୱାମୀ ଶିବଶଙ୍କରନ୍‌ଙ୍କ ପକ୍ଷରୁ ଆଗତ ମୂଳ ଆବେଦନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ବୈବାହିକ ଜୀବନ କ'ଣ ତାହା ଅନୁଭବ କରିବା ପୂର୍ବରୁ ବିବାହର ପ୍ରଥମ ଦିନରେ ନବବଧୂ ସାନ୍ଥିମିନାଲ କୌଣସି କାରଣରୁ ସ୍ୱାମୀ ଶିବଶଙ୍କରନ୍‌ଙ୍କୁ ଛାଡ଼ି ଚାଲିଯାଇଥିଲେ। ଏହାପରଠାରୁ ଯେତେ ଚେଷ୍ଟା କରାଯାଇଥିଲେ ସୁଦ୍ଧା ଉଭୟଙ୍କ ମଧ୍ୟରେ ସମ୍ପର୍କ ପ୍ରତିଷ୍ଠା ହୋଇପାରି ନ ଥିଲା। ତଳ କୋର୍ଟ ଉଭୟଙ୍କ ବିବାହ ବିଚ୍ଛେଦକୁ ଅନୁମତି ଦେଇଥିଲେ। ପରେ ଉପର କୋର୍ଟ ଉକ୍ତ ଆଦେଶକୁ ଖାରଜ କରିଥିଲେ। ଏପରି କି ୨ୟ ଅପିଲରେ ତଳ କୋର୍ଟଙ୍କ ରାୟକୁ ହାଇକୋର୍ଟ କାଏମ ରଖିଥିଲେ। ତେବେ ବିବାହ ବିଚ୍ଛେଦ ଛାଡ଼ପତ୍ରର ଆଦେଶ ପ୍ରଦାନ କରିବାର କ୍ଷମତା ହାଇକୋର୍ଟଙ୍କ ନ ଥିବା ଦର୍ଶାଇ ଉକ୍ତ ଆଦେଶର ସମୀକ୍ଷା କରିବାକୁ ସାନ୍ଥିମିନାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଇତିମଧ୍ୟରେ ଉଭୟ ସ୍ତ୍ରୀ ଓ ସ୍ୱାମୀ ପରସ୍ପରଠାରୁ ୨୦ବର୍ଷରୁ ଊର୍ଦ୍ଧ୍ୱ ଅଲଗା ରହିଲେଣି। ଏପରି କି ସ୍ୱାମୀ ମଧ୍ୟ ୨ୟ ବିବାହ କରି ଅଲଗା ରହୁଛନ୍ତି। ଏହାସତ୍ତ୍ୱେ ମଧ୍ୟ ସ୍ତ୍ରୀ ବିବାହ ବିଚ୍ଛେଦ ଆଦେଶକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ଏଭଳିସ୍ଥିତିରେ ମାମଲାର ସମାଧାନ ନିମନ୍ତେ ଏହାକୁ ଅଧିକ ଦିନ ଲମ୍ବାଇବା ଉଚିତ୍ ନୁହେଁ ବୋଲି ଦର୍ଶାଇ ସର୍ବୋଚ୍ଚ ଅଦାଲତ ଉଭୟଙ୍କ ମଧ୍ୟରେ ବିବାହ ବିଚ୍ଛେଦକୁ ଅନୁମତି ଦେଇଛନ୍ତି।



# 'ବେଟା' ନୁହେଁ

ସେପ୍ଟେମ୍ବର ୧୩ରେ ମାଡ୍ରାସ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ତାମିଲ୍‌କୁ ଈଶ୍ୱରଙ୍କ ଭାଷା ବୋଲି କହିଛନ୍ତି । ଏହା ମଧ୍ୟ କହିଛନ୍ତି ଯେ, ବିଭିନ୍ନ ଦେଶ ଓ ଧର୍ମରେ ଭିନ୍ନ ଭିନ୍ନ ବିଶ୍ୱାସ ରହିଛି ଏବଂ ଆଞ୍ଚଳିକ ତଥା ସାଂସ୍କୃତିକ ପରିବର୍ତ୍ତନ ଯୋଗୁ ଏହା ବଦଳୁଛି । ସ୍ଥାନୀୟ ଭାଷାରେ ଦେବ ସେବା ଓ ପୂଜା କରାଯାଉଛି ବୋଲି ହାଇକୋର୍ଟ କହିଛନ୍ତି । ହେଲେ ଆମ ଦେଶରେ ଭ୍ରାନ୍ତ ଧାରଣା ସୃଷ୍ଟି କରାଯାଇ ସଂସ୍କୃତକୁ ଏକ ଦେବ ଭାଷା ଭାବେ ଦୀର୍ଘକାଳ ଧରି ପ୍ରଚାର କରାଯାଇଆସୁଛି । କେବଳ ସଂସ୍କୃତରେ ବେଦ ଆବୃତ୍ତି କଲେ ଭଗବାନ ଶୁଣନ୍ତି ଏବଂ ଭାରତରେ ଅନ୍ୟ କୌଣସି ଭାଷା ଠାକୁର ଜାଣିନାହାନ୍ତି ବୋଲି ପରୋକ୍ଷରେ ଲୋକଙ୍କ ମନ ଭିତରେ ପୂରେଇ ଦିଆଯାଇଛି ।

ଭାରତରେ ବିଭିନ୍ନ ଭାଷାଭାଷୀ ଓ ଧର୍ମର ଲୋକ ଏକତା ସୂତ୍ରରେ ବାନ୍ଧିହୋଇ ରହିଛନ୍ତି । ଧାର୍ମିକ ସ୍ୱାଧୀନତା ମଧ୍ୟ ଏହାର ଅନ୍ୟ ଏକ ପ୍ରତୀକ । ବିଭିନ୍ନ ଧର୍ମର ଲୋକ ସେମାନଙ୍କ ଭାଷାରେ ଈଶ୍ୱରଙ୍କୁ ଉପାସନା କରନ୍ତି । ହିନ୍ଦୁମାନେ ମଧ୍ୟ ଅନେକ ଦେବଦେବୀଙ୍କୁ ବିଶ୍ୱାସ କରନ୍ତି । କୁହାଯାଏ ୩୩ କୋଟି ଦେବଦେବୀ ଆମର ଉପାସ୍ୟ । ମନ୍ଦିର ଓ ପୂଜାପୀଠଗୁଡ଼ିକରେ ପୂଜକ ମନ୍ତ୍ର ଉଚ୍ଚାରଣ କରି ଭଗବାନଙ୍କୁ ଆମ କଥା ଜଣାନ୍ତି । ଭକ୍ତ ଓ ଭଗବାନ୍‌ଙ୍କ ମଧ୍ୟରେ ଭାଷା ଲାଗି ଏକ ମଧ୍ୟସ୍ଥର ଆବଶ୍ୟକତା ସବୁବେଳେ ରହି ଆସିଛି । ଏହା ପଛରେ ଏକ ବିରାଟ ସାମାଜିକ ଓ ଅର୍ଥନୈତିକ ମନ୍ଦ ଉଦ୍ଦେଶ୍ୟ ଲୁକ୍କାୟିତ ରହିଛି । ସମସ୍ତେ ଜାଣନ୍ତି ମା' ଯେଉଁ ଭାଷା କୁହନ୍ତି, ତାହା ସନ୍ତାନକୁ ଶିଖିବା ସକାଶେ କେବେହେଲେ କଷ୍ଟକର ହୁଏ ନାହିଁ । ଏହି ଚିନ୍ତାଧାରାକୁ ବିରୋଧ କରୁଥିବା କେତେକ ଲେଖକ ଓ କବି ଭାରତର ବିଭିନ୍ନ ଭାଷାକୁ ପ୍ରବଳ କ୍ଷତି ମଧ୍ୟ ପହଞ୍ଚାଇଛନ୍ତି । ଉଦାହରଣ ସ୍ୱରୂପ, ଓଡ଼ିଶାର ଜଣେ ପ୍ରସିଦ୍ଧ କବି ଅତ୍ୟନ୍ତ କ୍ଲିଷ୍ଟ ଶବ୍ଦ ବ୍ୟବହାର କରି ତାଙ୍କର ଜ୍ଞାନ ସମ୍ପର୍କରେ ପ୍ରମାଣ ଦେବାକୁ ଯାଇ ଓଡ଼ିଆ ଭାଷାକୁ ଦୁର୍ବୋଧ କରିଦେଇଛନ୍ତି । ଅବଶ୍ୟ ଆଜି ତାଙ୍କର ଅନେକ ଚେଲାଚାମୁଣ୍ଡା ତାଙ୍କୁ ଉଚ୍ଚ ସ୍ଥାନରେ ବସାଇ ସମ୍ମାନ ଦେଉଛନ୍ତି । ସେହି କବିଙ୍କ ଭଳି ଆହୁରି କେତେକ ଉଚ୍ଚଜାତିର ଲୋକ ଭାରତୀୟ ଉପମହାଦେଶର ବିଭିନ୍ନ ପୁରାତନ ଭାଷାକୁ ବୁଝିଶୁଝି ଧ୍ୱଂସ କରିଦେଇଛନ୍ତି । ଏହାର ଉଦାହରଣ ପାଲି ଓ ପ୍ରାକୃତ ଭାଷାରେ ଦେଖାଯାଇପାରେ । ସଂସ୍କୃତକୁ ଶକ୍ତିଶାଳୀ କରିବା ପାଇଁ ଏହି ଉଚ୍ଚଜାତିର ପୁରୋଧାମାନେ ପାଲି ଓ ପ୍ରାକୃତକୁ କବର ଦେବା ଉଦ୍ଦେଶ୍ୟରେ ଦୀର୍ଘ ପିଢ଼ି ଧରି କାର୍ଯ୍ୟ କରିଛନ୍ତି । ଆଜି ଧଉଳି ପାଖରେ ଥିବା ଅଶୋକଙ୍କ ସମୟର ପଥର ଖୋଦନ ଲିପିକୁ ଭାରତରେ କେହି ପଢ଼ିବା ପାଇଁ ଯୋଗ୍ୟ ନୁହନ୍ତି । ଏହିଭଳି ଉଦାହରଣ ସମଗ୍ର ପୃଥିବୀରେ କ୍ୱଚିତ ଦେଖିବାକୁ ମିଳେ । ସଂସ୍କୃତ ଭାଷାକୁ ଯେଉଁମାନେ ପ୍ରୋତ୍ସାହିତ କରିଆସୁଛନ୍ତି, ସେମାନେ ସାଧାରଣ ନାଗରିକଠାରୁ ଅନେକ ମୌଳିକ ଅଧିକାର ଛଡ଼ାଇ ନେବା ପାଇଁ ଉଦ୍ଦେଶ୍ୟ ରଖି ଏଭଳି କାର୍ଯ୍ୟ କରୁଛନ୍ତି । ଏଠାରେ ମନେପଡ଼େ, ସ୍ୱାଧୀନତା ପରେ ଯେତେବେଳେ ସମଗ୍ର ଭାରତ ପାଇଁ ଇଂଲିଶ ପରିବର୍ତ୍ତେ କନ୍‌ଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି (ସାମ୍ବିଧାନିକ ସଭା)ରେ ଗୋଟିଏ ଭାଷା ପାଇଁ ଆଲୋଚନା ହେଲା ସେତେବେଳେ ନରହର ବିଷ୍ଣୁ ଗାଡଗିଲ ସଂସ୍କୃତ ସପକ୍ଷରେ ମତ ବାଢ଼ିଲେ ଏବଂ ତାହାକୁ ଅନ୍ୟ କେତେକ ସଦସ୍ୟ ସମର୍ଥନ କଲେ । ଯଦି ଗାଡଗିଲଙ୍କ କଥା କାର୍ଯ୍ୟକାରୀ ହୋଇପାରିଥାଆନ୍ତା, ତେବେ ଆଜି ଭାରତରେ ଅନେକ ଆଞ୍ଚଳିକ ଭାଷା ମରିସାରନ୍ତାଣି । ଯେକୌଣସି ଭାଷାକୁ ମାରିବାର ସହଜ ଉପାୟ ଅଛି । ଅନ୍ୟ ଏକ ଭାଷା ଶିଖିଲେ ଅର୍ଥନୈତିକ ଉନ୍ନତି ହେବ ବୋଲି ଲାଳସା ଦେଖାଇପାରିଲେ କାର୍ଯ୍ୟ ସହଜ ହୋଇଥାଏ । କିନ୍ତୁ ସେହି ନୂଆ ଭାଷା ଶିଖାଇବା ପାଇଁ ଶିକ୍ଷକ ସୃଷ୍ଟି କରାଇବା ପ୍ରଥମେ ଗୁରୁତ୍ୱ ଧାରଣ କରେ । ସେହି ପଦବୀ ପାଇଁ ଅନେକ ଲୋକ ଲାଗି ପଡ଼ିବେ । ପ୍ରଥମ କିମ୍ବା ଦ୍ୱିତୀୟ ପିଢ଼ିରେ ଶିକ୍ଷକ ସୃଷ୍ଟି ହେଉଥିବା ସମୟରେ ସେମାନଙ୍କର ମାତୃଭାଷା ଗୌଣ ହୋଇଯାଏ । ସମୟ ଅତିକ୍ରାନ୍ତେ କେତୋଟି ପିଢ଼ି ପରେ ନୂତନ ଭାଷା ମୁଖ୍ୟ ସ୍ଥାନରେ ପହଞ୍ଚିଲା ବେଳକୁ ଗୌଣ ହୋଇ ମରିଯିବ । ଯେହେତୁ ସ୍ୱାଧୀନତା ପରେ ସଂସ୍କୃତ ପରିବର୍ତ୍ତେ ହିନ୍ଦୀକୁ ଜାତୀୟ ଭାଷା ଭାବେ ପ୍ରଚାର କରିବାର ମନ୍ଦ ଉଦ୍ଦେଶ୍ୟକୁ ପ୍ରବଳ ବିରୋଧ କରାଗଲା ଏବଂ ବିଶେଷକରି ତାମିଲଭାଷୀ ଲୋକ ଏହି ବିରୋଧର ଅଗ୍ରଣୀ ଭୂମିକା ଗ୍ରହଣ କଲେ, ସେଥିପାଇଁ ତାମିଲ ଆଜି ଏକ ଶକ୍ତିଶାଳୀ ଭାଷା ଭାବେ ବଞ୍ଚିରହିଛି । ଅନ୍ୟପଟେ ଓଡ଼ିଆ ଭାଷାକୁ ଘୃଣା ଚକ୍ଷୁରେ ଖୋଦ୍ ଓଡ଼ିଆ ଦେଖିବାକୁ ପସନ୍ଦ କଲେ, ସେଥିପାଇଁ ଆମ ଭାଷାର ଗୁରୁତ୍ୱ ଜାତୀୟ ସ୍ତରରେ ଦୁର୍ବଳ ହୋଇଗଲା । ଯେତେବେଳେ ଭାଷା ଦୁର୍ବଳ ହୋଇଯାଏ, ସେତେବେଳେ ସେହି ଜାତିର ପରିଚୟ ମଧ୍ୟ କ୍ଷୀଣ ହୋଇଯାଏ । ସବୁ ସ୍ଥିତିରୁ ବଞ୍ଚିବାର ମଧ୍ୟ ପନ୍ଥା ରହିଛି । ଅନେକ ଓଡ଼ିଆଙ୍କ ପ୍ରଚେଷ୍ଟା ଯୋଗୁ ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ କ୍ଲାସିକ୍ ଲାଙ୍ଗୁଏଜ୍ ବା ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିପାରିଛି । କିନ୍ତୁ ସେହି ମାନ୍ୟତା ଆମ ଭାଷାକୁ ବଞ୍ଚାଇ ରଖିପାରିବ ନାହିଁ । ଯେପର୍ଯ୍ୟନ୍ତ ଗୋଟିଏ ବି ଓଡ଼ିଆ ମା' ତାଙ୍କର ସନ୍ତାନକୁ 'ବେଟା' କହି ଡାକୁଥିବେ ସେପର୍ଯ୍ୟନ୍ତ ଓଡ଼ିଆ ଭାଷା ପ୍ରତି ବିପଦ ଟଳିନାହିଁ ବୋଲି ଚିନ୍ତା କରିବାକୁ ହେବ ।

ଏକବିଂଶ ଶତାବ୍ଦୀରେ ଭାରତର ଯୁବପିଢ଼ି ପାଇଁ ଅନେକ ଆହ୍ୱାନ ରହିଛି । କେବଳ ଚାକିରି ନୁହେଁ, ନିଜର ଚିନ୍ତାଧାରାକୁ ପ୍ରକାଶ କରିବା ସକାଶେ ସୋସିଆଲ ମିଡିଆ ସହିତ ଆହୁରି ଅନେକ କାର୍ଯ୍ୟ କରିପାରିଲେ ନିଜ ଗୋଡ଼ରେ ଛିଡ଼ା ହେବା ସମ୍ଭବପର ହୋଇପାରିବ । ଭାଷାର ସହଯୋଗ ମିଳିଲେ ଜଣେ ଭାରତୀୟ ନିଜକୁ ଶକ୍ତିଶାଳୀ କରିପାରିବ । ମାଡ୍ରାସ ହାଇକୋର୍ଟଙ୍କ ମନ୍ତବ୍ୟକୁ ସମ୍ମାନ ଦେବା ସହ ଏହା ମଧ୍ୟ କୁହାଯିବ ଯେ, କେବଳ ପ୍ରାର୍ଥନା ବା ଠାକୁରଙ୍କ ପାଖରେ ଗୁହାରି ପାଇଁ ଭାଷାର ଗୁରୁତ୍ୱ ସୀମିତ ରହୁ ନାହିଁ । ନିଜ ମାତୃଭାଷା ଶିଖିବା ସହିତ ଆଜିର ଯୁଗରେ ଅନେକ ବୈଷୟିକଭିତ୍ତିକ ଭାଷା ସୃଷ୍ଟି ହେଲାଣି, ଯାହା ଶିଖିବା ପାଇଁ ଇଂଲିଶ ଅପରିହାର୍ଯ୍ୟ । ଇଂଲିଶକୁ ବିରୋଧ କଲେ ଆସନ୍ତାକାଲିର ପିଢ଼ିକୁ ଅନ୍ତର୍ଜାତୀୟ ସ୍ତର ପ୍ରତିଯୋଗିତାରେ ଆମେ ପଙ୍ଗୁ କରି ଛାଡ଼ିଦେବୁ । ସେଥିପାଇଁ କରଦାତାଙ୍କ ଅର୍ଥରେ ପାଳନ କରାଯାଉଥିବା 'ହିନ୍ଦୀ ଦିବସ' ପରିବର୍ତ୍ତେ ପ୍ରତ୍ୟେକ ରାଜ୍ୟରେ ପ୍ରଚଳିତ ଭାଷା ଓ ଉପଭାଷାକୁ ସମ୍ମାନ ଦେବା ପାଇଁ 'ଜାତୀୟ ମାତୃଭାଷା ଦିବସ' ପାଳନ କରାଯାଉ ।

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 7 | | |
| | | 6 | | 7 | 9 | | | |
| 3 | | | 6 | 1 | 5 | | | |
| 8 | | | | 5 | | | | |
| | | | | | 8 | | 9 | |
| 7 | 1 | | | | | | 5 | 6 |
| 6 | | 2 | | | | | 7 | 1 |
| | 4 | | | | | 9 | | |
| | 9 | | | 4 | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 6 | 7 | 2 | 4 | 3 | 9 |
| 3 | 2 | 7 | 9 | 4 | 1 | 6 | 5 | 8 |
| 6 | 4 | 9 | 5 | 3 | 8 | 7 | 1 | 2 |
| 8 | 3 | 6 | 1 | 2 | 4 | 9 | 7 | 5 |
| 2 | 5 | 4 | 7 | 6 | 9 | 1 | 8 | 3 |
| 9 | 7 | 1 | 8 | 5 | 3 | 2 | 6 | 4 |
| 1 | 9 | 5 | 4 | 8 | 6 | 3 | 2 | 7 |
| 4 | 8 | 2 | 3 | 1 | 7 | 5 | 9 | 6 |
| 7 | 6 | 3 | 2 | 9 | 5 | 8 | 4 | 1 |

ଗତକାଲିର ଉତ୍ତର



# ତାଲିବାନ୍ ଶାସନର ସିଲାବସ୍

ସହଦେବ ସାହୁ

'ଈଶ୍ୱର'ଙ୍କୁ ଆରବୀୟ ଭାଷାରେ 'ଆଲ୍ଲା' କହନ୍ତି । ଇସ୍‌ଲାମରେ ଆଲ୍ଲାଙ୍କ ବ୍ୟତୀତ ଅନ୍ୟ କୌଣସି ଠାକୁର ନାହାନ୍ତି, ସେହି ଅଦ୍ୱୈତ ଈଶ୍ୱରଙ୍କର ବାଣୀ ମହମ୍ମଦ ଶୁଣି ଅନୁଗତମାନଙ୍କୁ ଶୁଣାଇଛନ୍ତି ବୋଲି ମହମ୍ମଦଙ୍କୁ 'ଈଶ୍ୱରଙ୍କ ଦୂତ' (ପ୍ରଫେଟ୍) କୁହାଯାଏ । ମହମ୍ମଦ ତାଙ୍କ ଅନୁଗତମାନଙ୍କୁ ଘେନି ପ୍ରଥମ ମୁସଲିମ୍ ସମ୍ପ୍ରଦାୟ ସ୍ଥାପନ କଲେ, ବର୍ତ୍ତମାନର ମେଦିନା (ସାଉଦି ଆରବ) ସହରରେ ୬୨୨ ଖ୍ରୀଷ୍ଟାବ୍ଦରେ । ସେହି ବର୍ଷ ଆନୁଷ୍ଠାନିକ ଭାବେ ଇସ୍‌ଲାମ ଧର୍ମର ଜନ୍ମ । ମହମ୍ମଦ ପ୍ରଚାର କଲେ ଆଲ୍ଲା ସାରା ଦୁନିଆର ଏକମାତ୍ର ଈଶ୍ୱର, ତାଙ୍କଠାରେ ନିଜକୁ ସମର୍ପଣ (ଇସ୍‌ଲାମମାନେ ସମର୍ପଣ) କରିବା ହେଉଛି ଧର୍ମ । ଆଲ୍ଲା ତାଙ୍କୁ ଯାହା କହିଥିଲେ ବୋଲି ମହମ୍ମଦ ପ୍ରକାଶ କଲେ ତାହାର ଲିଖିତ ରୂପ ହେଉଛି କୋରାନ୍, ତତ୍କାଳୀନ ଆରାମିକ୍ ଓ ଆରବୀ ଭାଷାରେ । କୋରାନ୍‌ର ମାତ୍ର ୧୦% ଶ୍ଳୋକ ଅପରାଧ ସମ୍ପର୍କୀୟ । ବ୍ୟାଖ୍ୟା କରି ମହମ୍ମଦ ଯାହା କହିଥିଲେ ତାହା ହାଡିଥ୍ (ମହମ୍ମଦଙ୍କ ବାଣୀ) ଓ ଯାହା କାର୍ଯ୍ୟରେ ଦେଖାଇଥିଲେ ତାହା ସୁନ୍ନା (ମହମ୍ମଦଙ୍କ କାର୍ଯ୍ୟାବଳୀ): ଏ ଦୁଇଟି ଗ୍ରନ୍ଥ କୋରାନ୍ ସହ ମିଶିଗଲେ ପୂରା ଶାରିଆ (ଆଇନ ସଂହିତା) ହୋଇଯାଏ, ନୈତିକ ଆଚରଣ ସହ ଉପାସନା ଆଉ ଖଇରାତ ସମ୍ବନ୍ଧୀୟ ନିୟମ ଏଥିରେ ଅନ୍ତର୍ଭୁକ୍ତ । ଶାରିଆ ଅନୁଯାୟୀ ଅପରାଧ ଦୁଇ ଶ୍ରେଣୀର: ଗୋଟିଏ ହାଡ୍ଡ ବା ସଙ୍ଗିନ ଅପରାଧ, ଯାହାର ଦଣ୍ଡ ଲିଖିତ ହୋଇଛି ଓ ଅନ୍ୟଟି ତାଜିର୍ ବା ସାଧାରଣ ଅପରାଧ, ଯାହାର ଦଣ୍ଡ ବିଚାରପତି ନିଜେ ନିର୍ଣ୍ଣୟ କରନ୍ତି । ଯଥା - ଚୋରି କ୍ଷେତ୍ରରେ ଲିଖିତ ଦଣ୍ଡ ହେଉଛି ଅପରାଧୀର ହାତ କାଟିଦେବା । ଶାରିଆ କହେ, ଗୁରୁତର ଅପରାଧ ପାଇଁ କଡ଼ା ପ୍ରମାଣ ଦରକାର, କିନ୍ତୁ ଯାହା ଦେଖାଯାଏ କଡ଼ା ପ୍ରମାଣ ସଂଗ୍ରହ ନ କରି କେବଳ ସନ୍ଦେହ ଉପରେ ବି ହାଡ୍ଡ ଦଣ୍ଡ ଦିଆଯାଉଛି । ଆଲ୍ଲାଙ୍କ ବାଣୀ ହୋଇଥିବାରୁ ଶାରିଆ ଅପରିବର୍ତ୍ତନୀୟ, ଉଲେମା ବା ମୁଲ୍ଲା କେବଳ ବ୍ୟାଖ୍ୟା କରିପାରିବେ । ସେମାନଙ୍କ ଯେଉଁ ବ୍ୟାଖ୍ୟାଟି ନିର୍ଦ୍ଦେଶିକା ରୂପେ ଗୃହୀତ ହୁଏ ତାକୁ ଫତ୍‌ୱା କୁହାଯାଏ । ତାଲିମ୍ ଓ ଗୁଣ ଉଲେମାମାନଙ୍କର ସଂସ୍କାର ତିଆରି କରେ ।

ମୌଳବାଦୀ ମୁଲ୍ଲା ବା ଉଲେମାମାନେ କହନ୍ତି, ଆଲ୍ଲାଙ୍କ ଦୁନିଆରେ ତାଙ୍କୁ ବିଶ୍ୱାସକରୁ ନ ଥିବା ଲୋକଙ୍କ ସ୍ଥାନ ନାହିଁ, ତେଣୁ ସେମାନଙ୍କୁ ନିପାତ କଲେ ଆଲ୍ଲା ଖୁସିହେବେ, ଏହା ହିଁ ଜିହାଦ୍ ବା ଧର୍ମଯୁଦ୍ଧକୁ ପ୍ରେରଣା ଦେଉଛି ଏବଂ ମଦ୍ରାସାରେ ପଢ଼ିଥିବା କେତେକ ତାଲିବାନ୍‌ଙ୍କୁ ସନ୍ତ୍ରାସବାଦୀ କରୁଛି ଏବଂ ଅଲ୍-କାଏଦା ଭଳି ସନ୍ତ୍ରାସବାଦୀ-ଗୋଷ୍ଠୀ ସୃଷ୍ଟି କରିଛି । ମୌଳବାଦୀମାନେ ଭୁଲିଯାଉଛନ୍ତି ଯେ ମହମ୍ମଦ ଯେତେବେଳେ ଇସ୍‌ଲାମ୍ ପ୍ରଚାର କଲେ, ଆରବ ମରୁଭୂମିର ପରିସ୍ଥିତିକୁ ଘେନି ସେଠାକାର ଲୋକଙ୍କ ଆଚରଣ (ଧର୍ମ) କିପରି ହେବା କଥା, ତାହା ସେ ପ୍ରଚାର କରିଛନ୍ତି । ୭ମ ଶତାବ୍ଦୀର ଆରବ-ଅଞ୍ଚଳର ଇତିହାସ ଏବଂ ୭ମ ଶତାବ୍ଦୀର ଆରବ-ଅଞ୍ଚଳର ଭୂଗୋଳ ଆଲ୍ଲାଙ୍କ ଦୁନିଆକୁ ତିଆରି କରିଛି ବୋଲି ଇସ୍‌ଲାମିକ୍ ପଣ୍ଡିତମାନେ ବୁଝୁନାହାନ୍ତି । ଆରବ ମରୁଭୂମିର ଯାଯାବର ପୋଷାକ ଇସ୍‌ଲାମୀୟ ପୋଷାକ ହୋଇଗଲା ତ ୭ମ ଶତାବ୍ଦୀରେ ପ୍ରଚଳିତ ଆରବୀ ଭାଷାରେ ଲିଖିତ ବାକ୍ୟଗୁଡ଼ିକ ଈଶ୍ୱରଙ୍କ ବାଣୀ ହୋଇଗଲା । ୬୩୨ରେ ମହମ୍ମଦଙ୍କ ମୃତ୍ୟୁ ପରେ ଆଲ୍ଲା କାହାରିକୁ ବାଣୀ ଶୁଣାଇବା ବନ୍ଦ କରିଦେଲେ । ଯେମିତି ଭାରତବର୍ଷରେ ଧର୍ମରେ ଗ୍ଲାନି ପଶିଲେ ବି ଈଶ୍ୱର ଆଉ ଆବିର୍ଭାବ ହେଉନାହାନ୍ତି ।

ସେ ଯାହାହେଉ ଇସ୍‌ଲାମ ଧର୍ମରେ ପରିଚାଳିତ ସରକାର ଶାରିଆ ନିୟମକୁ ଦେଶର ଆଇନ କରିନିଅନ୍ତି । କୋରାନ୍ ହେଉଛି ସାଗର, ଶାରିଆ ହେଉଛି ସେହି ସାଗରରେ ପହଞ୍ଚିବାର ମାର୍ଗ - ଶାରିଆ ଏକ ଆଇନ ସଂହିତା । ମୁଲ୍ଲା ଓ ଉଲେମାମାନେ କହନ୍ତି, ଏହା ଆଲ୍ଲାଙ୍କ ବାଣୀ ହୋଇଥିବାରୁ ମଣିଷ ଏହାକୁ ଉପେକ୍ଷା କରିପାରିବନାହିଁ । ଆଧୁନିକ ମାନବିକତା ଆଳରେ ଶାରିଆ ଆଇନକୁ ବଦଳାଇହେବନାହିଁ । ପ୍ରାକ୍-ଇସ୍‌ଲାମ ସମାଜକୁ ଶାରିଆ ବଦଳାଇଦେଲା, କିନ୍ତୁ ଆଧୁନିକ ସମାଜ ଶାରିଆ ଆଇନର ସଂଶୋଧନ କରିପାରିବନାହିଁ । ତେଣୁ ମହମ୍ମଦଙ୍କ ସମୟର ଶାଳୀନତା ଓ ନମ୍ରତା ('ହୟା') ଅନୁଯାୟୀ ପ୍ରଚଳିତ ପୋଷାକପତ୍ର ହିଁ ଆଜିର ପୋଷାକପତ୍ର ।

ଆମେରିକା ଯୁକ୍ତରାଷ୍ଟ୍ର ଆଫଗାନିସ୍ତାନ ଛାଡ଼ିଚାଲିଗଲେ ତାଲିବାନ୍‌ମାନେ ଆଫଗାନିସ୍ତାନକୁ ଦଖଲ କରିନେବେ ବୋଲି ଆମେରିକା ଭାବିଥିଲା, ୨୦୨୦ ଫେବୃୟାରୀ ୨୯ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାତାର୍‌ର ଦୋହାଠାରେ ତାଲିବାନ୍ ନେତାଙ୍କ ସହ କଥାବାର୍ତ୍ତା କରିଥିଲେ, ତାଲିବାନ୍ ନରମ ଓ ଉଦାର ହେବ ବୋଲି ରାଜିନାମା କରିନେଲେ । କିନ୍ତୁ ତାଲିବାନଙ୍କ ଉଚ୍ଚାରଣ ଓ ଆଚରଣ ଭିତରେ ବହୁତ ପ୍ରଭେଦ । ଆଫଗାନିସ୍ତାନର ତାଲିବାନ୍ ସରକାରରେ କେବଳ ପୁରୁଷ ହିଁ ମନ୍ତ୍ରିମଣ୍ଡଳ ଗଢ଼ିଛନ୍ତି, ତହିଁରେ ପୁଣି ଜାତିସଂଘର ସନ୍ତ୍ରାସବାଦୀ କଳା ତାଲିକାରେ ଥିବା ୧୪ ଜଣ ଅଛନ୍ତି । ସେମାନଙ୍କ ଭିତରେ ଅଛନ୍ତି ଗ୍ଲୋବାଲ୍ ଟେରରିଷ୍ଟ ସିରାଜୁଦ୍ଦିନ୍ ହକାନି, ଯାହାଙ୍କୁ କେହି ଧରିଆଣିଲେ ଜାତିସଂଘ କୋଟିଏ ଡଲାର୍ ପୁରସ୍କାର ଦେବ ବୋଲି ଘୋଷଣା କରିଛି । କାମଚଳା ପ୍ରଧାନମନ୍ତ୍ରୀ ମୁଲ୍ଲା ହାସାନ୍ ଓ ତାଙ୍କ ଦୁଇ ଡେପୁଟି ଜାତିସଂଘର କଳାତାଲିକାରେ ଥିବା ଲୋକ । 'ତାଲିବାନ୍ ପାଞ୍ଚ' ନାମରେ ପରିଚିତ ୫ଜଣ ନେତା ଆଗେ ୟୁଏସ୍‌ର ଗୁଆଣ୍ଟେନାମୋ ବେ' ଜେଲ୍‌ଖାନାରେ ବନ୍ଦୀ ଥିଲେ । ଦୋହାଠାରେ ଆମେରିକା ସହିତ ଶାନ୍ତି ଆଲୋଚନାରେ ତାଲିବାନର ମୁଖ୍ୟ ଭାବେ ଭାଗନେଇଥିବା ମୁଲ୍ଲା ଅବ୍ଦୁଲ୍ ଘାନି ବରଦାର୍ କାବୁଲରେ ତାଲିବାନ ସରକାରର ମୁଖ୍ୟ ହେବେ ବୋଲି ଭାବୁଥିବା ୟୁଏସ୍ ଏବେ ଆଶ୍ଚର୍ଯ୍ୟ ହେଉଛି ଯେ ସେ କାମଚଳା ତାଲିବାନ୍ ସରକାରରେ ତାଙ୍କ ପ୍ରଭାବ ନାହିଁ, ସେ ଉପରୁ ୩ୟ ଥାକ ତଳେ ୨ ଡେପୁଟି ପ୍ରଧାନ ମନ୍ତ୍ରୀଙ୍କ ଭିତରୁ ଜଣେ । ଇରାନ୍ ଢାଞ୍ଚାରେ ଆଫଗାନିସ୍ତାନର ତାଲିବାନ୍ ସରକାର ସମସ୍ତଙ୍କ ଉପରେ ଜଣେ ଧର୍ମଗୁରୁ ହାଇବତ୍‌ଉଲ୍ଲା ଅଖଣ୍ଡଜାଦାଙ୍କୁ ସୁପ୍ରିମ୍ ଲିଡର୍ କରିଛନ୍ତି, ଯାହାଙ୍କ ପାଖେ ଉତ୍ତରଦାୟୀ ରହିବେ ପ୍ରଧାନମନ୍ତ୍ରୀ ମୁଲ୍ଲା ମହମ୍ମଦ ହାସାନ୍ ଅଖୁଣ୍ଡ । ଆଗରୁ ତାଲିବାନ୍ ନେତୃମଣ୍ଡଳୀ କହୁଥିଲେ ନାରୀ ସ୍ୱାଧୀନତା ଦିଆଯିବ, ଧାର୍ମିକ ସହନୀୟତା ବଳବତ୍ତର ରହିବ, କିନ୍ତୁ ସେମାନଙ୍କ ୩୩ ଜଣିଆ ମନ୍ତ୍ରିମଣ୍ଡଳରେ ଜଣେ ବି ମହିଳା ନ ଥିବା ତାଲିବାନ୍ ପ୍ରତିଶ୍ରୁତି ପାଣିର ଗାର ମନେହେଉଛି । ମନ୍ତ୍ରିମଣ୍ଡଳର ଅଧାଅଧି ଜାତିସଂଘର ବାସନ୍ଦ (ସାଙ୍କସନ୍) ତାଲିକାରେ ଅଛନ୍ତି ତ ଜାତିସଂଘର ସଦସ୍ୟଥିବା ରାଷ୍ଟ୍ରମାନେ କିପରି ଏପ୍ରକାରର ସରକାରକୁ ସ୍ୱୀକୃତି ଦେବେ ? ସବୁକିଛି ଓଲଟାମୋଲଟା ହୋଇଯାଉଛି ।

କଠୋରପନ୍ଥୀ ଜିହାଦୀ ଓ ଅଲ୍-କାଏଦା ସନ୍ତ୍ରାସବାଦୀ ସହ ଯୋଗସୂତ୍ର ରଖୁଥିବା ଏବଂ ଯାହାର ଗିରଫ ପାଇଁ ଏଫ୍ ବି ଆଇ କୋଟିଏ ଡଲାର ମୁଣ୍ଡମୂଲ ଯାଚିଛି, ସେହି ସିରାଜୁଦ୍ଦିନ ହକ୍କାନି ଏହି ସରକାରରେ ହୋମ୍ ମିନିଷ୍ଟର୍, ୟୁଏସ୍ ଗାଲରେ ଏକ ଶକ୍ତ ଚାପୁଡ଼ା । ପ୍ରତିରକ୍ଷାମନ୍ତ୍ରୀ ମହମ୍ମଦ ୟାକୁବ୍ ସନ୍ତ୍ରାସବାଦୀ ବୋଲି ଧରା ନ ଯାଉଥିଲେ ବି ସିଏ ତ ୟୁଏସ୍-ରାତ୍ରିଅର୍ଦ୍ଧରେ-ମାରିଥିବା ଓସାମା ବିନ୍ ଲାଡେନ୍‌ର ଜ୍ୟେଷ୍ଠ ପୁଅ । କେବଳ ଆମେରିକା ନୁହେଁ ଅନ୍ୟ ଦେଶମାନେ ବି ଚିନ୍ତିତ । ତାଲିବାନ ସରକାରରେ ସେନାବାହିନୀର ମୁଖ୍ୟ ହୋଇଛି କାରି ଫସିଉଦ୍ଦିନ୍, ଯିଏ ଇଷ୍ଟ ଟର୍କେଷ୍ଟାନ୍ ଇସ୍‌ଲାମିକ୍ ମୁଭ୍‌ମେଣ୍ଟ ସହ ମିଶି ଚାଇନାର ଜିନ୍‌ଜିଆଙ୍ଗ ପ୍ରଦେଶରେ ସନ୍ତ୍ରାସବାଦ ଚଳାଇଥିଲେ । ତେଣୁ ଚାଇନା ଦ୍ୱିଧାରେ ଅଛି । ଇରାନ୍ ସରକାର ସିଆ ପନ୍ଥୀ ମୁସଲମାନଙ୍କ ସରକାର, ଆଫଗାନିସ୍ତାନରେ ଥିବା ସିଆ ପନ୍ଥୀ ହାଜାରା ସମ୍ପ୍ରଦାୟକୁ ତାଲିବାନ୍ ଦବାଇ ରଖିଛି, ତାହା ଇରାନ୍ ସରକାରକୁ ଚିନ୍ତାରେ ପକାଉଛି । ଯେଉଁ ତାଲିବାନ୍‌କୁ ପାକିସ୍ତାନ ସାହାଯ୍ୟ କରୁଛି, ଏପରି କି ପଞ୍ଚଶିର ପ୍ରଦେଶ ଦଖଲ କରିବାରେ ସାହାଯ୍ୟ କରିଛି, ସେହି ତାଲିବାନକୁ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ବିରୋଧୀ ଚରମପନ୍ଥୀମାନେ ସ୍ୱାଗତ କରୁଛନ୍ତି, ତେଣୁ ଇମ୍ରାନ ଖାଁଙ୍କ ଡର ତାଲିବାନ୍ ସରକାରଙ୍କ ପ୍ରୋତ୍ସାହନରେ ପାକିସ୍ତାନରେ ଅସ୍ଥିରତା ସୃଷ୍ଟି ହୋଇପାରେ । ସହଜେ ତ କଠୋରପନ୍ଥୀ ଇସ୍‌ଲାମୀୟ ଦଳମାନେ ପାକିସ୍ତାନକୁ ଅଧିକତର ମୌଳବାଦୀ ଇସ୍‌ଲାମୀ ରାଷ୍ଟ୍ର କରିବାକୁ ଚାହାନ୍ତି । ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି) ଗୋଷ୍ଠୀ ଅଧୀନରେ ୬୦୦୦ ତାଲିମପ୍ରାପ୍ତ ଲଢ଼ୁଆ ଆଫଗାନିସ୍ତାନରେ ଅଛନ୍ତି । ଏମାନେ ନିର୍ବାଚନ ଚାହାନ୍ତି ନାହିଁ । ଚରମପନ୍ଥୀ ଧର୍ମଗୁରୁମାନଙ୍କ ଶାସନ ଚାହାନ୍ତି । ତେଣୁ ଇମ୍ରାନ ଖାଁ ବହୁତ ଚାପରେ ରହିବେ ଦେଶଟାକୁ ଆସ୍ତେ ଆସ୍ତେ ଶାରିଆ ଅଧୀନକୁ ଆଣିବାକୁ ।

ନିଶାଦ୍ରବ୍ୟ କାରବାରୀମାନେ (ଡ୍ରଗ୍ ଲର୍ଡସ୍), ପାକିସ୍ତାନୀ ଅଫିସରମାନେ ଓ ସାଉଦି ପାଣ୍ଠି ବଳରେ ବଳବାନ୍ ତାଲିବାନ୍ କେତେଦିନ ବର୍ତ୍ତମାନର ଆଫଗାନିସ୍ତାନ-ସରକାରକୁ ଟେକି ରଖୁଛନ୍ତି ତାହା ଦେଖିବାକୁ ରହିଲା ।

sahadevas@yahoo.com



# ଚୁପ୍, ବିକାଶ ଚାଲିଛି

ପୁଷ୍ପାରାଣୀ ମିଶ୍ର

ସମ୍ପ୍ରତି ସାରା ଦେଶରେ ବିକାଶର ହାୱା ବହୁଛି । ଏହି ବିକାଶକୁ ପ୍ରଚାର ପ୍ରସାର କରାଇ ନେତାମାନେ ଭୋଟ୍ ଭିକ୍ଷା କଲାବେଳେ ପ୍ରକାରାନ୍ତରେ ନିଜର ରାଜନୈତିକ ଲକ୍ଷ୍ୟ ହାସଲ କରିନେଉଥିବା ବେଳେ ତାଙ୍କର ଚେଲାଚାମଣ୍ଡାମାନଙ୍କୁ ମଧ୍ୟ ସନ୍ତୁଷ୍ଟ କରାଇପାରୁଛନ୍ତି । ଆଉ ଏହି ବିକାଶର ସ୍ରୋତରୁ ବନିଶି ପକାଇ ବଡ଼ବଡ଼ିଆ ବାବୁମାନେ ବଡ଼ ବଡ଼ ମାଛ ଧରି ନେଉଛନ୍ତି ନିଜ ପ୍ରିୟଜନ ତଥା ରାଜନୈତିକ ପୃଷ୍ଠପୋଷକଙ୍କ ପ୍ରୀତ୍ୟାର୍ଥେ । ଏହି ବିକାଶର ଦ୍ୱାହିଦେଇ ବିରୋଧୀ ଦଳଙ୍କର ପ୍ରତିରୋଧ ସ୍ୱରକୁ ଚାପିଦେବାରେ ସରକାରୀ ଦଳ ସମର୍ଥ ହୋଇପାରୁଛନ୍ତି । କିନ୍ତୁ ସତରେ କ'ଣ ବିକାଶ ଚାଲିଛି ? ଯଦି ଚାଲିଛି ତାହା କେତେ ପରିମାଣରେ, ଆଉ ଏହି ବିକାଶର ସ୍ରୋତରେ ଉବୁଟୁବୁ ହୋଇ ବିଚରା ସାଧାରଣ ଜନତାଙ୍କର ଅକଳ ଗୁଡୁମ୍ । ଟିକେ ନିରିଖେଇ ଦେଖିଲେ ଆମେ ଉପଲବ୍ଧ କରିପାରିବା ସରକାରୀ ଢାଞ୍ଚାରେ ବିକାଶର ଅଗ୍ରଗତିକୁ । ରାଜକୋଷରୁ ଯେତିକି ଅର୍ଥଶ୍ରାଦ୍ଧ ହେଉଛି ତା'ର ସିଂହଭାଗ ଚେଲାଚାମଣ୍ଡାଙ୍କ ତୁଷ୍ଟୀକରଣ ଆଉ ଦଳୀୟ ଚାନ୍ଦାରେ ବିନର୍ଦ୍ଦ୍ୟୟ ହେଉଥିବାବେଳେ କିୟଦଂଶ ବିକାଶର ଧାରାକୁ ବଜାୟ ରଖିବାରେ ଖର୍ଚ୍ଚ ହେଉଛି । ଉଦାହରଣ ସ୍ୱରୂପ, ଧରନ୍ତୁ କୌଣସି ଏକ ଅଗମ୍ୟ ଅଞ୍ଚଳକୁ ବିକାଶ ନାଁରେ ରାସ୍ତାଟିଏ ନିର୍ମାଣ କରାଗଲା । ପରବର୍ତ୍ତୀ ବର୍ଷ ଦେଖିବେ ସେ ରାସ୍ତାଟିକୁ ସମ୍ପୂର୍ଣ୍ଣ ଖୋଳି ତାଡ଼ି କଂକ୍ରିଟ କିମ୍ବା ପିଚୁ ଢଳେଇ କରାଯାଉଛି । ପୁଣି ବର୍ଷୁଟିଏ ନ ଯାଉଣୁ ଢଳେଇ ରାସ୍ତାରୁ ଦୁଇ ପାର୍ଶ୍ୱକୁ ଖୋଳି ପକ୍କାନାଳୀ ଜଳ ନିଷ୍କାସନ ପାଇଁ କରାଯାଉଛି । ପରବର୍ତ୍ତୀ ଆର୍ଥିକ ବର୍ଷରେ ଆଉ କିଛି ଅର୍ଥ ମଞ୍ଜୁର କରାଇ ନାଳ ଉପରେ ଢାଙ୍କୁଣି ଦିଆଯାଉଛି । ତା'ପରେ ଜନସ୍ୱାସ୍ଥ୍ୟ ବିଭାଗ ସେ ଢଳେଇ ରାସ୍ତାକୁ ଭାଇବ୍ରେଟର ସାହାଯ୍ୟରେ ଖୋଳି ପାଣି ପାଇପ୍ ବିଛାଇବା ସହିତ ସମସ୍ତଙ୍କ ଘରକୁ ଜଳ ସଂଯୋଗ କରାଉଛି । ଏତିକିରେ କଥା ସରୁନାହିଁ । ବିଦ୍ୟୁତ୍ ବିଭାଗ ଓ ତାର ବିଭାଗ ମଧ୍ୟ ଏହି ରାସ୍ତାକୁ ଖୋଳିପକାଇ ନିଜ ନିଜର କେବୁଲ ବିଛାଇ ଦେଉଛନ୍ତି । ଶେଷକୁ ଆସୁଛି ବର୍ଜ୍ୟବସ୍ତୁ ନିଷ୍କାସନ ବିଭାଗ । ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଚାମ୍ବର ମାନ ଖୋଳି ଭୂତଳ ନାଳୀ ମାଧ୍ୟମରେ ପ୍ରତି ଘରୁ ନିଃସୃତ ହେଉଥିବା ପାଇଖାନା ଜଳକୁ ନିଷ୍କାସିତ କରିବା ପାଇଁ ସୁବନ୍ଦୋବସ୍ତ କରାଯାଉଛି । ଫଳରେ ବର୍ଷ ବର୍ଷ ଧରି ଏପ୍ରକାରର ବିକାଶ କାର୍ଯ୍ୟ ଲାଗି ରହିଥିବାରୁ ଜନସାଧାରଣ ଗମନାଗମନରେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ସରକାରଙ୍କର ଅନେକ ଅର୍ଥ ମଧ୍ୟ ବିନର୍ଦ୍ଦ୍ୟୟ ହେଉଛି । କିନ୍ତୁ ସମସ୍ତେ ଚୁପ୍ । କାରଣ ବିକାଶ ଚାଲିଛି, କେବଳ ରାସ୍ତାଘାଟ ସମ୍ପ୍ରସାରଣ ନୁହେଁ, ସୌନ୍ଦର୍ଯ୍ୟକରଣ ଆଳରେ ସରକାରୀ କୋଠାବାଡ଼ିକୁ ଧୂଳିସାତ କରି କେଉଁଠି ପ୍ରମୋଦ ଉଦ୍ୟାନ କରାଗଲାଣି ତ ପରବର୍ତ୍ତୀ ବର୍ଷ ସେ ପ୍ରମୋଦ ଉଦ୍ୟାନକୁ ଭାଙ୍ଗିରୁଜି ସେଠି ସରକାରୀ ସହାୟତା କେନ୍ଦ୍ର ମୁଣ୍ଡ ଟେକିଲାଣି । କେଉଁଠି ପୁରାତନ ଐତିହାସିକ କୀର୍ତ୍ତିରାଜି ଜାଗାରେ ପାଦଚଲା କି ସାଇକେଲ ରାସ୍ତା ହେଲାଣି । ପୁଣି କେଉଁଠି ବଡ଼ ବଡ଼ ଛାୟାପ୍ରଦ ବୃକ୍ଷକୁ ମୂଳୋତ୍ପାଟନ କରି ସର୍ବସାଧାରଣଙ୍କ ପାଇଁ ଶୌଚାଳୟ ନିର୍ମାଣ କରାଗଲାଣି । ଏସବୁରେ ସରକାରୀ ଅର୍ଥ ଖର୍ଚ୍ଚ ହୋଇ ଜନସାଧାରଣଙ୍କର କେତେ ଲାଭ ଆଉ କେତେ କ୍ଷତି ହେଉଛି ତା'ର ହିସାବନିକାଶ ନା ସେମାନଙ୍କ ପାଖେ ଅଛି ନା ସରକାରଙ୍କ ପାଖରେ ।

ଉନ୍ନତି ଆଳରେ ସରକାରୀ ସମ୍ପତ୍ତିକୁ ଭଙ୍ଗାରୁଜା କରି ବିକାଶର ଧାରାକୁ ବଜାୟ ରଖିବାରେ ଯେଉଁ କେତେଜଣଙ୍କ ହାତ ଚିକ୍କଣ ହୁଏ ସେମାନଙ୍କୁ ଧରିବାକୁ ଜନତାଙ୍କର ହାତ ପାଏନି, ଫଳରେ ସେମାନେ ଚୁପ୍ ରୁହନ୍ତି । କାରଣ ସ୍ୱର ଉଠାଇଲେ ବିପଦ । ଆଉ ବିଚରା ସରକାରୀ କର୍ମଚାରୀ, ତାଙ୍କ ମୁଣ୍ଡ ଉପରେ ବିରାଟ ବୋଝ । ସୀମିତ ସମୟ ମଧ୍ୟରେ ଲକ୍ଷ୍ୟ ହାସଲ କରିବାକୁ ଉପରିସ୍ଥ ଅଧିକାରୀମାନଙ୍କ ତାଗିଦ । ଏପଟେ ଚେଲାଚାମଣ୍ଡାଙ୍କ କୋଳାହଳ । ତେଣୁ ଏତେସବୁ ଚାପର ବଶବର୍ତ୍ତୀ ହୋଇ ସେ ଜନକଲ୍ୟାଣ ପାଣ୍ଠିକୁ ଯେନତେନ ପ୍ରକାରେଣ ଖର୍ଚ୍ଚ କରି ଦେଲେ ଯାଇ ରକ୍ଷା । ଆଉ ବିନିଯୋଗ କରୁ କରୁ ଯଦି କିଛି ଫାଇଦା ହୋଇଗଲା, ତେବେ ସେ ଚୁପ୍ ରହିବନି କିଆଁ । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପ୍ରତ୍ୟହ ଜନସାଧାରଣଙ୍କ କଷ୍ଟଲବ୍ଧ ଅର୍ଥରେ କୋଟି କୋଟି ଟଙ୍କାର ନିର୍ମାଣ ମାଟିରେ ମିଶୁଥିବା ଜନିତ କ୍ଷୟକ୍ଷତି ବଢ଼ି ବଢ଼ି ଚାଲୁଥିବା ବେଳେ ସମସ୍ତେ ଚୁପ୍ । ସ୍ଥାନୀୟ ନେତା ତଥା ରାଜନୈତିକ କର୍ମୀମାନେ ବିକାଶରେ ନିଜକୁ ସାମିଲ କରିବା ଭିତରେ ସ୍ୱବିକାଶ ପାଇଁ କିଛି ସଞ୍ଚୟ କରିପାରୁଥିବାରୁ ନୀରବ ।

ଅଧସ୍ତନ କର୍ମଚାରୀଟି ତ୍ୱରିତ ଲକ୍ଷ୍ୟ ହାସଲ ନାମରେ ସ୍ଥାନୀୟ କୁଜିନେତାଙ୍କଠୁ ଆରମ୍ଭ କରି ଉପରିସ୍ଥ ହାକିମଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଖୁସି କରାଇପାରିଲେ ସିନା ପଦୋନ୍ନତିଟିଏ ଥୁଆ, ତେଣୁ ସରକାରୀ ସମ୍ପତ୍ତି ଯେତେ କ୍ଷୟକ୍ଷତି ହୋଇଯାଉ ପଛେ ବିକାଶ ଆଳରେ ସମସ୍ତେ ଚୁପ୍ । ଆମ ପଡ଼ୋଶୀ ଚାଇନା କିମ୍ବା ଜାପାନ ପରି ଦେଶରେ ଏ ସମସ୍ୟା ନାହିଁ । ଆମ ଗଣତନ୍ତ୍ର ଶାସନରେ ସମସ୍ତେ ସ୍ୱାଧୀନ କିନ୍ତୁ ଉତ୍ତରଦାୟିତ୍ୱବୋଧ କାହାର ନାହିଁ । ସମସ୍ତ ବିଭାଗର ସମନ୍ୱୟରେ ତଥା ସ୍ଥାନୀୟ ଜନପ୍ରତିନିଧିଙ୍କ ସହଭାଗିତାରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତକରି ତାହାକୁ କାର୍ଯ୍ୟରେ ରୂପାନ୍ତରିତ କରାଗଲେ କ'ଣ ଏ ସମସ୍ୟା ରହନ୍ତା କି ? ଆମେ ଘରଟିଏ ନିର୍ମାଣ କଲାବେଳକୁ ରାଜମିସ୍ତ୍ରିଠାରୁ ଆରମ୍ଭକରି ରଙ୍ଗମିସ୍ତ୍ରି ପର୍ଯ୍ୟନ୍ତ ସମସ୍ତଙ୍କ ସାହାଯ୍ୟ ନେଇଥାଉ, କିନ୍ତୁ ଏକ ବ୍ୟବସ୍ଥିତ ଢଙ୍ଗରେ । ଫଳରେ ଏପ୍ରକାର କ୍ଷୟକ୍ଷତି ପ୍ରାୟ ହୁଏନା । ଠିକ୍ ସେହିପରି ଆଗାମୀ ପଚାଶ ବର୍ଷ ପାଇଁ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଆଖି ଆଗରେ ରଖି ଯଦି ଦୂରଦୃଷ୍ଟିସମ୍ପନ୍ନ ପରିଯୋଜନାମାନ ତିଆରି କରାଯାଇ ପାରନ୍ତା, ଏହା ସରକାର ଋଣ କରି ଆଣୁଥିବା ଅର୍ଥର ଅପବ୍ୟୟକୁ ଅନେକାଂଶରେ ରୋକିପାରନ୍ତା । ଭବିଷ୍ୟତରେ ଯେଉଁ ଦଳ ସରକାରକୁ ଆସୁ ପଛେ, ସେହି ଯୋଜନାକୁ ହିଁ ପ୍ରଣୟନ କରନ୍ତା । ଏଥିପାଇଁ ଯେଉଁ ମାନସିକତା ଲୋଡ଼ା, ତାହା ଆମ ସ୍ୱାଧୀନ ଭାରତର ନାଗରିକମାନଙ୍କ ପାଖରେ ଅଛି ତ ?

**୨୦, ଓଁକାରଭିଲ୍ଲା, ଗଣ୍ଡମୁଣ୍ଡା, ଭୁବନେଶ୍ୱର**
**ମୋ: ୬୩୭୧୯୪୭୧୧୭**

## ଏଇ ଭାରତରେ

ଡ୍ରମ୍, ଟାୟାର ଓ ଟ୍ୟୁବ୍ ପୁନଃ ଉପଯୋଗ କରି ବର୍ଷକୁ ୧ କୋଟି ଟଙ୍କା ରୋଜଗାର କରିବା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ । ମହାରାଷ୍ଟ୍ରର ପ୍ରମୋଦ ସୁସାରେଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି । ପ୍ରମୋଦ ପେସାରେ ଜଣେ ମେକାନିକାଲ ଇଞ୍ଜିନିୟର । ସେ ଏକ କମ୍ପାନୀରେ ଭଲ ଦରମାରେ ଚାକିରି କରିଥିଲେ । ହେଲେ ତାହାକୁ ଛାଡ଼ି ୨୦୧୮ରୁ ଏହି କାର୍ଯ୍ୟରେ ଲାଗିଛନ୍ତି । ପି୨-ଏସ୍ ଇଣ୍ଟରନ୍ୟାଶନାଲ କମ୍ପାନୀ ପ୍ରତିଷ୍ଠା କରି ପରିବେଶ ପ୍ରଦୂଷଣ ରୋକିବା ସହ ଅନେକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି । ବ୍ୟବହୃତ ଡ୍ରମ ଏବଂ ଅଦରକାରୀ ଟାୟାର ଓ ଟ୍ୟୁବ୍‌ରୁ ବିଭିନ୍ନ ଆକର୍ଷଣୀୟ ଜିନିଷ ପ୍ରସ୍ତୁତ କରୁଛନ୍ତି । ଏହାକୁ ପ୍ରଥମେ ପୁଣେସ୍ଥିତ ଏକ କାଫେ ପସନ୍ଦ କରିବା ପରେ ତାହାର ଚାହିଦା ବୃଦ୍ଧି ପାଇଥିଲା । ପରେ ଠାଣେର ଏକ ପ୍ରୋଜେକ୍ଟରୁ ୫.୫ ଲକ୍ଷ ଟଙ୍କା ରୋଜଗାର କରିବା ପରେ ସେ ଆଉ ପଛକୁ ଫେରିନାହାନ୍ତି । ଏବେ ବର୍ଷକୁ ୧ କୋଟି ଟଙ୍କାରୁ ବେଶି ଆୟ କରୁଛନ୍ତି । ଏହି କାର୍ଯ୍ୟରେ ୧୪ ଜଣ ଆର୍ଟିଷ୍ଟ ଓ ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦେଇଛନ୍ତି । ଜିନିଷ ଲାଗି ପଞ୍ଜାବ, ହରିୟାଣା, ବେଙ୍ଗାଲୁରୁ, ଗୋଆ ଓ ଚେନ୍ନାଇରୁ ଅର୍ଡର ପାଉଛନ୍ତି । ୨୦୨୨ରେ ପୁଣେ ଓ ଠାଣେରେ ଆଉଟ୍‌ଲେଟ ଖୋଲିବାର ଯୋଜନା କରିଛନ୍ତି ପ୍ରମୋଦ ।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ସେପ୍ଟେମ୍ବର ୧୯୯୬**

- ପଶ୍ଚିମବଙ୍ଗ ପୂର୍ବତନ ବାଚସ୍ପତି ତଥା ବରିଷ୍ଠ ସିପିଏମ୍ ନେତା ଏସ୍.ଏ. ମନସୁର ହବିବୁଲ୍ଲାଙ୍କ ୭୯ ବର୍ଷ ବୟସରେ ପରଲୋକ ।
- ଦିଲ୍ଲୀ-ମିରଟ ରାସ୍ତାର ମୋହିଉଦ୍ଦିନପୁରଠାରେ ଏକ ଟ୍ରକ ସହ ଯାତ୍ରୀବାହୀ ବସ୍ ଧକ୍କା ହେବାରୁ ୧୦ ମୃତ ।
- ଭୁବନେଶ୍ୱର, କଟକ ଓ ଢେଙ୍କାନାଳ ଅଞ୍ଚଳରେ ଗ୍ରାହକମାନଙ୍କ ପାଇଁ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ବମ୍ବେ ସବ୍ ଅର୍ବାନ ବିଦ୍ୟୁତ୍ ଯୋଗାଣ ଲିଃ (ବିଏସ୍ଇଏସ୍)କୁ ହସ୍ତାନ୍ତର ।

## ପାଠକ ଶ୍ରେଷ୍ଠ ବିଚାରକ

### ଆମ ମୂର୍ଖତା

ମହାଶୟ,

''ମା'ବାପାଙ୍କ ସହିତ ପିଲାଟି''- ଏହି ଭାବନା ବା ପରିକଳ୍ପନା ଆମ ସାମାଜିକ ବ୍ୟବସ୍ଥାକୁ ନିମ୍ନଗାମୀ କରିଦେଇଛି । ବାର୍ଦ୍ଧକ୍ୟ ଅବସ୍ଥାରେ ପାଖରେ କେହିବି ନ ଥିବେ । ପିଲାଟିର ଦେହ ଟିକିଏ ଖରାପ ହେଲେ ଚିନ୍ତା ବଢ଼ିଯାଏ ମା'ବାପାଙ୍କର । କ'ଣ ପାଇଁ ସମାଜର ଏ ମହନୀୟ ଚିନ୍ତା ? କିଏ ଏହି ନୀତି ଆପଣାଇବାକୁ ପ୍ରବର୍ତ୍ତାଇଲେ । ନିଶ୍ଚିତ ଭାବରେ ଏହା ଆମ ସମସ୍ତଙ୍କର ଭୁଲ ନିଷ୍ପତ୍ତି । ଧନ ଥିବ, କିନ୍ତୁ ଜନ ନ ଥିବେ । ତେବେ କ'ଣ ପାଇଁ ଏ କୋଠାବାଡ଼ି, ଧନସମ୍ପତ୍ତି ! ବର୍ତ୍ତମାନର ଯୁବପିଢ଼ିଙ୍କୁ ଅନୁରୋଧ, ଛୋଟ ପରିବାରର ମାନସିକତା ମନରୁ ପୋଛିଦେବା ଆବଶ୍ୟକ । ତା' ନ ହେଲେ ଆଉ କିଛି ବର୍ଷ ପରେ କେବଳ କୋଠାବାଡ଼ି ଉଇହୁଙ୍କା ପାଲଟିଯିବ । ଧନସମ୍ପତ୍ତି, ଜମିବାଡ଼ି ଆଦିକୁ ଦେଖାଶୁଣା କରିବାକୁ କେହି ନ ଥିବେ । ଛୋଟ ପରିବାରର ମାନେ ନୁହେଁ ଗୋଟିଏ ସନ୍ତାନ । ଏ ମାନସିକତା ପରିବର୍ତ୍ତନ ଜରୁରୀ ମନେହୁଏ । ନଚେତ୍ ଆମର ସତ୍ତା ରହିବ ନାହିଁ । ସମାଜ ଧ୍ୱଂସସ୍ତୂପ ପାଲଟିଯିବ ।

**-ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ**

### ମଧୁବାବୁ ପେନ୍‌ସନ ଅର୍ଥ ପରିମାଣ ବୃଦ୍ଧିହେଉ

କରୋନାର ଘଡ଼ିସନ୍ଧି ମୁହୂର୍ତ୍ତରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଇଛି । ଫଳରେ ଗରିବ ଲୋକମାନେ ପ୍ରଭାବିତ ହୋଇଛନ୍ତି । ଆୟ କରୁ ନ ଥିବା ବରିଷ୍ଠ ନାଗରିକ, ବିଧବା, ଦିବ୍ୟାଙ୍ଗ ଓ କିନ୍ନରମାନେ 'ମଧୁବାବୁ ପେନ୍‌ସନ ଯୋଜନା'ରେ ଅନ୍ତର୍ଭୁକ୍ତ ହୋଇ ସ୍ୱଳ୍ପ ପରିମାଣର ଭତ୍ତା ପାଆନ୍ତି । ତାହା ଏହି ମହରଗ ସମୟରେ ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ । ବର୍ତ୍ତମାନର ଦରଦାମକୁ ଲକ୍ଷ୍ୟ କରି ଯଦି ସେହି ଭତ୍ତାର ପରିମାଣ ବୃଦ୍ଧି କାଯାଆନ୍ତା, ତାହେଲେ ଉପଭୋକ୍ତାମାନେ ଉପକୃତ ହୋଇପାରନ୍ତେ ।

**-ବୈଷ୍ଣବ ଚନ୍ଦ୍ର ସାହୁ, ଟଙ୍କପାଣି ରୋଡ଼, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଳପ ଦିନକୁ ଯେଣୁ ଆସିଥିଲି କହି
ବସିଥିବ ମୋ କଣ୍ଟର ଅପେକ୍ଷାରେ ରହି
ନୁଆଇଁ ମୁଖ ମଳିନ
ଗଣୁଥିବ ନିଶି ଦିନ
କି ବାରତା ଏ ପବନ ବହିନେବ ତହିଁ
ଜୀବନ ଦୋସର ଚିର ମୋର ପ୍ରାଣସହୀ ।
-(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମୂର୍ତ୍ତି ଉଚ୍ଚତା ବିବାଦ ପ୍ରସଙ୍ଗ: ହାଇକୋର୍ଟରେ ମାମଲା

## ଲଘୁଚାପ ବର୍ଷାରେ ୨୦ ଲକ୍ଷ ୪୬ ହଜାର ପ୍ରଭାବିତ

■ ୨୮୭୦ ଘର ଭାଙ୍ଗିଛି

ଭୁବନେଶ୍ୱର,୧୪।୯(ବ୍ୟୁରୋ): ଗତ ୨ ଦିନ ଧରି ରାଜ୍ୟରେ ଲଗାଣ ବର୍ଷା ଯୋଗୁ ୧୭ ଜିଲା ପ୍ରଭାବିତ ହୋଇଛି। ଏହିସବୁ ଜିଲାର ୧୧୧ଟି ବ୍ଲକ ଓ ୨୭ ପୌର ସଂସ୍ଥାର ୩୬୯୬ ଗ୍ରାମର ୨୦ ଲକ୍ଷ ୪୬ ହଜାର ୧୨୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଏଥିସହିତ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୮୭୦ ଘର ଭାଙ୍ଗିଛି। ମଙ୍ଗଳବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି।

କଟକ ଅଫିସ,୧୪।୯

୮ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରିବାକୁ କଟକ ବାଲୁବଜାର ପୂଜା କମିଟି ସମ୍ପାଦକ ରମେଶ ଚନ୍ଦ୍ର ବେହେରା ମଙ୍ଗଳବାର ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ତଥା ପୂଜା କମିଟି ସଭାପତି ସୂର୍ଯ୍ୟକାନ୍ତ ସାଙ୍ଗନାରିଆ ମାମଲା ପରିଚାଳନା କରୁଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏ ସମ୍ପର୍କରେ ସୂର୍ଯ୍ୟକାନ୍ତ କହିଛନ୍ତି, ପ୍ରତିବର୍ଷ ଆମେ ୮ ଫୁଟ୍‌ର ମୂର୍ତ୍ତି ନିର୍ମାଣ କରି ପୂଜା କରିଥାଉ। ଏହା ଆମର ୫୦୦ ବର୍ଷର ପରମ୍ପରା। ଏହି ପରମ୍ପରା ରକ୍ଷା କରିବା ପାଇଁ ଗତବର୍ଷ ମୂର୍ତ୍ତି ଉଚ୍ଚତା ନେଇ ଆମେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲୁ। ପରେ ହାଇକୋର୍ଟଙ୍କ ଅନୁମତି ଅନୁଯାୟୀ ଆମେ ସାଢେ ୭ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରି ପୂଜା କରିଥିଲୁ। ଚଳିତବର୍ଷ ୪ ଫୁଟ ଭିତରେ ମା'ଙ୍କ ମୂର୍ତ୍ତି ନିର୍ମାଣ କରିବା ପାଇଁ ସରକାର ଗାଇଡଲାଇନ ଜାରି କରିଛନ୍ତି। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## 'ପରୋକ୍ଷରେ ସଂକ୍ରମଣ ବଢ଼ାଇବ'

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ମୂର୍ତ୍ତି ଉଚ୍ଚତା ବୃଦ୍ଧି ବା କମ୍ ସହ କରୋନା ସଂକ୍ରମଣର ସିଧାସଳଖ କୌଣସି ସମ୍ପର୍କ ନାହିଁ। କିନ୍ତୁ ମୂର୍ତ୍ତି ଉଚ୍ଚତା ପରୋକ୍ଷରେ ସଂକ୍ରମଣ ବଢ଼ାଇବ ବୋଲି ଡିଏମଇଟି ଡା. ସିବିକେ ମହାନ୍ତି କହିଛନ୍ତି। ରାଜ୍ୟରେ ପାର୍ବଣରେ କରୋନା ସଂକ୍ରମଣ ବୃଦ୍ଧି ଆଶଙ୍କା ଓ ମୂର୍ତ୍ତି ଉଚ୍ଚତା ନେଇ ସୃଷ୍ଟି ହୋଇଥିବା ବିବାଦ ସମ୍ପର୍କରେ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପ୍ରତିକ୍ରିୟା ରଖିଛି। ଏନେଇ ଡିଏମ୍ଇଟି କହିଛନ୍ତି, ମୂର୍ତ୍ତିର ଉଚ୍ଚତା ଅଧିକ ହେଲେ ସାଜସଜ୍ଜା ମଧ୍ୟ ବଢ଼ିବ। ଏହାଦ୍ୱାରା ଲୋକମାନେ ଆକର୍ଷିତ ହୋଇ ଏକତ୍ରିତ ହେବେ ଓ ଜନଗହଳିପୂର୍ଣ୍ଣ ସ୍ଥିତି ସୃଷ୍ଟି ହେବ। ଜନଗହଳିପୂର୍ଣ୍ଣ ସ୍ଥିତି ସୃଷ୍ଟି ହେଲେ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତା ବଜାୟ ରହିବ ନାହିଁ। ମହାରାଷ୍ଟ୍ରରେ ମଧ୍ୟ ଗଣେଶ ପୂଜାରେ ଗଣେଶଙ୍କ ମୂର୍ତ୍ତିର ଉଚ୍ଚତା କମାଯାଇଛି। ଓନମ୍ ପର୍ବ ଦ୍ୱାରା କେରଳରେ ସ୍ଥିତି କ'ଣ ହେଲା ତାହା ସମସ୍ତେ ଜାଣନ୍ତି। ତେଣୁ ମୂର୍ତ୍ତିର ଉଚ୍ଚତା ନୁହେଁ ଆମର ଭକ୍ତି ରହୁ। କାରଣ ଜଣେ ସଂକ୍ରମିତ ହେଲେ ଅନେକ ଲୋକ ସଂକ୍ରମିତ ହେବେ ବୋଲି ଡିଏମ୍ଇଟି କହିଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଯଦିଓ ସଂକ୍ରମଣ କମିଛି ତଥାପି ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିନାହିଁ। କିଛି ରାଜ୍ୟରେ ସଂକ୍ରମଣ ଏବେ ବି ଅଧିକ ରହିଛି। ପୂର୍ବ ଥର ମଧ୍ୟ କିଛି ରାଜ୍ୟରେ ସଂକ୍ରମଣ ବଢ଼ି ଚାରିଆଡ଼କୁ ବ୍ୟାପି ଯାଇଥିଲା। ଆଗକୁ ପାର୍ବଣ ଋତୁ ରହିଛି। ତେଣୁ ଆମେ ଏମିତି ଭୁଲ୍ କରିବା ନାହିଁ ଯାହାଦ୍ୱାରା ସଂକ୍ରମଣ ପୁଣି ବଢ଼ିବ। ତେଣୁ କଟକଣା ମାନନ୍ତୁ। ଧର୍ମ ପାଳନ ପାଇଁ ଯଥେଷ୍ଟ ସମୟ ଅଛି। ପ୍ରଥମେ ଶରୀରକୁ ଦେଖନ୍ତୁ ପରେ ଧର୍ମ ପାଳନ କରିବା ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ମୂର୍ତ୍ତି ଉଚ୍ଚତା ସହ ସଂକ୍ରମଣର ଯଦିଓ ସିଧାସଳଖ ସମ୍ପର୍କ ନାହିଁ। ମାତ୍ର ଏହାଦ୍ୱାରା ଲୋକଙ୍କ ଭିଡ଼ ବଢ଼ିବାର ସମ୍ଭାବନା ରହିବ। ଅନ୍ୟ ରାଜ୍ୟ ସରକାରମାନେ ମଧ୍ୟ ମୂର୍ତ୍ତି ଉଚ୍ଚତାରେ କିଛି କଟକଣା କରିଛନ୍ତି। ମୂର୍ତ୍ତି ବଡ଼ ହେଲେ ଲୋକେ ଆକର୍ଷିତ ହୋଇ ଭିଡ଼ କରିବେ। ତେଣୁ ଆମେ ମଧ୍ୟ ସଂକ୍ରମଣ ଦୃଷ୍ଟିରୁ ଏପରି ନିଷ୍ପତ୍ତି ନେଇଛୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।


# ODISHA PUBLIC SERVICE COMMISSION, CUTTACK

## NOTICE

**No. 6401/P.S.C.** **Dt.13.09.2021**

**Website: http://opsc.gov.in**

No. D-133: It is for information of all provisionally qualified candidates of OCS main examination 2019 that, the **Document Verification & Personality Test** for the Odisha Civil Services, 2019, pursuant to Advt. No. 11 of 2019-20 will be held from **22.09.2021 to 04.10.2021 (except Govt. holidays & Sunday)** as per the programme mentioned below:

| Sl. No. | Roll No. of Candidates | Date of Personality Test | Time of Personality Test | Board |
|---|---|---|---|---|
| 1 | 2 | 3 | 4 | 5 |
| 1. | 100022, 100194, 101266, 101425, 102047, 102862, 200527 = 07 Candidates | 22.09.2021 | 11.00 A.M. | Board - I |
| | 200886, 201538, 202053, 202606, 203174 = 05 Candidates | | 3.00 P.M. | |
| | 203513, 203659, 300001, 300006, 300032, 300150, 300188 = 07 Candidates | 22.09.2021 | 11.00 A.M. | Board - II |
| | 300195, 300203, 300240, 300330, 300334 = 05 Candidates | | 3.00 P.M. | |
| | 300369, 300401, 300455, 300472, 300815, 300849, 300854 = 07 Candidates | 22.09.2021 | 11.00 A.M. | Board - III |
| | 300857, 300975, 301034, 301048, 301053 = 05 Candidates | | 3.00 P.M. | |
| 2. | 301101, 301131, 301136, 301411, 301567, 301575, 301583 = 07 Candidates | 23.09.2021 | 11.00 A.M. | Board - I |
| | 301594, 3061630, 301962, 301970, 301971 = 05 Candidates | | 3.00 P.M. | |
| | 301978, 302006, 302164, 302283, 302302, 302309, 302312 = 07 Candidates | 23.09.2021 | 11.00 A.M. | Board - II |
| | 302374, 302391, 302417, 302424, 302466 = 05 Candidates | | 3.00 P.M. | |
| | 302478, 302533, 302700, 303075, 303110, 303128, 303405 = 07 Candidates | 23.09.2021 | 11.00 A.M. | Board - III |
| | 303610, 304108, 304116, 304144, 304271 = 05 Candidates | | 3.00 P.M. | |
| 3. | 304316, 304363, 304415, 304484, 304670, 304963, 305104 = 07 Candidates | 24.09.2021 | 11.00 A.M. | Board - I |
| | 305198, 305201, 305275, 305453, 305463 = 05 Candidates | | 3.00 P.M. | |
| | 305470, 305522, 305532, 305735, 305878, 305889, 305944 = 07 Candidates | 24.09.2021 | 11.00 A.M. | Board - II |
| | 305953, 306019, 306217, 306225, 306462 = 05 Candidates | | 3.00 P.M. | |
| | 306777, 306972, 307078, 307219, 307416, 307426, 307457 = 07 Candidates | 24.09.2021 | 11.00 A.M. | Board - III |
| | 307470, 307975, 308199, 308547, 308624 = 05 Candidaets | | 3.00 P.M. | |
| 4. | 308632, 308669, 308671, 308755, 308896, 309015, 309261 = 07 Candidates | 27.09.2021 | 11.00 A.M. | Board - I |
| | 309475, 309533, 309624, 309626, 309805 = 05 Candidates | | 3.00 P.M. | |
| | 310054, 310393, 310441, 310516, 310593, 310737, 310798 = 07 Candidates | 27.09.2021 | 11.00 A.M. | Board - II |
| | 311173, 311177, 311290, 311373, 311838 = 05 Candidates | | 3.00 P.M. | |
| | 311940, 312120, 312170, 312219, 312293, 312396, 312425 = 07 Candidates | 27.09.2021 | 11.00 A.M. | Board - III |
| | 312652, 312766, 312798, 312850, 312927 = 05 Candidates | | 3.00 P.M. | |
| 5. | 312963, 312966, 313053, 313078, 313261, 313265, 313297 = 07 Candidates | 28.09.2021 | 11.00 A.M. | Board - I |
| | 313407, 313433, 313484, 313561, 313567 = 05 Candidates | | 3.00 P.M. | |
| | 313728, 313735, 313765, 313789, 313833, 313834, 313962 = 07 Candidates | 28.09.2021 | 11.00 A.M. | Board - II |
| | 313968, 314003, 314200, 314240, 314243 = 05 Candidates | | 3.00 P.M. | |
| | 314282, 314361, 314387, 314443, 314454, 314516, 314595 = 07 Candidates | 28.09.2021 | 11.00 A.M. | Board - III |
| | 314610, 314633, 314688, 314834, 314871 = 05 Candidates | | 3.00 P.M. | |
| 6. | 315055, 315219, 315235, 315312, 315432, 315585, 315735 = 07 Candidates | 29.09.2021 | 11.00 A.M. | Board - I |
| | 315806, 316000, 316097, 316361, 316603 = 05 Candidates | | 3.00 P.M. | |
| | 316620, 316641, 316913, 317100, 317367, 317614, 317661 = 07 Candidates | 29.09.2021 | 11.00 A.M. | Board - II |
| | 317896, 318119, 318238, 318362, 318502 = 05 Candidates | | 3.00 P.M. | |
| | 318503, 318694, 318847, 318864, 318914, 318937, 319130 = 07 Candidates | 29.09.2021 | 11.00 A.M. | Board - III |
| | 319200, 319248, 319314, 319378, 319388 = 05 Candidates | | 3.00 P.M. | |
| 7. | 319488, 319506, 319512, 319580, 319725, 319772, 319807 = 07 Candidates | 30.09.2021 | 11.00 A.M. | Board - I |
| | 320160, 320416, 320468, 320520, 320564 = 05 Candidates | | 3.00 P.M. | |
| | 320627, 320640, 320783, 321106, 321118, 321686, 321689 = 07 Candidates | 30.09.2021 | 11.00 A.M. | Board - II |
| | 322034, 322138, 322227, 322521, 322641 = 05 Candidats | | 3.00 P.M. | |
| | 322739, 322753, 322812, 322846, 322876, 323044, 323064 = 07 Candidates | 30.09.2021 | 11.00 A.M. | Board - III |
| | 323247, 323250, 400015, 400113, 400419 = 05 Candidates | | 3.00 P.M. | |
| 8. | 400494, 400636, 401353, 401469, 401481, 401618, 401990 = 07 Candidates | 01.10.2021 | 11.00 A.M. | Board - I |
| | 402123, 402248, 402265, 402493, 402530 = 05 Candidates | | 3.00 P.M. | |
| | 402532, 402552, 402592, 402767, 402826, 402965, 402973 = 07 Candidates | 01.10.2021 | 11.00 A.M. | Board - II |
| | 402987, 403746, 403779, 403842, 403929 = 05 Candidates | | 3.00 P.M. | |
| | 404333, 404602, 404733, 405005, 405115, 405288, 500066 = 07 Candidates | 01.10.2021 | 11.00 A.M. | Board - III |
| | 500455, 500529, 500541, 500673, 501098 = 05 Candidates | | 3.00 P.M. | |
| 9. | 501350, 502753, 502779, 503126, 503135, 503296, 503347 = 07 Candidates | 04.10.2021 | 11.00 A.M. | Board - I |
| | 503371, 503435, 503537, 503573, 503615, 504160= 06 Candidates | 04.10.2021 | 11.00 A.M. | Board - II |
| | 504522, 504792, 505155, 506174, 506187, 506657 = 06 Candidates | 04.10.2021 | 11.00 A.M. | Board - III |

**N.B.:** The documents of the concerned candidates shall be **verified on the same day** before commencement of the Personality Test as per the schedule. The candidates those having Personality Test in the **Morning Session** are to report for verification of documents at **9.00 A.M.** and those having Personality Test in the **Afternoon Session** are to report for verification of documents at **1.00 P.M.** Positively.

The candidates are required to produce following original documents along with set of self-attested photocopies of all certificates/documents at the time of verification.

1. **Online Application Form** (Hard Copy).
2. **Attestation Form, Bio-Data Form.**
   (To be downloaded from the website of the Commission)
3. **H.S.C. or Equivalent Certificate** in support of declaration of age.
4. **Bachelor's Degree Certificate** issued by the concerned Unviersity.
5. **Odia Pass Certificate.**
6. **Any document in support of Identity**. (Aadhaar/DL/PAN Card/Voter ID Card).
7. **Caste Certificate by Birth** if any.
8. **Candidates of SEBC Category** (other than Creamy Layer) must be issued within 3 years).
9. **Sports Certificate,** if any.
10. **Permanent Disability Certificate** isued by the concerned Medical Board, wherever applicable.
11. **Discharge Certificate** issued by the Commanding Officer in case of Ex-servicemen Candidates.
    (ii) The Ex-servicemen candidates are required to furnish an Affidavit in original indicating that - "I have not got any appointment as an Ex-Servicemen against Civil Post against the quota available for the said category".
12. Two recent passport size photographs with signature on its front, which has been uploaded with online application form.
13. **No Objection Certificate** (in case of in-service candidates), whereever applicable.
14. **Covid-19 Negative RTPCR Test Report** issued within 48 hours from the date of Personality Test (Mandatory).

**Sd./- Secretary**

**OIPR-12002/11/0093/2122**


## ମାଲବାହୀ ଟ୍ରେନ ଲାଇନଚ୍ୟୁତ

ଯାଜପୁର ଅଫିସ,୧୪।୯– ପୂର୍ବତଟ ରେଳପଥ ଅଧୀନ ଯଖପୁରା ରେଲୱେ ଷ୍ଟେଶନର ରେଲୱେ ଲାଇନ–୧ରେ ମଙ୍ଗଳବାର ଭୋର ୪ ଟା ୨୫ ମିନିଟ ସମୟରେ ଏକ ମାଲବାହୀ ଟ୍ରେନ (ନଂ. ଜେ/ଜେଏସପିକେ/୨୬ ଓ ଲୋକୋ ନମ୍ବର ୩୨୩୧୨ ଓ ୩୨୩୦୦)ର ୩ ସମ୍ମୁଖ ଭାଗ ଚକ ଲାଇନଚ୍ୟୁତ ହୋଇଛି। ଏହି ମାଲବାହୀ ଟ୍ରେନ ଜିନ୍ଦଲ ଷ୍ଟେନଲେସ ଷ୍ଟିଲରୁ ଲୁହାପଥର ବୋଝେଇ କରି ଅନୁଗୁଳ ଅଭିମୁଖେ ଯାଉଥିଲା। ଖବର ପାଇ ଯାଜପୁର ରୋଡ ଆରପିଏଫ୍ ଅଧିକାରୀ ରମାକାନ୍ତ ବାରିକ ଓ ଷ୍ଟାଫ୍, ସ୍ଥାନୀୟ ରେଳ ଷ୍ଟେଶନର ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସିଗନାଲ ସମସ୍ୟା କାରଣରୁ ଟ୍ରେନ ଲାଇନଚ୍ୟୁତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏଥିଯୋଗୁ କିଛି ସମୟ ପାଇଁ ଅନ୍ୟ ଟ୍ରେନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ସମସ୍ତ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଉକ୍ତ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରେଳଲାଇନ ମରାମତି କାମ ଚାଲିଥିବା ସୂଚନା ମିଳିଛି।

## ଆଜୀବନ କଏଦୀଙ୍କ ମୃତ୍ୟୁ

ଖୁଣ୍ଟୁଣୀ,୧୪।୯(ଡି.ଏନ.ଏ.)– କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାରମଣପୁରସ୍ଥିତ ଆଦର୍ଶ କାରାଗାରରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଜଣେ କଏଦୀଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କାନାଳ ସଦର ଥାନା ଅଧୀନ ଲୋଛାପାଲି ଗ୍ରାମର ପ୍ରମୋଦ ପ୍ରଧାନ। ଜେଲ ଅଧୀକ୍ଷକ ସୌଭାଗ୍ୟ କୁମାର ବଳଙ୍କ ସୂଚନା ଅନୁଯାୟୀ, ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ପ୍ରମୋଦଙ୍କୁ ୨୦୧୨ ଡିସେମ୍ବର ୨୬ ତାରିଖରେ ଢେଙ୍କାନାଳ ଜିଲା ଅତିରିକ୍ତ ସେସନ୍ସ ଜଜ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ସେ ଢେଙ୍କାନାଳ ଜେଲରେ ରହି ସଜା କାଟୁଥିବାବେଳେ ଗତ ଜୁଲାଇ ୨୧ ତାରିଖରେ ତାଙ୍କୁ ସେଠାରୁ ରାଧାରମଣପୁର ଆଦର୍ଶ କାରାଗାରକୁ ଅଣାଯାଇଥିଲା। ମଙ୍ଗଳବାର ଭୋରରେ ପ୍ରମୋଦଙ୍କର ପେଟ ଯନ୍ତ୍ରଣା ସହ ବାନ୍ତି ହେବାରୁ ଜେଲ ଅଧୀକ୍ଷକ ବଳ ତାଙ୍କୁ ଚିକିତ୍ସା ପାଇଁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସା କରାଯିବା ପରେ ସେ ସୁସ୍ଥ ଅନୁଭବ କରିଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରେ ତାଙ୍କୁ ସେଠାରୁ ଜେଲକୁ ଅଣାଯାଇଥିଲା। ପୁନର୍ବାର ଅପରାହ୍ନ ୨ଟାରେ ତାଙ୍କ ଛାତିରେ ଯନ୍ତ୍ରଣା ହେବା ସହ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ହେବାରୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଖୁଣ୍ଟୁଣୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬/୨୧) ରୁଜୁ ହୋଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଖୁଣ୍ଟୁଣୀ ଥାନା ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି।


बैंक ऑफ़ बड़ौदा Bank of Baroda

**ଆଞ୍ଚଳିକ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ଥାନା ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଭାରତ, ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩, ଇ-ମେଲ୍: **armcut@bankofbaroda.com**

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଆପେଣ୍ଡିକ୍ସ- **IV - A** (ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡିକୁ ସାଙ୍କେତିକ ଦଖଲରେ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" "ସେଠାରେ ଯାହା ଅଛି"** ଗଠନାତ୍ମକ ଦଖଲ ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।

| କ୍ର. ନଂ. | ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା /ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍ସେସ୍, ଯଦି ଥାଏ | ବକେୟା ଦେୟ | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ଗଠନାତ୍ମକ / ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଏବଂ ସମୟ |
|---|---|---|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ମହାନନ୍ଦ ସିଲ୍କ, ସ୍ୱତ୍ୱାଧିକାରୀ: ଶ୍ରୀ ବିକ୍ରମ କୁମାର ବସ୍ତିଆ,** ସା: ବ୍ରାହ୍ମଣଖଣ୍ଡ, ପୋ.: ସିର୍ଲୋନବଗ୍ରାମ, ରଘୁନାଥପୁର, ଜିଲ୍ଲା: କଟକ-୭୫୪୧୩୨ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଯଶୋବନ୍ତ ବସ୍ତିଆ, ୨) ଶ୍ରୀ ବାବାଜୀ ଚରଣ ବସ୍ତିଆ,** ଉଭୟଙ୍କ ପିତା: ଲକ୍ଷ୍ମୀଧର ବସ୍ତିଆ, ସା: ବ୍ରାହ୍ମଣଖଣ୍ଡ, ପୋ.: ସିର୍ଲୋନବଗ୍ରାମ, ରଘୁନାଥପୁର, ଜିଲ୍ଲା: କଟକ-୭୫୪୧୩୨ | ଅନ୍ୟ ପାଇଁ ବନ୍ଧକ ଥିବା **ଶ୍ରୀ ବାବାଜୀ ଚରଣ ବସ୍ତିଆ ଏବଂ ଶ୍ରୀ ଯଶୋବନ୍ତ ବସ୍ତିଆ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ସହିତ ବନ୍ଧକପ୍ରାପ୍ତ କାରଖାନା ଏବଂ ଯନ୍ତ୍ରପାତି ଯାହାର ଖାତା ନଂ.: ୬୦୪, ପ୍ଲଟ୍ ନଂ.: ୧୮୬୭, କ୍ଷେତ୍ର: ଏକର୦.୩୧୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୮୬୮, କ୍ଷେତ୍ର: ଏକର୦.୫୩୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୮୪୦ଡିସିମିଲି,** ମୌଜା: ବ୍ରାହ୍ମଣଖଣ୍ଡ, ଥାନା: କଟକ ସଦର, ଥାନା ନଂ.: ୮୮, ପୋ.: ସିର୍ଲୋନବଗ୍ରାମ, ଜିଲ୍ଲା: କଟକ, ଓଡ଼ିଶା | ଟ.୨,୫୨,୩୯,୫୯୬/- + ୨୫.୧୨.୨୦୧୫ ଠାରୁ ସୁଧ ଏବଂ ଦେୟ | ୦୮.୧୦.୨୦୨୧ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୧,୮୦,୯୦,୦୦୦/- / ଟ.୧୮,୦୯,୦୦୦/- / ଟ.୧୦,୦୦୦/- | ଗଠନାତ୍ମକ (ସାଙ୍କେତିକ) | ୦୪.୧୦.୨୦୨୧ ୦୫.୧୦.୨୦୨୧ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୫ଟା ମଧ୍ୟରେ) |
| ୨. | **ଋଣଗ୍ରହୀତା: ମେସର୍ସ ଶ୍ରୀଧାରା ଡ଼ାଏରି ଆଣ୍ଡ ଆଗ୍ରୋଭେଟ ପ୍ରା. ଲିଃ.** ପ୍ଲଟ ନଂ.: ୧୭୯୭, ଖାତା ନଂ.: ୬୯୬, ମୌଜା: କୁରାଙ୍ଗପଧାନ, ତହସିଲ: ବାରଙ୍ଗ, ଜିଲ୍ଲା: କଟକ, ଓଡ଼ିଶା-୭୫୪୦୦୧ / **ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ବିଦ୍ୟୁତ୍ ରେଖା ପଣ୍ଡା, ୨) ଶ୍ରୀ ସୁନିଲ୍ କୁମାର ପଣ୍ଡା,** ପିତା: ୰ ବିଜୟ କୁମାର ପଣ୍ଡା, ଉଭୟଙ୍କ ଠିକଣା: ଡ୍ୟୁପ୍ଲେକ୍ସ-୧୦, ଗାୟତ୍ରୀ ନଗର, ବମିଖାଲ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୧୦୧୦ | **ଶ୍ରୀ ସୁନିଲ୍ କୁମାର ପଣ୍ଡା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୬୯୬, ପ୍ଲଟ ନଂ.: ୧୭୯୭, ସା: କୁରାଙ୍ଗ ପଧାନ, ଥାନା: କଟକ ସଦର ନଂ.୧୭୯, ତହସିଲ: ବାରଙ୍ଗ ନଂ.: ୩୭୬, କଟକ, **ସମୁଦାୟ ପରିମିତ କ୍ଷେତ୍ର: ଏକର ୨.୦୦ ଡିସିମିଲିରୁ { (କ) ଲିଜ୍‌ଦାତା ଶ୍ରୀ ସୁନିଲ୍ କୁମାର ପଣ୍ଡାଙ୍କ ଦ୍ୱାରା ଏକର୦.୨୫୨୯ଡିସିମିଲି ମେସର୍ସ ଶ୍ରୀଧାରା ଡ଼ାଏରି ଆଣ୍ଡ ଆଗ୍ରୋଭେଟ ପ୍ରା. ଲିଃ.**କୁ ଲିଜ୍ ଦିଆଯାଇଛି ଏବଂ ଜମିର ଏକର୧.୭୪୭୧ଡିସିମିଲି ଫ୍ରି ହୋଲ୍ଡ ଅଂଶ **ସୁନିଲ କୁମାର ପଣ୍ଡା**ଙ୍କ ନାମରେ ଅଛି } | ଟ.୩,୩୭,୪୨,୮୦୯/- + ୩୧.୦୩.୨୦୧୯ ଠାରୁ ସୁଧ ଏବଂ ଦେୟ | ୦୮.୧୦.୨୦୨୧ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୨,୭୫,୨୯,୦୦୦/- / ଟ.୨୭,୫୨,୯୦୦/- / ଟ. ୧୦,୦୦୦/- | ଗଠନାତ୍ମକ (ସାଙ୍କେତିକ) | ୦୪.୧୦.୨୦୨୧ ୦୫.୧୦.୨୦୨୧ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୫ଟା ମଧ୍ୟରେ) |
| ୩. | **ଋଣଗ୍ରହୀତା: ମେସର୍ସ ଖତୁଶ୍ୟାମଜୀ ମିନେରାଲ୍ସ ପ୍ରା.ଲିଃ., ଠିକଣା-** ସରକାରୀ ହସ୍ପିଟାଲ ନିକଟ, ବାଂଶପାଣୀ ରୋଡ, ଜୋଡା, ଜିଲ୍ଲା: କେନ୍ଦୁଝର, **ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଦିନେଶ କୁମାର ଅଗ୍ରୱାଲ,** ପିତା: ଶ୍ରୀ ହରି ରାମ ଅଗ୍ରୱାଲ, ସା: କୃଷ୍ଣ କୁଞ୍ଜ, ପୁରୁଣା ମ୍ୟୁନିସିପାଲ ଅଫିସ୍ ନିକଟ, ବାଂଶପାଣୀ ରୋଡ୍, ଜୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, **୨) ଶ୍ରୀ ଶୁଭେନ୍ଦୁ ପଟ୍ଟନାୟକ,** ପିତା: ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ଜୋଡା ବସ୍ତି, ଜୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, **୩) ଶ୍ରୀ ମୁନ୍ନା ବେହେରା,** ପିତା: ଶ୍ରୀ କୀର୍ତ୍ତନ ବେହେରା, ସାଗର ଟ୍ରାନ୍ସପୋର୍ଟ କମ୍ପ୍ଲେକ୍ସ, ସେଣ୍ଟ ଟେରେସା ସ୍କୁଲ୍ ନିକଟ, ଜୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା | **ମେସର୍ସ ଖତୁଶ୍ୟାମଜୀ ମିନେରାଲ୍ସ ପ୍ରା. ଲିଃ.**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୮୯/୫୦ ଏବଂ ୯୩/୦୧, ପ୍ଲଟ୍ ନଂ.: ୨୪୪ ଏବଂ ୨୧୭, ସମୁଦାୟ କ୍ଷେତ୍ର: ଏକର୩.୨୦ଡିସିମିଲି, ମୌଜା: ପୂର୍ଣ୍ଣଡିହି, ଜୋଡା ୟୁନିଟ୍-୨, ତହସିଲ: ବଡବିଲ, ଥାନା: ଜୋଡା, ଜିଲ୍ଲା: କେନ୍ଦୁଝର | ଟ.୨,୨୮,୨୬,୧୩୫.୫୦ +୦୧.୦୪.୨୦୧୨ ଠାରୁ ସୁଧ ଏବଂ ଦେୟ | ୦୮.୧୦.୨୦୨୧ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୮୧,୫୪,୦୦୦/- / ଟ.୮,୧୫,୪୦୦/- / ଟ.୧୦,୦୦୦/- | ଗଠନାତ୍ମକ (ସାଙ୍କେତିକ) | ୦୫.୧୦.୨୦୨୧ ୦୬.୧୦.୨୦୨୧ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୫ଟା ମଧ୍ୟରେ) |
| ୪. | **ଋଣଗ୍ରହୀତା: ମେସର୍ସ ଆର୍.କେ. ବେହୁରିଆ, ସ୍ୱତ୍ୱାଧିକାରୀ: ଶ୍ରୀ ରମେଶ କୁମାର ବେହୁରିଆ,** ପ୍ଲଟ୍ ନଂ.: ୪୪, କୋରଡକଣ୍ଡା, ଭୁବନେଶ୍ୱର-୭୫୧୦୦୬, **ଶ୍ରୀ ରମେଶ କୁମାର ବେହୁରିଆ, ଠିକଣା-୧** ପ୍ଲଟ୍ ନଂ.: ୧୪୫୧/୨୪୧୬, ରୋଡ୍ ନଂ.: ୮, କଲ୍ୟାଣ ମଣ୍ଡପ କମ୍ପ୍ଲେକ୍ସ, ଜଗନ୍ନାଥ ନଗର, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦, **ଅନ୍ୟ ଠିକଣା-୨:** ସା: କଣ୍ଟ୍ରାକ୍ଟର୍ସ କଲୋନୀ, ସାଇ ମନ୍ଦିର ନିକଟ, ପୋ.: ଜୋଡା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୪ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଶାନ୍ତିଲତା ରାଉତ / ବେହୁରିଆ,** ସ୍ୱାମୀ: ରମେଶ କୁମାର ବେହୁରିଆ, **ଠିକଣା-୧:** ପ୍ଲଟ୍ ନଂ.: ୧୪୪/୯୬୧, ଜଗନ୍ନାଥ ନଗର, ଝାରପଡା, ଖୋର୍ଦ୍ଧା-୭୫୧୦୧୦, **ଅନ୍ୟ ଠିକଣା-୨:** ସା: କଣ୍ଟ୍ରାକ୍ଟର୍ସ କଲୋନୀ, ସାଇ ମନ୍ଦିର ନିକଟ, ପୋ.: ଜୋଡା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୪ | **ଆର୍.କେ. ବେହୁରିଆ**ର ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୩୩, ପ୍ଲଟ୍ ନଂ.: ୭୧୨, ମୌଜା: ଗୁଡୁଣିଆ, ଥାନା: ଚମ୍ପୁଆ, ଜିଲ୍ଲା: କେନ୍ଦୁଝର, କ୍ଷେତ୍ର: ଏକର୦.୮୦୦ଡିସିମିଲି | ଟ.୧୫,୨୪,୭୮,୨୦୫/- +୩୦.୦୪.୨୦୧୪ ଠାରୁ ସୁଧ ଏବଂ ଦେୟ | ୦୮.୧୦.୨୦୨୧ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୧,୮୦,୦୦୦/- / ଟ.୧୮,୦୦୦/- / ଟ.୧୦,୦୦୦/- | ଗଠନାତ୍ମକ (ସାଙ୍କେତିକ) | ୦୫.୧୦.୨୦୨୧ ୦୬.୧୦.୨୦୨୧ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୫ଟା ମଧ୍ୟରେ) |
| ୫. | **ଋଣଗ୍ରହୀତା: ମେସର୍ସ ସାଇ ଆଗ୍ରୋ ପ୍ରଡକ୍ଟସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ରେବତୀ ନାୟକ,** ସ୍ୱାମୀ: ଶତ୍ରୁଘନ ନାୟକ, ସା: ଦରଡ଼ା, ପୋ.: ବୋରିକିନା, ଥାନା/ତହସିଲ: ବାଲିକୁଦା, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୧୦ / **ଗ୍ୟାରେଣ୍ଟିଦାତା: ଶ୍ରୀ ଶତ୍ରୁଘନ ନାୟକ,** ସା: ଦରଡ଼ା, ପୋ.: ବୋରିକିନା, ଥାନା/ତହସିଲ: ବାଲିକୁଦା, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୧୦ | **ଶ୍ରୀମତୀ ରେବତୀ ନାୟକ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୭୭/୧, ୪୭୭/୧୬୧ ଏବଂ ୪୭୭/୧୬୨, ପ୍ଲଟ୍ ନଂ.: ୩୩୯, ୩୪୫ ଏବଂ ୩୪୬, କ୍ଷେତ୍ର: ଏକର ୦.୨୬୦ଡିସିମିଲି (୧୧୩୨୫ବର୍ଗଫୁଟ), ମୌଜା: ଦରଡ଼ା, ଥାନା/ତହସିଲ: ବାଲିକୁଦା, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୧୦ | ଟ.୧,୧୫,୯୦,୩୮୮/- +୩୦.୦୬.୨୦୧୬ ଠାରୁ ସୁଧ ଏବଂ ଦେୟ | ୦୮.୧୦.୨୦୨୧ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୬୦,୬୩,୦୦୦/- / ଟ.୬,୦୬,୩୦୦/- / ଟ.୧୦,୦୦୦/- | ଗଠନାତ୍ମକ (ସାଙ୍କେତିକ) | ୦୪.୧୦.୨୦୨୧ ୦୫.୧୦.୨୦୨୧ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୫ଟା ମଧ୍ୟରେ) |
| ୬. | **ଋଣଗ୍ରହୀତା:ମେସର୍ସ ତିରୁମାଲା ପ୍ରଡକସନ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ଶୈବାଳିନୀ ମିଶ୍ର,** ସ୍ୱାମୀ: ଶ୍ରୀ ଦିଲ୍ଲୀପ କୁମାର ମିଶ୍ର, ସା: ତାରାଚାନ୍ଦପାଟଣା, ପୋ.: ଝାଞ୍ଜିରିମଙ୍ଗଳା, ତଳ ତେଲେଙ୍ଗା ବଜାର, କଟକ-୭୫୩୦୦୯ / **ବନ୍ଧକଦାତା / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଗୌରୀ କୁମାର ମିଶ୍ର,** ପିତା: ୰ ବିଶ୍ୱନାଥ ମିଶ୍ର, **୨) ଶ୍ରୀ ଦିଲ୍ଲୀପ କୁମାର ମିଶ୍ର,** ପିତା: ୰ ବିଶ୍ୱନାଥ ମିଶ୍ର, **୩) ଶ୍ରୀମତୀ ବିଜୟଲକ୍ଷ୍ମୀ ମିଶ୍ର,** ସ୍ୱାମୀ: ୰ ବିରଞ୍ଚି ନାରାୟଣ ମିଶ୍ର, ସମସ୍ତଙ୍କ ଠିକଣା: ସା: ତାରାଚାନ୍ଦପାଟଣା, ପୋ.: ଝାଞ୍ଜିରିମଙ୍ଗଳା, ତଳ ତେଲେଙ୍ଗା ବଜାର, କଟକ-୭୫୩୦୦୯ | **ଶ୍ରୀ ଗୌରୀ କୁମାର ମିଶ୍ର, ଶ୍ରୀ ଦିଲ୍ଲୀପ କୁମାର ମିଶ୍ର ଏବଂ ଶ୍ରୀମତୀ ବିଜୟଲକ୍ଷ୍ମୀ ମିଶ୍ର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୯୯୮, ପ୍ଲଟ୍ ନଂ.: ୧୧୨୩, କ୍ଷେତ୍ର: ଏକର୦.୦୭୮ଡିସିମିଲି, ମୌଜା: କଟକ ସହର, ୟୁନିଟ୍-୩୫, ଝାଞ୍ଜିରିମଙ୍ଗଳା, କଟକ | ଟ.୧,୦୭,୦୪,୪୩୧.୧୭ +୧୧.୦୪.୨୦୧୫ ଠାରୁ ସୁଧ ଏବଂ ଦେୟ | ୦୮.୧୦.୨୦୨୧ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୫୫,୮୪,୫୦୦/- / ଟ.୫,୫୮,୪୫୦/- / ଟ.୧୦,୦୦୦/- | ଗଠନାତ୍ମକ (ସାଙ୍କେତିକ) | ୦୪.୧୦.୨୦୨୧ ୦୫.୧୦.୨୦୨୧ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୫ଟା ମଧ୍ୟରେ) |
| ୭. | **ଋଣଗ୍ରହୀତା: ମେସର୍ସ ଅଲଟ୍ରାଟେକ୍ ଜିପସମ୍ ପ୍ରା. ଲିଃ.,** ସା: ଲକ୍ଷ୍ମୀନଗର, ମୌଜା: ରାମ୍ପାସ୍, ପୋ.: ଫେରୋକ୍ରୋମ ପ୍ରୋଜେକ୍ଟ, ଥାନା: ଯାଜପୁର ରୋଡ, ଜିଲ୍ଲା: ଯାଜପୁର / **ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜେନା,** ପିତା: ଶ୍ରୀ ଚୈତନ୍ୟ ଚନ୍ଦ୍ର ଜେନା, **୨) ଶ୍ରୀ ଶରତ ଚନ୍ଦ୍ର ଜେନା,** ପିତା: ଶ୍ରୀ ଚୈତନ୍ୟ ଚନ୍ଦ୍ର ଜେନା, ଉଭୟଙ୍କ ଠିକଣା- ସା: ଯୋଡାବର, ପୋ.: ଫେରୋକ୍ରୋମ ପ୍ରୋଜେକ୍ଟ, ଥାନା: ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, **୩) ଶ୍ରୀ ଅନିଶ ସିକାରୀଆ,** ପିତା: ଶ୍ରୀ ସୁଶିଲ କୁମାର ସିକାରୀଆ, ହଜାରୀ ଲେନ୍, ତେଲେଙ୍ଗା, କଟକ-୭୫୩୦୦୯ | **୧) କ) ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜେନା**ଙ୍କ ନାମରେ ଥିବା ଖାତା ନଂ.: ୫୨/୧୯, ପ୍ଲଟ୍ ନଂ. ହାଲ୍: ୧୪୬୭, ସାବକ: ୪୦୪, କ୍ଷେତ୍ର: ଏକର୦.୨୦ଡିସିମିଲି, **ଖ) ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜେନା**ଙ୍କ ନାମରେ ଥିବା ଖାତା ନଂ.: ୫୨/୧୬୫, ପ୍ଲଟ୍ ନଂ.: ୪୦୪/୨୧୧୭, କ୍ଷେତ୍ର: ଏକର୦.୨୦ଡିସିମିଲି, **ଗ) ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜେନା ଏବଂ ଶରତ ଚନ୍ଦ୍ର ଜେନା**ଙ୍କ ନାମରେ ଥିବା ଖାତା ନଂ.: ୫୨/୨୧୨, ପ୍ଲଟ୍ ନଂ. ହାଲ୍: ୧୪୬୮, ସାବକ: ୪୦୪, କ୍ଷେତ୍ର: ଏକର୦.୨୦ଡିସିମିଲି, **ଘ) ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜେନା ଏବଂ ଶରତ ଚନ୍ଦ୍ର ଜେନା**ଙ୍କ ନାମରେ ଥିବା ଖାତା ନଂ.: ୫୨/୧୨୩, ପ୍ଲଟ୍ ନଂ. ହାଲ୍: ୧୪୬୮/୧୫୩୭, ସାବକ: ୪୦୪, କ୍ଷେତ୍ର: ଏକର୦.୨୦ଡିସିମିଲି, **ଙ) ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜେନା ଏବଂ ଶରତ ଚନ୍ଦ୍ର ଜେନା**ଙ୍କ ନାମରେ ଥିବା ଖାତା ନଂ.: ୩୫୭, ସାବକ: ୫୨/୬୬, ପ୍ଲଟ୍ ନଂ. ହାଲ୍: ୧୪୫୦/୧୪୫୫, ସାବକ: ୪୦୪, କ୍ଷେତ୍ର: ଏକର୦.୨୦ଡିସିମିଲି, **(ସମୁଦାୟ କ୍ଷେତ୍ର: ଏକର୧.୦୦ଡିସିମିଲି)** ରେ ଥିବା ଜମି ଓ ଗୃହ (ସ୍ୱାର୍ପ ସହିତ) ଯାହାର ମୌଜା: ରାମ୍ପାସ, ଥାନା: ଯାଜପୁର ରୋଡ୍, ତହସିଲ: ଦୋଳିପୁର, ସବ୍ ରେଜିଷ୍ଟ୍ରାର: ବ୍ୟାସନଗର, ଜିଲ୍ଲା: ଯାଜପୁର | ଟ.୨,୧୯,୩୨,୫୫୮/- +୩୦.୦୯.୨୦୧୩ ଠାରୁ ସୁଧ ଏବଂ ଦେୟ | ୦୮.୧୦.୨୦୨୧ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୯୫,୦୨,୦୦୦/- / ଟ.୯,୫୦,୨୦୦/- / ଟ.୧୦,୦୦୦/- | ଗଠନାତ୍ମକ (ସାଙ୍କେତିକ) | ୦୪.୧୦.୨୦୨୧ ୦୫.୧୦.୨୦୨୧ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୫ଟା ମଧ୍ୟରେ) |
| | **୩) ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜେନା ଏବଂ ଶରତ ଚନ୍ଦ୍ର ଜେନା**ଙ୍କ ନାମରେ ଥିବା ଜମି ଯାହାର ପ୍ଲଟ୍ ନଂ.: ୨୮୨, ଖାତା ନଂ.: ୨୧୩/୨୫, କ୍ଷେତ୍ର: ଏକର୦.୫୨ଡିସିମିଲି ଏବଂ ପ୍ଲଟ୍ ନଂ.: ୩୭୫, ଖାତା ନଂ.: ୨୧୩/୨୫, କ୍ଷେତ୍ର: ଏକର୦.୧୮ଡିସିମିଲି, ମୌଜା: ୟୁନିଟ୍ ନଂ.: ୧୩, ସାତକାନିଆ, ଥାନା: ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, **ସମୁଦାୟ କ୍ଷେତ୍ର: ଏକର୦.୭୦ଡିସିମିଲି** | | | | ଟ.୨୨,୦୫,୦୦୦/-/ ଟ.୨,୨୦,୫୦୦/-/ ଟ.୧୦,୦୦୦/- | | |
| ୮. | **ଋଣଗ୍ରହୀତା: ମେସର୍ସ ମ୍ୟାପେଲ୍ କମ୍ପ୍ୟୁଟର ଆଣ୍ଡ କମ୍ୟୁନିକେସନ୍ ପ୍ରା. ଲିଃ., ଠିକଣା-୧:** ମ୍ୟାପେଲ ହାଉସ୍, ଏ-୪୪, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୯, ଓଡ଼ିଶା, **ଠିକଣା-୨:** ସା: ପ୍ଲଟ୍ ନଂ.: ୧୪୯, ୧ମ ମହଲା, ବିଷ୍ଣୁ ମନ୍ଦିର ନିକଟ, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା / **ଗ୍ୟାରେଣ୍ଟିଦାତା / ନିର୍ଦ୍ଦେଶକମାନେ: ୧) ଶ୍ରୀ ଅନୀଲ କୁମାର ଚୌଧୁରୀ (ପରିଚାଳନା ନିର୍ଦ୍ଦେଶକ), ୨) ଶ୍ରୀମତୀ ବିଦିଶା ଚୌଧୁରୀ, ୩) ଶ୍ରୀମତୀ କୌଶଲ୍ୟା ଦେବୀ ଚୌଧୁରୀ,** କ୍ର. ନଂ.: ୧, ୨ ଏବଂ ୩ଙ୍କର ଠିକଣା - ସା.: ପ୍ଲଟ୍ ନଂ.: ୩ଏ, ୩ୟ ମହଲା, ଆକ୍ରସ୍ ରେସିଡେନ୍ସି, ପ୍ଲଟ୍ ନଂ.: ୧୯/ଏ, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭, ଓଡ଼ିଶା/ **କର୍ପୋରେଟ୍ ଗ୍ୟାରେଣ୍ଟିଦାତା: ମେସର୍ସ ମାନୋର କମ୍ପ୍ୟୁଟର୍ସ ଆଣ୍ଡ କମ୍ୟୁନିକେସନ୍ (ପ୍ରା.) ଲିଃ.,** ଏ-୪୪, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୯, ଓଡ଼ିଶା | **ମେସର୍ସ ମ୍ୟାପେଲ୍ କମ୍ପ୍ୟୁଟର ଆଣ୍ଡ କମ୍ୟୁନିକେସନ୍ ପ୍ରା. ଲିଃ.**ର ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୭୧(ଅଂଶ) ଏବଂ ୭୨(ଅଂଶ), ଖାତା ନଂ.: ୫୮, ମୌଜା: ସିମିଳିପାଟଣା, ୱାର୍ଡ: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର୦.୩୨୪ଡିସିମିଲ | ଟ.୧୧,୭୮,୧୭,୧୮୩୮ + ୩୦.୦୬.୨୦୧୫ ଠାରୁ ସୁଧ ଏବଂ ଦେୟ | ୦୮.୧୦.୨୦୨୧ ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୬.୦୦ ଘଟିକା | ଟ.୧୨,୬୦,୦୦୦/- / ଟ.୧,୨୬,୦୦୦/- / ଟ.୧୦,୦୦୦/- | ଗଠନାତ୍ମକ (ସାଙ୍କେତିକ) | ୦୪.୧୦.୨୦୨୧ ୦୫.୧୦.୨୦୨୧ (କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୫ଟା ମଧ୍ୟରେ) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ :
**https://www.bankofbaroda.com/e-auction.htm** and **https://ibapi.in** ଦେଖନ୍ତୁ ।
ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ **ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩** ରେ ଯୋଗାଯୋଗ କରିପାରିବେଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

୧) କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରାକ୍ ବିଜ୍ଞପ୍ତି ବିନା କୌଣସି ବିଡ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖାନ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ/ନାକଚ/ବିକ୍ରୟର ନିଲାମ ଓ ସର୍ତ୍ତାବଳୀର ସଂଶୋଧନ ସହିତ ପୂର୍ବ ନିଲାମଧାରୀ ଅକୃତକାର୍ଯ୍ୟ ହେବା କାରଣରୁ ପରବର୍ତ୍ତୀ ସବାଧିକ ନିଲାମଧାରୀଙ୍କୁ ଡକାଇବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି।

୨) କ୍ରେତା ଯଦି ନିଲାମ ତାରିଖର ଠିକ୍ ଦୁଇ ଦିନ ପୂର୍ବରୁ କେୱାଇସି କାଗଜାତ୍ ଦାଖଲ କରିଥାନ୍ତି ତେବେ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀଙ୍କର କେୱାଇସି ଯାଞ୍ଚ ସମ୍ପୂର୍ଣ୍ଣ କରିବା ଏବଂ ଅମାନତ ରାଶି ଗ୍ରହଣ କରିବାର ସମ୍ପୂର୍ଣ୍ଣ ସ୍ୱାଧିନତା ରହିଛି। ଏଭଳି ସ୍ଥିତିରେ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀ କେୱାଇସି କାଗଜତ୍ ଯାଞ୍ଚ କରିବାରେ ବିଳମ୍ବତା/ବିଫଳତା ଏବଂ ଇଏମ୍‌ଡି ୱାଲେଟ୍‌କୁ ଟ୍ରାନ୍ସଫର ବିଫଳତା ପାଇଁ ଦାୟୀ ରହିବେ ନାହିଁ। ନିଲାମ ତାରିଖ ଓ ସମୟରେ ବିଡରଙ୍କ ଗ୍ଲୋବାଲ ୱାଲେଟ୍‌ରେ ପର୍ଯ୍ୟାପ୍ତ ବାଲାନ୍ସ (>=ଇଏମ୍‌ଡି ରାଶି) ଥିଲେ ଇଚ୍ଛୁକ ନିଲାମଧାରୀ ନିଲାମ ତାରିଖରେ ବିଡ୍ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ପରବର୍ତ୍ତୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ

ସ୍ଥାନ: କଟକ, ତାରିଖ: ୧୪.୦୯.୨୦୨୧ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୫ ସେପ୍ଟେମ୍ବର, ୨୦୨୧



## ସଂକ୍ଷେପରେ

### ୧୦ ଫୁଟର ଅଜଗର ଉଦ୍ଧାର

ରାଜନଗର,୧୪।୯(ଡି.ଏନ.ଏ.): ଭିତରକନିକା ଜାତୀୟ ଉଦ୍ୟାନର ଚିତୋଉକୋଲା ନିକଟରେ ୧୦ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରାଯାଇଛି। ଚତୋଉକୋଲାଠାରେ ଥିବା ବନ ବିଭାଗ ନର୍ସରିକୁ ଜାଲ ମାଧମରେ ବାଡ ବୁଲାଯାଇଥିଲା। ନିକଟସ୍ଥ ଜଙ୍ଗଲରୁ ଏକ ୧୦ ଫୁଟ ଲମ୍ବର ଅଜଗର ଆସି ଏହି ଜାଲରେ ପଡି ଥିଲା। ବନ ବିଭାଗର କର୍ମଚାରୀମାନେ ଏହା ଦେଖିବା ପରେ ଅଜଗରକୁ ଜାଲ ମଧ୍ରୁ ଉଦ୍ଧାର କରି ନିଟକସ୍ଥ ଜଙ୍ଗଲରେ ଛାଡି ଦେଇଛନ୍ତି। କାଠୁଆଗଣ୍ଡ ବନରକ୍ଷୀ ପ୍ରଦୋଷ ପ୍ରଧାନ ଓ ବନ କର୍ମଚାରୀମାନେ ଏହି ସାପକୁ ଉଦ୍ଧାର କରିଥିଲେ।

### ଗଣେଶଙ୍କ ଲଡୁ ୧ ଲକ୍ଷ ୨୫ ହଜାର ଟଙ୍କାରେ ନିଲାମ

ରାଜନଗର,୧୪।୯(ଡି.ଏନ.ଏ.): ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ବାଲିକଣାର ମା' ଜୟଦୁର୍ଗା କ୍ଲବ ପକ୍ଷରୁ ପ୍ରତିବର୍ଷ ଜାକଜମକରେ ଗଣେଶ ପୂଜା ହୋଇଥାଏ। ପ୍ରତିବର୍ଷ ଗଣେଶଙ୍କ ପାଖରେ ପ୍ରସାଦ ଭାବେ ଲାଗି ହୋଇଥିବା ଲଡୁକୁ ନିଲାମ କରାଯାଇଥାଏ। ଚଳିତବର୍ଷ ଗଣେଶଙ୍କ ପାଖରେ ୭ କେଜି ଓଜନର ଦୁଇଟି ଲଡୁ ପ୍ରସାଦ ଭାବେ ଲାଗି ହୋଇଥିଲା। ଏହାକୁ ନିଲାମ ଡକା ଯାଇଥିଲା। ନିଲାମକୁ ଗାଁର ଉଦୟନାଥ ଦାସ ଓ ସାହିଲ ଦାସ ବଡ଼ ଲଡୁକୁ ୮୭ ହଜାର ୫ଶହ ଟଙ୍କାରେ ନିଲାମ ନେଇଥିବା ବେଳେ ଛୋଟ ଲଡୁକୁ ସୁଧାକର ଜେନା ୩୭,୭୦୧ ଟଙ୍କାରେ ନିଲାମ ନେଇଥିଲେ। ଗତବର୍ଷ ଲଡୁ ଦୁଇଟି ୨ ଲକ୍ଷ ୬ ହଜାର ଟଙ୍କାରେ ନିଲାମ ହୋଇଥିଲା। କରୋନା ମହାମାରୀ ପାଇଁ ଗାଁର ଯୁବକଙ୍କ ବେପାରରେ ମାନ୍ଦାବସ୍ଥା ଥିବାରୁ ଏଥର ନିଲାମ ଅର୍ଥ କମିଛି। ଏହି ଟଙ୍କା କମିଟିରେ ରଖାଯାଇ ପୂଜା ପାର୍ବଣ ସହ ବିଭିନ୍ନ ଜନହିତକର କାର୍ଯ୍ୟରେ ଲଗାଯାଇଥାଏ। କ୍ଲବର ସଭାପତି ରାଧାକାନ୍ତ ରାଉତରାୟ, ସମ୍ପାଦକ ପବିତ୍ର ମୋହନ ରାଉତ, କୋଷାଧକ୍ଷ ଶୈଳେନ୍ଦ୍ର ଦାସ, ବାସୁଦେବ ମହାନ୍ତି, ବିପିନି ଦାସ, ଅରୁଣ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଛୋଟି ପଞ୍ଚାୟତରେ ରାସ୍ତା ଉପରେ ପାଣି

ଡେରାବିଶ,୧୪।୯(ସ୍ୱ.ପ୍ର.): ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ନେତୁଆ ଗାଁର ରାସ୍ତା ଉପରେ ପାଣି ଚାଲିଛି। ଫଳରେ ରାସ୍ତାଟି ଭାଙ୍ଗିରୁଜି ଯାଇଛି। ଏହି ରାସ୍ତାଟି ଅଙ୍ଗନୱାଡି ଓ ନେତୁଆ ସ୍କୁଲ ପିଲାଙ୍କୁ ଯିବାକୁ ଅସୁବିଧା ସୃଷ୍ଟି କରିବ। ବର୍ଷାର ଉଦ୍‌ବୃତ ପାଣି ଏବେ ବି ଗାଁ ଭିତରେ ଚାଲିଛି। ନିଷ୍କାସନର କୌଣସି ସୁବିଧା ନ ଥିବାରୁ ଗାଁରୁ ପଦାକୁ ବାହାରି ହେଉନି। ନେତୁଆ ଗ୍ରାମର ଚକରଘୁନାଥପୁରଠାରୁ ନେତୁଆ ସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ପାଣି ଚାଲିଛି। ଏ ରାସ୍ତା କେତେବେଳେ ଯେ ଧୋଇ ହୋଇଯିବ କହିହେବ ନାହିଁ। ଫଳରେ ନେତୁଆ ସ୍କୁଲର ଛାତ୍ରୀଛାତ୍ର, ଅଙ୍ଗନୱାଡିର ଶିଶୁମାନଙ୍କୁ ଯାତାୟାତରେ ବାଧା ସୃଷ୍ଟି କରିବ। ଏଣୁ ଛୋଟି ସରପଞ୍ଚ କୁମାର ଚନ୍ଦ୍ର ବଳ ଜଳ ନିଷ୍କାସନ ସହ ରାସ୍ତାକୁ ମରାମତି କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।


ମହାକାଳପଡା ବ୍ଲକ ବଉଳକଣି ପଞ୍ଚାୟତର ଏକ ଗାଁର କଚ୍ଚା ଘର ପାଣିରେ ବତୁରି ଗଲାଣି।


ପାଣି ଘେରରେ ଥିବା ବଳିପାଳର ଏକ ନଳକୂପ।


କେନ୍ଦ୍ରାପଡ଼ା ସହର ବାଇପାସ୍ ରାସ୍ତାରେ ପାଣି।

# ଲଗାଣ ବର୍ଷାରେ ଭାଙ୍ଗୁଛି କଚ୍ଚାଘର

କେନ୍ଦ୍ରାପଡା ଅଫିସ, ୧୪।୯

- ମାଟି କାନ୍ଥ ଭୁଶୁଡି ମୃତ୍ୟୁସଂଖ୍ୟା ୩ ହେଲା
- ୧୨୬ ପଞ୍ଚାୟତର ୮ ଲକ୍ଷ ଲୋକ ପ୍ରଭାବିତ
- ସ୍ଥାନାନ୍ତର ସହ ମାଗଣା ଖାଦ୍ୟ ବଣ୍ଟନ
- ଚାଷଜମିରୁ ହେଉନାହିଁ ଜଳ ନିଷ୍କାସନ

ଲଘୁଚାପଜନିତ ବର୍ଷା ବିପ୍ରାତ କେନ୍ଦ୍ରାପଡ଼ା ଜିଲାରେ ପ୍ରଭାବ ପକାଇଛି। ୪ ଦିନ ଲଗାଣ ବର୍ଷାରେ ଶତାଧିକ କଚ୍ଚା ଘର ଭୁଶୁଡିବାରେ ଲାଗିଛି। ଡେରାବିଶ ଓ ଗରଦପୁରରେ କାନ୍ଥ ପଡି ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସମାନ ପ୍ରକାର ଘଟଣାରେ କେନ୍ଦ୍ରାପଡ଼ା ତହସିଲ ନିକିରାଇ ଥାନା କେରୋ ଗ୍ରାମର ଜଗବନ୍ଧୁ ନାୟକଙ୍କ ସ୍ତ୍ରୀ କମଳା (୭୦)ଙ୍କର ମଙ୍ଗଳବାର ମୃତ୍ୟୁ ହୋଇଛି। ସେହିପରି ଜିଲାର ୧୨୬ ପଞ୍ଚାୟତର ଲୋକ ଏବେ ପାଣି ଘେରରେ ରହିଛନ୍ତି। ଜିଲାର ମହାକାଳପଡା, ଗରଦପୁର, ମାର୍ଶାଘାଇ, କେନ୍ଦ୍ରାପଡ଼ା ଓ ଡେରାବିଶ ଅଞ୍ଚଳ ଏହି ଲଗାଣ ବର୍ଷାରେ ବିଶେଷ କ୍ଷତି ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ୧୪ଟି ସ୍ଥାନର ଲୋକଙ୍କୁ ନିକଟସ୍ଥ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଶୁଖିଲା ଓ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି। ଚାଷ ଜମିରୁ ଜଳ ନିଷ୍କାସନ ହୋଇ ନ ଥିବାରୁ ଚାଷୀ ଚିନ୍ତାରେ ପଡିଛନ୍ତି।

ବର୍ଷା ପ୍ରଭାବ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ କପାଳେଶ୍ୱର ପଞ୍ଚାୟତ କାର୍ତ୍ତିକ ସାହୁ କହିଛନ୍ତି, ସେମାନେ ଆର୍ଥିକ ଦୁର୍ଗତି କାରଣରୁ ଘର କରି ପାରି ନ ଥିଲେ। ପରିବାର ସହ କଚ୍ଚା ଘରେ ରହୁଥିଲେ। ସୋମବାର ସନ୍ଧ୍ୟାରେ ନିକଟରେ ଥିବା ଗଛ ପଡିଯିବାରୁ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି ମାର୍ଶାଘାଇ ବ୍ଲକ ଆୟତପୁର ପଞ୍ଚାୟତ ବିଲ ବଳରାମପୁର ଗାଁର ସର୍ବେଶ୍ୱର ସାମଲ କହିଛନ୍ତି, ଘରର କାନ୍ଥ ପଡିବା ସମୟରେ ଘରେ କେହି ନ ଥିଲେ। ଏଥିପାଇଁ ଜୀବନ ବଞ୍ଚି ଯାଇଛି। ଲଗାଣ ବର୍ଷାକୁ ଲକ୍ଷ୍ୟ କରି ପରିବାର ସଦସ୍ୟ ଗାଁର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ମହାକାଳପଡ଼ା ଛପାଲିର ହରେକୃଷ୍ଣ ପାତ୍ର କହିଛନ୍ତି, ବଉଳକଣି ପଞ୍ଚାୟତ ଏବେ ପାଣି ଘେରରେ ଅଛି। ରାସ୍ତାଗୁଡିକ ଉପରେ ଆଣ୍ଠୁଏ ଉଚ୍ଚରେ ପାଣି ଜମି ରହିଛି। ସେହିପରି ଏହି ପଞ୍ଚାୟତର ୫ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକ ପାଣି ଘେରରେ ଅଛନ୍ତି। ପଞ୍ଚାୟତର ବହୁ ଲୋକ କଚ୍ଚା ଘରେ ରହୁଛନ୍ତି। ଖାଦ୍ୟ ଓ ପାନୀୟ ଜଳ ସମସ୍ୟା ଦେଖାଦେଇଥିବା ବେଳେ ଜଳବାହିତ ରୋଗ ହେବା ସମ୍ଭାବନା ଦେଖାଯାଇଛି। ବଳିପାଳର ଅରବିନ୍ଦ ରାଉତ କହିଛନ୍ତି, ସାମାନ୍ୟ ବର୍ଷା ହେଲେ ସ୍ଥାନୀୟ ଗ୍ରାମକୁ ଯାତାୟାତ ବନ୍ଦ ହେଉଛି। ଦୀର୍ଘଦିନ ହେବ ପ୍ରଶାସକ ଓ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମିଳିପାରୁନାହିଁ। ପ୍ରସୂତି ହେଉ ଅଥବା ବୃଦ୍ଧାବୃଦ୍ଧଙ୍କ ପାଇଁ ଲଗାଣ ବର୍ଷା କାଳ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅରଡପଲ୍ଲୀ ଗାଁର ଶରତ ଚନ୍ଦ୍ର ନାୟକ କହିଛନ୍ତି, ଲଗାଣ ବର୍ଷା ଚାଷୀଙ୍କ ପାଇଁ କାଳ ହୋଇଛି। ଏବେ ବିଭିନ୍ନ ତଳି ଅଞ୍ଚଳର କ୍ଷେତ ଜମିରେ ପାଣି ଭରି ରହିଛି। ବର୍ଷା ନ ହେବାରୁ ମୁରୁଡି ଚିନ୍ତା ହୋଇଥିଲା। ଏବେ ଲଗାଣ ବର୍ଷା ଖରିଫ ଧାନ ତଳିକୁ ସମ୍ପୂର୍ଣ୍ଣ ନଷ୍ଟ କରିଛି। ଧାନ ତଳି ପଚି ଯାଇଥିବାରୁ ଚଳିତ ବର୍ଷ ଏହି ଅଞ୍ଚଳରେ ମୁଠେ ଧାନ ଅମଳ କରିବା କଷ୍ଟ ହେବ। ଏଥିସହ ଋଣ କରି ଚାଷ କରିଥିଲେ ମଧ୍ୟ ଧାନ ଫସଲ ଆରମ୍ଭରୁ ନଷ୍ଟ ହୋଇଥିବାରୁ ଋଣ ଶୁଝିବା ଚିନ୍ତା ବଢ଼ିଯାଇଛି। ମଧ୍ୟବିତ୍ତ ପରିବାର ମହାସଂଘର ଜିଲା ସଭାପତି ନିରଞ୍ଜନ ପରିଡା କହିଛନ୍ତି, ଲଗାଣ ବର୍ଷା ଜିଲାର ମଧ୍ୟବିତ୍ତ ପରିବାର ପାଇଁ ବିପତ୍ତି ସାଜିଛି। ଦରଦାମ ବୃଦ୍ଧିକୁ ସମ୍ମୁଖୀନ ହେଉଥିବା ଏହି ପରିବାରଗୁଡିକ ଏବେ ବର୍ଷା ମାଡ଼ରେ ଘାଇଲା ହୋଇଛନ୍ତି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ଦେବାକୁ ମହାସଂଘ ପକ୍ଷରୁ ଦାବି ହୋଇଛି। ଜିଲା ଜରୁରିକାଳୀନ ଅଧିକାରୀ ସମ୍ବିତ କୁମାର ଶତପଥୀ କହିଛନ୍ତି, ବର୍ଷାର କ୍ଷୟକ୍ଷତି ସମ୍ପର୍କରେ ଆକଳନ ହେଉଛି। ଖୁବ୍‌ଶୀଘ୍ର ଏ ସମ୍ପର୍କରେ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ।

## ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ-ବରୀ ସଂଯୋଗ ରାସ୍ତା ଶୋଚନୀୟ

ପଟ୍ଟାମୁଣ୍ଡାଇ,୧୪।୯(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଳପୁଆ ପଞ୍ଚାୟତ ଦାମୋଦରପାଟଣାଠାରୁ ବିନ୍ଧୁପା ସଂଯୋଗକାରୀ ରାସ୍ତା ଶୋଚନୀୟ ହୋଇପଡିଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ମାତ୍ର ୪୦୦ ମିଟର ରାସ୍ତା ଦୀର୍ଘଦିନ ହେବ ଖାଲଖମା ହୋଇ ପଡିଛି। ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ରାସ୍ତାଟି ମରାମତି ଅଭାବରୁ ଖାଲ ସାଙ୍ଗକୁ କାଦୁଅରେ ପରିପୂର୍ଣ୍ଣ ହୋଇ ଯାତାୟାତ ଅନୁପଯୋଗୀ ହୋଇଛି। ଏହି ରାସ୍ତାଟି କେନ୍ଦ୍ରାପଡ଼ା ଜିଲା ସହ ଯାଜପୁର ଜିଲାକୁ ମୁଖ୍ୟ ସଂଯୋଗକାରୀ ରାସ୍ତା ହୋଇଥିଲେ ହେଁ, ଦୀର୍ଘ ୧୦ ବର୍ଷ ହେବ ମରାମତି କରାଯାଇନାହିଁ। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ତୁରନ୍ତ ନିର୍ମାଣ ପାଇଁ ଅଳପୁଆ ସରପଞ୍ଚ ରମେଶ ଦାସ, ତରଡ଼ିପାଳ ସରପଞ୍ଚ ପ୍ରିୟଦର୍ଶନୀ ତରାଇ, ଅଣ୍ଡରା ସରପଞ୍ଚ ଅନ୍ନପୂର୍ଣ୍ଣା ମଲ୍ଲିକ, ଅମୃତମଣୋହି ସରପଞ୍ଚ କୁଳମଣି ମଳିକ, ବଲୁରିଆ ସରପଞ୍ଚ ରତିକାନ୍ତ ସାହାଣୀ, ସମିତିସଭ୍ୟା ନମିତା ଦାସ, ମନୋରମା ଭୂୟାଁ , ଜିଲାପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ସୂଚନା ଅଧିକାର କର୍ମୀ ନରେନ୍ଦ୍ର ଧଳ, ସାମାଜିକ କର୍ମୀ ଗଗନ ମହାଳିକ, ରବୀନ୍ଦ୍ର ପରିଡା, ପ୍ରଫେସର ଦେବପ୍ରସାଦ ସାମଲ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି। ଉକ୍ତ ରାସ୍ତାକୁ ଅବିଳମ୍ବେ ସ୍ଥାୟୀ ରାସ୍ତାରେ ପରିଣତ କରିବାକୁ ନିବେଦନ କରିଛନ୍ତି।


ରାସ୍ତା ଖାଲଖମାରେ ଭର୍ତ୍ତି।

### ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବି

## ବଗପାଟିଆ ଥଇଥାନ ସ୍ଥଳ ରାସ୍ତା ପାଣିରେ ବୁଡ଼ିଲା

ରାଜନଗର, ୧୪।୯(ଡି.ଏନ.ଏ.)

ବିପନ୍ନ ସାତଭାୟାବାସୀଙ୍କ ଥଇଥାନସ୍ଥଳର ସଂଯୋଗୀକରଣ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଜମି ରହିଛି। ୩ ଦିନ ଧରି ଲଗାଣ ବର୍ଷା ଯୋଗୁ ଜନଜୀବନ ସମ୍ପୂର୍ଣ୍ଣ ଠପ୍ ହୋଇପଡିଛି। ବିଲ, ବାଡି ପାଣିରେ ବୁଡି ରହିଛି। ବଗପାଟିଆ ଥଇଥାନସ୍ଥଳର ୮ନଂ. ସଂଯୋଗୀକରଣ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଛି। ଫଳରେ ଲୋକେ ଘରୁ ବାହାରି ପାରୁନାହାନ୍ତି। ବଗପାଟିଆର ଥଇଥାନସ୍ଥଳର ୪ନଂ., ୬ନଂ., ୭ ନଂ., ୧୪ ନଂ., ୧୨ନଂ., ୧୫ ନଂ. ରାସ୍ତାର ଅଧିକାଂଶ ସ୍ଥାନରେ ପାଣି ଜମି ରହିଛି। ୨୦୧୫ ମସିହାରେ ସମୁଦ୍ର ଆଁ ମୁହଁରେ ଥିବା ସାତଭାୟାର ୫୭୧ ପରିବାରକୁ ବଗପାଟିଆଠାରେ ଥଇଥାନ କରାଯାଇଥିଲା। ଥଇଥାନସ୍ଥଳକୁ ଡଷ୍ଟ ପକାଇ ନୂଆ ରାସ୍ତା ନିର୍ମାଣ କରାଯାଇଥିଲା। ଡଷ୍ଟ ଧୋଇ ହୋଇଯିବା ପରେ ରାସ୍ତାରେ ଏବେ ପାଣି ଜମି ରହୁଛି। ସାତଭାୟା ପଞ୍ଚାୟତର ଚାରିଘରିଆ ଗାଁ ଦାଣ୍ଡ ପାଣିରେ ବୁଡି ରହୁଛି। ଏହି ଗାଁର ୧୧୦ ପରିବାର ଏକ ପ୍ରକାର ଜଳବନ୍ଦୀ ଭାବେ ରହିଛନ୍ତି।


ବଗପାଟିଆ ରାସ୍ତାରେ ପାଣି।

## ପାଣିଘେରରେ ଫକୀରାବାଦର ଦଳିତ ସାହି

ଡେରାବିଶ,୧୪।୯(ସ୍ୱ.ପ୍ର.)

ଡେରାବିଶର ବ୍ଲକ ଚାଟରାଚକଡ଼ା ପଞ୍ଚାୟତର ଫକୀରାବାଦ ଗାଁର ଯେନା ସାହିର ଚାରିପଟୁ ପାଣି ଘେରି ରହିଛି। ପାଣି ବଢୁଥିବାରୁ କେତେଜଣଙ୍କ ଘରେ ପଶିଯାଇଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସେମାନେ ପର ଘରେ ଆଶ୍ରୟ ନେଇଛନ୍ତି। ଚୁଲି ଜାଳ ଓଦା ଯୋଗୁ ରୋଷେଇ କରିପାରୁନାହାନ୍ତି। ଅରକ୍ଷିତ ଯେନାଙ୍କ ଘରେ ପାଣି ପଶିଯିବା ଫଳରେ ସେ ଓ ତାଙ୍କ ବୁଢ଼ିମା' ଦୟନୀୟ ଅବସ୍ଥାରେ ରହିଛନ୍ତି। ସେହିଭଳି ଅଲେଖ ଯେନାଙ୍କ ଘର ପର୍ଯ୍ୟନ୍ତ ପାଣି ଲାଗିଥିବାରୁ ତାଙ୍କର ବୃଦ୍ଧା ମା' ପାଣି ଘେରରେ ଅସ୍ୱାସ୍ଥ୍ୟ ପରିବେଶରେ ଦିନ କାଟୁଛନ୍ତି।


ପକୀରାବାଦର ଦଳିତ ସାହିର ଘରଗୁଡିକ ପାଣି ଘେରରେ ରହିଛି।

## ପତ୍ର ହଲିଲେ କଟୁଛି ବିଦ୍ୟୁତ୍

ଆଳି,୧୪।୯(ଡି. ଏନ. ଏ.)

ଆଳି ଅଞ୍ଚଳ ୪ ଦିନ ହେବ ଅନବରତ ବର୍ଷା ଲାଗି ରହିଥିବାରୁ ବିଦ୍ୟୁତ ବିଭ୍ରାଟ ଅଞ୍ଚଳବାସୀଙ୍କୁ ଅତିଷ୍ଠ କରିଛି। ଅଞ୍ଚଳରେ ଗଛ ପତ୍ର ହଲିଲେ ବିଦ୍ୟୁତ କାଟ ହେଉଛି। ଦୁଇ ଦିନ ହେବ ଆଳି ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିଲା। ବିଭାଗକୁ ଏ ସମ୍ପର୍କରେ ପଚରା ଯିବାରୁ କେବଳ ଉତ୍ତର ମିଳୁଛି ଯେ, ଗ୍ରୀଡ଼ରୁ କଟିଛି, କାମ ଚାଲିଛି, ଖୁବ୍‌ଶୀଘ୍ର ଆସିଯିବ। କିନ୍ତୁ ବାସ୍ତବରେ ତାହା ହେଲାନାହିଁ। ମଙ୍ଗଳବାର ଅପରାହ୍ନରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଛି।

## ବର୍ଷା ଛାଡ଼ିବା ପରେ ରାସ୍ତା ବିପର୍ଯ୍ୟସ୍ତ

ମହାକାଳପଡ଼ା,୧୪।୯(ଡି.ଏନ୍.ଏ.)

- ଗାଁ ରାସ୍ତାର ବିକଳ ଚିତ୍ର
- ରୋଗୀ, ଗର୍ଭବତୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାରୁ ବଞ୍ଚିତ
- ଚେଇଁ ଶୋଇଛି ପ୍ରଶାସନ

କେନ୍ଦ୍ର ଓ ରାଜ୍ୟ ସରକାର ଗାଁ ଗହଳିର ବିକାଶ ପାଇଁ ଅର୍ଥ ଖର୍ଚ୍ଚ କରୁଛନ୍ତି। ତେବେ ଅନେକ ଗାଁରେ ସରକାରଙ୍କ ଯୋଜନା ଅପହଞ୍ଚ ପାଲଟିଛି। ଗାଁର ରୋଗୀ, ଗର୍ଭବତୀ, ସ୍କୁଲ ପିଲାମାନେ ପାଠ ପଢିବା ପାଇଁ ଯାଇ ଗୋଡ଼ ଖସି କାଦୁଅରେ ପଡ଼ି ଘରକୁ ଫେରୁଛନ୍ତି। ଅପରପକ୍ଷେ ରୋଗୀ, ଗର୍ଭବତୀ ଯନ୍ତ୍ରଣା ସହିଘରେ ରହିବାକୁ ବାଧ୍ୟ ହେଉଛନ୍ତି। ପାଣି ମୁନ୍ଦେ ପାଇଁ ମହିଳାମାନେ ହୀନସ୍ତା ଭୋଗୁଛନ୍ତି। ବାରମ୍ବାର ରାସ୍ତା ପାଇଁ ପଡ଼ାର ଲୋକ ପ୍ରଶାସନ ନିକଟରେ ଅନୁରୋଧ କରୁଥିଲେ ହେଁ କେହି ସେମାନଙ୍କ କଥାକୁ ଶୁଣୁନାହାନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଅଧୀନ କଂସାର ବଡଦାଣ୍ଡୁଆ ପଞ୍ଚାୟତ ସ୍ଥାନୀୟ ରଡ଼ିଆ, ବଳଭଦ୍ରପୁର-କଂସାର ଗାଁକୁ ଯାଇଥିବା ଏକ କିମି ରାସ୍ତାର ବିକଳ ଚିତ୍ର।

ଏହି ଦୁଇ ଗାଁର ମଧ ସ୍ଥଳରେ ଅବସ୍ଥିତ ପଡ଼ାଟିରେ ୪୦ ପରିବାର ମଧ୍ୟରେ ଦୁଇ ଶହ ଲୋକ ବସବାସ କରନ୍ତି। ତେବେ ଏହି ପଡ଼ା ବାସିନ୍ଦା ଘରୁ ବାହାରକୁ ଗୋଡ଼ କାଢ଼ିଲେ ଆଣ୍ଠୁଏ କାଦୁଅ ପାଣି। ପିଲାମାନେ ପଢ଼ିବା ପାଇଁ ତରପଦାସ୍ଥିତ କୁଞ୍ଜବିହାରୀ ବିଦ୍ୟାପୀଠକୁ ଯିବା ପାଇଁ ଆଣ୍ଠୁଏ କାଦୁଅରେ ପଶି ଯାଇଥାନ୍ତି। ଅନେକ ସମୟରେ ଛାତ୍ରୀଛାତ୍ର ପଡ଼ି କାଦୁଅ ସର୍ ସର୍ ହୋଇ ଘରକୁ ଫେରୁଛନ୍ତି। ଗାଁର ଗୁରୁତର ରୋଗୀ ସରୋଜ କୁମାର ରାଉତ ନିୟମିତ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ସପ୍ତାହ ହେଲା ଯିବା ପାଇଁ ବାହାରି ଥିଲେ ମଧ ଗାଁ ଦାଣ୍ଡ କାଦୁଅ ଯୋଗୁ ଯାଇ ପାରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଜଣେ ଗର୍ଭବତୀ ମହିଳା ଚିକିତ୍ସା ପାଇଁ କଂସାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ପାରୁ ନ ଥିବା ଗାଁର ବାଙ୍କ ବିହାରୀ ରାଉତ, ଆଦିକନ୍ଦ ରାଉତ, ବାଇଧର ରାଉତ, ପ୍ରଫୁଲ୍ଲ କୁମାର ପରିଡା, ହୃଷୀକେଶ ପରିଡା, ଅଞ୍ଜନ ପରିଡା, କାଙ୍ଗାଳି ଚରଣ ପରିଡା, ହରେକୃଷ୍ଣ ପ୍ରଧାନ କହିଛନ୍ତି। ବ୍ଲକ କାର୍ଯ୍ୟାଳୟ, ଥାନାକୁ ଲୋକେ ମଧ ଯାଇ ପାରୁନାହାନ୍ତି। ତୁରନ୍ତ ଏହି ଗାଁ ରାସ୍ତାକୁ ନିର୍ମାଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଲୋଭାବତୀ ରାଉତଙ୍କୁ ପଚାରିବାରେ ଏହି ରାସ୍ତା ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ପଞ୍ଚାୟତ ପାଣ୍ଠିରେ ରହିଛି। ବର୍ଷା ପାଗ ସୁଧୁରିଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଅପରପକ୍ଷରେ ବ୍ଲକ କନିଷ୍ଠ ଯନ୍ତ୍ରୀ ମୁକ୍ତିକାନ୍ତ ସାହୁଙ୍କୁ ପଚାରିବାରେ ସରଜମିନ ତଦନ୍ତ କରାଯାଇ ବର୍ଷା ସରିଲେ ରାସ୍ତା ନିର୍ମାଣର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।


ରଡ଼ିଆ-ବଳଭଦ୍ରପୁରଠାରୁ କଂସାର ଗାଁ ମୁଣ୍ଡ ରସ୍ତା ବର୍ଷା ପରେ କାଦୁଅ।

## ଧସିଲା ନଦୀବନ୍ଧ ରାସ୍ତା, ଲୋକେ ଭୟଭୀତ

ନାଉଗାଁ,୧୪।୯(ସ୍ୱ.ପ୍ର.)

ଲଘୁଚାପ ଜନିତ ଲଗାଣବର୍ଷା ଯୋଗୁ ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଗ୍ରାମ୍ୟ ରାସ୍ତା ଧୋଇ ଯାଇଛି। ବ୍ଲକର ବଛାଳୋରୁ ପୋକାମୂଳକୁ ସଂଯୋଗ କରୁଥିବା ଦେବୀ ନଦୀ ବନ୍ଧ ରାସ୍ତା ମଙ୍ଗଳବାର ଧସି ଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହାକୁ ନିର୍ମାଣ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ରାସ୍ତା ନିର୍ମାଣରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ମାତ୍ର ଏଠାରେ ନିମ୍ନମାନର କାମ ହୋଇଥିଲା। କାର୍ଯ୍ୟ କରୁଥିବା ଠିକାଦାର ବନ୍ଧରେ ବ୍ୟବହାର କରିଥିବା ମାଟି ଦୂରରୁ ନ ଆଣି ନଦୀ ପଠାରୁ ଖୋଳି ପକାଇଥିଲେ। ବାଲିମାଟି ପକାଇ ଥିବାରୁ ବର୍ଷା ଯୋଗୁ ରାସ୍ତା ଧସି ଯାଇଛି। ଏବେ ଦେବୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ନଦୀରେ ବନ୍ୟା ଆସିଲେ ଏହି ସ୍ଥାନରେ ବନ୍ୟାପାଣି ମାଡ଼ରେ ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାଦ୍ୱାରା ନାଉଗାଁ ସମେତ ବାଲିକୁଦା ବ୍ଲକ ଜଳମଗ୍ନ ହେବାର ଭୟ ରହିଛି। ଏ ନେଇ ନଦୀ କୂଳିଆବାସୀ ଚିନ୍ତିତ ହୋଇ ପଡିଛନ୍ତି। ଦେବୀ ନଦୀବନ୍ଧ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଚନ୍ଦନ ଲେଙ୍କା, ରବୀନ୍ଦ୍ର ପରିଡା, ନିରଞ୍ଜନ ସାହୁ ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ବିନୋଦ ତରାଇ କହିଛନ୍ତି, ରାସ୍ତା ମରାମତି ପାଇଁ ଅବଧି ରହିଛି। ଧସିଥିବା ସ୍ଥାନ ଦେଖିବା ପରେ ଯଥାଶୀଘ୍ର ମରାମତି କରାଯିବ।


ବଛାଳୋରୁ ପୋକମୂଳକୁ ସଂଯୋଗ କରୁଥିବା ଦେବୀ ନଦୀ ବନ୍ଧ ରାସ୍ତା ବର୍ଷାରେ ଧସିଯାଇଛି।

### ବିଡିଓ, ତହସିଲଦାର ତଳିଆ ଅଞ୍ଚଳ ବୁଲିଲେ

ନାଉଗାଁ ବ୍ଲକରେ ବର୍ଷା ପାଣି ଜମିବା ଯୋଗୁ ଜନଜୀବନ ବ୍ୟାହତ ହୋଇଛି। ଏଥିଯୋଗୁ ଅନେକ କଚ୍ଚା ଘର ଭାଙ୍ଗି ଯାଇଛି। ତଳିଆ ଅଞ୍ଚଳରେ ବହୁ ପରିବାର ଜଳବନ୍ଦୀ ହୋଇଛନ୍ତି। ବିଡିଓ ରଶ୍ମିରେଖା ମଲ୍ଲିକ ଓ ତହସିଲଦାର ଜେ.କଳ୍ପନା ଏସବୁ ଅଞ୍ଚଳ ବୁଲି ଦେଖିବା ସହ ବିଭିନ୍ନ ପଞ୍ଚାୟତରେ ଜଳ ଘେରରେ ଥିବା ଲୋକଙ୍କ ସମସ୍ୟା ବୁଝିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ପାଣିଘେରରେ ଥିବା ଅଳଣା ପଞ୍ଚାୟତର ସଠଳପୁର, କୁଣ୍ଡେଶ୍ୱର, ଶିଖର ପଞ୍ଚାୟତର ବୋଦଳ, ନାଉଗାଁ ପଞ୍ଚାୟତର ଦାଣ୍ଡୁଆ ପଡିଆ ଓ ଡାବର ପଞ୍ଚାୟତର ବିପନ୍ନ ପରିବାରଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି ବୋଲି ବିଡିଓ ମଲ୍ଲିକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା: ବିରିଡିର ୪ ରାସ୍ତା ପାଇଁ ଆଲୋଚନା

ବାଲିଆ,୧୪।୯: ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା-୩ରେ ବିରିଡି ବ୍ଲକର ୪ ରାସ୍ତା ସାମିଲ କରିବାକୁ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଆଲୋଚନା ହୋଇଛି। ଏଥିରେ ଜଗତ୍‌ସିଂହପୁର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ବିରିଡି, ତିର୍ତ୍ତୋଲ, ରଘୁନାଥପୁର, କୁଜଙ୍ଗ ଓ ଏରସମା ବ୍ଲକ ଦାୟିତ୍ୱରେ ଥିବା ଯନ୍ତ୍ରୀମାନେ ସାମିଲ ହୋଇଥିଲେ। ବିରିଡି ବ୍ଲକର ପଣ୍ଡିଆ ଛକରୁ ବଳିଆ ଗୋଠ, ପଣ୍ଡିଆଛକରୁ-ଅଳକା କଲେଜ, ଅଲାଣ୍ଡ ପଞ୍ଚାୟତ କାର୍ଯ୍ୟାଳୟରୁ ସରସୁଦା ପର୍ଯ୍ୟନ୍ତ ରାସ୍ତା ଏବଂ ହଳଦିଆପଡାରୁ- ଉତ୍ତର ଶାସନ ମହାଦେବ ମନ୍ଦିର ରାସ୍ତାକୁ ଏହି ଯୋଜନାରେ ସାମିଲ କରିବାକୁ ଆଲୋଚନା ହୋଇଥିଲା। ଏହି ଅବସରରେ ଯନ୍ତ୍ରୀ ସୁଶିଲ କୁମାର ରାଉତ, ଶୁଭ୍ରାଂଶୁ ଶେଖର ଦାସ, ଚୈତନ୍ୟ ବେହେରା, ଜନକୁମାର ମଲିକ ଓ ରୃପେନ୍ଦ୍ରନାଥ ମଲିକ ଉପସ୍ଥିତ ଥିଲେ।

### ଗୁହାଳ ଭାଙ୍ଗିଲା: ଗୋରୁ,ଛେଳି କାନ୍ଥ ତଳେ ଫସିଗଲେ

ବାଲିଆ,୧୪।୯: ପ୍ରବଳ ବର୍ଷା ଓ ପବନ ଯୋଗୁ ବିରିଡି ବ୍ଲକ ଅଢଙ୍ଗଗଡ ମଜୁରାଇର ପଞ୍ଚାୟତ ଅନ୍ତର୍ଗତ ବରାହପୁର କୁଣ୍ଡିବନ୍ଧ ବେହେରା ସାହିର ସୁଦର୍ଶନ ବେହେରାଙ୍କ ଗୁହାଳ ସୋମବାର ରାତିରେ ଭାଙ୍ଗିଯାଇଥିଲା। ଶବ୍ଦ ଶୁଣି ସୁଦର୍ଶନ ଓ ତାଙ୍କ ସ୍ତ୍ରୀ ବାହାରକୁ ଆସି ଦେଖିବା ବେଳକୁ ଗୁହାଳ କାନ୍ଥତଳେ ୫ ଗୋରୁ ସମେତ ୧୦ରୁ ଉର୍ଦ୍ଧ୍ୱ ଛେଳି ଚାପି ହୋଇ ଫସି ରହିଥିଲେ। ଏହାପରେ ଗାଁ ଲୋକେ ଏକତ୍ର ହୋଇ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି।

# ଶିଳାନ୍ୟାସକୁ ୧୦ ମାସ ବିତିଲା: କାର୍ଯ୍ୟ ଆରମ୍ଭରୁ ବିଳମ୍ବ

## ମହାନଦୀ ଉପରେ ୨ ସେତୁ ନିର୍ମାଣ ପ୍ରସଙ୍ଗ

- ତିର୍ତ୍ତୋଲ-ପୋସଲ ସେତୁ ବ୍ୟୟ ବରାଦ ଅଟକଳ ୫୩ କୋଟିକୁ ଖସିଲା
- ଜଇପୁର-କଟିକଟା ସେତୁ ପାଇଁ ଖୁବ୍‌ଶୀଘ୍ର ରାଜିନାମା
- ଉପନିର୍ବାଚନ ପୂର୍ବରୁ ଏହାକୁ ମୁଖ୍ୟମନ୍ତ୍ରୀଙ୍କ ଭେଟି କୁହାଯାଇଥିଲା

ଜଗତ୍‌ସିଂହପୁର ଅଫିସ, ୧୪।୯

ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସଙ୍କ ବିୟୋଗ ପରେ ଉପନିର୍ବାଚନ ହୋଇଥିଲା। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିର୍ତ୍ତୋଲବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ କରିବା ନିମନ୍ତେ ୨ ସେତୁର ଶିଳାନ୍ୟାସ କରିଥିଲେ। ନଭେମ୍ବର ୨୦୨୦ରେ ମହାନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ତିର୍ତ୍ତୋଲ-ପୋସଲ ଓ ପୂର୍ତ୍ତ ବିଭାଗ ପକ୍ଷରୁ ଜଇପୁର-କଟିକଟା ହାଇଲେବଲ୍ ସେତୁପାଇଁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏନେଇ ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ନିର୍ବାଚନ ପୂର୍ବରୁ ତିର୍ତ୍ତୋଲବାସୀଙ୍କ ପାଇଁ ଭେଟି ବୋଲି ଆଲୋଚନା ହୋଇଥିଲା। କିନ୍ତୁ ଇତିମଧ୍ୟରେ ୧୦ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଉଭୟ ସେତୁ ନିର୍ମାଣ ଆରମ୍ଭରୁ ବିଳମ୍ବ ହୋଇଛି।

ଶିଳାନ୍ୟାସ ସମୟରେ ତିର୍ତ୍ତୋଲ-ପୋଲସ ହାଇଲେବଲ୍ ସେତୁ ନିର୍ମାଣ ପାଇଁ ୧୧୮.୫୬ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ସୂଚନା ଦିଆଯାଇଥିଲା। ପାଖାପାଖି ୯୦୦ ମିଟର ଦୈର୍ଘ୍ୟ ଓ ଷ୍ଟିଲ୍ ପୋଲ ହେବାକୁ ଥିବାରୁ ବ୍ୟୟ ଅଟକଳ ଅଧିକ ହୋଇଥିଲା। କିନ୍ତୁ ଏବେ ଏହି ପୋଲ ଡିଜାଇନ୍ ବଦଳିଯାଇଛି। ଷ୍ଟିଲ୍ ବଦଳରେ କଂକ୍ରିଟ୍ ପୋଲ କରିବାକୁ ସ୍ଥିର କରାଯାଇଛି। ଫଳରେ ବ୍ୟୟ ଅଟକଳ କମି ୫୩ କୋଟି ହୋଇଯାଇଛି। ସେହିପରି ଜଇପୁର-କଟିକଟା ହାଇଲେବଲ୍ ସେତୁ ନିର୍ମାଣ ନିମନ୍ତେ ୮୨.୫୫ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ପ୍ରାୟ ୧୩୦୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସେତୁ ନିର୍ମାଣ ପାଇଁ ବ୍ୟୟ ଅଟକଳ ଅପରିବର୍ତ୍ତିତ ରହିଛି। ଏହି ୨ଟି ସେତୁ ନିର୍ମାଣ ହେଲେ ତିର୍ତ୍ତୋଲ ସହ କଟକ ଓ କେନ୍ଦ୍ରାପଡ଼ା ଜିଲାର ୨୮ ପଞ୍ଚାୟତର ଦେଢ଼ଲକ୍ଷ ଲୋକ ଉପକୃତ ହେବେ। ମାତ୍ର ଶିଳାନ୍ୟାସ ପରେ କାମ ଆରମ୍ଭରୁ ବିଳମ୍ବ ହେବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ତିର୍ତ୍ତୋଲ-ପୋସଲ ସମ୍ପର୍କରେ ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ ଖଣ୍ଡ ନିର୍ବାହୀ ଯନ୍ତ୍ରୀ ଅନନ୍ତ ଗୋପାଳ ଶତପଥୀ କହିଛନ୍ତି, ଟେଣ୍ଡର ପରେ ପାଖାପାଖି ୨ ମାସ ପୂର୍ବରୁ ଏଗ୍ରିମେଣ୍ଟ ଶେଷ ହୋଇଛି। ବର୍ଷାଦିନ ପରେ ଅର୍ଥାତ୍ ଦଶହରା ସମୟରେ କାମ ଆରମ୍ଭ ହେବ। ପାଖାପାଖି ୨ ବର୍ଷ ମଧ୍ୟରେ ଏହାସରିବ ବୋଲି ଶତପଥୀ କହିଛନ୍ତି ।

ଜଇପୁର-କଟିକଟା ସେତୁ ପ୍ରସଙ୍ଗରେ ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନିମାଇଁ ଚରଣ ଦାସ କହିଛନ୍ତି, ଏହା ଭିତରେ ଟେଣ୍ଡର ସରିଛି । ଖୁବ୍‌ଶୀଘ୍ର ରାଜିନାମା ହେବ । ବର୍ଷାଦିନ ପରେ କାମ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି।

# ୫ ଶ୍ରମିକଙ୍କୁ ବକେୟା ପ୍ରାପ୍ୟ ମିଳିବ



ଶ୍ରମ ପ୍ରବର୍ତ୍ତନ କାର୍ଯ୍ୟାଳୟରେ ଶ୍ରମ ଅଧିକାରୀ, ଶ୍ରମିକ ଓ ଅନ୍ୟମାନେ।

## କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ କାର୍ଯ୍ୟାଳୟରେ ବିବାଦର ସମାଧାନ

ପାରାଦୀପ, ୧୪।୯(ସ୍ୱ.ପ୍ର.)

ପାରାଦୀପ ନୂଆବଜାରସ୍ଥିତ କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରୀ (ଏଲଇଓ) ଅଫିସରେ ମଙ୍ଗଳବାର ଏକ ଶ୍ରମିକ ବିବାଦର ସମାଧାନ ହୋଇଛି। ୫ ଜଣ ଶ୍ରମିକଙ୍କୁ ସେମାନଙ୍କ ବକେୟା ପ୍ରାପ୍ୟ ଦେବାକୁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ତୈଳବିଶୋଧନାଗାର ପରିସରରେ କାର୍ଯ୍ୟରତ ଠିକାସଂସ୍ଥା ବନଦୁର୍ଗା କଣ୍ଟ୍ରୋଲ ସର୍ଭିସ ଅଧୀନରେ ଏହ ଶ୍ରମିକମାନେ କାମ କରୁଥିଲେ। ଏପ୍ରିଲ ୨୦୨୦ରେ ସେମାନଙ୍କୁ କାମରୁ ବାହାର କରି ଦିଆଯାଇଥିଲା। କିନ୍ତୁ ସେମାନଙ୍କ ବକେୟା ଦରମା ଦିଆ ଯାଇ ନ ଥିଲା। ଏହି ଘଟଣାକୁ ନେଇ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ଏଲ୍‌ଇଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ଉଭୟ ପକ୍ଷଙ୍କୁ ଡାକି ଲେବର ଅଫିସର ରଶ୍ମିତା ସାହୁ ଆଲୋଚନା କରିଥିଲେ। ଏହାପରେ ଇଣ୍ଡଷ୍ଟ୍ରିୟାଲ ଡିସ୍‌ପୁଟ ଆକ୍ଟ-୧୯୪୭ ଅନୁଯାୟୀ, ଶ୍ରମିକଙ୍କ ବକେୟା ଦରମା ଦେବାକୁ କୁହାଯାଇଛି। ଉପରୋକ୍ତ ଶ୍ରମିକମାନେ ବକେୟା ବାବଦରେ ୪୭,୫୦୦ ଟଙ୍କା ଲେଖାଏଁ ପାଇବେ। ଏହି ଆଲୋଚନାରେ ଶ୍ରମିକସଂଘ ପକ୍ଷରୁ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ଠିକାସଂସ୍ଥାର ମନୋଜ କୁମାର ଦାସ ଉପସ୍ଥିତ ଥିଲେ।

# ପାଣି ଘେରରେ ସ୍ୱାସ୍ଥ୍ୟକେନ୍ଦ୍ର: ରୋଗୀ ହନ୍ତସନ୍ତ

ତିର୍ତ୍ତୋଲ,୧୪।୯(ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉଦ୍‌ବୃତ୍ତ ବର୍ଷାଜଳ ଜମି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ପାଣି ନିଷ୍କାସିତ ହେଉ ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ବହିର୍ବିଭାଗ ଏବଂ ରୋଗୀ ୱାର୍ଡରେ ରୋଗୀ ଦେଖିବା ସମ୍ଭବ ହେଉନାହିଁ। ବାଧ୍ୟହୋଇ ଏହା ପରିସରରେ ରହିଥିବା ଟିକାକରଣ ଗୃହରେ ଏବେ ରୋଗୀସେବା ଚାଲିଛି। ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ପାଣିରେ ପଶି ଯାତାୟାତ କରିବାକୁ ପଡୁଛି। ଏହା ପରିସରରୁ ଜଳ ନିଷ୍କାସନ ଲାଗି ବିଡିଓ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। ଏ ସମ୍ପର୍କରେ ବିଡିଓ ଅଟଳ ବିହାରୀ ସ୍ୱାଇଁଙ୍କୁ ପଚାରିବାରୁ, ଜଳ ନିଷ୍କାସନ ଲାଗି ଉଦ୍ୟମ କରାଯାଉଛି ଓ ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।



ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଣି ଜମି ରହିଛି।

# ମନ୍ଦାରଖଣ୍ଡକୁ ରାଜସ୍ୱ ଗ୍ରାମର ମାନ୍ୟତା ଦାବି

ଝୁମ୍ପୁରୀ,୧୪।୯(ଡି.ଏନ.ଏ.)

ଦଶରଥପୁର ବ୍ଲକ୍ ବିରୁହାଁ ପଞ୍ଚାୟତ ମନ୍ଦାରଖଣ୍ଡ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ଦାବି ହୋଇଛି । ଗ୍ରାମବାସୀଙ୍କ ପକ୍ଷରୁ ଏଥିପାଇଁ ତହସିଲଦାର ସୌଭାଗ୍ୟ କୁମାର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏବେ ହାମଲେଟ୍ ଭିଲେଜଗୁଡ଼ିକୁ ସରକାରଙ୍କ ନୂଆ ନିଷ୍ପତ୍ତି ଅନୁଯାୟୀ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ପ୍ରଶାସନସ୍ତରରେ ପ୍ରୟାସ ଆରମ୍ଭ ହୋଇଛି । ପୂର୍ବରୁ ଏହି ଗ୍ରାମଟି ମିର୍ଜାପୁର ରାଜସ୍ୱ ଗ୍ରାମ ଅଧୀନରେ ଥିବାବେଳେ ଗ୍ରାମର ଜନସଂଖ୍ୟା ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ । ଏହା ଏକ ହାମଲେଟ୍ ଭିଲେଜ ହୋଇଥିବାରୁ ତୁରନ୍ତ ଏହି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଛତୁ ଉତ୍ପାଦନରେ ସାରଦାଙ୍କୁ ଜାତୀୟ ପୁରସ୍କାର

ରଘୁନାଥପୁର,୧୪।୯(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ଉପସଭାପତି ତଥା ମା'ଶାରଳା ଛତୁ ଉତ୍ପାଦନକାରୀ ମହାସଂଘର ସଭାପତି ସାରଦା ପ୍ରସାଦ ରାୟଙ୍କୁ ଛତୁ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ



ଜାତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି। ଏନେଇ ତାଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଭାରତୀୟ କୃଷି ଗବେଷଣା ସଂସ୍ଥାନ, ନିର୍ଦ୍ଦେଶକ ଛତୁ ଗବେଷଣା କେନ୍ଦ୍ର ପକ୍ଷରୁ ଭର୍ଚ୍ଚୁଆଲରେ ଜାତୀୟ ଛତୁ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତ୍‌ସିଂହପୁର ଜିଲାର ସଫଳ ଛତୁ ଉତ୍ପାଦନକାରୀ ଭାବେ ରାୟଙ୍କୁ ଯୋଗ୍ୟ ବିବେଚିତ କରାଯାଇଥିଲା। ସେ ଦୈନିକ ୮୦ କିଲୋ ଛତୁ ଉତ୍ପାଦନ କରି ରାଜ୍ୟରେ ଅଗ୍ରଣୀ ଚାଷୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ଏହି ପୁରସ୍କାର ପାଇବା ପରେ ଜିଲା କୃଷକ ସଙ୍ଗଠନର ସଭାପତି ଗୋବିନ୍ଦ ଜେନା, ସମ୍ପାଦକ ଇଂ.ବାବାଜୀ ଚରଣ ଜେନା, ବିନୋଦ ବିହାରୀ ମହାନ୍ତି ଓ ଦିଲୀପ କୁମାର ରଥଙ୍କ ସମେତ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।


**OFFICE OF THE PANCHAYAT SAMITI, CUTTACK-SADAR**
**(Panchayati Raj & Drinking Water Deptt. Govt. of Odisha)**
**SHORT QUOTATION CALL NOTICE**
No.2864/ Dtd. 13.09.2021

Sealed quotations from intending bidders are invited in plain paper for Demolition of existing of Old Building and old materials in the premises of Cuttack, Sadar, Panchayat Samiti, Naya Bazar, Cuttack up to ground level as is where is basis including removal of debris and dismantled materials both usable and unusable and shifting of old materials from the campus of the above building and complete clearance of site.

| | | | |
|---|---|---|---|
| 1. | No. of work | : | 10 Nos. |
| 2. | Nature of work | : | Demolition of buildings |
| 3. | Class of contractor | : | Any class of contractor |
| 4. | Receipt of bid document | : | 13.09.2021 to 27.09.2021 (During working days from 11 A.M. to 4 P.M.) |
| 5. | Date of opening of bid | : | 28.09.2021, 11 A.M. |

Details are available in the Notice Board of Office of the Block Development Officer, Cuttack Sadar, Cuttack.

Sd./- Block Development Officer
Cuttack, Sadar


# ଲଗାଣ ବର୍ଷାରେ ମାଛଚାଷୀ ସର୍ବସ୍ୱାନ୍ତ



ପୋଖରୀରେ ବର୍ଷାଜଳ ପ୍ରବାହିତ ହେଉଛି

## ପୋଖରୀ ଉପରେ ୨ଫୁଟର ବର୍ଷାପାଣି

ରଘୁନାଥପୁର,୧୪।୯(ଡି.ଏନ୍.ଏ.)

ଲଘୁଚାପଜନିତ ଲଗାଣ ବର୍ଷାରେ ରଘୁନାଥପୁର ବ୍ଲକର ୭ ପଞ୍ଚାୟତରେ ମତ୍ସ୍ୟଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଫଳରେ ଋଣ ଆଣି ପୋଖରୀରେ ମାଛଚାଷ କରିଥିବା ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଆଗକୁ ଗୁଜରାଣ କିପରି ମେଣ୍ଟାଇବେ ସେନେଇ ସେମାନେ ଚିନ୍ତିତ ହୋଇପଡିଛନ୍ତି। ତରିକୁନ୍ଦଠାରୁ ବାହାରିଥିବା ୭ନଂ ଓ ୮ନଂ ଜଳସେଚିତ କେନାଲ ମଧ୍ୟ ଭାଗର ପ୍ରାୟ ୨୦କିମି ଲମ୍ବ ମୃତ କାଠଯୋଡ଼ି ନଦୀରେ ୧୦୦ରୁ ଉର୍ଦ୍ଧ୍ୱ ପୋଖରୀ ରହିଛି। ଏସବୁ ପୋଖରୀରେ ୫ଶହ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ମାଛ ଚାଷ ହୋଇଥିଲା। ଏବେ ପୋଖରୀଠାରୁ ଆନୁମାନିକ ୨ ଫୁଟ ଉଚ୍ଚରେ ପାଣି ଚାଲିଥିବାରୁ ଏଠାରୁ ମାଛ ବାହାରି କାଠଯୋଡ଼ିର ମୃତନଦୀ ଦେଇ ଚାଲିଯାଇଥିବା ଆଶଙ୍କା କରାଯାଉଛି। ମୃତନଦୀ ନାଲିବରସ୍ଥିତ ହଂସୁଆ ସଫେଇରେ ମିଶୁଥିବାରୁ ମାଛସବୁ ପାଣିସ୍ରୋତରେ ହଂସୁଆକୁ ଚାଲିଯାଇଛନ୍ତି ବୋଲି ମତ୍ସ୍ୟଚାଷୀମାନେ କହିଛନ୍ତି। ୧୯୯୯ ମହାବାତ୍ୟା ପରଠାରୁ ଏହି ମୃତନଦୀରେ କେବେ ଅଧିକ ପାଣି ଆସି ନଥିବା ବେଳେ ଲଗାଣ ବର୍ଷା ପରେ ନଦୀରେ ପାଣି ଚାଲିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅଢେଇକୁଳ ପଞ୍ଚାୟତର ପ୍ରଶାନ୍ତ ବସ୍ତିଆର ଲକ୍ଷ୍ମୀଧର ସ୍ୱାଇଁ, ଆସବ ଅଲ୍ଲୀ ଖାଁ, କାଦମ୍ବିନୀ ବେହେରା, ସାଦେଇପୁର ପଞ୍ଚାୟତର କ୍ଷେତ୍ରମୋହନ ବେହେରା, ଶାନ୍ତିଲତା ଦ୍ୱିବେଦୀ, ଦିଲୀପ ରଥ, ସୁବାସ ପଣ୍ଡା ପ୍ରମୁଖ ନିଜ ପୋଖରୀରେ ମାଛଚାଷ କରିଥିଲେ। ମାଛଚାଷ ପାଇଁ ବୀମା ନଥିବାରୁ କ୍ଷତିଗ୍ରସ୍ତ ଚାଷୀଙ୍କ ଜୀବିକା ନିର୍ବାହ ପାଇଁ ସରକାରୀ ସ୍ତରରେ ସହାୟତା ଯୋଗାଇଦେବାକୁ ଅଜୟ ଦ୍ୱିବେଦୀ, ସୁଦର୍ଶନ ସ୍ୱାଇଁ, ବାସୁ ସାହୁ ଓ କ୍ଷେତ୍ରମୋହନ ସାହୁ ପ୍ରମୁଖ ଜିଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି। ଏନେଇ କ୍ଷତିଗ୍ରସ୍ତ ମାଛଚାଷୀଙ୍କ ତାଲିକା ପ୍ରଦାନ କରିବା ପାଇଁ ବ୍ଲକ ଏଏଫଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଡିଏଫ୍‌ଓ ଦୀପ୍ତି ମହାପାତ୍ର କହିଛନ୍ତି।


**LEPRA SOCIETY** requires Project Manager for Target Intervention (IDU) Project, Bhubaneswar. Master in Social Science or Graduate with Minimum 3 Yrs. experience with Social Development.
**Salary Rs.15,000**. Apply to:
**hrd@leprahealthinaction.in**
within 7 days.
For detail visit: **www.leprasociety.in**

**APPOINTMENT**
**Meridian Medicare Ltd.** for its expansion programme required experience **Pharma Personnel** to fillup uncovered area. Please mail your resume with full confidence to
meridianmedicare.mml@gmail.com.

**WANTED**
A Lady for Clerical work in a Office. Free accommodation & 10000/-.
Mob. No.7809525452

NATION TAX MARKET
**COMMISSIONERATE OF CT & GST**
**(Under Finance Department)**
**(GOVERNMENT OF ODISHA)**
No. S-19

**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ ।**
**ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

ଯେଉଁ ଟିକସଦାତାଙ୍କ ଜିଏସ୍‌ଟି ପଞ୍ଜୀକରଣ ''ରିଟର୍ଣ୍ଣ ଦାଖଲ ନ କରିବା'' ଯୋଗୁ ରଦ୍ଦ କରାଯାଇଅଛି ଏବଂ ଯେଉଁଠି ପଞ୍ଜୀକରଣ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ସମୟ ସୀମା ୨୦୨୦ ମସିହା ମାର୍ଚ୍ଚ ତାରିଖରୁ ୨୦୨୧ ମସିହା ଅଗଷ୍ଟ ୩୧ ତାରିଖ ମଧ୍ୟରେ ରହିଥିଲା (ବିଜ୍ଞପ୍ତି ସଂଖ୍ୟା ୩୪/୨୦୨୧ ତାରିଖ ୨୯ ଅଗଷ୍ଟ ୨୦୨୧ ଓ ସର୍କୁଲାର ସଂଖ୍ୟା ୧୫୮/୪/୨୦୨୧- ଜିଏସ୍‌ଟି ତାରିଖ ୬ ସେପ୍ଟେମ୍ବର ୨୦୨୧ ଅନୁଯାୟୀ), ସେମାନଙ୍କ ପାଇଁ ଜିଏସ୍‌ଟି ପଞ୍ଜୀକରଣ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ସମୟ ସୀମାକୁ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

**ନିମ୍ନୋକ୍ତ କ୍ଷେତ୍ରରେ ଏହି ସୁବିଧା ପ୍ରଯୁଜ୍ୟ ହେବ:**
(୧) ଟିକସଦାତାଙ୍କ ଦ୍ୱାରା ରଦ୍ଦୀକରଣ ପ୍ରତ୍ୟାହର ପାଇଁ ଦରଖାସ୍ତ ଦାଖଲ ହୋଇ ନ ଥିବ।
(୨) ରଦ୍ଦୀକରଣ ଆଦେଶ ବିରୋଧରେ ଅପିଲ ହୋଇଥିବ ଓ ଏହି ଅପିଲକୁ ପ୍ରତ୍ୟାଖ୍ୟାନ କରାଯାଇଥିବ।
(୩) ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତକୁ ପ୍ରପର ଅଫିସରଙ୍କ ଦ୍ୱାରା ଅଗ୍ରାହ୍ୟ କରାଯାଇଥିବ।
(୪) ରଦ୍ଦୀକରଣ ଆଦେଶ ବିରୋଧରେ ଟିକସଦାତାଙ୍କ ଦ୍ୱାରା ଅପିଲ ହୋଇଥିବ ଏବଂ ଏହାର ନିଷ୍ପତ୍ତି ଟିକସଦାତାଙ୍କ ବିରୋଧରେ ସ୍ଥିରୀକୃତ ହୋଇଥିବ।

ଉପରୋକ୍ତ ସମସ୍ତ ମାମଲାରେ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ସାନି ଅନ୍‌ଲାଇନ ଦରଖାସ୍ତ ୩୦ ସେପ୍ଟେମ୍ବର ୨୦୨୧ ସୁଦ୍ଧା ଦାଖଲ କରିବା ପାଇଁ ଟିକସଦାତାଙ୍କୁ ଏହି ସୁବିଧା ବର୍ତ୍ତମାନ ଉପଲବ୍ଧ କରାଯାଇଛି।

**ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ**
**ଓଡ଼ିଶା ସରକାର, କଟକ**
**Help Desk: 1800-345-6753 (Toll Free)**
**email: ctdho@odishatax.gov.in**
OIPR-05006/11/0006/2122


# 'ପୁରୀକୁ ପର୍ଯ୍ୟଟନସ୍ଥଳ ପରିବର୍ତ୍ତେ ଧାର୍ମିକସ୍ଥଳର ମର୍ଯ୍ୟାଦା ମିଳୁ'

## ଜଗତ୍‌ଗୁରୁ ରାମାନନ୍ଦଚାର୍ଯ୍ୟଙ୍କ ପଟ୍ଟାଭିଷେକ ଉତ୍ସବ

ବିରିଡ଼ି,୧୪।୯(ଡି.ଏନ୍.ଏ.)

ଜଗତଗୁରୁ ରାମାନନ୍ଦଚାର୍ଯ୍ୟ ସ୍ୱାମୀ ଅରୂପାନନ୍ଦ ମହାରାଜଙ୍କ ଷଷ୍ଠ ବାର୍ଷିକୀ ପଟ୍ଟାଭିଷେକ ଉତ୍ସବ ମଙ୍ଗଳବାର ବିରିଡି ବ୍ଲକ କୁଳକଇଜଙ୍ଗା ପଞ୍ଚାୟତର ନୂଆପାଟିସ୍ଥିତ ଜଗତ୍‌ଗୁରୁ ପୀଠ ପରିସରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଗତ୍‌ଗୁରୁ ଅରୂପାନନ୍ଦଜୀ କହିଛନ୍ତି, ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟ ସରକାର ସୌନ୍ଦର୍ଯ୍ୟକରଣ ଆଳରେ ବହୁ ପୁରାତନ ମଠ ମନ୍ଦିରକୁ ଭାଙ୍ଗି ଦେଉଛନ୍ତି । ତାହା ଦୁଃଖଦାୟକ ଓ ପରିତାପର ବିଷୟ । ପୁରୀ ହେଉଛି ଶ୍ରୀକ୍ଷେତ୍ର ଧାମ। ଏହି ଧାମକୁ ପର୍ଯ୍ୟଟନ ସ୍ଥଳ ନ କରି ଧାର୍ମିକ ସ୍ଥଳରୂପେ ସରକାର ମର୍ଯ୍ୟାଦା ଦେବା ଆବଶ୍ୟକ। ଏହାଛଡ଼ା ପ୍ରକୃତିର ସୁରକ୍ଷା ଦିଗରେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ଶାରଦୀୟ ପୂଜାରେ ମୂର୍ତ୍ତିର ଉଚ୍ଚତାକୁ ନେଇ ଉପୁଜିଥିବା ବିବାଦ ସମ୍ପର୍କରେ ସେ କହିଛନ୍ତି, ମୂର୍ତ୍ତି ଉଚ୍ଚତା ୪ ଫୁଟରୁ ୬ଫୁଟ ହେଲେ କୌଣସି ଅସୁବିଧା ହେବନାହିଁ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶ୍ରୀମତ୍ ନାଗା ବାବା, ହରିହର ଦାସଜୀ, ଶ୍ରୀମନ୍ତ ରାମନାରାୟଣ ଦାସଜୀ, ମହନ୍ତ ହରିହର ଦାସ, ଧାନକୁଦ ପୀଠର ପୀଠାଧୀଶ ବାବା ଅରକ୍ଷିତ ମହାରାଜ, ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସ ମହାରାଜ ପ୍ରମୁଖ ଯୋଗଦେଇଥିଲେ।

# ହିନ୍ଦୀ ଭାଷା ଦିବସରେ ଶପଥପାଠ

ପାରାଦୀପ, ୧୪।୯(ସ୍ୱ.ପ୍ର.)

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ବୋର୍ଡ ରୁମରେ ହିନ୍ଦୀ ଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ ଯୋଗଦେଇ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ହିନ୍ଦୀ ଭାଷାରେ ଶପଥପାଠ କରାଇଥିଲେ।



ବନ୍ଦର ଉପାଧ୍ୟକ୍ଷ କର୍ମଚାରୀମାନଙ୍କୁ ହିନ୍ଦୀ ଭାଷାରେ ଶପଥପାଠ କରାଉଛନ୍ତି।

କାର୍ଯ୍ୟକ୍ରମକୁ ବରିଷ୍ଠ କଲ୍ୟାଣ ବିଭାଗ ଅଧିକାରୀ ନିରୋଜ କୁମାର ପଟ୍ଟନାୟକ ସଞ୍ଚାଳନ କରିଥିଲେ। ୧୪ ସେପ୍ଟେମ୍ବର ୧୯୪୯ରେ ହିନ୍ଦୀ ଭାଷାକୁ ରାଜ ଭାଷାର ମାନ୍ୟତା ମିଳିଥିଲା।


NATIONAL HEALTH MISSION
**Odisha State Health & Family Welfare Society, Govt. of Odisha**
**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8, Bhubaneswar- 751012,**
**District-Khordha (Odisha) Phone/Fax: 0674- 2392480/79**

**Advt. No:- 19/21** **Walk-in-Interview** **Date:- 15.09.2021**

No. E-439:- Walk-in-Interview will be conducted as scheduled below for filling up of the vacant position of **Training Consultant, SNC** under National Health Mission, Odisha on contractual basis with monthly remuneration as noted and subject to renewal as per OSH&FW Society terms and conditions. The above position is purely temporary and co-terminus with the scheme. Lower age limit is 21 years as on dt.01.09.2021.

| Sl. No. | Name of the Position | Remuneration (in Rs.), Performance Incentive (P.I) & other allowances as admissible | Date of Registration & Interview |
|---|---|---|---|
| 01 | Training Consultant, SNC | Rs.56,157/- + PI | 29.09.2021 |

Interested candidates can log on to www.nhmodisha.gov.in for details of vacancy, eligibility criteria, age, application form, ToR etc. **Candidates fulfilling the eligibility criteria may appear for registration on the date as mentioned against the position. Registration timing shall be from 10.30 A. M. to 12.00 Noon only on Walk-in-Interview date**. No application shall be received after scheduled date & timing of registration.

**Venue: - Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist- Khordha, Pin – 751012, Odisha.**

**Sd./- Mission Director, NHM**
OIPR-10084/11/0017/2122 **Member Secretary, OSH&FWS, Odisha**

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**
**Email: rd_bgh@yahoo.co.in // Fax : 06646-230676, Gmail: adityabhoi@gmail.com**
No.O-662:- **e-Procurement Notice No. ONLINE-BGH- 04 OF 2021-22**

| Sl. No. | Name of the work | : | Construction of bridge over Ranj river at 2nd Km. on Barguda to Bhatigaon road (Balance Work) 2021-22 in the district of Bargarh. |
|---|---|---|---|
| 1 | Approx. estimated cost put to tender | : | Rs.81.00 Lakhs |
| 2 | Cost of tender paper | : | 10000/- |
| 3 | EMD | : | Bid security declaration |
| 4 | Class of contractor | : | B&A class |
| 5 | Time of completion | : | 6(Six) calender months |
| 6 | Other details | : | As per DTCN |

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-04 OF 2021-22 | 21.09.21 at 11.00 A.M. | 28.09.21 upto 5.00 P.M. | 27.09.21 upto 5.00 P.M. | 30.09.21 at 11.00 A.M. |

Further details can be seen from the website www.tendersorissa.gov.in

**Executive Engineer, R.W. Division, Bargarh**
OIPR--25062/11/0007/2122

## ସଂକ୍ଷେପରେ

### ମାଟି କାନ୍ଥ ଭୁଶୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା ଅଫିସ, ୧୪।୯:** କେନ୍ଦ୍ରାପଡ଼ା ଜିଲାରେ କାନ୍ଥ ଭୁଶୁଡ଼ି ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି ପାଇଛି। ମଙ୍ଗଳବାର ଅପରାହ୍ନରେ କେନ୍ଦ୍ରାପଡ଼ା ତହସିଲ ନିକିରାଇ ଥାନା ଅନ୍ତର୍ଗତ କୋରୋ ଗାଁର ଜଗବନ୍ଧୁ ନାୟକଙ୍କ ଚାଳଘର କାନ୍ଥ ଭୁଶୁଡ଼ି ପଡ଼ିଛି। କାନ୍ଥ ତଳେ ଚାପି ହୋଇ ଜଗବନ୍ଧୁଙ୍କ ସ୍ତ୍ରୀ କମଳା (୭୦)ଙ୍କର ମୃତ୍ୟୁ ହୋଇଥିବା ପୁଅ ରାମଚନ୍ଦ୍ର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ରାମଚନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ, ଲଗାଣ ବର୍ଷାରେ ମାଟିଘର ତଳ ସନ୍ତେଇ ଯାଇଥିଲା। ଏହି ଘରେ ମା' କମଳା ଥିବା ବେଳେ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ମାଟି ତଳୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ଡାକ୍ତର ମା'ଙ୍କୁ ମୃତ ଘୋଷଣା କରିଛନ୍ତି। ଜିଲା ଜରୁରିକାଳୀନ ଅଧିକାରୀ ସମ୍ବିତ କୁମାର ଶତପଥୀ କହିଛନ୍ତି, ଅଭିଯୋଗକୁ ଭିତ୍ତି କରି ତଦନ୍ତ ହେବ। ଡେରାବିଶ ବ୍ଲକ ବେଣିପୁରର ନର୍ମଦା ପୃଷ୍ଟି ଓ ଗରଦପୁର ବ୍ଲକ ବଡବେତରା ଗାଁର ଅଭୟ ମହାପାତ୍ରଙ୍କ ମୃତ୍ୟୁ କାନ୍ଥ ଭୁଶୁଡ଼ି ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଦିନକରେ ୪୨୮ ଆକ୍ରାନ୍ତ ଚିହ୍ନଟ, ୪ ମୃତ

**ଭୁବନେଶ୍ୱର,୧୪।୯(ବ୍ୟୁରୋ):** ରାଜ୍ୟରେ କରୋନା ସଂକ୍ରମଣ କମୁଛି। ଗତ ଦୁଇଦିନରେ ସଂକ୍ରମିତଙ୍କ ସଂଖ୍ୟା ୫ଶହ ତଳକୁ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୪୮,୦୮୬ ନମୁନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୪୨୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ୦.୮୯% ରହିଛି। ଏମାନଙ୍କ ମଧ୍ୟରେ ୫୫ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଛନ୍ତି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୧୭୯ଜଣ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୧୭,୨୬୧ରେ ପହଞ୍ଚିଛି। ସେହିପରି କରୋନାରେ ଆଉ ୪ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୨ଜଣ ଥିବା ବେଳେ ପୁରୀ ଓ କଟକରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୧୦୮କୁ ବୃଦ୍ଧି ପାଇଛି। ତେବେ ମଙ୍ଗଳବାର ୭୯୩ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଫଳରେ ଆରୋଗ୍ୟଙ୍କ ସଂଖ୍ୟା ୧୦,୦୩,୬୦୩କୁ ବୃଦ୍ଧି ପାଇଛି।

### ବଦଲି ଜଙ୍ଗଲରେ ଗୁଳି ବିନିମୟ

**ସୁରକ୍ଷା କର୍ମୀ-ମାଓବାଦୀ ମୁହାଁମୁହିଁ**

**ମାଲକାନଗିରି,୧୪।୯(ଡି.ଏନ.ଏ.):** କୋରାପୁଟ ଓ ମାଲକାନଗିରି ଜିଲା ସୀମାନ୍ତ ବଦଲି ଜଙ୍ଗଲରେ ମଙ୍ଗଳବାର ମାଓବାଦୀ-ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଛନ୍ତି। ଜଙ୍ଗଲରେ ମାଓବାଦୀଙ୍କ ଏକ କ୍ୟାମ୍ପ ଚାଲିଥିବା ସୂଚନା ପାଇ ପୋଲିସ ସମ୍ପୃକ୍ତ ଅଞ୍ଚଳକୁ କୋମ୍ବିଂ ଅପରେଶନରେ ଯାଇଥିଲା। ପୋଲିସକୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଯବାନମାନେ ମଧ ଏହାର ପାଲଟା ଜବାବ ଦେଇଥିଲେ। ଖବର ଲେଖା ହେବାଯାଏ ଉଭୟପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ମୃତାହତ ଓ କ୍ଷୟକ୍ଷତି ସମ୍ପର୍କରେ ପୋଲିସ ପକ୍ଷରୁ କୌଣସି ସୂଚନା ମିଳିନାହିଁ।

### ଫେରାର ମାଓବାଦୀ ନେତା ଶେଖର ଗିରଫ

**ତେଲକୋଇ, ୧୪।୯(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ପୋଲିସ ଫେରାର ଥିବା ମାଓବାଦୀ ନେତା ଶେଖରଙ୍କୁ ସୋମବାର ସନ୍ଧ୍ୟାରେ ଗିରଫ କରି କୋର୍ଟଚାଲାଣ କରିଛି। ତେଲକୋଇ ଓଆଇସି ଅମିତାଭ ଦାଶ ତାଙ୍କୁ ଗିରଫ କରିବା ପରେ ଏସ୍‌ପି ଅଫିସ୍‌କୁ ପଠାଇବା ସହ ତଦନ୍ତ ଜାରି ରଖିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସେ କଳିଙ୍ଗନଗର ମାଓ ଡିଭିଜନରେ କାମ କରୁଥିଲେ। ସେ ମାଓ କମାଣ୍ଡର ସୁନିଲଙ୍କ ସହଯୋଗୀ ଥିଲେ। ସୁନିଲଙ୍କ ନିର୍ଦ୍ଦେଶରେ ୨୦୧୩ରେ ଦୈତାରୀ- ବାଂଶପାଣୀ ରେଳ ଲାଇନକୁ ବିସ୍ଫୋରଣ କରି ଉଡ଼ାଇବା ଘଟଣାରେ ଦୈତାରୀ ଥାନାରେ ତାଙ୍କ ନାମରେ ଏକ ମାମଲା (ନଂ.୩୦/୨୦୧୩) ରୁଜୁ ହୋଇଥିଲା। ଏହାପରଠାରୁ ସେ ଫେରାର ଥିଲେ। ସେ ତେଲକୋଇ ଥାନା ଅନ୍ତର୍ଗତ କାଳିଆହତା ପଞ୍ଚାୟତ ସାରୁପାଟ ଗ୍ରାମରେ ଥିବା ଖବରପାଇ ପୋଲିସ ସେଠାରୁ ତାଙ୍କୁ ଗିରଫ କରିଛି।

# ସଙ୍କଟରେ ଜାତୀୟ ଉଦ୍ୟାନ ମାନ୍ୟତା

- ଭିତରକନିକା ବିଶ୍ୱ ଆଇକନିକ ଐତିହ୍ୟ ତାଲିକାରୁ ବଞ୍ଚିତ
- ହେନ୍ତାଳବଣ ସମସ୍ୟା ସୁଧାରିବା ପାଇଁ ତତ୍ପରତା ନାହିଁ

**କେନ୍ଦ୍ରାପଡ଼ା ଅଫିସ, ୧୪।୯**

ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ଅବବାହିକାରେ ଥିବା ଭିତରକନିକାର ଜୈବ ବିବିଧତା ବିଶ୍ୱ ପ୍ରସିଦ୍ଧ। ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥଳ, ବହୁ ଲୁଣା କୁମ୍ଭୀର, ଦେଶୀ ବିଦେଶୀ ପକ୍ଷୀଙ୍କ ସମାହାର ଓ ହେନ୍ତାଳବଣ ଗବେଷକଙ୍କ ପାଇଁ ଏହି ଆର୍ଦ୍ରଭୂମି ଗବେଷଣାଗାର ସାଜିଛି। ଏହି ବନାଞ୍ଚଳକୁ ୧୯୭୫ରେ ସଂରକ୍ଷିତ କରାଯାଇଥିବା ବେଳେ ୧୯୯୮ରେ ଜାତୀୟ ଉଦ୍ୟାନ ଓ ୨୦୦୨ରେ ଅନ୍ତର୍ଜାତୀୟ ମାନ୍ୟତା (ରାମସାର ସାଇଟ) ମିଳିଛି। ଏହାସତ୍ତ୍ୱେ ପରିଚାଳନାଗତ ତ୍ରୁଟି ଯୋଗୁ ୨୦୧୭ରେ ବିଶ୍ୱ ଐତିହ୍ୟ ତାଲିକାରୁ ଭିତରକନିକା ବଞ୍ଚିତ ହୋଇଛି। ଏପରି କି ଜାତୀୟ ଉଦ୍ୟାନ ମାନ୍ୟତା ପାଇଁ ଇଣ୍ଟର ନ୍ୟାଶନାଲ ୟୁନିୟନ ଫର କଞ୍ଜରଭେଶନ ଅଫ୍ ନେଚର (ଆଇୟୁସିଏନ୍)ର ୪୦ତମ ବୈଠକରେ ବିଭିନ୍ନ କାରଣ ଦର୍ଶାଇ ସମାଲୋଚନା କରାଯାଇଛି। ସେହିପରି ୨୦୧୯ରେ ଜାତୀୟ ଆଇକନିକ ଐତିହ୍ୟସ୍ଥଳ ତାଲିକାରେ ଭିତରକନିକା ସାମିଲ ହୋଇପାରିନାହିଁ। ଏହାର କାରଣ ଖୋଜି ସମସ୍ୟାର ସମାଧାନ ହେବା କଥା। ହେଲେ ଏ ନେଇ ପ୍ରଶାସନ କିମ୍ବା ରାଜ୍ୟ ସରକାର ତତ୍ପରତା ଦେଖାଉ ନ ଥିବାରୁ ଭିତରକନିକା ଜାତୀୟ ଉଦ୍ୟାନ ମାନ୍ୟତା ଏବେ ସଙ୍କଟରେ ରହିଛି ବୋଲି ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରା, ଜନ ଅଧିକାର ମଞ୍ଚ ସଭାପତି ଭୁବନ ମୋହନ ଜେନା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ ପ୍ରମୁଖ କହିଛନ୍ତି, ଭିତରକନିକାର ଆତ୍ମା ହେଉଛି ହେନ୍ତାଳବଣ। ଏହା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମୁଦ୍ରର ପ୍ରାଚୀର ଭାବେ କେବଳ କାର୍ଯ୍ୟ କରୁନାହିଁ, ବରଂ ପଶୁପକ୍ଷୀ, ବନ୍ୟଜନ୍ତୁ, ସାମୁଦ୍ରିକ ପ୍ରାଣୀଙ୍କ ପାଇଁ ଅନ୍ତୁଡିଶାଳ ସାଜିଛି। ତେବେ ଏହାର ପରିଚାଳନାରେ ତ୍ରୁଟି ରହିଥିବାରୁ ୨୦୧୭ରେ ୟୁନାଇଟେଡ ନେଶନ୍ସ ଏଡୁକେଶନାଲ, ସାଇଣ୍ଟିଫିକ ଆଣ୍ଡ କଲ୍‌ଚରାଲ ଅର୍ଗାନାଇଜେଶନ (ୟୁନେସ୍କୋ) ପକ୍ଷରୁ ଆୟୋଜିତ ଆଇୟୁସିଏନ୍ ବୈଠକରେ ଦର୍ଶାଯାଇଛି। ୨୦୧୬ ନଭେମ୍ବର ୨ରୁ ୯ ତାରିଖ ପର୍ଯ୍ୟନ୍ତ ଆଇୟୁସିଏନର ବିଶେଷଜ୍ଞ ନାଓମି ଡକ୍ ଓ ରାମ୍‌କୋ ଭନ ମେରୋନ ଭିତରକନିକା ଅଞ୍ଚଳ ଗସ୍ତ କରି ଏହାର ପରିବେଶ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ ଷ୍ଟାଟସ୍ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ ଅଫ୍ ମ୍ୟାନଗ୍ରୁଭ ଫରେଷ୍ଟ, ଗ୍ଲୋବାଲ ଇକୋଲୋଜି ଆଣ୍ଡ ବାଇଓଲୋଜି (୨୦୧୧), ସ୍ପାଟିଆଲ ଆନାଲିସିସ୍ ଅଫ୍ ଆନ୍ଥ୍ରୋପଜେନିକ ଡିଷ୍ଟ୍ରର୍ବାନ୍ସ ଅଫ୍ ମ୍ୟାନଗ୍ରୋଭ ଫରେଷ୍ଟ ଅଫ୍ ଦି ଭିତରକନିକା କଞ୍ଜରଭେଶନ ଏରିଆ, ଜିଓ ସ୍ପାଇଟାଲ ଆନାଲିସିସ୍ ଅଫ୍ କୋଷ୍ଟାଲ ଏନ୍‌ଭାଇରନ୍‌ମେଣ୍ଟ ଆଦି ବହୁ ତଥ୍ୟ ଆଧାରକୁ ସେମାନେ ନିରୀକ୍ଷଣ କରିଛନ୍ତି। ସେମାନଙ୍କ ରିପୋର୍ଟ ଅନୁଯାୟୀ, ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ହେନ୍ତାଳବଣର ସୁରକ୍ଷା ଏବେ ଜରୁରୀ ହୋଇପଡିଛି। ସାମୁଦ୍ରିକ ତଟକ୍ଷୟ ବିରଳ ଅଲିଭ ରିଡ୍‌ଲେଙ୍କ ପ୍ରଜନନସ୍ଥଳ ଗହୀରମଥାକୁ କବଳିତ କରିଛି। ଆଗାମୀ କିଛିବର୍ଷ ମଧ୍ୟରେ ପ୍ରଜନନ ପାଇଁ ଏଠାରେ ସ୍ଥାନ ମିଳିବ ନାହିଁ। ସେହିପରି ଭିତରକନିକା ସଂରକ୍ଷିତ ଅଞ୍ଚଳ କୁହାଯାଉଥିବା ବେଳେ ସେଠାରେ ୪୧୦ ଗାଁ ରହିଥିବା ବନ ବିଭାଗ ଦର୍ଶାଇଛି। ଜୀବନ ଜୀବିକା ପାଇଁ ହେନ୍ତାଳବଣ ନଷ୍ଟ ହେଉଛି। ଏଥିସହ ଏହି ଆର୍ଦ୍ର ଅଞ୍ଚଳକୁ ଆବଶ୍ୟକ ମୁତାବକ ମଧୁର ଜଳର ଅଭାବ ଅଛି। ଏହାର ସୁରକ୍ଷା ପାଇଁ ଭିତରକନିକା ଇକୋ ସେନ୍ସିଟିଭ ଜୋନ ୨୦୧୫ରୁ ଘୋଷଣା ହୋଇଛି। ଜୋନ ଅଞ୍ଚଳରେ ସଚେତନତା ଓ କେତେକ କାର୍ଯ୍ୟକ୍ରମ ନ ଥିବାରୁ ଭିତରକନିକାକୁ ବିଶ୍ୱ ଐତିହ୍ୟ ମାନ୍ୟତାରୁ ବଞ୍ଚିତ କରାଯାଉଥିବା ବୈଠକର ରିପୋର୍ଟରୁ ଜଣାଯାଇଥିବା ପରିବେଶବିତ୍ ଓ ସାମାଜିକ କର୍ମୀମାନେ ମତ ଦେଇଛନ୍ତି। ଏହାସତ୍ତ୍ୱେ ଖରସ୍ରୋତାରୁ ପାଣି ଉଠାଗଲେ ହେନ୍ତାଳବଣ ନଷ୍ଟ ହେବ। ଭିତରକନିକାର ଜାତୀୟ ଉଦ୍ୟାନ ମାନ୍ୟତା ସଙ୍କଟାପନ୍ନ ହେବ ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ପଚାରିବାରୁ ଭିତରକନିକାକୁ ସୁରକ୍ଷିତ ରଖିବା ପାଇଁ କେତେକ କଟକଣା ଜାରି ହୋଇଛି। ନିଷିଦ୍ଧାଞ୍ଚଳରେ ପ୍ରବେଶ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସେହିପରି ଚିଙ୍ଗୁଡି ଘେରି ଉଚ୍ଛେଦ, ଅନୁପ୍ରବେଶକୁ ରୋକିବା ଆଦି କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି ବୋଲି ସେ କହିଛନ୍ତି।



ଭିତରକନିକାରେ ହେନ୍ତାଳବଣ।

# ଲାଞ୍ଚ ନେଇ ଏଡିପିଏଚ୍‌ଓ(ଭିବିଡି) ଗିରଫ

**ଉତ୍ତମ ପ୍ରଦର୍ଶନ ରିପୋର୍ଟ ପାଇଁ କର୍ମଚାରୀଙ୍କ ନିକଟରୁ ଲାଞ୍ଚ ନେଇଥିଲେ**



ଗିରଫ ଏଡିପିଏଚ୍‌ଓ(ଭିବିଡି) ଡାକ୍ତର ନବକିଶୋର ବେହେରା।

**ସୋନପୁର,୧୪।୯(ନି.ପ୍ର.)**

ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଭେକ୍ଟର ବାହିତ ରୋଗ (ଏଡିପିଏଚ୍‌ଓ-ଭିବିଡି) ଡାକ୍ତର ନବକିଶୋର ବେହେରାଙ୍କୁ ଭିଜିଲାନ୍ସ ବିଭାଗ ମଙ୍ଗଳବାର ଗିରଫ କରିଛି। ସନ୍ଧ୍ୟାରେ ତାଙ୍କୁ ବଲାଙ୍ଗୀରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଡାକ୍ତର ବେହେରା ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥିତ ସରକାରୀ ଅଫିସରେ ଲାଞ୍ଚ ନେଉଥିବା ବେଳେ ଅପରାହ୍ନରେ ଭିଜିଲାନ୍ସ ଟିମ୍ ହାତରେ ଧରା ପଡିଥିଲେ। ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭେକ୍ଟର ବାହିତ ରୋଗ ଟେକ୍ନିକାଲ ସୁପରଭାଇଜର(ଭିବିଡିଟିଏସ୍) ବିଦ୍ୟୁତ୍ ପ୍ରକାଶ ଖମାରୀଙ୍କ ନିକଟରୁ ସେ ୧୬ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଭିଜିଲାନ୍ସ ବିଭାଗର ସମ୍ବଲପୁର, ବଲାଙ୍ଗୀର, ବରଗଡ ଓ ସୁବର୍ଣ୍ଣପୁରର ଟିମ୍ ଡାକ୍ତରଙ୍କ କନ୍ଧମାଳ ଜିଲା ଫୁଲବାଣୀସ୍ଥିତ ପୈତୃକ ଘର, ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବାସଭବନ, ସୋନପୁର ପଟାଭାଡି ସରକାରୀ ବାସଭବନ, ସୁବର୍ଣ୍ଣପୁର ଏଡିପିଏଚ୍‌ଓ(ଭିବିଡି)ଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଏ ନେଇ ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା (ନଂ ୩୦/୨୧) ରୁଜୁ ହୋଇଛି।

ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଯୋଜନାରେ କାର୍ଯ୍ୟରତ ଭିବିଡିଟିଏସ୍‌ମାନଙ୍କ ଉତ୍ତମ ପ୍ରଦର୍ଶନ ନିରୂପଣ ରିପୋର୍ଟ ପ୍ରଦାନ ପାଇଁ ଡାକ୍ତର ବେହେରା ଲାଞ୍ଚ ଦାବି କରିଥିଲେ। ଅସ୍ଥାୟୀ କର୍ମଚାରୀ ଭିବିଡିଟିଏସ୍‌ମାନଙ୍କ ଚାକିରିର ବାର୍ଷିକ ନବୀକରଣ ପାଇଁ ଏଡିପିଏଚ୍‌ଓ(ଭିବିଡି)ଙ୍କ ଉତ୍ତମ ପ୍ରଦର୍ଶନ ରିପୋର୍ଟ ଆବଶ୍ୟକ। ତେଣୁ ଚାକିରି କାର୍ଯ୍ୟକାଳ ବୃଦ୍ଧି ସକାଶେ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ ପାଇଁ ଡାକ୍ତର ବେହେରା ଖମାରୀଙ୍କ ସମେତ ଅନ୍ୟ କେତେକ ଭିବିଡିଟିଏସ୍‌ଙ୍କୁ ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଖମାରୀ ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ସମ୍ବଲପୁର ଭିଜିଲାନ୍ସ ଏସ୍‌ପି ସାରା ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଜାଲ ବିଛାଯାଇଥିଲା। ଯୋଜନା ମୁତାବକ ଡାକ୍ତର ବେହେରା ଲାଞ୍ଚ ଟଙ୍କା ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀ ରଙ୍ଗବୋଳା ୩୨ଟି ୫ଶହ ଟଙ୍କିଆ ନୋଟ ଜବତ କରିଥିଲେ।

# ଦୁର୍ଦ୍ଦାନ୍ତ ମାଓବାଦୀ ସୋନାଲ ମାଧବୀଙ୍କ ଆତ୍ମସମର୍ପଣ

**କୋରାପୁଟ,୧୪।୯(ସ୍ୱ.ପ୍ର.)**

ହାର୍ଡକୋର ମାଓବାଦୀ ସୋନାଲ ମାଧବୀ ଓରଫ କିରଣ ମଙ୍ଗଳବାର କୋରାପୁଟ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜିଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ଏକ ଖବରଦାତା ସମ୍ମିଳନୀରେ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମରାଓ ସୂଚନା ଦେଇଛନ୍ତି।

ଡିଆଇଜି କହିଛନ୍ତି, ମାଓବାଦୀ ସୋନାଲ ମାଧବୀ ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲ କମିଟି ସଦସ୍ୟ ଏବଂ ଗୁମ୍ମା ଏରିଆ କମିଟି ସଦସ୍ୟ ଥିଲେ। ତାଙ୍କ ଘର ଛତିଶଗଡ଼ ବିଜାପୁର ଜିଲା ଝରାପଲି ପଞ୍ଚାୟତର ମେଣ୍ଡାଗୁଡ଼ା ଗ୍ରାମରେ। ଓଡ଼ିଶା ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ପ୍ରତି ଆକୃଷ୍ଟ ହୋଇ ମୁଖ୍ୟସ୍ରୋତକୁ ଫେରିବା ଲକ୍ଷ୍ୟରେ ସୋନାଲ ଆତ୍ମସମର୍ପଣ କରିଛନ୍ତି। ସେ ୨୦୧୨ରେ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ। ୨୦୧୨ରୁ ୨୦୧୮ ଯାଏ ନନ୍ଦପୁର ଏରିଆ କମିଟି, ଗୁମ୍ମା ଏରିଆ କମିଟି, ପେଦାବାଇଲୁ ଏରିଆ କମିଟି ସଦସ୍ୟ ରହିଥିଲେ। ୨୦୧୫ରେ ସୋନାଲ ମାଓବାଦୀଙ୍କ ଏସିଏମ୍ ର୍‍ୟାଙ୍କକୁ ପଦୋନ୍ନତି ପାଇଥିଲେ। ୨୦୧୮ରେ ଆନ୍ଧ୍ର ପୋଲିସ ଦ୍ୱାରା ଗିରଫ ହୋଇ ଜେଲରେ ଥିଲେ। ୨୦୧୯ ମେରେ ଜେଲରୁ ଖଲାସ ହୋଇ ପୁଣି ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ସେ ବିଭିନ୍ନ ସମୟରେ ସୁରକ୍ଷାକର୍ମୀଙ୍କ ସହ ଗୁଳି ବିନିମୟରେ ସାମିଲ୍ ଥିଲେ। କିଛି ମାସ ତଳେ ତାଙ୍କ ସ୍ତ୍ରୀ ତୁଲସୋ ହୁଇକା କୋରାପୁଟ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ଏହା ପରେ ସୋନାଲ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମନସ୍ଥ କରିଥିଲେ। ଅନ୍ୟପକ୍ଷରେ ଆତ୍ମସମର୍ପଣ କରିଥିବା ସୋନାଲଙ୍କୁ ରାଜ୍ୟ ସରକାରଙ୍କ ଥଇଥାନ ନୀତି ଅନୁସାରେ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ଡିଆଇଜି ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ସମେତ ବିଏସ୍‌ଏଫ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।



ସୋନାଲଙ୍କ ଆତ୍ମସମର୍ପଣ ସମ୍ପର୍କରେ ଡିଆଇଜି ସୂଚନା ଦେଉଛନ୍ତି।

# ମୋବାଇଲ ଲାଇଟ୍‌ରେ ଚିକିତ୍ସା



ମୋବାଇଲ ଲାଇଟରେ ଡାକ୍ତର ରୋଗୀ ଦେଖୁଛନ୍ତି।

**ବ୍ରହ୍ମପୁର ଅଫିସ,୧୪।୯**

**ଏମ୍‌କେସିଜି ମେଡିକାଲରେ ଅବ୍ୟବସ୍ଥା**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମ୍‌କେସିଜି) ମେଡିକାଲରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବିଦ୍ୟୁତ ବିଭ୍ରାଟ ଯୋଗୁ ମଙ୍ଗଳବାର କ୍ୟାନସର ୱାର୍ଡ଼ ଆଉଟ୍‌ଡୋରରେ ମୋବାଇଲ ଲାଇଟ୍‌ରେ ରୋଗୀ ସେବା କରାଯାଇଛି। ମୋବାଇଲ ଫୋନ୍ ଟର୍ଚ୍ଚ ଲଗାଇ ଡାକ୍ତର ରୋଗୀଙ୍କୁ ଦେଖି ଔଷଧ ଲେଖିବା ସହ ବିଭିନ୍ନ ପରାମର୍ଶ ଦେବା ଘଟଣାକୁ ନେଇ ଅସନ୍ତୋଷ ଦେଖାଦେଇଛି।

ଲଘୁଚାପଜନିତ ବର୍ଷା ପବନରେ ମେଡିକାଲ ପରିସରରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ ତାରରେ ଗଛଡାଳ ଲାଗି ଯାଇଥିଲା। ଉକ୍ତ ଡାଳ କାଟିବା ମଧ୍ୟାହ୍ନରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଏହି କ୍ୟାନସର ୱାର୍ଡ଼ ଆଉଟ୍‌ଡୋରରେ ରୋଗୀଙ୍କ ଲମ୍ବା ଲାଇନ୍ ଲାଗିଥିଲା। ଉକ୍ତ ବିଭାଗକୁ ଜେନେନେଟର୍ ସଂଯୋଗ ହୋଇ ନ ଥିବାରୁ ଡାକ୍ତର ବାଧ ହୋଇ ମୋବାଇଲ ଲାଇଟରେ ରୋଗୀ ଦେଖିଥିଲେ। ଏ ସମ୍ପର୍କରେ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର କହିଛନ୍ତି, ଗଛ ଡାଳ କାଟିବା ପାଇଁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିଲା। ସମସ୍ତ ବିଭାଗକୁ ଜେନେନେଟର୍ ସଂଯୋଗ କରାଯାଇଥିବା ବେଳେ କ୍ୟାନସର୍ ୱାର୍ଡ଼କୁ ଜେନେନେଟର୍ ସଂଯୋଗ ହୋଇନାହିଁ। ନିକଟରେ ଥିବା ରେଡ଼ିଓ ଡାଇଗ୍ନୋଷ୍ଟିକ୍ ବିଭାଗର ଜେନେନେଟରରୁ ସଂଯୋଗ ଦେବା ପାଇଁ କୁହାଯାଇଛି ବୋଲି ପ୍ରଫେସର ମିଶ୍ର କହିଛନ୍ତି।

# ଆଜିଠୁ ୩ ଦିନିଆ ରିମାଣ୍ଡରେ ନେବ ଇଓଡବ୍ଲ୍ୟୁ

**ୱେଲଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲା**

**ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ**

**କଟକ ଅଫିସ,୧୪।୯**

କଟକର ଓଡ଼ିଶା ଜମାକାରୀ ସ୍ୱାର୍ଥ ସୁରକ୍ଷା(ଓପିଆଇଡି) କୋର୍ଟ ମଙ୍ଗଳବାର ୱେଲଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଏହି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ କେସ୍ ଡାଏରି (ସିଡୀ) ଦାଖଲ କରାଯିବା ପରେ କୋର୍ଟ ୩ ଦିନିଆ ରିମାଣ୍ଡ ଆବେଦନକୁ ମଞ୍ଜୁର କରିଛନ୍ତି। ଇଓଡବ୍ଲ୍ୟୁ ଅଭିଯୁକ୍ତଙ୍କୁ ୧୫ ତାରିଖ ଅପରାହ୍ନ ୪ଟାରୁ ୧୮ ତାରିଖ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ରିମାଣ୍ଡରେ ନେବ। ପରେ କୋର୍ଟରେ ହାଜର କରାଇବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଓପିଆଇଡି କୋର୍ଟରେ ପ୍ରିଜାଇଡିଂ ଅଫିସର ଡ. ଭି. ସୁଜାତା ଏହାର ଶୁଣାଣି କରିଥିବାବେଳେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ୍ ମହାପାତ୍ର ମାମଲା ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ଆନ୍ଧ୍ର ପ୍ରଦେଶର ପୂର୍ବତନ ବିଧାୟକ ମାଲ୍ଲା ବିଜୟ ପ୍ରସାଦ ୱେଲ୍‌ଫେୟାର ବିଲ୍ଡିଂ ଆଣ୍ଡ୍ ଇଷ୍ଟେଟ୍ ପ୍ରାଇଭେଟ ଲିମିଟେଡ ନାମକ ଏକ କମ୍ପାନୀ ଖୋଲିଥିଲେ। ଜମାରାଶି ଉପରେ ଅଧିକ ରିଟର୍ନ ସହ ଭାଇଜାଗରେ ଜମି ଯୋଗାଇଦେବାର ମୋହ ଦେଖାଇ ମାଲ୍ଲାଙ୍କ ସଂସ୍ଥା ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲା। ଇଓଡବ୍ଲ୍ୟୁ ନିକଟରେ ପ୍ରାୟ ୧୫୦ଟି ଅଭିଯୋଗ ହୋଇଥିଲା। ଓଡ଼ିଶା କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ ବିଶାଖାପାଟଣାରୁ ମାଲ୍ଲା ବିଜୟଙ୍କୁ ଗିରଫ କରି ଗତ ୭ ତାରିଖରେ ଓପିଆଇଡି କୋର୍ଟରେ ହାଜର କରାଇ ଜେଲ ପଠାଇ ଦେଇଥିଲା। ଏହି ସମୟରେ ଅଭିଯୁକ୍ତ ଜାମିନ ଆବେଦନ କରିଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେବାକୁ ଇଓଡବ୍ଲ୍ୟୁ ପକ୍ଷରୁ ଆବେଦନ କରାଯାଇଥିଲା। ମାଲ୍ଲା ବିଜୟ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଭାଇଜାଗ ୱେଷ୍ଟର ବିଧାୟକ ଥିଲେ।

# ହାତୀ ଶାବକ ମୃତଦେହ ଜବତ

**ରେଢ଼ାଖୋଲ,୧୪।୯ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡର ଲୁହାପଙ୍କ ସେକ୍ସନ ପିଟାନାଳି ଗ୍ରାମ ନିକଟ ଏକ ନାଳରୁ ମଙ୍ଗଳବାର ସକାଳେ ବନ ବିଭାଗ ଏକ ହାତୀ ଶାବକର ମୃତଦେହ ଜବତ କରିଛି। ଗାଁ ଲୋକେ ହାତୀଛୁଆ ମରିପଡିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଡିଏଫ୍‌ଓ ରମାକାନ୍ତ ନାୟକ, ଏସିଏଫ୍ ଦେବୀପ୍ରସାଦ ରାଉତ, ଫରେଷ୍ଟର ଧର୍ମୁଧର ପ୍ରଧାନ ପ୍ରମୁଖ ଉକ୍ତ ନାଳ ନିକଟରେ ପହଞ୍ଚି ହାତୀଛୁଆ ମୃତଦେହ ଜବତ କରିଥିଲେ। ପ୍ରାଣୀ ଚିକିତ୍ସକ ଡା. ପ୍ରଦୀପ କୁମାର ସାହୁ ଓ ଡା. ରୁବି ଦାସ ମୃତ ହାତୀର ଶବ ବ୍ୟବଚ୍ଛେଦ କରିବା ପରେ ଏହାକୁ ପୋତି ଦିଆଯାଇଛି।



ମୃତ ହାତୀଛୁଆ

# ଆଜି ୨ ୱେବ୍ ପୋର୍ଟାଲ ପ୍ରତିନିଧିଙ୍କ ବୟାନ ରେକର୍ଡ

**ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ମାମଲା**

**କଟକ ଅଫିସ,୧୪।୯**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ମାମଲାରେ କଟକ ମଙ୍ଗଳାବାଗ ପୋଲିସ ମଙ୍ଗଳବାର ଭୁବନେଶ୍ୱରର ଏକ ୱେବ୍ ପୋର୍ଟାଲର ସିଟି ରିପୋର୍ଟର ଅସିତ ରାଉତ ଓ ଇନ୍‌ପୁଟ କୋଅର୍ଡିନେଟର୍ ଦୀପ୍ତି ସେଠୀଙ୍କୁ ନୋଟିସ ଜାରି କରିଛି। ସେମାନେ ବୁଧବାର ମଙ୍ଗଳାବାଗ ଥାନାରେ ହାଜର ହେବେ। ପରେ ଦୁଷ୍ମନ୍ତ ମୃତ୍ୟୁ ମାମଲାରେ ସେମାନଙ୍କ ବୟାନ ରେକର୍ଡ କରାଯିବ। ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହା ତଦନ୍ତରୁ ଜଣାପଡିବ ବୋଲି ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର ସୂଚନା ଦେଇଛନ୍ତି। ଦୁଷ୍ମନ୍ତଙ୍କ ମୃତ୍ୟୁ ସମ୍ପର୍କିତ ଖବର ଏହି ପ୍ରତିନିଧି ଦ୍ୱୟ ନିୟମିତ ଭାବ ପ୍ରକାଶ କରିଆସୁଥିଲେ। ତେଣୁ ସେମାନଙ୍କ ଭୂମିକା ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଦୁଷ୍ମନ୍ତ ଦୁଇବର୍ଷ ତଳେ ଦୁର୍ଘଟଣାର ଶିକାର ହେବାରୁ ଗୋଡରେ ଗଭୀର ଆଘାତ ଲାଗିଥିଲା। ଚିକିତ୍ସା ଲାଗି ଜିଲା ପ୍ରଶାସନ ତାଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲା। ମାତ୍ର ଭୁଲ୍ ଅସ୍ତ୍ରୋପଚାର ଯୋଗୁ ସେ ସୁସ୍ଥ ହୋଇ ନ ପାରିବା ଅଭିଯୋଗ କରି ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ୮ ତାରିଖରେ ସେ ବିଧାନସଭା ନିକଟରେ ବିଷ ପିଇବା ସହ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସାଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାତାରାତି ମୃତଦେହ ବ୍ୟବଚ୍ଛେଦ କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତେବେ ଦୁଷ୍ମନ୍ତ ଚାଲିବାକୁ ସକ୍ଷମ ହେଉ ନ ଥିବାବେଳେ ଭୁବନେଶ୍ୱର ଯିବା ପଛରେ ଅଜଣା ଯୁବକଙ୍କ ଭୂମିକା ରହିଛି। ଏହି ଯୁବକମାନେ ଦୁଷ୍ମନ୍ତଙ୍କ ହାତ କାଟି ବିଷ ପିଆଇଛନ୍ତି ବୋଲି ତାଙ୍କ ପରିବାର ଲୋକେ କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପରେ ଏହି ମାମଲା ମଙ୍ଗଳାବାଗ ଥାନାକୁ ହସ୍ତାନ୍ତର ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା(ନଂ. ୨୨୧/୨୧) ରୁଜୁ କରି ତଦନ୍ତ ଚଳାଇଛି।

**୩ ଦିନ ପୂର୍ବରୁ ଖବର ପ୍ରସାରଣ ହୋଇଥିଲା: ଅସିତ୍**

ୱେବ୍ ପୋର୍ଟାଲର ୨ଜଣ କର୍ମଚାରୀଙ୍କୁ ମଙ୍ଗଳାବାଗ ଥାନା ପକ୍ଷରୁ ନୋଟିସ ହୋଇଛି। ଏନେଇ ସିଟି ରିପୋର୍ଟର ଅସିତ କହିଛନ୍ତି, ଘଟଣାର ୩ଦିନ ପୂର୍ବରୁ ଦୁଷ୍ମନ୍ତଙ୍କ ଖବର ଆମ ପୋର୍ଟାଲରେ ପ୍ୟାକେଜ ଓ ଲାଇଭ ଆଲୋଚନା ମାଧ୍ୟମରେ ଏକାଧିକବାର ପରିବେଷଣ ହୋଇଥିଲା। ଏଥିରେ ମୋର ସମ୍ପୃକ୍ତି ନ ଥିଲା। ପରେ ଏହି ଖବରର ଫଲୋ ଅପ୍ କଭରେଜ କରିବା ପାଇଁ ଘଟଣାଦିନ ଅଫିସ ଇନ୍‌ପୁଟରୁ ନିର୍ଦ୍ଦେଶ ଆସିଥିଲା। ତେଣୁ ଦୁଷ୍ମନ୍ତଙ୍କୁ ମାତ୍ର ଥରେ ଫୋନ କରିଥିଲି। ଏନେଇ ପୋଲିସ କଲ୍ ରେକର୍ଡ ରିପୋର୍ଟ(ସିଡିଆର)ରୁ ମୋ ମୋବାଇଲ ନମ୍ବର ପାଇଛି। ଫଳରେ ବୟାନ ରେକର୍ଡ କରିବାକୁ ପୋଲିସ ମୋତେ ଡାକିଛି। ବୁଧବାର ଥାନାରେ ହାଜର ହୋଇ ମୋର ମତ ରଖିବି। ଅନ୍ୟପକ୍ଷରେ ଦୀପ୍ତିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୨୨ ସୁଦ୍ଧା ପ୍ରାରମ୍ଭିକ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୯(ବ୍ୟୁରୋ)

## ଲଘୁଚାପ କ୍ଷୟକ୍ଷତି

ଗତ ୨ଦିନ ଧରି ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାଜ୍ୟ ସରକାର ଏହି ପ୍ରବଳ ବର୍ଷାକୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି। ଏଥିସହିତ ଆସନ୍ତା ୨୨ ତାରିଖ ସୁଦ୍ଧା ପ୍ରାରମ୍ଭିକ କ୍ଷୟକ୍ଷତି ଆକଳନ ରିପୋର୍ଟ ଦାଖଲ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍ସି) ପ୍ରଦୀପ କୁମାର ଜେନା ମଙ୍ଗଳବାର ସମସ୍ତ ଜିଲାପାଳଙ୍କୁ ଏ ନେଇ ଚିଠି ଲେଖିଛନ୍ତି। ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ରାଜ୍ୟର ବିଭିନ୍ନ ଭାଗରେ ପ୍ରବଳ ବର୍ଷା ହୋଇଥିବା ବେଳେ କେତେକ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁ ରାଜ୍ୟର ଅନେକ ସ୍ଥାନରେ ଧନଜୀବନ ହାନି ହେବା ସହ ଘର, ଚାଷଜମି (୩୩%ରୁ ଅଧିକ ଫସଲ ନଷ୍ଟ), ଗୃହପାଳିତ ପ୍ରାଣୀ ଆଦି ନଷ୍ଟ ହୋଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ପାଣ୍ଠିରୁ ପ୍ରଭାବିତ ଲୋକମାନଙ୍କୁ ସହାୟତା ଯୋଗାଇ ଦେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏସ୍ଆର୍ସି ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶା ରିଲିଫ କୋଡ୍ ଅନୁଚ୍ଛେଦ-୩ ଅନୁସାରେ ୩ଦିନ ଧରି ପ୍ରବଳ ବର୍ଷା ହେଲେ କିମ୍ବା ଅନବରତ ବର୍ଷା ଅଥବା ପୁଣି ମାସକର ହାରାହାରି ବର୍ଷା ପରିମାଣ ତୁଳନାରେ ୩ ଗୁଣା ଅଧିକ ବର୍ଷା ହୋଇଥିଲେ ତାକୁ 'ପ୍ରବଳ ବର୍ଷା' ଭାବେ ବିବେଚନା କରାଯିବ। ରାଜ୍ୟ ସରକାର ଏହି 'ପ୍ରବଳ ବର୍ଷା'କୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଘୋଷଣା କରିସାରିଛନ୍ତି। ତେଣୁ ବର୍ଷା ଯୋଗୁ ହୋଇଥିବା କ୍ଷୟକ୍ଷତିର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ଗତିଶୀଳ କରିବା ଏବଂ ରିଲିଫ କାର୍ଯ୍ୟ ପାଇଁ ଆବଶ୍ୟକ ଅର୍ଥ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଖର୍ଚ୍ଚ କରାଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ସପ୍ତାହକ ମଧ୍ୟରେ କ୍ଷୟକ୍ଷତି ଆକଳନ ରିପୋର୍ଟ ପ୍ରଦାନ କଲେ ପାଣ୍ଠି ଆବଣ୍ଟନ କରାଯାଇପାରିବ ବୋଲି ଏସ୍ଆର୍ସି ଜିଲାପାଳମାନଙ୍କୁ କହିଛନ୍ତି। ଆସନ୍ତା ୨୨ତାରିଖ ସୁଦ୍ଧା କ୍ଷୟକ୍ଷତି ଆକଳନ ରିପୋର୍ଟ ମିଳିଲେ ପ୍ରଭାବିତ ଲୋକାଙ୍କୁ ସହାୟତା ଦିଆଯାଇପାରିବ। କ୍ଷୟକ୍ଷତି ଆକଳନ ସମୟରେ ଭାଙ୍ଗି ଯାଇଥିବା ଘର ଓ ନଷ୍ଟ ହୋଇଥିବା ଫସଲର ଜିଓ ଟ୍ୟାଗିଂ କରିବା ସହ ଫଟୋଗ୍ରାଫ୍‌ରେ ସମୟ ଉଲ୍ଲେଖ ରଖିବାକୁ କୁହାଯାଇଛି। ଯଦି ଘର ସମ୍ପୂର୍ଣ୍ଣ କିମ୍ବା ଅଧିକ ଭାଙ୍ଗିଯାଇଛି, ତେବେ କ୍ଷୟକ୍ଷତି ଆକଳନ ବେଳେ ହିତାଧିକାରୀଙ୍କ ସହ ସେହି ଘରର ଫଟୋ ଉଠାଇବାକୁ ପରାମର୍ଶ ଦିଆଯାଇଛି। ଘର ଭାଙ୍ଗିଯାଇଥିବା ଲୋକମାନଙ୍କୁ ପୋଷାକ, ବାସନକୁସନ ଆଦି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫସଲ ନଷ୍ଟ ହୋଇଥିଲେ ରାଜସ୍ୱ, କୃଷି, ଉଦ୍ୟାନକୃଷି କର୍ମଚାରୀମାନେ ମିଳିତ ଭାବେ ତା'ର ଆକଳନ କରିବେ। ଫସଲ ଆକଳନ ଯେପରି ଠିକ୍ ରହିବ ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି।

ଲଗାଣ ବର୍ଷାରେ ଯଦି କେହି ପ୍ରାଣ ହରାଇଥାନ୍ତି, ତାଙ୍କୁ ସହାୟତା ଦେବା ନିମନ୍ତେ ଅନ୍‌ଲାଇନରେ ଆବେଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳମାନଙ୍କୁ କୁହାଯାଇଛି। ଏହାଦ୍ୱାରା ମୃତବ୍ୟକ୍ତିଙ୍କ ପରିବାରକୁ ଶୀଘ୍ର ଅନୁକମ୍ପାମୂଳକ ସହାୟତା ମଞ୍ଜୁର କରାଯାଇପାରିବ। କ୍ଷୟକ୍ଷତି ସୀମିତ ପରିମାଣରେ ହୋଇଥିଲେ ଏସ୍ଆର୍ସିଙ୍କ ପାଣ୍ଠିକୁ ଅପେକ୍ଷା ନ କରି ଆବଶ୍ୟକ ସହାୟତା ଯୋଗାଇ ଦେବା ନିମନ୍ତେ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ କୁହାଯାଇଛି। ସମସ୍ତ ସହାୟତା ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି) ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଦିଆଯିବ। ରିପୋର୍ଟ ମିଳିବା ପରେ ପାଣ୍ଠି ଯୋଗାଇ ଦିଆଯିବ ବୋଲି ଏସ୍ଆର୍ସି କହିଛନ୍ତି। ଘର ନଷ୍ଟ ହୋଇଥିବା ସମସ୍ତ ବ୍ୟକ୍ତିଙ୍କୁ ପଲିଥିନ ଯୋଗାଇ ଦେବାକୁ ଜିଲାପାଳମାନଙ୍କୁ କୁହାଯାଇଛି। ଏଥିସହିତ ଜଳମଗ୍ନ ଅଞ୍ଚଳର ଲୋକମାନଙ୍କୁ ସ୍ଥାନାନ୍ତର କରିବା ସହ ସେମାନଙ୍କୁ ଶୁଖିଲା, ରନ୍ଧାଖାଦ୍ୟ କିମ୍ବା ଜରୁରୀ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ଲଗାଣ ବର୍ଷା ପ୍ରଭାବରେ ୧୧ଟି ଜିଲାର ୫୩ଟି ବ୍ଲକର ୧୯.୫୩ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରାଥମିକ ରିପୋର୍ଟ ଅନୁସାରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୮୧୯ଜଣଙ୍କୁ ସ୍ଥାନାନ୍ତର ଓ ୨୬୫ଟି ଘର ଭାଙ୍ଗିଥିବା ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିବସେ ବରଷା ରାତିରେ ତାରା**
**ସେ ବରଷା ଧାରା ଦୁଃଖରେ ଭରା।**

ଦିନରେ ମେଘ ଘୋଟି ରାତିରେ ଆକାଶ ପରିଷ୍କାର ବା ନିର୍ମଳ ଦିଶିଲେ ଅନାବୃଷ୍ଟି ହେତୁ ଦୁର୍ଭିକ୍ଷ ପଡିବା ସମ୍ଭାବନା ରହିଥାଏ। ପ୍ରାକୃତିକ ବିପର୍ଯ୍ୟୟ ଆଗରେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଏପରି ସ୍ଥଳେ ନିଜ ଭାଗ୍ୟକୁ ଆଦରି ପଡିରହିବା ଛଡ଼ା ଅନ୍ୟ କିଛି ଚାରା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦିଆ ପୁରୁଷ**
**ଦଉ ଦଉ ଗଲା ବାର ବରଷ**
**ଏତେ ଦିଆ ସେ କିଏ ଲୋ?**
**ବନ୍ଧୁର କାନ୍ଧରେ ନାଲି ଗାମୁଛା**
**ଏଡ଼େ ସୁଆଗିଆ କିଏ ଲୋ?**

କିଛି ବ୍ୟକ୍ତି ନିଜକୁ ଦାନୀର ପରିଚୟ ଦେଇ ମିଛରେ ଅନ୍ୟକୁ ଭଣ୍ଡାଇ ଚାଲିଥାନ୍ତି। ପାଇବା ଆଶାରେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ସମୟ ସାରିବା କେବଳ ସାର ହେଉଥିବା ବେଳେ ଆଶା କେବେ ବି ପୂରଣ ହୋଇ ପାରି ନ ଥାଏ। ମିଛରେ ଦାତାପଣିଆ ଦେଖେଇ ହେବା ଭଳି ଉପରକୁ ସ୍ନେହ ସରାଗ ଭାବ ଅଜାଡ଼ି ଦେଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ତାଚ୍ଛଲ୍ୟ ଭରା ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ସଂକ୍ଷେପରେ

### ବନ୍ୟାପାଣିରେ ଭାସିଯାଇ ଯୁବକ ନିଖୋଜ

**ବଲାଙ୍ଗୀର ଅଫିସ, ୧୪।୯:** ଲଗାଣ ବର୍ଷା ଯୋଗୁ ନଦୀ ନାଳରେ ଜଳସ୍ତର ବୃଦ୍ଧି ପାଇବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଇଁତଲା ଥାନା ଅନ୍ତର୍ଗତ ଫଟକରା ଗାଁରେ ମଙ୍ଗଳବାର ଜଣେ ଯୁବକ ଲକ୍ଷ୍ମୀଯୋରରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଏହି ଗାଁର ଯଦୁମଣି ପଟେଲଙ୍କ ପୁଅ ସୁଧାଂଶୁ ପଟେଲ (୧୮) ଲକ୍ଷ୍ମୀଯୋର କଲଭର୍ଟ ନିକଟରେ ଯାଉଥିବାବେଳେ ଖସି ପଡି ପାଣି ସ୍ରୋତରେ ଭାସିଯାଇଥିଲେ। ତାଙ୍କ ସହ ଥିବା ସାଥୀମାନେ ଏ ନେଇ ଖବର ଦେବା ପରେ ଓଡ୍ରାଫ୍ ଟିମ୍, ଅଗ୍ନିଶମ ବିଭାଗ କର୍ମଚାରୀ ଦିନ ପ୍ରାୟ ୧ଟାରୁ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ମିଳିନାହିଁ। ବୁଧବାର ସକାଳୁ ତାଙ୍କୁ ଖୋଜାଯିବ ବୋଲି ପୁଇଁତଲା ଥାନାଧିକାରୀ ଯଶୋବନ୍ତ ପ୍ରଧାନୀ କହିଛନ୍ତି।

### ବର୍ଷାରେ ଘର ଭୁଶୁଡ଼ି ବୃଦ୍ଧ ମୃତ

**ବଲଙ୍ଗା,୧୪।୯(ଡି.ଏନ୍.ଏ.):** ବଲଙ୍ଗା ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ଲଗାଣ ବର୍ଷା ଯୋଗୁ ସୋମବାର ବିଳମ୍ବିତ ରାତିରେ ଏକ ଚାଳ ଘର ଭୁଶୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୁରେନ୍ଦ୍ର ମାଝି। ହେଲେ ପରିବାର ଲୋକ ସ୍ଥାନୀୟ ଲୋକଙ୍କ ସହଯୋଗରେ ଗ୍ରାମ ଶ୍ମଶାନରେ ମଙ୍ଗଳବାର ସକାଳେ ମୃତଦେହ ସତ୍କାର କରିଛନ୍ତି। ସୂଚନାଯୋଗ୍ୟ, ସୁରେନ୍ଦ୍ର ପରିବାର ସହ ରୁହନ୍ତି। ମଙ୍ଗଳବାର ରାତିରେ ପରିବାର ଲୋକଙ୍କ ଖାଇ ସାରି ଘର ନିକଟସ୍ଥ ଏକ ଚାଳଘରିଆ ତୋଟାବାଡ଼ିକୁ ଶୋଇବା ପାଇଁ ଯାଇଥିଲେ। କିନ୍ତୁ ଲଗାଣ ବର୍ଷା ଲାଗି ରହିଥିବାରୁ ବିଳମ୍ବିତ ରାତିରେ ଉକ୍ତ ଘରଟି ଭୁଶୁଡ଼ି ପଡ଼ିଥିଲା। ତେବେ ସେଥିରେ ସୁରେନ୍ଦ୍ର ଚାପି ହୋଇଯାଇଥିଲେ। ଭୋରୁ ସ୍ଥାନୀୟ ଲୋକ ଓ ପରିବାର ଲୋକ ଦେଖି ସୁରେନ୍ଦ୍ରଙ୍କୁ ବାହାରକୁ ଆଣିବାବେଳେ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସୁରେନ୍ଦ୍ର ଶୋଇଥିବା ଘରଟି ଫନୀ ବାତ୍ୟା ସମୟରେ ହିଁ ଅଧା ଭାଙ୍ଗିଯାଇଥିବାବେଳେ ଏବେ ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବଲଙ୍ଗା ଥାନା ଏସ୍ଆଇ ତଅପୋଇ ପ୍ରଧାନ ପ୍ରକାଶ କରିଛନ୍ତି।

### ବିଦ୍ୟୁତ୍ ଆଘାତରେ ବୃଦ୍ଧା ମୃତ

**ବ୍ରହ୍ମଗିରି, ୧୪।୯ (ଡି.ଏନ୍.ଏ.) :** ବ୍ରହ୍ମଗିରି ଥାନା ଅନ୍ତର୍ଗତ ବ୍ରହ୍ମଗିରି ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେଉକ୍ତ ଏହି ଗ୍ରାମର ବାସନ୍ତି ଶତପଥୀ(୮୫)। ସୂଚନା ଅନୁଯାୟୀ, ମଙ୍ଗଳବାର ବାସନ୍ତି ନିଜ ବାରି ପଟକୁ କୌଣସି କାର୍ଯ୍ୟରେ ଯାଇଥିଲେ। ଏହି ସମୟରେ ବର୍ଷା ପବନରେ ଛିଡି ପଡିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ପରେ ପରିବାର ଲୋକେ ଖୋଜି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦକ୍ଷତା, ଅତ୍ୟାଧୁନିକ ଜ୍ଞାନକୌଶଳକୁ ଗୁରୁତ୍ୱ




ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୩୮ତମ ପ୍ରତିଷ୍ଠା ଦିବସ ସମାରୋହରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୧୪।୯(ବ୍ୟୁରୋ)

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୩୮ତମ ପ୍ରତିଷ୍ଠା ଦିବସ ସମାରୋହ

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୩୮ତମ ପ୍ରତିଷ୍ଠା ଦିବସ ସମାରୋହ ମଙ୍ଗଳବାର ବୋର୍ଡ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ସରକାର ଅଧିକ କ୍ଷମତାପନ୍ନ ଓ କ୍ରିୟାଶୀଳ କରିଛନ୍ତି। ବୋର୍ଡ ଦ୍ୱାରା ବର୍ଜ୍ୟ ପରିଚାଳନା ସହିତ ରାଜ୍ୟର ବିଭିନ୍ନ ଶିଳ୍ପାଞ୍ଚଳ ଓ ସହରାଞ୍ଚଳରେ ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ କାର୍ଯ୍ୟ କରାଯାଉଛି। ପାରାଦୀପଠାରୁ ଧାମରା ପର୍ଯ୍ୟନ୍ତ ସମୁଦ୍ର ଜଳ, କେତେକ ପ୍ରମୁଖ ନଦୀ ଜଳର ଗୁଣାତ୍ମକ ମାନକୁ ବୋର୍ଡ ଦ୍ୱାରା ଯାଞ୍ଚ କରାଯାଉଛି। ମହାନଦୀର ଉଭୟ ପାର୍ଶ୍ୱର ସୁରକ୍ଷା ଏବଂ ସବୁଜ ବଳୟ ସୃଷ୍ଟି ପାଇଁ ସବୁଜ ମହାନଦୀ ମିଶନ କାର୍ଯ୍ୟକାରୀ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସ୍ୱଚ୍ଛତା ମାନକ କ୍ଷେତ୍ରରେ ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ବୋର୍ଡର ଅଧ୍ୟକ୍ଷ ଏବଂ କର୍ମକର୍ତ୍ତାଙ୍କୁ ମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ବୋର୍ଡକୁ ଅଧିକ କ୍ରିୟାଶୀଳ କରିବା ପାଇଁ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଓ ସେମାନଙ୍କ ଦ୍ୱାରା ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ, ଜଳ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣରୁ କାର୍ଯ୍ୟ ଆରମ୍ଭ କରିଥିବା ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିଜ କାର୍ଯ୍ୟ ପରିସରକୁ ପରିବ୍ୟାପ୍ତ କରିଛି। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଥିଲେ ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବକୁ ଯଥାସମ୍ଭବ କମ୍ କରିବା ଦିଗରେ ବୋର୍ଡର ନିଷ୍ଠାପର ଉଦ୍ୟମ ରହିଆସିଛି। ପରିବେଶ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ ନନ୍ଦ ବୋର୍ଡର ସଫଳତା ଓ କାର୍ଯ୍ୟବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ପରିବେଶ ସମାଚାର ନିୟୁଜ ଲେଟର ସମେତ ଅନ୍ୟାନ୍ୟ ପ୍ରକାଶନ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ମନୋନୀତ ଶିଳ୍ପ, ଖଣି ଏବଂ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନକୁ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ପରିବେଶ ଇଞ୍ଜିନିୟର ଡ. ଏନ୍.ଆର୍. ସାହୁ ସ୍ୱାଗତ ଭାଷଣ ଏବଂ ବୋର୍ଡର ଅତିରିକ୍ତ ପ୍ରଶାସନିକ ଅଧିକାରୀ ଦେବଦତ୍ତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ୧୦ ଜିଲାରେ ନିଅଣ୍ଟିଆ ବର୍ଷା

ଭୁବନେଶ୍ୱର,୧୪।୯(ବ୍ୟୁରୋ)

## ବନ୍ୟା ଆଶଙ୍କା ନାହିଁ: ଏସ୍ଆର୍ସି

ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ରାଜ୍ୟରେ ଏବେ ବି ନିଅଣ୍ଟିଆ ପରିସ୍ଥିତି ଲାଗିରହିଛି। ସମଗ୍ର ରାଜ୍ୟରେ ୨ ଦିନରେ ୧୫୬ମି.ମି. ବର୍ଷା ହୋଇଥିଲେ ମଧ ଚଳିତ ମୌସୁମୀରେ ସେପ୍ଟେମ୍ବର ୧୪ ସୁଦ୍ଧା ୧୦ଜିଲାରେ ସ୍ୱାଭାବିକବର୍ଷାଠାରୁକମ୍ ରହିଛି। କେବଳକଟକ, ଜଗତ୍‌ସିଂହପୁର, ପୁରୀ, ନୟାଗଡ଼, ଖୋର୍ଦ୍ଧା ଓ ଗଞ୍ଜାମ ଜିଲା ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି।

ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଜୁନ, ଜୁଲାଇ ଓ ଅଗଷ୍ଟରେ ଯେତିକି ପରିମାଣର ବର୍ଷା ହେବା କଥା ତାହା ଏଥର ହୋଇ ନ ଥିଲା । ରାଜ୍ୟର ଅନେକ ଭାଗରେ ମରୁଡ଼ି ଆଶଙ୍କା ଦେଖାଦେଇଥିଲା। ତେବେ ସେପ୍ଟେମ୍ବର ମାସରେ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ଗତ ୨ଦିନ ମଧ୍ୟରେ ସମଗ୍ର ରାଜ୍ୟରେ ହାରାହାରି ୧୫୬ ମି.ମି. ବର୍ଷା ରେକର୍ଡ କରାଯାଇଛି। ଲଗାଣ ବର୍ଷା ଯୋଗୁ କ୍ଷୟକ୍ଷତିର ଆକଳନ କରାଯାଉଛି। ସୋମବାର ସୁଦ୍ଧା ୩ଜଣ ଓ ମଙ୍ଗଳବାର ଆଉ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବା ପ୍ରାଥମିକ ରିପୋର୍ଟରୁ ସୂଚନା ମିଳିଛି । ୨ଟି ଜିଲାରେ ମୋଟ ୨୧ଟି ଛେଳିଙ୍କ ମୃତ୍ୟୁ ହୋଇଛି ବୋଲି ଏସ୍ଆର୍ସି କହିଛନ୍ତି । ଏସ୍ଆର୍ସିଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ, ସେପ୍ଟେମ୍ବରରେ ହାରାହାରି ୧୦୮.୨ମିମି ବର୍ଷା ହେବାକୁ ଥିବାବେଳେ ୧୪ତାରିଖ ସୁଦ୍ଧା ୨୭୫.୫ ମିମି ବର୍ଷା ହୋଇଛି। ଯାହାକି ସ୍ୱାଭାବିକଠାରୁ ୧୫୪.୬ ପ୍ରତିଶତ ଅଧିକ । ଚଳିତ ମୌସୁମୀରେ ସେପ୍ଟେମ୍ବର ୧୪ ସୁଦ୍ଧା ରାଜ୍ୟରେ ସ୍ୱାଭାବିକ ଭାବେ ୧୦୫୫.୩ ମିଲିମିଟର ହେବାକୁ ଥିବା ବେଳେ ହୋଇଛି ୯୧୪ ମି.ମି. ହୋଇଛି । ସ୍ୱାଭାବିକଠାରୁ ୧୩ ପ୍ରତିଶତ କମ୍ ରହିଛି। ତେବେ ଲଘୁଚାପ ଜନିତ ବର୍ଷା ଯୋଗୁ ବର୍ତ୍ତମାନ ରାଜ୍ୟରେ ବନ୍ୟା ସ୍ଥିତି ନାହିଁ ବୋଲି ଏସ୍ଆର୍ସି କହିଛନ୍ତି।

ମହାନଦୀର ନରାଜରେ ୨୬.୪୧ ମିଟର ବିପଦ ସଙ୍କେତ ଥିବା ବେଳେ ଜଳସ୍ତର ୨୪.୯୮ ମିଟର ରହିଛି। ସେହିପରି ଦେବୀ ନଦୀର ଆଳିପିଙ୍ଗଳଠାରେ ବିପଦ ସଙ୍କେତ ସ୍ତର ୧୧.୭୬ ମିଟର ଥିବାବେଳେ ଜଳସ୍ତର ୫.୨୨ ମିଟରରେ ରହିଛି। ପାନପୋଷ ଠାରେ ଜଳ ସ୍ତର ୫ ମିଟର ତଳେ ରହିଛି । ବ୍ରାହ୍ମଣୀ ନଦୀର ଜେନାପୁରରେ ବନ୍ୟାଜଳ ବିପଦ ସଙ୍କେତ ତଳେ ରହିଥିବା ବେଳେ ବୈତରଣୀ ଆଖୁଆପଦାଠାରେ ବିପଦ ସଙ୍କେତ ଉପରେ ରହିଛି। ଏଠାରେ ବିପଦ ସଙ୍କେତ ସ୍ତର ୧୭.୮୩ ମିଟର ଥିବା ବେଳେ ବନ୍ୟା ଜଳ ୧୮.୩୦ ମିଟର ଉପରେ ପ୍ରବାହିତ ହେଉଛି। ଜଳକାରେ ବିପଦ ସଙ୍କେତର ୧ ମିଟର ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ୪୪ଟି ମଧ୍ୟମ ଜଳଭଣ୍ଡାରରୁ ୧୧ଟିରେ ଜଳଧାରଣ କ୍ଷମତାର ୫୦ରୁ ୭୫ ପ୍ରତିଶତ ଭିତରେ ରହିଛି । ୧୧ ଟିରେ ୧୦୦ ପ୍ରତିଶତ ରହିଛି। ୨୨ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତାର ୫୦ ପ୍ରତିଶତ ତଳକୁ ଥିବା ସୂଚନା ଦିଆଯାଇଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMIIIBBS 2021047, ତା.08.09.2021ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ସମଗ୍ର ପରିସୀମା ଅଧୀନରେ ମୋବାଇଲ ଫ୍ଲାସ ବଟ୍ (Mobile Flash Butt) ୱେଲ୍ଡିଙ୍ଗ୍ ପ୍ଲାଣ୍ଟର ବ୍ୟବହାର କରି ସାଇଟ୍ (ମୌଳିକ ଅବସ୍ଥାରେ/ସେସ୍) ଠାରେ ସମସ୍ତ ରେଲ୍ ସେକ୍ସନ (ନୂଆ/SH)ର 20 ରେଲ୍ ପ୍ୟାନେଲ/ଫ୍ରି ରେଲ/2 ରେଲ୍ ପ୍ୟାନେଲ/3 ରେଲ୍ ପ୍ୟାନେଲଗୁଡ଼ିକର ଫ୍ଲାସ ବଟ୍ (Flash Butt) ୱେଲ୍ଡିଙ୍ଗ୍।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2083.92 ଲକ୍ଷ, **କାର୍ଯ୍ୟ ଶେଷ ହେବା ଅବଧି :** 24 (ଚବିଶି)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.10.2021ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଋଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରେ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-60/CE/21-22

### ସ୍ୱାମୀ ଖଣ୍ଡା ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ

**କଳିଙ୍ଗନଗର,୧୪।୯(ଡି.ଏନ.ଏ.):** ଯାଜପୁର ଜିଲା ଟମକା ଥାନା ଅଧୀନ ଗୋବର୍ଦ୍ଧନପୁର ଗାଁରେ ମଙ୍ଗଳବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀ ଖଣ୍ଡା ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଗାଁର ରଞ୍ଜିତ ବେହେରାଙ୍କ ସ୍ତ୍ରୀ ହୀରା(୩୬)। ହୀରାଙ୍କୁ ରଞ୍ଜିତ ଆକ୍ରମଣ କରିଥିବା ନେଇ ପୋଲିସକୁ ଖବର ମିଳିଥିଲା। ଫଳରେ ପୋଲିସ ପହଞ୍ଚି ହୀରାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଦାନଗଦୀ ଡାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି। ପାରିବାରିକ କଳହରୁ ଏଭଳି ହତ୍ୟାକାଣ୍ଡ ହୋଇଥିବା ପୋଲିସ ଅନୁମାନ କରୁଛି।

No.B-391

Government of Odisha
"E" Procurement Tender Notice
**OFFICE OF THE EXECUTIVE ENGINEER, RAYAGADA (R&B) DIVISION NO - II**
E-mail ID: eepwd765017@gmail.com; Phone-(06856)233066

**Bid Identification No: RC (RANDB) RGD No-II 05/2021-22 (Online tender)**

No .4674 Dated.08.09.21

1. Total No. of the works : 01 no. Building work
2. Approximate estimated Cost: - Rs 58.53 lakh
3. Period of completion : - 6 (six) calendar months
4. Date & Time of availability of bid document in the portal:- **11.00 Hrs. of Dtd 17.09.2021 to 17.00 Hrs. of Dtd.29.09.2021 for online bidding.**
5. Last date/Time for receipt of bids in the portal: - **Up to 17.00 Hrs. of Dt. 29.09.2021.**
6. Name and address of the officer inviting BID: - **Executive Engineer, Rayagada (R&B) Division No-II**
7. **Date of opening of Bid at 11.00 Hours on Dt. 30.09.2021**
8. Further details can be seen from the e-Procurement portal: **www.tendersodisha.gov.in**
9. Further Addendum/Corrigendum if any will be hosted in the above website only.

**Sd./- Executive Engineer, Rayagada(R&B) Division No-II**
OIPR-34040/11/0003/2122

# ମାଓବାଦୀ ନେତା ଦୁବାସୀ ଶଙ୍କର ଗିରଫ

- ମୁଣ୍ଡ ଉପରେ ଥିଲା ୨୦ ଲକ୍ଷ ଟଙ୍କାର ପୁରସ୍କାର
- ରାଇଫଲ, ଗୁଳି, ୩୫ ହଜାର ଟଙ୍କା, ମୋବାଇଲ ଫୋନ ଜବତ
- ତଥ୍ୟ ହାସଲ ପାଇଁ ରିମାଣ୍ଡରେ ଆଣିବ ପୋଲିସ: ଡିଜିପି



ଦୁବାସୀ ଶଙ୍କର

ଭୁବନେଶ୍ୱର,(ବ୍ୟୁରୋ)/ କୋରାପୁଟ, ୧୪।୯ (ସ୍ୱ.ପ୍ର.)

ଦୀର୍ଘ ବର୍ଷ ଧରି ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ଓ ତେଲଙ୍ଗାନାରେ ଆତଙ୍କ ରଚିଥିବା ମାଓବାଦୀ ନେତା ଦୁବାସୀ ଶଙ୍କରଙ୍କୁ ଗିରଫ କରାଯାଇଛି। କୋରାପୁଟ ଜିଲା ବୈପାରୀଗୁଡ଼ା ଥାନା କାଠପଡା ପଞ୍ଚାୟତ ଅଧୀନ ବଡବେଡା ଗ୍ରାମରୁ ତାଙ୍କୁ ସୋମବାର ଡିଭିଏଫ୍, ଏସ୍ଓଜି, ବିଏସ୍ଏଫ୍‌ର ମିଳିତ ଟିମ୍ ଗିରଫ କରିଛି। ଦୁବାସୀଙ୍କ ନିକଟରୁ ଏକ ଇନ୍‌ସାସ୍ ରାଇଫଲ, ୧୦ ରାଉଣ୍ଡ ଗୁଳି, ନଗଦ ୩୫ ହଜାର ଟଙ୍କା, ମୋବାଇଲ ଫୋନ ସମେତ ବହୁ ସାମଗ୍ରୀ ଜବତ ହୋଇଛି। ମହେନ୍ଦର, ଅରୁଣ, ରମେଶ, ମହେଶ, ଆର୍ଏମ୍ ଆଦି ଛଦ୍ମ ନାମରେ ଦୁବାସୀ ଶଙ୍କର ମାଓବାଦୀ କାର୍ଯ୍ୟକଳାପ ଚଳାଇଥିଲେ। ବୈପାରୀଗୁଡ଼ା ଥାନାରେ ତାଙ୍କ ନାମରେ ବିଭିନ୍ନ ଦଫାରେ ଏକ କେସ୍ (ନଂ. ୧୪୫/୨୧) ରୁଜୁ କରାଯିବା ସହ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦୁବାସୀଙ୍କ ମୁଣ୍ଡ ଉପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଥିଲା। ଏ ନେଇ ମଙ୍ଗଳବାର ଭୁବନେଶ୍ୱରସ୍ଥିତ କମିଶନରେଟ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ମହାନିର୍ଦ୍ଦେଶକ ଅଭୟ ସୂଚନା ଦେଇଛନ୍ତି। ଦୁବାସୀ ୧୯୮୭ରେ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ। ସେ କୋରାପୁଟ ଓ ମାଲକାନଗିରି ଜିଲା ସମେତ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲାରେ ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ତାଙ୍କ ନାମରେ ମାଲକାନଗିରି ଜିଲାରେ ୧୮, କୋରାପୁଟ ଜିଲାରେ ୨, ଆନ୍ଧ୍ରର ବିଶାଖାପାଟଣା ଜିଲାରେ ୩୨ ଏବଂ ତେଲଙ୍ଗାନାରେ ୨୪ଟି ମାମଲା ରହିଛି। ତାଙ୍କୁ ଖୁବ୍‌ଶୀଘ୍ର ରିମାଣ୍ଡରେ ଆଣି ପଚରାଉଚରା କରାଯାଇ ଅଧିକ ତଥ୍ୟ ହାସଲ କରାଯିବ। ଚଳିତ ବର୍ଷ ଦୁବାସୀଙ୍କୁ ମିଶାଇ ମୋଟ ୨୬ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି ବୋଲି ଡିଜିପି ଅଭୟ କହିଛନ୍ତି।

## ଦୁବାସୀ ଘଟାଇଥିବା ବଡ଼ ଘଟଣା

### ଚିତ୍ରକୋଣ୍ଡା ଲ୍ୟାଣ୍ଡମାଇନ ବିସ୍ଫୋରଣ

୨୦୧୨ ଫେବୃୟାରୀ ୧୧ରେ ମାଲକାନଗିରି ଜିଲାର ୪ଟି ଜିଲା ପରିଷଦ ଆସନ ଲାଗି ୨୯ଟି ପଞ୍ଚାୟତର ୩୫୯ଟି ବୁଥରେ ଭୋଟ ଗ୍ରହଣ ଥିଲା। ସୁରକ୍ଷା ବ୍ୟବସ୍ଥା ତଦାରଖ କରିବା ପାଇଁ ପୂର୍ବଦିନ ଅର୍ଥାତ୍ ୧୦ ତାରିଖରେ ବିଏସ୍ଏଫ୍‌ର ୧୦୭ ବାଟାଲିୟନର ୧୮ ଜଣ ଯବାନ ୩ଟି ବୋଲେରୋରେ ଚିତ୍ରକୋଣ୍ଡା ଅଞ୍ଚଳକୁ ଯାଇଥିଲେ। ଚିତ୍ରକୋଣ୍ଡା ଥାନା ଡାଇକ୍-୩ ଜାନିଗୁଡା ରାସ୍ତା ଦେଇ ସେମାନେ ଫେରିବାବେଳେ ମାଓବାଦୀମାନେ ଲ୍ୟାଣ୍ଡମାଇନ୍ ବିଛାଇଥିଲେ। ଯବାନଙ୍କ ଗାଡ଼ି ଆସିବା ସମୟରେ ମାଓବାଦୀମାନେ ବିସ୍ଫୋରଣ ଘଟାଇବା ସହ ଚାରିପଟୁ ଗୁଳି ମାଡ଼ କରିଥିଲେ। ଏଥିରେ ୪ଯବାନ ଶହୀଦ ହୋଇଥିଲେ। ଦୁବାସୀ ଏହି ବିସ୍ଫୋରଣର ମାଷ୍ଟରମାଇଣ୍ଡ ଥିଲେ।

### ଗୋବିନ୍ଦପାଲ୍ଲୀ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ

- ୨୦୧୦ ଏପ୍ରିଲ ୪ ତାରିଖ ପୂର୍ବାହ୍ନ ୧୦ଟା ବେଳେ ବୈପାରୀଗୁଡା ପଟୁ ୩ଟି ବସ୍‌ରେ ଏସ୍ଓଜି ଯବାନମାନେ ଗୋବିନ୍ଦପାଲ୍ଲୀ ଅଭିମୁଖେ ଯାଉଥିଲେ। ପ୍ରଥମ ବସ୍‌ରେ ୨୨ଜଣ ଏସ୍ଓଜି ଯବାନ ଥିଲେ। ଟାଙ୍ଗିଣିଗୁଡା-ମନ୍ତ୍ରୀଆମ୍ବ ମଝି ରାସ୍ତାରେ ପ୍ରଥମ ବସ୍‌ଟି ପହଞ୍ଚିବା କ୍ଷଣି ମାଓବାଦୀମାନେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରିଥିଲେ। ଫଳରେ ପ୍ରଥମ ବସ୍‌ଟି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଏଥିରେ ୧୧ଜଣ ଯବାନଙ୍କ ଜୀବନ ଯାଇଥିଲା। ଉକ୍ତ ଘଟଣାରେ ଦୁବାସୀଙ୍କର ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା।

### ଦାମନଯୋଡ଼ି ନାଲ୍‌କୋ ବକ୍ସାଇଟ୍ ଖଣି ଉପରେ ଆକ୍ରମଣ

- ୨୦୦୯ ଏପ୍ରିଲ ୧୨ ତାରିଖ ରାତିରେ କୋରାପୁଟ ଜିଲା ଦାମନଯୋଡ଼ିରେ ଥିବା ନାଲ୍‌କୋ ବକ୍ସାଇଟ୍ ଖଣି ଉପରେ ପ୍ରାୟ ୨୦୦ ମାଓବାଦୀ ଅତର୍କିତ ଗୁଳିମାଡ଼ କରିଥିଲେ। ସେଠାରେ ଥିବା ସିଆଇଏସ୍ଏଫ୍ ଯବାନ ମଧ ପାଲଟା ଗୁଳି ଚଳାଇଥିଲେ। ଏହି ଗୁଳି ବିନିମୟରେ ୪ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ସିଆଇଏସ୍ଏଫ୍ ଯବାନ ପ୍ରାଣ ହରାଇଥିଲେ। ଏହି ଆକ୍ରମଣର ନେତୃତ୍ୱ ନେଇଥିଲେ ଦୁବାସୀ ଶଙ୍କର।

Annexure - II

**OFFICE OF THE DISTRICT MANAGER**
**Odisha State Civil Supplies Corporation Ltd. (OSCSC)**
**DISTRICT - KENDRAPARA**
At- Tinimuhani, PO- College Square, Dist.- Kendrapara, Pin-754211
Phone- 06727-220544, www.kendrapara.nic.in

No. 2652 Dt. 13.09.2021

**No. CAD-1169:-** District Manager, Odisha State Civil Supplies Corporation Ltd., Kendrapara District invites re-tenders in double cover system through online mode only for the works below.

**NOTICE INVITING TENDER**

| | | |
|---|---|---|
| 1 | Name of the work | Selection and appointment of (i) **Level-II** Transport Contractor for transportation of foodgrains from RRCs to Retail Centers (FPS) for Kendrapara Municipality. |
| 2 | Availability of bid document in the portal Level-II | From Date 14.09.2021 |
| 3 | Last Date/Time for receipt of bids in the portal Level-II & Handling Contractor | On Dt.21.09.2021 upto 05 PM |
| 4 | Date/Time and venue for Opening of Technical Bid | On Dt.22.09.2021 at 11.00 AM Place: Collectorate, Kendrapara |
| 5 | Name and Address of the Officer Inviting Tender | District Manager, OSCSC Ltd., Kendrapara District |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** alongwith district website (www.kendrapara.nic.in). Amendments / Corrigendum / cancellation / retenders etc. if any shall be published only in above websites.

**Sd./- District Manager, OSCSC LTD., Kendrapara**
OIPR-07039/11/0003/2122

# ଯାଆଁଳ ଛାଡ଼ିବା ପୂର୍ବରୁ...



ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଜାଆଁଳ ଛଡ଼ାଯାଏ। ଜାତୀୟା ମାଛ ଜାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଜାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନ ପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ । ଅତ୍ୟଧିକ ବର୍ଷା ଯୋଗୁଁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ । ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ ।

# କୋଳଥ ବିହନ ଚୟନ



କୋଳଥର ଉର୍ମି ଡିଏସ୍-୧-୨,ଡି.ଏସ୍୧-୨-୨ ଆଦି କିସମ ସଂଗ୍ରହ କରି ଶୀଘ୍ର ବୁଣାବୁଣି ଶେଷ କରନ୍ତୁ। ଏକର ପ୍ରତି ୨୦କିଗ୍ରା ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ପ୍ରତି କି.ଗ୍ରା ବିହନକୁ ୨ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ସହିତ ଗୋଳାଇ ବିଶୋଧନ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି ବ୍ୟବଧାନରେ ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ଏକର ପ୍ରତି ୫କି.ଗ୍ରା ଯବକ୍ଷାରଜାନ, ୧୦କିଗ୍ରା ଫସଫରସ ପ୍ରୟୋଗ କରନ୍ତୁ। ବୁଣିବାର ଦିନକ ପରେ ଘାସମରା ଔଷଧ ପେଣ୍ଡିମେଥାଲିନ୍ ଏକର ପ୍ରତି ୦.୩୦ କିଗ୍ରା ହିସାବରେ କ୍ରିୟାଶୀଳ ଉପାଦାନ ସିଞ୍ଚନ କରନ୍ତୁ।

# ଗେଣ୍ଡୁଚାରା ସମ୍ପର୍କରେ...



ଅଧିକ ଗେଣ୍ଡୁଫୁଲ ପାଇବା ପାଇଁ ଆଫ୍ରିକୀୟ ଗେଣ୍ଡୁ ଲଗାନ୍ତୁ। ଆଫ୍ରିକୀୟ ଗେଣ୍ଡୁର କିସମଗୁଡ଼ିକ ଯଥା ଜାଏଣ୍ଟବଲ ଆଫ୍ରିକାନ ଏଲୋ, ଜାଏଣ୍ଟବଲ ଆଫ୍ରିକାନ ଅରେଞ୍ଜ, ଏରଲି ଏଲୋ, ଏରଲି ଅରେଞ୍ଜ, କ୍ୟୁପିଡ୍ ଏଲୋ ଇତ୍ୟାଦି ବ୍ୟବହାର କରନ୍ତୁ। ୨୫ରୁ ୩୦ ଦିନର ତଳି ବା ଡାଳ କଲମି ଉପରବେଳା ରୁଅନ୍ତୁ। ତଳିକୁ ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ଚାରାଗୁଡ଼ିକ ଜମିରେ ଭଲଭାବରେ ଲାଗିଯିବା ପାଇଁ ତଳି ଲଗାଇବା ପରେ ହାଲୁକା ଜଳସେଚନ କରନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ, ୪୦କିଗ୍ରା ଯବକ୍ଷାରଜାନ, ୮୦କିଗ୍ରା ଫସଫରସ ଓ ୮୦କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ।

# ଅଧିକ ଅମଳକ୍ଷମ ପାଳ ଛତୁ





କାଦମ୍ବିନୀ ରାୟ

ଦେଶରେ କେବଳ ଆମ ରାଜ୍ୟରେ ହିଁ ପାଳଛତୁ ଚାଷ ବ୍ୟବସାୟ ଭିତ୍ତିରେ କରାଯାଉଛି। ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ସବୁଠାରୁ ଅଧିକ ଛତୁ ଉତ୍ପାଦନ କରି ପ୍ରଥମ ରାଜ୍ୟ ଭାବେ ପରିଗଣିତ ହେବା ବିଷୟ ନିକଟରେ ଭାରତୀୟ କୃଷି ଗବେଷଣା ପରିଷଦର ଜାତୀୟ ଛତୁ ଗବେଷଣା ନିର୍ଦ୍ଦେଶାଳୟ ପକ୍ଷରୁ ଜଣାଯାଇଛି। ସାଧାରଣତଃ ଖରା ଓ ବର୍ଷା ଦିନରେ ଉଚ୍ଚ ଉତ୍ତାପରେ ପାଳ ଛତୁ ହୋଇଥାଏ। କିନ୍ତୁ ଓଡିଶାର ଛତୁଚାଷୀମାନେ ଶୀତ ଦିନରେ ଉତ୍ତାପକୁ କୃତ୍ରିମ ଭାବରେ ବଢ଼ାଇ ବର୍ଷ ତମାମ ଛତୁ ଚାଷ କରି ସାରା ରାଜ୍ୟର ପ୍ରତି କୋଣ ଅନୁକୋଣରେ ଯୋଗାଇବା ସହିତ ପଡ଼ୋଶୀ ରାଜ୍ୟକୁ ପଠାଉଛନ୍ତି।

ପାଳଛତୁ ଅନ୍ୟ ଛତୁ ଅପେକ୍ଷା ଶୀଘ୍ର ଅର୍ଥାତ୍ ୧୩ଦିନରେ ହୋଇଥାଏ। ବିଭିନ୍ନ ଫସଲ ଅପେକ୍ଷା ପାଳଛତୁ ସହଜ ଅମଳ ଦେଇଥାଏ। ଚାଷ ପ୍ରଣାଳୀ ଅତ୍ୟନ୍ତ ସରଳ, ସହଜ। ଗ୍ରାମାଞ୍ଚଳରେ ପରିବାରର ସମସ୍ତ ଲୋକ ଭିନ୍ନ ଭିନ୍ନ ସମୟରେ ଏହି ଚାଷରେ ସାମିଲ୍ ହୋଇ ପରିବାରର ଆୟ ବଢ଼ାଇବାରେ ସାହାଯ୍ୟ କରିଥାଆନ୍ତି ତଥା ସମୟର ଠିକ୍ ବ୍ୟବହାର ହୋଇଥାଏ। ପାଳଛତୁ ପାଇଁ ମୁଖ୍ୟ ଉପାଦାନ ନଡ଼ା ପ୍ରାୟ ଛତୁ ଚାଷୀମାନେ ଅଧୁନା ଆଗ୍ରହୀ ଚାଷୀମାନେ ନିଜ ଜମିରୁ ପାଇ ଯାଇଥାଆନ୍ତି। ଯିଏ ଅଧିକ ପାଳବେଡ୍ ଦୈନିକ କରିଥାଆନ୍ତି,



ସେମାନେ ନଡ଼ା କିଣନ୍ତି। ଯାହା ଫଳରେ ଧାନ ଚାଷୀ ଆଜି ଧାନ ସହିତ ନଡ଼ା ବିକ୍ରୟ କରି ଦ୍ୱିତୀୟ ଆୟ ପାଉଛନ୍ତି। ଏକଦା ନଡ଼ା ଶଢ଼ି ପରିବେଶ ନଷ୍ଟ କରୁଥିଲା ଅଥବା ଆମ ଦେଶର ଅଧିକାଂଶ କୃଷକ ମୂଳ ନଡ଼ାକୁ ଜାଳି ଜଳବାୟୁର ପ୍ରଦୂଷଣ କରନ୍ତି। କିନ୍ତୁ ଆଜି ନଡ଼ା ଉପଯୋଗ ହୋଇ ଏକ ସ୍ୱାଦିଷ୍ଟ, ପୁଷ୍ଟିକରଯୁକ୍ତ, ଔଷଧିୟଗୁଣସମ୍ପନ୍ନ ଖାଦ୍ୟ ଆମ ରାଜ୍ୟବାସୀ ପାଇପାରୁଛନ୍ତି। ଆମ ରାଜ୍ୟର ପୁଷ୍ଟିହୀନତାକୁ ଦୂର କରିବାରେ ଛତୁ ଚାଷ ସହାୟତା କରୁଛି। ବେକାରି କଥା ଛାଡ଼ନ୍ତୁ, ହଜାର ହଜାର ଦାଦନ ଶ୍ରମିକ ବିଦେଶରୁ ନିଜ ଘରକୁ ଫେରି ଛତୁ ଚାଷରେ ଲାଗିଥିବା ବିଶେଷକରି କରୋନା ସମୟରେ ବିଦେଶୀ ଫେରନ୍ତା ଯୁବକମାନଙ୍କ ପାଇଁ ଛତୁ ଚାଷ ବିରାଟ ଭରସା ହୋଇଛି। କିଛି ବ୍ୟକ୍ତି ଛତୁ ଚାଷ କରିବା, ଛତୁ ମଞ୍ଜି ତିଆରି କରିବା, ଛତୁ ବଜାରରେ ବିକ୍ରୟ କରିବା, ଛତୁ ଖାଦ୍ୟର ପାଲୋର କରିବା ଏବଂ ଆଉ କିଛି ଛତୁ ଚାଷରୁ ବାହାରୁଥିବା ପାଳକୁ ଜୈବିକ ଖତରେ ପରିଣତ କରି ଜୀବିକା ନିର୍ବାହ କରିବା ଏକ ଦୈନନ୍ଦିନ ବ୍ୟାପାର ହୋଇଯାଉଛି। ବହୁ ଗ୍ରାମାଞ୍ଚଳରେ ଭୂମିହୀନ ଶ୍ରମିକ ଓ ନିରାଶ୍ରୟ ମହିଳାମାନଙ୍କ ଜୀବିକା ପାଇଁ ଛତୁ ଚାଷ ଏକ ସହଜିଆ ଧନ୍ଦା ହୋଇପାରିଛି।

ତଥାପି ବର୍ତ୍ତମାନର ଆହ୍ୱାନ ଯେ, ଛତୁ ଚାଷକୁ ଅଧିକରୁ ଅଧିକ ଲୋକ ଆଦରି ନିଅନ୍ତୁ। ଆଜି ସାରା ରାଜ୍ୟର ପ୍ରତିଟି ଗ୍ରାମ ପଞ୍ଚାୟତରେ ଛତୁ ଚାଷ ହେବା ସହିତ ସବୁଠାରେ ଛତୁ ବିକ୍ରୟ ବ୍ୟବସ୍ଥା ହୋଇପାରୁଛି। ପୁନଶ୍ଚ ଲକ୍ଷ୍ୟ ରହିଛି ପାଳ ଛତୁ ଉପଲବ୍ଧ ରାଜ୍ୟ ଓ ପଡ଼ୋଶୀ ରାଜ୍ୟରୁ ସାରା ଦେଶକୁ ପ୍ରସାରିତ ହେଉ। ଆମ ରାଜ୍ୟରୁ ଉତ୍ପନ୍ନ ପାଳ ଛତୁ ସାରା ଦେଶରେ ବିକ୍ରୟ ହେଉ।

**ବାୟୁର ଉତ୍ତାପ :** ପାଳ ଛତୁ ଫେବୃୟାରୀରୁ ନଭେମ୍ବର ସୁଦ୍ଧା ୨୫ ଡିଗ୍ରୀ ସେଲ୍‌ସିୟସରୁ ୩୮ ଡିଗ୍ରୀ ସେଲ୍‌ସିୟସ ଉତ୍ତାପରେ ଚାଷ କରାଯାଇଥାଏ। ଜଳବାୟୁର ଉତ୍ତାପ ୩୦° ରୁ ୩୫° ଥିଲେ ଅଧିକ ଉତ୍ପାଦନ ମିଳେ। ହେଲେ ବର୍ଷ ତମାମ ଏହି ନିର୍ଦ୍ଦିଷ୍ଟ ଉତ୍ତାପ ମିଳି ନ ଥାଏ। ଏଣୁ ଆବଶ୍ୟକତା ଅନୁଯାୟୀ ଉତ୍ତାପ ବଢ଼ାଇବା ପାଇଁ ଲମ୍ବା ବେଡ୍ କରିବା ସହିତ ବେଡ୍‌ର ମୋଟେଇ ଅଢ଼େଇ ଫୁଟ୍ କରାଯାଇପାରେ। ସେହିଭଳି ଜଳବାୟୁ ଅଧିକ ଉତ୍ତପ୍ତ ଥିଲେ ୩୫° ସେଲ୍‌ସିୟସ୍ ପାଇବା ପାଇଁ ଛତୁ ହେଉଥିବା ତଳ ଅଂଶକୁ ଅଧିକ ପାଣି ଢ଼ାଳି ଏବଂ ଏକ ଓଦା ଅଖା ଚାରି ପାଖରେ ଟାଙ୍ଗି ତଥା ବିଭିନ୍ନ ସମୟରେ ପାଣି ସ୍ପ୍ରେ କରିବା ଆବଶ୍ୟକ। ନଇକୂଳିଆ ଜଙ୍ଗଲ ଭିତରେ ପୁରୀ, ଢ଼େଙ୍କାନାଳ ଜିଲାର ଚାଷୀମାନେ ଅନୁକୂଳ ଉତ୍ତାପ ପାଇଥାଆନ୍ତି।

**ବାୟୁର ଆର୍ଦ୍ରତା :** ସାଧାରଣତଃ ବର୍ଷା ଦିନରେ ଛତୁ ଭଲ ହୁଏ। କାରଣ ଜଳବାୟୁରେ ଆର୍ଦ୍ରତା ୮୦ ରୁ ୮୫% ପ୍ରତିଶତ ଥାଏ। ଆମେ ଯେତେବେଳେ ବର୍ଷ ତମାମ ପାଳ ଛତୁ ଚାଷ କରୁଛୁ, ବର୍ଷା ଦିନ ବ୍ୟତୀତ ଖରା ଓ ଶୀତ ଦିନରେ ପ୍ରତି ୩/୪ ଘଣ୍ଟାରେ ସ୍ପ୍ରେଆର୍ ଅବା ସ୍ପ୍ରିଙ୍କଲର୍ ସାହାଯ୍ୟରେ ପାଣି ସ୍ପ୍ରେ କଲେ ଛତୁ ହେଉଥିବା ସ୍ଥାନର ଜଳବାୟୁରେ ଉପରୋକ୍ତ ଆର୍ଦ୍ରତା ଆସିବ ଏବଂ ଛତୁ ଅଧିକ ଉତ୍ପନ୍ନ ହେବ।

**ଆଲୋକ :** ପାଳ ଛତୁ ଅଧିକ ଆଲୋକ ଆବଶ୍ୟକ କରିଥାଏ। ଅନ୍ୟ ଛତୁ ଅପେକ୍ଷା ଏକ ହଜାର ଲକ୍ସ ଆଲୋକ ପାଳ ଛତୁ ଫଳିବା ସମୟରେ ଦରକାର। ସେଥିପାଇଁ ଫାଙ୍କା ଗଛ ମୂଳରେ ଏହି ଚାଷ କରିବାର ପରାମର୍ଶ ଦିଆଯାଇଥାଏ, ଅଥବା ଛତୁ ଘରଟି ଖୁଣ୍ଟ ସାହାଯ୍ୟରେ ଛପର କରାଯାଏ। କାନ୍ଥ କରା ନ ଯାଇ ବିକିରିତ ସୂର୍ଯ୍ୟାଲୋକ ଆଗମନର ବ୍ୟବସ୍ଥା କରାଯାଇଥାଏ। ଅନ୍ଧାରୁଆ ଅବସ୍ଥା ପାଳଛତୁ ଚାଷ ପାଇଁ ଗ୍ରହଣୀୟ ନୁହେଁ।

**କ୍ଷାରି ମାଧ୍ୟମ:** ଛତୁ ଫଳ କ୍ଷାରୀୟ ମାଧ୍ୟମକୁ ଭଲ ପାଆନ୍ତି। ଏଣୁ ନଡ଼ା ବତୁରାଇବା ସମୟରେ ଦୁଇ ପ୍ରତିଶତ ଚୂନ ଦିଆଯାଇଥାଏ। କ୍ଷାରୀ ମାଧ୍ୟମ ଛତୁ ଫଳକୁ ବଢ଼ିବାରେ ସାହାଯ୍ୟ କରୁଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ଫିମ୍ପିର ବୃଦ୍ଧିକୁ ହ୍ରାସ କରିଥାଏ। ଚୂନ ନଡ଼ାରେ ମିଶାଇବା ଦ୍ୱାରା ଦୁଇଟି ଉପକାର ମିଳେ।

**ବିଶୋଧନ :** ସାଧାରଣତଃ ନଡ଼ାରେ ବିଭିନ୍ନ ପ୍ରକାର ଛତୁର ଅନିଷ୍ଟକାରୀ ଫିମ୍ପି ଓ ବ୍ୟାକ୍ଟେରିଆ ଥାଆନ୍ତି, ଯେଉଁମାନେ କି ଛତୁ ଫିମ୍ପି ବଢ଼ିବା ଅବା ଛତୁ ଉତ୍ପନ୍ନ ହେବା ସମୟରେ ପ୍ରତିବନ୍ଧକ ସୃଷ୍ଟି କରନ୍ତି। ଏଣୁ ନଡ଼ା ବିଶୋଧନ ନିହାତି ଆବଶ୍ୟକ। ଆମେ ଛତୁ ଉତ୍ପନ୍ନ ବେଳେ ଜୈବିକ ପଦ୍ଧତି ଆପଣେଇ ନେଇଛୁ। ଏଣୁ ରସାୟନ ଦ୍ୱାରା ବିଶୋଧନ ନ କରି ନଡ଼ାକୁ ଗରମ ବାଷ୍ପ ଦ୍ୱାରା ବିଶୋଧନ କଲେ ଛତୁ ଅଧିକ ଉତ୍ପାଦନ ହୋଇଥାଏ। ଚାଇନା, ଥାଇଲାଣ୍ଡ ଆଦି ଦକ୍ଷିଣ-ପଶ୍ଚିମ ଏସୀୟ ଦେଶମାନଙ୍କରେ ପାଳ ଛତୁ ଉତ୍ପାଦନ ପାଇଁ ଗରମ ବାଷ୍ପ ସାହାଯ୍ୟରେ ବିଶୋଧନ କରି ଆମ ଅପେକ୍ଷା ୨/୩ ଗୁଣ ଅଧିକ ଅମଳ ପାଇଛନ୍ତି। ଏହା ବ୍ୟତୀତ ଛତୁ ଫାର୍ମକୁ ସଫା ସୁତୁରା ରଖିବା ଏବଂ ଛତୁ ଅମଳ ପର ନଡ଼ାଗୁଡିକ ବହୁ ଦୂରରେ ଜିଆ ଖତରେ ପରିଣତ କରାଗଲେ ଫାର୍ମର ସ୍ୱଚ୍ଛତା ରକ୍ଷା କରିବା ସହିତ ଅଧିକ ଅମଳ ମିଳିବ।

*-ମ୍ୟୁଜିଅମ୍ ଆସିଷ୍ଟାଣ୍ଟ,*
*ଓୟୁଏଟି, ଭୁବନେଶ୍ୱର*
*ମୋ : ୭୭୩୫୧୬୦୭୫୫*

# ବାଛୁରିର ଯତ୍ନ

(ଶେଷ ଭାଗ)

**ବାଛୁରିର ଖାଦ୍ୟ :** ୧ରୁ ୧୫ ଦିନ - କ୍ଷୀର ପରିମାଣ ଶାରୀରିକ ଓଜନର ଏକ ଦଶମାଂସ (କି.ଗ୍ରା/ପ୍ରତିଦିନ) - ପ୍ରାରମ୍ଭିକ ଦାନା ଦେବାର ଆବଶ୍ୟକ ନାହିଁ। ୧୫ ରୁ ୨୯ ଦିନ - କ୍ଷୀର ପରିମାଣ ଶାରୀରିକ ଓଜନର ଏକ ଦଶମାଂସ (କି.ଗ୍ରା/ପ୍ରତିଦିନ) - ପ୍ରାରମ୍ଭିକ ଦାନା ୧୦୦ ଗ୍ରାମ୍। ୩୦ ରୁ ୪୦ ଦିନ - କ୍ଷୀର ପରିମାଣ ୧ କେ.ଜି. ପ୍ରତିଦିନ - ପ୍ରାରମ୍ଭିକ ଦାନା ୩୦୦ଗ୍ରାମ୍। ୪୧ ରୁ ୬୦ ଦିନ - କ୍ଷୀର ପରିମାଣ ୫୦୦ ଗ୍ରାମ୍ ପ୍ରତିଦିନ - ପ୍ରାରମ୍ଭିକ ଦାନା ୫୦୦ ଗ୍ରାମ୍। ୬୧ ରୁ ୯୦ ଦିନ - କ୍ଷୀର ପରିମାଣ ୫୦୦ ଗ୍ରାମ୍ ପ୍ରତିଦିନ - ପ୍ରାରମ୍ଭିକ ଦାନା ୭୫୦ ଗ୍ରାମ୍‌ରୁ ୧ କେ.ଜି। ୯୦ ରୁ ୧୨୦ ଦିନ - କେବଳ ପ୍ରାରମ୍ଭିକ ଦାନା ୧ .୨୫ କି.ଗ୍ରା ରୁ ୧.୫୦ କି.ଗ୍ରା ପ୍ରତିଦିନ।

**ପ୍ରାରମ୍ଭିକ ଦାନା :** ମକା ଗୁଣ୍ଡ - ୫୦ କି.ଗ୍ରା., ବାଦାମ ପିଡ଼ିଆ - ୩୦ କି.ଗ୍ରା., ଚୋକଡ଼ - ୫ କି.ଗ୍ରା., ସୋୟାବିନ୍ ଗୁଣ୍ଡ



- ୧୦ କି.ଗ୍ରା., ଧାତବ ଲବଣ - ୨ କି.ଗ୍ରା. (ସମୁଦାୟ - ୧୦୦ କି.ଗ୍ରା.)। ଏହି ମିଶ୍ରିତ ଦାନାକୁ ବାଛୁରିର ପ୍ରାରମ୍ଭିକ ଦାନା ହିସାବରେ ୪ ମାସ ବା ୧୦ ସପ୍ତାହ ପର୍ଯ୍ୟନ୍ତ ଉପଯୁକ୍ତ ପରିମାଣରେ ଖାଇବାକୁ ଦେବା ଉଚିତ। ବାଛୁରିକୁ ୪ ମାସ ପର୍ଯ୍ୟନ୍ତ ଉପଯୁକ୍ତ ପରିମାଣର ଖାଦ୍ୟ ଯଥା - କ୍ଷୀର, ଦାନା ଓ କଞ୍ଚା କଅଁଳ ଘାସ ଆଦି ଖାଇବାକୁ ଦେବା ଆବଶ୍ୟକ।

**ସାଧାରଣ ସ୍ୱାସ୍ଥ୍ୟ ଓ ଯତ୍ନ :** ଉତ୍ତମ ଖାଦ୍ୟ ଓ ଶରୀର ବୃଦ୍ଧି ସହିତ ପ୍ରାଣୀର ସାଧାରଣ ପରିଚାଳନା ଅତ୍ୟନ୍ତ ଆବଶ୍ୟକ। ବାଛୁରି ବା ଛଡ଼ାକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ଓ ଶୁଷ୍କ ବାୟୁ ଚଳାଚଳ ସ୍ଥାନରେ ରଖିବା ଉଚିତ। ଶରୀର ଯେପରି ସଫା ସୁତୁରା ରହେ ସେଥିପ୍ରତି ଯତ୍ନବାନ ହେବା ଦରକାର। କୃମିନାଶକ ଔଷଧ ଠିକ୍ ସମୟ ବ୍ୟବଧାନରେ ଡାକ୍ତରଙ୍କ ପରାମର୍ଶକ୍ରମେ ଦେବା ଉଚିତ। ବାହ୍ୟ କୃମି ନିରାକରଣ ପାଇଁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ବାଛୁରିର ଶାରୀରିକ ଉପଯୁକ୍ତ ଗଠନ ପାଇଁ ଚଳପ୍ରଚଳ ସହିତ ବ୍ୟାୟାମ ଅଭ୍ୟାସ କରନ୍ତୁ। ବାସସ୍ଥାନ ବା ଗୁହାଳର ଚତୁର୍ପାର୍ଶ୍ୱ ପରିଷ୍କାର ରଖିଲେ ରୋଗ ପ୍ରାଦୁର୍ଭାବରୁ ରକ୍ଷା କରିବାରେ ସାହାଯ୍ୟ ହୋଇଥାଏ। ଗୁହାଳର ତାପମାତ୍ରା ବା ଆର୍ଦ୍ରତା ପ୍ରାଣୀମାନଙ୍କ ରହୁଥିବା ଘରେ ଯେପରି ସୁହାଇବ ଏବଂ ବାୟୁ ଚଳାଚଳ ଠିକ୍ ରହିବ ସେଥିପ୍ରତି ଧ୍ୟାନ ଦେବା ଦରକାର। କମ୍ ସ୍ଥାନରେ ଅଧିକ ବାଛୁରି ପାଳନ କରିବା ଉଚିତ ନୁହେଁ।

**ରୋଗ :** ବାଛୁରି ଅବସ୍ଥାରେ ରୋଗର ପ୍ରାଦୁର୍ଭାବ ଦେଖାଦେବା ଯୋଗୁ ଅଧିକ ବାଛୁରି ମୃତ୍ୟୁ ମୁଖରେ ପଡ଼ିବାର ଆଶଙ୍କା ଥାଏ। ବାଛୁରିଙ୍କଠାରେ ଦେଖାଦେଉଥିବା କେତେକ ସାଧାରଣ ରୋଗ ହେଲା...

**ତରଳ ଝାଡ଼ା :** ଏହା ସାଧାରଣତଃ ୩ ସପ୍ତାହରୁ କମ୍ ବୟସର ବାଛୁରିଙ୍କୁ ହୋଇଥାଏ। ଅତ୍ୟଧିକ ଖାଦ୍ୟ ବା ଦୂଷିତ ପାଣି ଯୋଗୁ ଏହି ତରଳ ଝାଡ଼ା ବାଛୁରିଙ୍କଠାରେ ଦେଖାଯାଇଥାଏ। ଧଳା ଓ ପତଳା ଝାଡ଼ା ଏହି ରୋଗର ସାଧାରଣ ଲକ୍ଷଣ। ଏହି ରୋଗ ଦେଖାଦେଲେ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ଠିକ୍ ସମୟରେ ବାଛୁରିର ଚିକିତ୍ସା କରିବା ଉଚିତ।

**ନାହି ଘା':** ବାଛୁରି ଜନ୍ମ ହେବା ପରେ ନାଡ଼ିକୁ ଠିକ୍ ଭାବେ ସୂତା ସାହାଯ୍ୟରେ ବାନ୍ଧି ପରିଷ୍କାର ବ୍ଲେଡ୍‌ରେ କାଟି ଟିଙ୍କଚର ଆୟୋଡ଼ିନ ମାରିଲେ ନାହି ଘା' ପ୍ରାୟତଃ ହୋଇ ନ ଥାଏ। ତଥାପି ଯଦି ବାଛୁରି ଦେହରେ ନାହି ଘା' ଦେଖାଯାଏ, ତେବେ ପ୍ରାଣୀ ଚିକିତ୍ସକଙ୍କ ସହ ତୁରନ୍ତ ପରାମର୍ଶ କରି ଏହାର ଉପଚାର କରନ୍ତୁ।

**କୃମି ରୋଗ :** କୃମି ରୋଗ ବାଛୁରିର ଏକ ସାଧାରଣ ରୋଗ, ଯାହାକି ସେମାନଙ୍କ ଶରୀର ବୃଦ୍ଧିରେ ବାଧା ସୃଷ୍ଟି କରିଥାଏ। ତେଣୁ ଉଭୟ ବାହ୍ୟ କୃମି (ଟିଙ୍କ, ଉକୁଣି) ଓ ଅନ୍ତକୃମି(ଗୋଲାକୃତି, ଫିତାକୃମି ଓ ଚେପଟା କୃମି )ପ୍ରଭୃତି ଦାଉରୁ ବାଛୁରି ବା ଛଡ଼ାକୁ ସୁରକ୍ଷା ପ୍ରଦାନ କରିବା ଆବଶ୍ୟକ। ଠିକ୍ ସମୟ ବ୍ୟବଧାନରେ ମଳ ପରୀକ୍ଷା କରି ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ ଖାଲିପେଟରେ କୃମିନାଶକ ଔଷଧ ଖୁଆଇ କୃମି ନିୟନ୍ତ୍ରଣ ବ୍ୟବସ୍ଥା କରାନ୍ତୁ। ୧ମ ମାସରେ ପାଇପାରାଜିନ୍ ଏବଂ ପରବର୍ତ୍ତୀ ୫ ମାସ ପର୍ଯ୍ୟନ୍ତ ଆଲ୍‌ବେଣ୍ଡାଜୋଲ କିମ୍ବା ଫେନ୍‌ବେଣ୍ଡାଜୋଲ ସିରପ ଖୁଆଇବା ଜରୁରୀ।

**ଟିକାକରଣ:** ବାଛୁରି ୪୦ ରୁ ୫୦ ଦିନ ହୋଇଗଲେ ଫାଟୁଆ ରୋଗର ପ୍ରଥମ ଟିକା ଦିଆଯିବା ଜରୁରୀ ଏବଂ ଏହାର ୪ ସପ୍ତାହ ବା ୨୮ ଦିନ ବୁଷ୍ଟର ଟିକା ଦିଆଯିବା ଆବଶ୍ୟକ। ତା'ପରେ ପ୍ରତି ୬ମାସ ବ୍ୟବଧାନରେ ଥରେ ଫାଟୁଆ ଟିକା ନିୟମିତ ଭାବେ ଦେବା ବ୍ୟବସ୍ଥା କରନ୍ତୁ। ସେହିପରି ସାହାଣା ରୋଗର ଟିକା ବାଛୁରି ଜନ୍ମର ୬ ମାସରେ ପ୍ରଥମ ମାତ୍ରା ଓ ପ୍ରତି ୬ ମାସ ବ୍ୟବଧାନରେ ଥରେ ଦିଅନ୍ତୁ। ବଜବଜିଆ ରୋଗର ଟିକା ୫ ରୁ ୬ ମାସ ମଧ୍ୟରେ ପ୍ରଥମ ମାତ୍ରା ଏବଂ ପରବର୍ତ୍ତୀ ଅବସ୍ଥାରେ ପ୍ରତି ୬ ମାସ ବ୍ୟବଧାନରେ ଥରେ ୨ ରୁ ୩ ବର୍ଷ ପର୍ଯ୍ୟନ୍ତ ଟିକା ପ୍ରଦାନ କରିବା ଆବଶ୍ୟକ। ବଜବଜିଆ ଟିକା ଦିଆହେବାର ୧୦ମ ଦିନ ବୁଷ୍ଟର ଟିକା ବ୍ୟବସ୍ଥା କରନ୍ତୁ।

**-ଡା. ବୀର କିଶୋର ପରିଡ଼ା**
*ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,*
*ଜଗତ୍‌ସିଂହପୁର*
*ମୋ - ୯୪୩୭୬୦୭୩୧୨*

# ପରିଚୟ ଦେଇଛି ଲାଲ୍ ଭେଣ୍ଡି ଚାଷ

ଦିନକୁ ଦିନ ଲାଲ୍ ଭେଣ୍ଡିର ଚାହିଦା ବଢ଼ି ଚାଲିଛି। ଏହି କିସମ ଭେଣ୍ଡିରେ ପ୍ରଚୁର ପରିମାଣରେ ରୋଗ ପ୍ରତିରୋଧକ ଶକ୍ତି ରହିଛି। ସେଥିପାଇଁ ରାଜ୍ୟ ବାହାରେ ଏହି ଭେଣ୍ଡି ବିକ୍ରି ବଢ଼ିଛି। ବିଦେଶରେ ଏହି ଭେଣ୍ଡି କେଜି ୪୦୦ ରୁ ୮୦୦ ଟଙ୍କାରେ ବିକ୍ରି ହେଉଛି। ଲାଲ୍ ଭେଣ୍ଡି ଖାଇବା ଦ୍ୱାରା ମଧୁମେହ, ଉଚ୍ଚରକ୍ତଚାପ ଭଳି ରୋଗୀଙ୍କୁ



ଉପଶମ ମିଳିଥାଏ ବୋଲି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ରାମନଗର ପଞ୍ଚାୟତ ବରଜ ଗ୍ରାମର ବାଇଧର ସାମଲ ଓ ତାଙ୍କ ସ୍ତ୍ରୀ ବେଙ୍ଗ ସାମଲ ଦାବି କରିଛନ୍ତି।

ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଏହି ଦମ୍ପତି ଗତ ୪ ବର୍ଷ ହେଲା ଲାଲ ଭେଣ୍ଡି ଚାଷ କରି ଆସୁଛନ୍ତି। ପ୍ରଥମେ ସେ ୧୦ ଡିସିମିଲ ବାଲିଆ ଜମିରେ ୨ ଶହ ଚାରା ରୋପଣ କରିଥିଲେ। ଏହି କିସମର ମଞ୍ଜି ସେମାନେ କୋଲକାତାରୁ ମଗାଇଥିଲେ। ଦୈନିକ ସେମାନେ ୧୦ କେଜି ଭେଣ୍ଡି ତୋଳି ସ୍ଥାନୀୟ ରାମନଗର ବଜାରରେ କେଜି ପିଛା ୪୦ଟଙ୍କା ଦରରେ ବିକ୍ରି କରିଥାନ୍ତି। କେତେଜଣ ବ୍ୟବସାୟୀ ଆମଠୁ କମ୍ ଦରରେ ଭେଣ୍ଡି କିଣି ବସ୍‌ରେ କୋଲକାତା ପଠାଇ ଲାଭବାନ ହେଉଛନ୍ତି ବୋଲି ଏହି ଦମ୍ପତି କହିଛନ୍ତି। ସ୍ଥାନୀୟ ଅଞ୍ଚଳର ବହୁ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗୀ ଆମ ଭେଣ୍ଡିକୁ ପ୍ରତିଦିନ ନେବାକୁ ଆସିଥାନ୍ତି ବୋଲି ବାଇଧର କହିଛନ୍ତି। ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଲାଲ ଭେଣ୍ଡି ଚାଷପାଇଁ ଉପଯୁକ୍ତ ତାଲିମ,ମଞ୍ଜି, ପମ୍ପସେଟ୍, ସ୍ପ୍ରେ ମେଶିନ୍ ଯୋଗାଇ ଦେଲେ ଏହି ଚାଷ ପ୍ରତି ଆଗ୍ରହ ବଢିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଜଜାଙ୍ଗ କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ ବିଶେଷଜ୍ଞ ପ୍ରଭଞ୍ଜନ ମିଶ୍ର ଓ କେନ୍ଦ୍ରାପଡ଼ା ଜିଲା ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ କନ୍ଦ ଜେନା କୁହନ୍ତି, ଲାଲ୍ ରଙ୍ଗର ଭେଣ୍ଡିରେ ଭିଟାମିନ-ଏ, ଆୟୋଡିନ ଓ ଖାଦ୍ୟସାର ସହ ଅନ୍ୟାନ୍ୟ ଭିଟାମିନ ଭରି ରହିଛି। ଏହି ଭେଣ୍ଡି ଖାଇଲେ ମଣିଷ ଶରୀରରେ ରୋଗ ପ୍ରତିଷୋଧକ କ୍ଷମତା ବୃଦ୍ଧି ପାଏ। ଏହା ମାନବ ଶରୀର ପାଇଁ ବେଶ୍ ଉପଯୋଗୀ। ସେହିପରି ଲାଲ୍ ଖଡ଼ା ଶାଗ, ସଜନା ପତ୍ର, କଳମ ଶାଗ ସମେତ ସବୁଜ ପନିପରିବା ଖାଇବା ଦ୍ୱାରା ମଣିଷ ଶରୀରକୁ ପ୍ରଚୁର ପରିମାଣରେ ଭିଟାମିନ ମିଳିଥାଏ। ଲାଲ ଭେଣ୍ଡି ଗଛରେ କୌଣସି ରାସାୟନିକ ସାର ନ ଦେଇ କେବଳ ଗୋବର ଖତ ଦେଲେ ଭଲ ଫସଲ ମିଳିଥାଏ ବୋଲି ଏହି କୃଷି ବିଶେଷଜ୍ଞମାନେ କହିଛନ୍ତି। ବରଜ ଗ୍ରାମର ମୁରବି ଧଡ଼ି ସାମଲ



ସ୍ତ୍ରୀ ବେଙ୍ଗଙ୍କ ସହ ବାଇଧର ସାମଲ

କୁହନ୍ତି, ସାଧାରଣ ଭେଣ୍ଡିଠାରୁ ଏହି ଲାଲ୍ ଭେଣ୍ଡିର ସ୍ୱାଦ ନିଆରା। ଏଥିରେ ଔଷଧୀୟ ଗୁଣ ଥିବାରୁ ବାଇଧରଙ୍କ ଘର ଆଗରେ ଗ୍ରାହକଙ୍କ ଭିଡ଼ ଜମେ। ଜିଲା ଓ ବାହାର ଅଞ୍ଚଳର ବେପାରୀମାନେ ଭେଣ୍ଡି ନେବାକୁ ଆସିଥାନ୍ତି। ଲାଲ ଭେଣ୍ଡିରେ ପ୍ରଚୁର ପରିମାଣରେ ଜୀବସାର ରହିଛି। ତେଣୁ ରୋଗୀମାନେ ଏହାକୁ ଖାଇବା ଦ୍ୱାରା ରୋଗ ଉପଶମ ହୋଇଥାଏ ବୋଲି ପରିବେଶ ପ୍ରେମୀ ସମରେନ୍ଦ୍ର ମାହାଳି କହିଛନ୍ତି।

**-ପ୍ରତାପ ସ୍ୱାଇଁ**

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଚଣ୍ଡିଖୋଲ,(ଡି.ଏନ.ଏ.): ବଡ଼ଚଣା ଥାନା ଧାନମଣ୍ଡଳ ଫାଣ୍ଡି ଅନ୍ତର୍ଗତ କୋଲସାହି ଗ୍ରାମରେ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ କୋଲସାହି ଗ୍ରାମର ରମେଶ ସେନାପତିଙ୍କ ପୁଅ ଆଶିଷ(୨୦)। ମଙ୍ଗଳବାର ଅପରାହ୍ନରେ ଘରେ ସମସ୍ତେ ଶୋଇଥିବା ବେଳେ ଆଶିଷ ଗୋଟିଏ ଘରର କବାଟ ବନ୍ଦ୍ କରି ବେକରେ ରଶି ଗୁଡାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ଚିତ୍କାର ଶୁଣି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଫାଣ୍ଡି ଅଧିକାରୀ ସଲିଳ ମଲ୍ଲିକ ନଂ.୧୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ମୃତ୍ୟୁର କାରଣ ଜଣା ପଡ଼ିନାହିଁ।

### ସଂକ୍ଷେପରେ

## ନଦୀକୂଳିଆ ଲୋକେ ଆତଙ୍କିତ

ଧର୍ମଶାଳା,୧୪।୯(ଡି.ଏନ.ଏ.): ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିବାରୁ ବ୍ରାହ୍ମଣୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ନଦୀରେ ବନ୍ୟା ଆସିବା ଫଳରେ ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତର ଇମାମନଗର, ରଘୁନାଥପୁର ଶାସନ, ପାଖର ପଞ୍ଚାୟତର ନାକୁଆ, କମାଗଡ଼ ପଞ୍ଚାୟତର କୁସ୍ତିରା ଓ ବାଉଁଶଅଣ୍ଡାର ଗ୍ରାମବାସୀ ପାଣି ଘେରରେ ରହିଥିବା ଦେଖିବାକୁ ମିଳିଛି। ଲଗାଣ ବର୍ଷାରେ ଗାଁଗଣ୍ଡାରେ ପାଣି ଭର୍ତ୍ତିହୋଇ ରହିଥିବା ବେଳେ ଏବେ ବନ୍ୟା ଆସିବା ନେଇ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ବନ୍ୟା ଓ ବର୍ଷାର କ୍ଷୟକ୍ଷତି ଆକଳନ କରିବାକୁ ସମସ୍ତ ଅଞ୍ଚଳ ଆର୍‌ଆଇମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଧ୍ୟାରେ ଜାରକା ଜଳସମ୍ପଦ ବିଭାଗ ସହ ନିର୍ବାହୀ ଯନ୍ତ୍ରୀ ଭାଗ୍ୟଧର ବେହେରା ନଦୀ କୂଳିଆ ଅଞ୍ଚଳ ବୁଲି ଦେଖିବା ସହ ଲୋକଙ୍କୁ ନିରାପଦ ସ୍ଥାନକୁ ଚାଲିଯିବାକୁ କହିଛନ୍ତି। ତେବେ ବନ୍ୟା ମୁକାବିଲା ପାଇଁ ଜାରକା ଜଳ ସମ୍ପଦ ବିଭାଗ ପକ୍ଷରୁ ଦୁର୍ବଳ ନଦୀବନ୍ଧ ଅଞ୍ଚଳରେ ବାଲିବସ୍ତା ମହଜୁଦ ରଖାଯିବା ସହ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଉଛି। ଅନ୍ୟପଟେ ରେଙ୍ଗାଲି ଡ୍ୟାମ ଖୋଲା ଯାଇ ନ ଥିବାରୁ ସେଭଳି ବଡ଼ଧରଣର ବିପଦ ନାହିଁ ବୋଲି ଜାରକା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଘରେ ପଶିଲା ପାଣି, ଲୋକେ ହୀନସ୍ତା

ଚଢେଇଧରା,୧୪।୯(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ତୁରଙ୍ଗଠାରୁ ଇମାମନଗର ପର୍ଯ୍ୟନ୍ତ କୁଆଁରିଆ ନାଳରେ ଏବେ ବନ୍ୟାପାଣି କୂଳଲଂଘିବା ସହିତ ଗାଁ ଗଣ୍ଡାରେ ପଶିଛି। ୪୦ ବର୍ଷର ରେକର୍ଡ ଭାଙ୍ଗିଛି ଲଗାଣବର୍ଷା। କୁଆଁରିଆ ନାଳର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ତୁରଙ୍ଗ, କାଦୁଅମାଗୁରା, ତୋଟାସିଂ, ତୋଟାକଣ, କାଇଚି ମାଲିଆ, କୁରିକଣା, ଝାଟିଆପଡା ଓ ଭୁବନପୁର, କୁଲାବେଙ୍ଗିପାଟ ଆଦି ମୌଜାରେ ବନ୍ୟାଜଳ ଲହଡି ଭାଙ୍ଗୁଛି। ଅନେକ ଲୋକ ବେଘର ହୋଇଛନ୍ତି। ଢେଙ୍କାନାଳରୁ ବହି ଆସିଥିବା କୁଆଁରିଆ ନାଳରେ ଢେଙ୍କାନାଳ ଓ ଯାଜପୁର ଜିଲାର ଅନେକ ଅଞ୍ଚଳର ବର୍ଷାପାଣି ଏହି ନାଳରେ ବହି ଅସି ବ୍ରାହ୍ମଣୀରେ ମିଶିଥାଏ। ଏବେ କିନ୍ତୁ ନାଳର ପାଣି ବ୍ରାହ୍ମଣୀକୁ ଯିବା ବାଟରେ ଅନେକ ସ୍ଥାନରେ ରୋକାଯାଇଛି। ଫଳରେ ପାଣି ଆଉ ସହଜରେ ନଈରେ ମିଶିବା ପରିବର୍ତ୍ତେ ଘରେ ପଶୁଛି। କୁଆଁରିଆର ତୁରଙ୍ଗଠାରୁ ମହିଶରା ମଧରେ ଚାରି ଜାଗାରେ ଆନିକଟ କରାଯାଇଛି। ମାତ୍ର ଉପଯୁକ୍ତ ଜ୍ଞାନ କୌଶଳ ବ୍ୟବହାର ହୋଇ ନ ଥିବାରୁ ଏବେ ନାଳ ପାଣି ନାଳରେ ନଯାଇ ଗାଁ ଗଣ୍ଡାରେ ପଶୁଥିବା ଅଭିଯୋଗ ହୋଇଛି। ସେହିପରି ବେଣାପାଟରେ ରାସ୍ତା କାର୍ଯ୍ୟ ଚାଲିଥିବାରୁ ପାଣି ପାସ୍ ନ କରି ଅଟକି ରହି ସୁନାସିର ଗହୀର, ବେଣାପାଟ, ମଧୁବନ, ଓସରା ଆଦି ମୌଜାରେ ଶହ ଶହ ଏକର ଚାଷ ଜମି ଜଳମଗ୍ନ ହୋଇଛି। ମଙ୍ଗଳବାର ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ ବଳବନ୍ତରାୟ୍ ପ୍ରମୁଖ ପହଞ୍ଚି ଲୋକଙ୍କ ଅସୁବିଧା ବୁଝିଥିବା ଜଣାଯାଇଛି। ମଧୁପୁରଗଡ ପଞ୍ଚାୟତ ବିଜେଡି ସଭାପତି ଜଗଦୀଶ ଜେନାମଣି ସୋମବାର ରାତିଠାରୁ ଗାଁ ବୁଲି ଅବସ୍ଥା ଅନୁଧାନ କରୁଛନ୍ତି।

# ବୈତରଣୀ ବିପଦ ସଙ୍କେତ ଟପିଲା

ଯାଜପୁର ଅଫିସ/ବରୀ,୧୪।୯(ଡି.ଏନ.ଏ.)



ବୈତରଣୀ ନଦୀରେ ପ୍ରବାହିତ ବନ୍ୟାଜଳ।

- ବ୍ରାହ୍ମଣୀ ବିପଦ ସଙ୍କେତ ଛୁଇଁଲା
- ଜେନାପୁରଠାରେ ଜଳପତନ ୬୭ ଫୁଟ
- ବରୀବାସୀ ଆତଙ୍କିତ
- ନଦୀ ବନ୍ଧରେ ରାତ୍ର ପାଟ୍ରୋଲିଂ ବ୍ୟବସ୍ଥା

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ, ବ୍ରାହ୍ମଣୀ ଓ ଏହାର ଶାଖା ଖରସ୍ରୋତା ନଦୀର ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ବୈତରଣୀର ବନ୍ୟାଜଳ ଆଖୁଆପଦା ଓ ଦଶରଥପୁରଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଆଖୁଆପଦାରେ ବିପଦ ସଙ୍କେତ ୧୭.୮୩ ମିଟର ରହିଥିବାବେଳେ ରାତି ୮ଟା ସୁଦ୍ଧା ୧୮.୩୧ ମିଟର ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଦଶରଥପୁରଠାରେ ବିପଦ ସଙ୍କେତ ୯.୫୨ ମିଟର ଥିବା ବେଳେ ରାତି ୦୮ଟା ସୁଦ୍ଧା ବନ୍ୟାଜଳ ୧୧.୦୫ ମିଟର ଉଚ୍ଚରେ ଚାଲିଛି। ତେବେ ବୈତରଣୀର ଉପରମୁଣ୍ଡ ଆନନ୍ଦପୁରଠାରେ ବିପଦସଙ୍କେତ ୩୮.୩୬ ମିଟର ରହିଥିବାବେଳେ ବନ୍ୟାଜଳ ୩୭.୧୪ ମିଟର ରହିଛି। ଏହାକୁ ଆଖି ଆଗରେ ରଖି ବନ୍ୟା ପରିସ୍ଥିତିକୁ ଏଡ଼ାଇ ଦିଆଯାଇପାରେ ବୋଲି ଜରୁରୀକାଳୀନ ଅଧିକାରୀ କହିଛନ୍ତି।

ଅନ୍ୟପକ୍ଷେ ଖରସ୍ରୋତାର ବନ୍ୟାଜଳ ବିଞ୍ଝାରପୁର ଓ ସିଂହପୁରଠାରେ ବିପଦ ସଙ୍କେତ ଅତିକ୍ରମ କରି ନ ଥିଲେ ମଧ ବୃଦ୍ଧି ପାଉଛି। ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଞ୍ଝାରପୁରଠାରେ ବିପଦସଙ୍କେତ ୧୦.୩୦ ମିଟର ରହିଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୮.୮୮ ମିଟର ଏବଂ ସିଂହପୁରଠାରେ ବିପଦ ସଙ୍କେତ ୬.୭୨ ମିଟର ରହିଥିବା ବେଳେ ବନ୍ୟାଜଳ ୫.୬୦ ମିଟର ଉଚ୍ଚରେ ପ୍ରବାହିତ ହେଉଛି। ବ୍ରାହ୍ମଣୀ ନଦୀର ଜେନାପୁରଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବାବେଳେ ରାତି ୮ଟା ସୁଦ୍ଧା ୬୭.୯୦ ଫୁଟରେ ଜଳପତନ ରହିଛି। ତେବେ ପଙ୍କପାଳଠାରେ ବିପଦ ସଙ୍କେତ ୨୩ ମିଟର ରହିଥିବା ବେଳେ ବନ୍ୟାଜଳ ୨୨.୬୨ ମିଟର ଉଚ୍ଚରେ ପ୍ରବାହିତ ହେଉଥିବାରୁ ତଳିଆ ଅଞ୍ଚଳବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ହେଲେ ଜେନାପୁରଠାରେ ବନ୍ୟାଜଳ ବିପଦ ସଙ୍କେତ ଅତିକ୍ରମ କଲେ ବରୀ ଅଞ୍ଚଳରେ ବନ୍ୟା ପରିସ୍ଥିତି ଗମ୍ଭୀର ହେବା ସମ୍ଭାବନା ରହିଛି ବୋଲି ଜରୁରୀକାଳୀନ ବିଭାଗ ପକ୍ଷରୁ କୁହାଯାଇଛି।

ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ଅଧକ୍ଷତାରେ ଏକ ଭର୍ଚୁଆଲ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଭିନ୍ନ ବିଭାଗ ସଜାଗ ରହିବା ସହିତ କୌଣସି ଅଧିକାରୀ ଓ କର୍ମଚାରୀ ହେଡ୍‌କ୍ୱାର୍ଟର ନ ଛାଡ଼ିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଆବଶ୍ୟକ ଚୁଡ଼ା, ଗୁଡ଼, ଚାଉଳ ଆଦି ମହଜୁଦ ରଖିବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଗୋଖାଦ୍ୟ, ଓଆରଏସ୍ ପ୍ୟାକେଟ, ବ୍ଲିଚିଂ ପାଉଡର ଆଦି ମହଜୁଦ ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍କୁଲଗୁଡ଼ିକରେ ଯେପରି ଉଦ୍ଧାର ହେଉଥିବା ବା କ୍ଷତିଗ୍ରସ୍ତ ଲୋକ ଆଶ୍ରୟ ନେଇ ପାରିବେ ସେଥିପାଇଁ ପଦକ୍ଷେପ ନେବାକୁ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଗ୍ନିଶମ ଏବଂ ଓଡ୍ରାଫ୍ ଟିମ୍‌କୁ ସତର୍କ ରହିବା ପାଇଁ କୁହାଯାଇଛି। ଦେଶୀ ଡଙ୍ଗା, ପାୱାର ବୋଟ୍, ଗଛକଟା ମେଶିନ, ଆସ୍କା ଲାଇଟ, ଟର୍ଚ୍ଚ, ଲାଇଫ୍ ଜ୍ୟାକେଟ ଇତ୍ୟାଦି ପ୍ରସ୍ତୁତ ରଖିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜଳସେଚନ ବିଭାଗକୁ ନଦୀ ବନ୍ଧର ବିଭିନ୍ନ ଦୁର୍ବଳସ୍ଥାନ ପ୍ରତି ଦୃଷ୍ଟି ରଖିବା ସହିତ ବାଲି, ବସ୍ତା, ଅଧିକ ଲୋକ ରଖି ବନ୍ୟା ପରିସ୍ଥିତିର ମୁକାବିଲା କରିବାକୁ ଜିଲାପାଳ ସତର୍କ କରାଇଛନ୍ତି ।

ଅନ୍ୟପକ୍ଷରେ ଖରସ୍ରୋତା ନଦୀର ତନ୍ତିଘାଇରେ ବନ୍ୟାଜଳ ପ୍ରବେଶ ଯୋଗୁ ଅପରାହ୍ନରେ ବୋଦୁଅ ପଞ୍ଚାୟତର ପାଳସାହି ନିକଟରେ ବରୀ-ବିଞ୍ଝାରପୁର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ବରୀ ମାଉଣ୍ଡସ୍ଥିତ ଡାକବଙ୍ଗଳାଠାରେ ଏକ ବୈଠକ କରାଯାଇଛି। ବୈଠକରେ ଜଳସମ୍ପଦ ବିଭାଗ ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକ ଯୋଗଦେଇ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ମୁକାବିଲା ନିମନ୍ତେ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ପଟ୍ଟନାୟକ କହିଛନ୍ତି, ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ସମ୍ମୁଖୀନ ହେବାକୁ ଜଳସମ୍ପଦ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ବିଭାଗ ପକ୍ଷରୁ ନଦୀବନ୍ଧଗୁଡ଼ିକରେ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ବରୀରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ମୁକାବିଲାର ପ୍ରସ୍ତୁତି ସମ୍ପର୍କରେ ପ୍ରତିକ୍ରିୟା ଲାଗି ବିଡିଓ ଶିବାନନ୍ଦ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ।

ସୂଚନାଯୋଗ୍ୟ, ଯାଜପୁର ଜିଲାର ବୈତରଣୀ ଓ ବ୍ରାହ୍ମଣୀରେ ହୋଇଥିବା ଗତବର୍ଷ ବନ୍ୟା ଏକବିଂଶ ଶତାବ୍ଦୀର ସବୁଠୁ ବଡ଼ ବନ୍ୟା ବୋଲି କୁହାଯାଉଛି। ଏହି ବନ୍ୟାରେ ଜିଲାର ସମସ୍ତ ବ୍ଲକ ଓ ଗୋଟିଏ ପୌର ପରିଷଦର ୧୪୩ ପଞ୍ଚାୟତର ୬୧୨ ଗ୍ରାମ ସହ ୧ ୱାର୍ଡର ପାଖାପାଖି ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଏଥିରେ ବରୀ ବ୍ଲକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ତେଣୁ ଜଳ ସମ୍ପଦ ବିଭାଗ ଜାରକା ଡିଭିଜନ ନିର୍ବାହୀ ଯନ୍ତ୍ରୀ ପଟ୍ଟନାୟକ ମଙ୍ଗଳବାର ମରାମତି ହୋଇଥିବା ଘାଇଗୁଡ଼ିକୁ ବୁଲି ଦେଖିଛନ୍ତି। ୨୪ ଘଣ୍ଟା ମଧ୍ୟରେ ଜିଲାରେ ହାରାହାରି ୧୪୧.୯୪ ମିମି ବର୍ଷା ରେକର୍ଡ କରାଯାଇଛି। ଏଥିରେ ବରୀ ବ୍ଲକରେ ସର୍ବାଧିକ ୨୧୧ ମିମି, ବିଞ୍ଝାରପୁରରେ ୧୬୫.୮ ମିମି, ବଡ଼ଚଣାରେ ୧୫୦ ମିମି, ଧର୍ମଶାଳାରେ ୧୬୦ ମିମି ବର୍ଷା ରେକର୍ଡ କରାଯାଇଛି।

## ଧର୍ମଶାଳା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି

ଧର୍ମଶାଳା,୧୪।୯(ଡି.ଏନ.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଧର୍ମଶାଳା ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗାଁରେ ଥିବା ଅନେକ କଚ୍ଚା ଘର କାନ୍ଥ ପଡିଯାଇଥିବା ବେଳେ ଗାଁ ଦାଣ୍ଡରେ ବର୍ଷାଜଳ ଲହଡ଼ି ମାରୁଛି। ଗାଁ ରାସ୍ତାରେ ଆଣ୍ଠୁଏ ଲେଖାଏ ପାଣି ଜମିରହିବା ଫଳରେ ଅନେକ ସ୍ଥାନରେ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି। ଗରିବ ଓ ଦିନ ମଜୁରିଆ ଭୋକ ଓପାସରେ ଜୀବନ ବିତାଉଛନ୍ତି। ସୋମବାର ଜାରକା, ଶାନ୍ତି ବଜାର, କାଏମା, ଲକ୍ଷ୍ମୀ ବଜାର, ନାକପୋଲ ଆଦି ବଜାରର ସମସ୍ତ ଦୋକାନ ବନ୍ଦ ରହିଥିଲା। ମଙ୍ଗଳବାର ଦୋକାନ ବଜାର ଖୋଲା ରହିଥିଲେ ସୁଦ୍ଧା ଲୋକେ ଘରୁ ବାହରୁ ନ ଥିବାରୁ ବ୍ୟବସାୟୀ ହାତବାନ୍ଧି ବସିରହିଥିବା ଦେଖିବାକୁ ମିଳିଛି। ବର୍ଷାରେ ହେକ୍ଟରହେକ୍ଟର ଜମିରେ ହୋଇଥିବା ପରିବା ଚାଷ ନଷ୍ଟ ହୋଇଛି। ଜାରକା ପାଞ୍ଚାୟତ ଟିକରସାହିରେ



କ୍ଷତିଗ୍ରସ୍ତ ଚାଷୀଙ୍କ ସହିତ ବ୍ଲକ ଅଧକ୍ଷ ଆଲୋଚନା କରୁଛନ୍ତି।

ଅନେକ ଘର କାନ୍ଥ ଭାଙ୍ଗି ଥିବା ବେଳେ ଏହି ପଞ୍ଚାୟତ ଦକ୍ଷିଣଶାସନ ଗ୍ରାମର ଦଳିତ ସାହିରେ ୧୫ରୁ ଅଧିକ ପରିବାର ଜଳବନ୍ଦୀ ହୋଇଛନ୍ତି। ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ନାଉପାଳ ଗ୍ରାମର ଉତ୍ସବ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ରାଉତ, ସନ୍ତୋଷ ପ୍ରଧାନଙ୍କ ପରିବାର ବର୍ଷା ଯୋଗୁ ପ୍ରଭାବିତ ହୋଇଛନ୍ତି। ମଙ୍ଗଳବାର ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ପୂର୍ବତନ ବ୍ଲକ ଉପାଧକ୍ଷ ଜଳଧର ମହାନ୍ତି ଓ ଜିଲାପରିଷଦ ସଭ୍ୟ ନିରଞ୍ଜନ ରାଉତ ପ୍ରମୁଖ ପାଣି ଘେରରେ ଥିବା ପାଖର ପଞ୍ଚାୟତର ନାକୁଆ, ସଂପାରୁ, ମହିଶରା ଓ ତରଞ୍ଜିଆ ଆଦି ପଞ୍ଚାୟତ ବୁଲି ଦେଖିଛନ୍ତି। ବିପନ୍ନଙ୍କୁ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଦାବି ହୋଇଛି।

## ପଞ୍ଚାୟତ ମିଡିଆ ସଂଯୋଜକଙ୍କ ନାମ ଘୋଷଣା

ଧର୍ମଶାଳା,୧୪।୯(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ମହିଳା ବିଜେଡି ପଞ୍ଚାୟତ ମିଡିଆ ସଂଯୋଜକଙ୍କ ନାମ ଘୋଷଣା ହୋଇଛି। ଧର୍ମଶାଳା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା ଏ ସଂକ୍ରାନ୍ତରେ ଘୋଷଣା କରିଛନ୍ତି। ଅଞ୍ଜିରା ପଞ୍ଚାୟତର ମିଡିଆ ସଂଯୋଜକ ଭାବେ ରଶ୍ମିତା ପ୍ରଧାନ, ଚକ୍ରଧରପୁର- ସୁମିତ୍ରା ସିଂ, ଏଣ୍ଡଳବା-କଣ୍ଢେଇ ବେହେରା, କାବାଟବନ୍ଧ-ସଂଯୁକ୍ତା ଶରଣ, ମଧୁସୂଦନପୁର-ମମତା ରାଉତ, ମର୍ଜିତାପୁର-ସସ୍ମିତା ପ୍ରଧାନ, ରାଇଛନ୍ଦା-ବାସନ୍ତୀ ଭୂୟାଁ, ରେଖିଦେଇପୁର-କଣ୍ଢେଇ ମଲ୍ଲ, ତାଳଜଙ୍ଗ-ଜୟନ୍ତୀ ରାଉତଙ୍କ ନାମ ଘୋଷଣା କରାଯାଇଛି। ଅଣ୍ଟିଆ ପଞ୍ଚାୟତର ମିଡିଆ ସଂଯୋଜିକା ଭାବେ ତରୁଲତା ଓଝା, ବୃନ୍ଦାଦେଇପୁର-ଶାନ୍ତିଲତା ଶତପଥୀ, ଜେନାପୁର-ମମତା ଭୂୟାଁ, କମାଗଡ଼-ଭାନୁମତୀ ଓଝା, ମହିଶରା-ସଂଯୁକ୍ତା ଓଝା, ମଧୁପୁରଗଡ଼- ସୁଜାତା ଧିର,ପୁରୁଣା ବଉଳମାଳ-ସୁକାନ୍ତି ପାତ୍ର, ସାହାଣୀଡିହ- ସୁଚିତ୍ରା ସାମଲ, ସଂପାରୁ-ମାନିନୀ ଗନ୍ତାୟତ, ଆରୁହା- ନିରୁପମା ଦାସ, ଗଙ୍ଗାଧରପୁର-ପଦ୍ମିନୀ ନାୟକ, ହରିଦାସପୁର-ନିର୍ମଳା ସାମଲ, କଣ୍ଟିଗଡିଆ-ସତ୍ୟଭାମା ନାୟକ, କ୍ଷେତ୍ରପାଳ-ସିଲୁପ୍ରଭା ସେନାପତି, ନେଉଳପୁର-ଚନ୍ଦ୍ରକଳା ଦାସ,ପାଖର- ନମିତା ସାମଲ, ତରଞ୍ଜିଆ- ଦମୟନ୍ତୀ ଦାସ,ଥାନୁଆଳ-ଗାୟତ୍ରୀ ବେହେରାଙ୍କ ନାମ ଘୋଷଣା କରାଯାଇଛି। କୁମାରୀ ପଞ୍ଚାୟତରେ ଇସ୍ମିତା ସ୍ୱାଇଁ, ମିର୍ଜାପୁର-ଜ୍ୟୋତ୍ସ୍ନା ମଲ୍ଲିକ, ପାଟପୁର-ଝରଣା ଦାସ, ଅରାବଳ-ସସ୍ମିତା ପଣ୍ଡା, ଦେଓଦା- ଜୟନ୍ତୀ ମହାନ୍ତି, କଦମପାଳ- କବିତା ମହାନ୍ତି, ମଙ୍ଗଳପୁର-ପଦ୍ମିନୀ ବେହେରା, ପରୁଣିଆ- ଗୁନୁଲତା ଗନ୍ତାୟତ ଓ ଉତରପ୍ରତାପ- ନିରୁପମା ପଣ୍ଡା ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି।

## କଲେଜ ହତାରେ ୩ ଫୁଟ୍‌ର ପାଣି

ଚଣ୍ଡିଖୋଲ,୧୪।୯(ଡି.ଏନ.ଏ.)

ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର କଲେଜ ସମ୍ମୁଖରେ ୩ ଫୁଟ୍ ଉଚ୍ଚତାର ବର୍ଷା ଜଳ ଗଚ୍ଛିତ ରହିବା ଦ୍ୱାରା ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ମଙ୍ଗଳବାର ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ପ୍ରଥମ ବର୍ଷ ନାମ ଲେଖା ଆରମ୍ଭ ହୋଇଥିବା ବେଳେ ଛାତ୍ରୀଛାତ୍ର ଓ ଅଭିଭାବକ ପାଣିରେ ପଶି କଲେଜକୁ ଯାଉଥିବା ଦେଖିବାକୁ ମିଳିଛି। ମହାବିଦ୍ୟାଳୟ ଫାଟକଠାରୁ କଲେଜ ପ୍ରଶାସନ ଭବନ ୧୦୦ ମିଟର ଦୂରତା ହୋଇଥିଲା ବେଳେ ଏହି ୧୦୦ ମିଟର ସମ୍ପୂର୍ଣ୍ଣ ପାଣିରେ ବୁଡ଼ି ରହିଛି। ପିଲାମାନେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ଏସମ୍ପର୍କରେ କଲେଜ ଭାରପ୍ରାପ୍ତ ଅଧକ୍ଷ କିଶୋର ଚନ୍ଦ୍ର ପରିଡ଼ା କହିଛନ୍ତି, ବ୍ୟାପକ ବର୍ଷା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଚାରି ପଟ ପାଚେରି ହେବା ଦ୍ୱାରା ବର୍ଷା ଜଳ ନିଷ୍କାଷନ ହୋଇପାରୁନାହିଁ। ଖୁବ୍‌ଶୀଘ୍ର ନିଷ୍କାସନ ବ୍ୟବସ୍ଥା କରିବୁ।



କଲେଜ ହତାରେ ପାଣି ଜମିଛି।

## ଦଶରଥପୁରରେ ବର୍ଷା ବିତ୍ପାତ

ଝୁମ୍ପୁରୀ,୧୪।୯(ଡି.ଏନ୍.ଏ.)

- ତହସିଲ ପରିସର ବର୍ଷାଜଳ
- ଭାଙ୍ଗିଲା ୨୦ ରୁ ଊର୍ଦ୍ଧ୍ୱ ଝାଟିମାଟି ଘର

ଦଶରପୁର ବ୍ଲକ ଅଞ୍ଚଳରେ ତୁହାକୁ ତୁହା ବର୍ଷା ଯୋଗୁ ବୈତରଣୀରେ ପୁଣି ବନ୍ୟା ପରିସ୍ଥିତି ସଙ୍ଗୀନ ହୋଇଛି । ଗତ ୨୪ ଘଣ୍ଟାରେ ଏହି ବ୍ଲକ୍‌ରେ ପ୍ରାୟ ୨୦୦ମିମିରୁ ଅଧିକ ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି । ତହସିଲ ପରିସରରେ ଆଣ୍ଠୁଏ ଉଚ୍ଚରେ ବର୍ଷା ପାଣି ଲହଡ଼ି ଭାଙ୍ଗୁ ଥିବାବେଳେ ସେପଟେ ମଙ୍ଗଳପୁର ବଜାର ସଂଲଗ୍ନ କନିକାପଡ଼ା ପଞ୍ଚାୟତର ଦେହୁଡ଼ିସାହି, ମାନସିଂପାଟଣା, ମଙ୍ଗଳପୁର ବଜାରର କିଛି ଅଂଶ ବର୍ଷାପାଣିରେ ବୁଡ଼ି ରହିଛି । ଦେହୁଡ଼ି ସାହି ପର୍ଯ୍ୟନ୍ତ ପ୍ରାୟ ୧ ଶହ ହେକ୍ଟରରୁ ଊର୍ଦ୍ଧ୍ୱ ଧାନ ଜମିରେ ୪ ଫୁଟ୍ ଉଚ୍ଚର ବର୍ଷାଜଳ ଜମି ରହିଛି। ପ୍ରବଳ ବର୍ଷା ଫଳରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଝାଟିମାଟ ଘର ଭାଙ୍ଗିଛି । ବୈତରଣୀର ଶାଖା କାଣୀ ନଦୀରେ ବନ୍ୟାଜଳ ପ୍ରବେଶ କରିଛି । କାଣୀ ନଦୀର ଉଭୟ ପାର୍ଶ୍ୱର ବନ୍ଧ ସୁଦୃଢ଼ ନ ଥିବାରୁ ଘାଇ ସୃଷ୍ଟି ହେବାର ଆଶଙ୍କା ରହିଛି । ବ୍ରହ୍ମଚାରୀପାଟଣାଠାରୁ କୟାଁ ପର୍ଯ୍ୟନ୍ତ ବୈତରଣୀ ନଦୀବନ୍ଧ ଅଞ୍ଚଳ ଲୋକେ ଚିନ୍ତାରେ ରହିଛନ୍ତି। ବୈତରଣୀ ଓ କାଣୀ ନଦୀ ବନ୍ଧର ଦୁର୍ବଳ ସ୍ଥାନ ଉପରେ ଜଳସମ୍ପଦ ବିଭାଗ ନଜର ରଖିଛି ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି ।

## ଚାନ୍ଦା ଆଦାୟକୁ ନେଇ ଗଣ୍ଡଗୋଳ, ୩ ଗିରଫ

ରସୁଲପୁର,୧୪।୯(ଡି.ଏନ.ଏ.)

ମଦ ପାଇଁ ଚାନ୍ଦା ଆଦାୟକୁ ନେଇ କୁଆଖିଆ ଥାନା ରାଜେନ୍ଦ୍ରପୁର ପଞ୍ଚାୟତରେ ଗଣ୍ଡଗୋଳ ଘଟିଛି। ରାଜେନ୍ଦ୍ରପୁର ଗ୍ରାମର ଜୟନ୍ତ ମଲିକଙ୍କୁ ଚାନ୍ଦା ମାଗିବା ଓ ମାଡ଼ ମାରିବା ସହ ଜାତିଆଣ ଆକ୍ଷେପକରି ଗାଳି ଗୁଲଜ କରିବା ଅଭିଯୋଗରେ ୩ ଯୁବକ ଗିରଫ ହୋଇଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରାଜେନ୍ଦ୍ରପୁର ଗ୍ରାମର ବବି ଓରଫ ବିରଞ୍ଚି ନାରାୟଣ ଦାସ, ପଦ୍ମନାଭ ସିଂହ ଓ ସେହି ପଞ୍ଚାୟତ କରଜଂଗା ଗ୍ରାମର ଶଙ୍କର୍ଷଣ ଦଳାଇ। ୧୨ ତାରିଖ ରାତି ୯ଟାରେ ଜୟନ୍ତ ଔଷଧ ପାଇଁ କୁଆଖିଆ ବଜାରକୁ ଯାଇଥିଲେ। ସେଠାରୁ ଫେରି ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମୂଳାପାଳ ଛକ ନିକଟରୁ ବିସ୍କୁଟ କିଣୁଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କୁ ଘେରି ଯାଇ ମଦ ପିଇବା ପାଇଁ ଚାନ୍ଦା ମାଗିଥିଲେ। ଏଥିରେ ଜୟନ୍ତ ରାଜି ହୋଇ ନ ଥିଲେ। ଫଳରେ ଅଭିଯୁକ୍ତ ବବିଙ୍କ ନିର୍ଦ୍ଦେଶ କ୍ରମେ ଅନ୍ୟ ୨ ସହଯୋଗୀ ଜୟନ୍ତଙ୍କୁ ମାଡ଼ ମାରିଥିଲେ। ପରେ ଜୋରଜବରଦସ୍ତକରି ତାଙ୍କ ପର୍ସ ଛଡ଼ାଇ ସେଥିରେ ଥିବା ୧୨୦୦ଟଙ୍କା ନେଇ ଯାଇଥିଲେ। କାହାକୁ କହିଲେ ଅଧିକ ମାଡ଼ ମାରିବା ସହ ଜାତିଆଣ ଆକ୍ଷେପକରି ଗାଳିଗୁଲଜ କରିଥିଲେ। ଏନେଇ ରବିବାର ଜୟନ୍ତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୩୦୭/୨୧ରେ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଯାଜପୁର ଜିଲା ପୋଲିସ ହେଡକ୍ୱାର୍ଟର୍ସ ଡିଏସପି ମମତା ସାହୁ ଏହାର ତଦନ୍ତ କରୁଛନ୍ତି। ପ୍ରକାଶଥାଉ କି ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ବବି ବିଭିନ୍ନ ଗଣ୍ଡଗୋଳ ଘଟଣାରେ ସମ୍ପୃକ୍ତ ଥିବା ଜଣାଯାଇଛି। ସେ ଅନେକ ସମୟରେ ମଦ ପିଇ ଛକ ବଜାରରେ ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ନେଇ ଅଭିଯୋଗ ରହିଛି।

## ନିଷ୍କାସିତ ହେଲା ଉଦ୍‌ବୃତ୍ତ ବର୍ଷାଜଳ

ଚଣ୍ଡିଖୋଲ,୧୪।୯(ଡି.ଏନ.ଏ.)

ଲଗାଣ ବର୍ଷା ଯୋଗୁ ଚାରିଆଡ଼େ ଜଳମଗ୍ନ ହୋଇଛି। ଏହି ଜଳ ନିଷ୍କାଷନ ନେଇ ବିଭିନ୍ନ ସ୍ଥାନରେ ସମସ୍ୟା ଉପୁଜିଛି। ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନଳୀପୁରଠାରେ ଥିବା ଏକ ହୋମ ପାଇପ ପୋତିହୋଇଯିବା ଯୋଗୁ ନଳୀପୁର ଓ ପତରାଜପୁର ଦୁଇଟି ଗ୍ରାମ ଜଳବନ୍ଦୀ ହୋଇଥିଲା। ବ୍ୟାପକ ବର୍ଷା ହେବା ପରେ ସଂପୃକ୍ତ ହୋମ ପାଇପ ଟିକୁ ସ୍ଥାନୀୟ ନଳୀପୁର ଗ୍ରାମର ଜନସାଧାରଣ ଖନନ କରିବାକୁ ଗଲାବେଳେ ମାହାଙ୍ଗା ଥାନା ପୋଲିସ ଅଟକାଇଥିଲା। ଏ ସମ୍ପର୍କରେ ଗ୍ରାମବାସୀ ଦର୍ପଣ ତହସିଲଦାର ପ୍ରଦୀପ ସେଠୀଙ୍କୁ ଜଣାଇବା ପରେ ମଙ୍ଗଳବାର ତହସିଲଦାରଙ୍କ ଉପସ୍ଥିତିରେ ହୋମ ପାଇପ ଖନନ କରାଯାଇ ଉଦବୃତ ବର୍ଷା ଜଳକୁ ନିଷ୍କାସିତ କରାଯାଇଛି। କଟକ ପୂର୍ତ୍ତ ବିଭାଗ ଅଧୀନରେ ନଳୀପୁରଠାରୁ କଟିକେଟା ପର୍ଯ୍ୟନ୍ତ ୨୩ କି.ମି. ରାସ୍ତା ନବୀକରଣ ଚାଲିଛି। ରାସ୍ତାଟି କଟକ ଓ ଯାଜପୁର ଜିଲାର ସୀମାରେ ଅବସ୍ଥିତ। ପୂର୍ବରୁ ସେଠାରେ ଜଳ ନିଷ୍କାସନ ପାଇଁ ପାଇପ ବସିଥିଲା ବେଳେ ରାସ୍ତା କାମ ନେଇଥିବା ଠିକାଦାର ନୂଆ ହୋମ ପାଇପ ଆଣିଥିଲେ ମଧ୍ୟ ବସିପାରି ନ ଥିଲା। ଲଗାଣ ବର୍ଷା ପରେ ଉଦବୃତ୍ତ ଜଳ ନିଷ୍କାସନ ହୋଇପାରି ନ ଥିଲା। ରାସ୍ତାର ଅପର ପାର୍ଶ୍ୱରେ ଥିବା ମାହାଙ୍ଗା ଥାନା ଅକରପଡା ଗ୍ରାମବାସୀ ବିରୋଧ କରିଥିଲେ। ସେମାନେ ପୂର୍ତ୍ତ ବିଭାଗକୁ ଜଣାଇଲା ପରେ କଟକ ଜିଲା ମାହାଙ୍ଗା ଉପଖଣ୍ଡ ତରଫରୁ ମାହାଙ୍ଗା ଓ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ବିବାଦୀୟ ଘଟଣା ଯୋଗୁ ଗ୍ରାମବାସୀ ତହସିଲଦାରଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ତହସିଲଦାରଙ୍କ ସମେତ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ, ସୁପରଭାଇଜର ହରିଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ପହଞ୍ଚି ଏହାର ସମାଧାନ କରିଥିଲେ।



ତହସିଲଦାର ଓ ଅନ୍ୟ ଅଧିକାରୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ଚକଗୋପାଳପୁର ଘେରିବନ୍ଧ ବୁଡ଼ିଲା

ରସୁଲପୁର,୧୪।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତର ଚକଗୋପାଳପୁର ଘେରିବନ୍ଧ ବୁଡ଼ିଯାଇଛି। ଜଳସମ୍ପଦ ବିଭାଗ ନିକଟରେ ବାଲିବସ୍ତା ମହଜୁଦ୍ ନ ଥିବାରୁ ବନ୍ଧ ବୁଡି ଚକ ଗୋପାଳପୁର ଗାଁରେ ପାଣି ପଶିଛି। ଫଳରେ ଏହି ଗାଁରେ ୨ଟି ୱାର୍ଡର ୨୦୦ ପରିବାର ଜଳବନ୍ଦୀ ହେବା ସମ୍ଭାବନା ଦେଖାଦେଇଛି। ଏବେ ସୁଦ୍ଧା ୨୦ରୁ ଅଧିକ ପରିବାର ବନ୍ୟାପାଣି ଘେରକୁ ଚାଲି ଯାଇଥିବା କୁହାଯାଉଛି। ନଦୀ ଜଳସ୍ତର ଯେଉଁ ହାରରେ ବୃଦ୍ଧି ପାଉଛି, ସେହି ହାରରେ ଦେଖିବାକୁ ଗଲେ ରାତି ସୁଦ୍ଧା ସମସ୍ତ ପରିବାର ଜଳବନ୍ଦୀ ଭିତରକୁ ଚାଲିଯିବେ ବୋଲି ଗାଁ ଲୋକେ କହିଛନ୍ତି।

ବ୍ରାହ୍ମଣୀ ନଦୀର ଜଳସ୍ତର ବଢୁଛି। ନଦୀ ବାମପାର୍ଶ୍ୱ ବନ୍ଧ ଓ ନଦୀପଠାରେ ଚକଗୋପାଳପୁର ଗାଁ। ଏହି ଗାଁ ଲୋକଙ୍କୁ ବନ୍ୟାଜଳର ତ୍ୱରିତ ସୁରକ୍ଷା ପ୍ରଦାନ ପାଇଁ ନଦୀ କୂଳରେ ଘେରିବନ୍ଧ କରାଯାଇଛି।



ଘେରି ବନ୍ଧ ବୁଡ଼ି ବନ୍ୟା ଜଳ ପ୍ରବେଶ କରୁଛି।

ନଦୀ ଜଳସ୍ତର କ୍ରମଶଃ ବିପଦ ସଙ୍କେତ ମୁହାଁ ହୋଇପଡ଼ିଛି। ହେଲେ ରେଙ୍ଗାଲି ଡ୍ୟାମରୁ ବନ୍ୟା ଜଳ ଛଡା ଯାଇନାହିଁ। ବ୍ୟାରେଜ ତଳମୁଣ୍ଡ ଓ ସମଲେଇ ବ୍ୟାରେଜରୁ ଆସୁଥିବା ବନ୍ୟାଜଳ ତଳିଆ ଅଞ୍ଚଳଲୋକଙ୍କୁ ଅସ୍ତବ୍ୟସ୍ତ କଲାଣି। ଜଳସ୍ତର ବୃଦ୍ଧି ଘଟିଲେ ଆଗକୁ ସ୍ଥିତି ଭୟଙ୍କର ହେବ ବୋଲି ଆକଳନ କରାଯାଉଛି। ତେବେ ଘେରିବନ୍ଧ ଭାଙ୍ଗି ପ୍ରଥମ ବନ୍ୟାଜଳ ଗାଁରେ ପଶିବା ଦ୍ୱାରା ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେଣେ ବିଜୁଳି ଆଲୁଅର ଲୁଚକାଳି ଖେଳ ବିପନ୍ନଙ୍କ ଦୁର୍ଦ୍ଦଶା ବଢାଇ ଦେଇଛି। ପାଣି ଘେରରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ସ୍ଥାନୀୟ ସରପଞ୍ଚ ଚିନ୍ତାମଣି ସୁର ପ୍ରୟାସ କରୁଛନ୍ତି। ବ୍ଲକ, ତହସିଲ ପ୍ରଶାସନ ଓ ଜଳ ସମ୍ପଦ ବିଭାଗ ଅଧିକାରୀ ଫୋନ ଉଠାଉ ନ ଥିବାରୁ ସେମାନଙ୍କ ପକ୍ଷରୁ ବିପନ୍ନ ପରିବାର ପାଇଁ କ'ଣ ପଦକ୍ଷେପ ନିଆଯାଇଛି ସେ ସୂଚନା ମିଳି ପାରୁନାହିଁ। ଏଯାବତ୍ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳି ନ ଥିବା ବିପନ୍ନ ପରିବାର ଅଭିଯୋଗ କରିଛନ୍ତି। ଘେରିବନ୍ଧ ଭିତରେ ଥିବା ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ ସହ ଶୁଖିଲା, ରନ୍ଧା ଖାଦ୍ୟ, ଜେନେରେଟର ବ୍ୟବସ୍ଥା, ଗୃହପାଳିତ ପଶୁମାନଙ୍କ ପାଇଁ ପଲିଥିନ ଆଦି ଯୋଗାଇ ଦେବା ପାଇଁ ସମବାୟ ନେତା ମୁକୁନ୍ଦଦେବ ମହାନ୍ତି ଦାବି କରିଛନ୍ତି।

# ସ୍ୱାଭାବିକ ହୋଇନି ଟୁହ୍ୱିଲର୍ସ ବଜାର: ଓଗାତା




ଗୁଗ୍‌ନାନି ହୋଣ୍ଡା ଶୋ'ରୁମ୍ ପରିସରରେ ହୋଣ୍ଡା ଟୁହ୍ୱିଲର୍ସର ସିଇଓ ଆତସୁସି ଓଗାତା ହକୀ ତାରକାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।




ପିଜିଏଲ୍ ହୋଣ୍ଡାଠାରେ ଓଗାତାଙ୍କ ସହ ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ କମଲ ସୀତାରାମ ଅଗ୍ରୱାଲ ଓ ଅନ୍ୟମାନେ।

ଭୁବନେଶ୍ୱର,୧୪।୯(ବ୍ୟୁରୋ)

- ଓଡ଼ିଶା ଗସ୍ତରେ ହୋଣ୍ଡା ଟୁହ୍ୱିଲର୍ସ ସିଇଓ
- ପିଜିଏଲ୍ ହୋଣ୍ଡାର ନୂଆ ୱେବ୍‌ସାଇଟ୍ ଉନ୍ମୋଚନ କଲେ

କରୋନା ମହାମାରୀ ଯୋଗୁ ଦେଶର ଟୁହ୍ୱିଲର୍ସ ବଜାର କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ବର୍ତ୍ତମାନ ଯାଏ ମହାମାରୀ ପ୍ରଭାବ ଟୁହ୍ୱିଲର୍ସ ବଜାର ଉପରୁ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇନାହିଁ ବୋଲି ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ(ଏଚ୍‌ଏମ୍‌ଏସ୍‌ଆଇ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଆତ୍‌ସୁସି ଓଗାତା ସାନ୍ ମଙ୍ଗଳବାର କହିଛନ୍ତି।

ଓଗାତା ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଭୁବନେଶ୍ୱରରେ କମ୍ପାନୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଅଟୋ ଶିଳ୍ପର ସ୍ଥିତି ଉପରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, କଟକଣା କୋହଳ ହେବା ଯୋଗୁ ଗତ ୬ ମାସ ହେବ ବିକ୍ରିରେ ଉନ୍ନତି ପରିଲକ୍ଷିତ ହେଉଛି। ଆସନ୍ତା ଆର୍ଥିକ ବର୍ଷ ସୁଦ୍ଧା ବଜାର ସ୍ଥିତିରେ ଆହୁରି ସୁଧାର ଆସିବା ନେଇ ଆଶାବାଦୀ। କରୋନା ଯୋଗୁ ଲୋକମାନେ ଅନେକ ସମସ୍ୟା ସାମ୍ନା କରୁଛନ୍ତି। ବର୍ତ୍ତମାନ ଲୋକଙ୍କ ନିରାପତ୍ତା ଗୁରୁତ୍ୱପୂର୍ଣ୍ଣ। ଏକ ଦାୟିତ୍ୱବାନ କର୍ପୋରେଟ ଭାବେ କୋଭିଡ୍-୧୯ର ସବୁ ନିୟମକୁ ନଜରରେ ରଖି ସେବା ଯୋଗାଣ ଧାରା ଜାରି ରହିଛି।

ହୋଣ୍ଡା ଟୁହ୍ୱିଲର୍ସ ପାଇଁ ଭୁବନେଶ୍ୱର ବଜାର ବେଶ୍ ଭଲ ପ୍ରଦର୍ଶନ କରୁଛି। ଏଠାରେ ଲୋକଙ୍କ ମଧ୍ୟରେ ଗାଡ଼ି କିଣାକୁ ନେଇ ଭଲ ଚାହିଦା ଦେଖିବାକୁ ପାଉଛୁ। ଏହି ସହର ଦ୍ରୁତ ଭାବେ ବଢୁଥିବାରୁ ଲୋକଙ୍କ ଯାନ ଚାହିଦା ମଧ୍ୟ ବଢୁଛି। ଭୁବନେଶ୍ୱରକୁ ଏହା ପ୍ରଥମ ଗସ୍ତ। ଏହା ଏକ ମେମୋରିଆଲ ସହର ଭାବେ ବେଶ୍ ଜଣାଶୁଣା ବୋଲି ଓଗାତା ମତ ପ୍ରକାଶ କରିଛନ୍ତି।

ମଙ୍ଗଳବାର ପୂର୍ବାହ୍ନରେ ସେ ସ୍ଥାନୀୟ ଗୁଗ୍‌ନାନି ହୋଣ୍ଡା ଶୋ'ରୁମ୍‌ଠାରେ ନୂଆ ହୋଣ୍ଡା ସିବି ୨୦୦ ଏକ୍ସ ମଡେଲକୁ ବଜାର ପ୍ରବେଶ କରାଇଥିଲେ। ହକି ଖେଳାଳି ଅମିତ ରୋହିଦାସ ଏବଂ ବୀରେନ୍ଦ୍ର ଲାକ୍ରାଙ୍କୁ ୨ଟି ହୋଣ୍ଡା ସ୍କୁଟର ସେ ଉପହାର ପ୍ରଦାନ କରିଥିଲେ। ଏହି ଅବସରରେ କମ୍ପାନୀର ସେଲ୍‌ସ ଆଣ୍ଡ ମାର୍କେଟିଂ ଡାଇରେକ୍ଟର ମାସା ନୋରି କିଟୋସାନ, ସେଲ୍‌ସ ଆଣ୍ଡ ମାର୍କେଟିଂ ଅପରେଶନ ହେଡ୍ ଯୋଗେସ ମାଥୁର ସାନ୍, ପ୍ରିମିୟମ ମୋଟରସାଇକେଲ ବିଜ୍‌ନେସ ଉପସଭାପତି ପି.ରାଜାଗୋପୀ ସାନ୍, ଗୁଗ୍‌ନାନି ହୋଣ୍ଡାର ନିର୍ଦ୍ଦେଶକ ସତ୍‌ପାଲ ଗୁଗ୍‌ନାନି ଏବଂ ରାଜନ ଗୁଗ୍‌ନାନି ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ସ୍ଥାନୀୟ ପିଜିଏଲ୍ ହୋଣ୍ଡା ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ନୂଆ ଯାନଟିକୁ ଉନ୍ମୋଚନ କରିବା ସହ ଗ୍ରାହକଙ୍କୁ ଚାବି ହସ୍ତାନ୍ତର କରିଥିଲେ। ସେ ପିଜିଏଲ୍ ହୋଣ୍ଡାର ନୂଆ ୱେବ୍‌ସାଇଟକୁ ମଧ୍ୟ ଲଞ୍ଚ କରିଥିଲେ। ଏହାଦ୍ୱାରା ଗ୍ରାହକ ଅନ୍‌ଲାଇନରେ ଯାନ କ୍ରୟ ସୁବିଧା ପାଇପାରିବେ। ଏହି ଅବସରରେ ଶୋ'ରୁମ୍ ପକ୍ଷରୁ ଗ୍ରାହକଙ୍କ ଲାଗି ଅଫର ଘୋଷଣା କରାଯାଇଛି। ନୂଆ ଡିଜିଟାଲ ଅବତାର ଦ୍ୱାରା ଶୋ'ରୁମ୍‌ରୁ ଗାଡ଼ି ବୁକିଂ କରିବାକୁ ଗ୍ରାହକ ସକ୍ଷମ ହେବେ ବୋଲି ପିଜିଏଲ୍ ହୋଣ୍ଡାର ଏମ୍‌ଡି ତଥା ସିଇଓ କମଲ ସୀତାରାମ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ନୂଆ ହୋଣ୍ଡା ସିବି ୨୦୦ ଏକ୍ସ ଶୁଭାରମ୍ଭ

ହୋଣ୍ଡା ଟୁହ୍ୱିଲର୍ସ ପକ୍ଷରୁ ବଜାରକୁ ନୂଆ ହୋଣ୍ଡା ସିବି ୨୦୦ ଏକ୍ସ ପ୍ରବେଶ କରିଛି। ୧୮୦ରୁ ୨୦୦ ସିସି ବର୍ଗରେ ବିପ୍ଳବ ଆଣିବା ଲକ୍ଷ୍ୟରେ କମ୍ପାନୀ ଏଭଳି ଏକ ମଡେଲକୁ ବଜାରକୁ ଛାଡ଼ିଥିବା କହିଛି। ଏହାକୁ ଅତ୍ୟନ୍ତ ଯତ୍ନର ସହ ପ୍ରସ୍ତୁତ କରାଯାଇଛି ଯାହା ନିତିଦିନିଆ ଗାଡ଼ି ଚାଳନା ଓ ସପ୍ତାହର ଶେଷ ଦିନଗୁଡ଼ିକରେ ନୂଆ ସ୍ଥାନ ବୁଲିବା ଲାଗି ଅତ୍ୟନ୍ତ ଆରାମ ପ୍ରଦାନ କରିବ। ଅର୍ବାନ ଏକ୍ସପ୍ଲୋରରଙ୍କ ଚାହିଦାକୁ ନଜରରେ ରଖି ଏଥିରେ ସ୍ୱତନ୍ତ୍ର ସୁବିଧା ସ୍ଥାନିତ କରାଯାଇଛି। ଏହା ବାଇକ୍‌ପ୍ରେମୀଙ୍କ ଅଭିଳାଷ ପୂରଣ କରିବାରେ ସହାୟକ ହେବ। କମ୍ପାନୀର ରେଡ୍ ୱିଙ୍ଗ୍ ଡିଲରଶିପ୍‌ରୁ ଏହାର ଡେଲିଭରି ଆରମ୍ଭ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଏହି ମଡେଲଟିରେ ସ୍ୱତନ୍ତ୍ର ଡିଜାଇନ ରହିଛି। ଅପ୍‌ରାଇଟ୍ ବସିବା ପୋଜିସନ, ସ୍ପୋର୍ଟି ଅଣ୍ଡର କାଉଲ ଓ ଅପ୍‌ସ୍ୱେପ୍ଟ ଏକ୍‌ଜଷ୍ଟ, ସ୍ୱାଗ୍‌ଡ ହ୍ୟାଣ୍ଡେଲବାର୍, ଟଲ୍ ଭାଇଜର, ଏଲ୍‌ଇଡି ସମନ୍ୱିତ ନକଲ କଭର, ୫-ୱାଇ ଆକୃତିର ଆଲୟ ହ୍ୱିଲ୍, ଗୋଲ୍‌ଡେନ୍ ଅପ୍‌ସାଇଡ୍ ଡାଉନ୍ ସାମ୍ନା ଫର୍କ, ସର୍ଭିସ୍ ଡିଉ ଇଣ୍ଡିକେଟର୍ ସହିତ ୫-ସ୍ତରୀୟ ଆଡ୍‌ଜଷ୍ଟେବଲ୍ ବ୍ରାଇଟ୍‌ନେସ୍, ସାମ୍ନା ଓ ପଛରେ ପେଟାଲ୍ ଡିସ୍କ ବ୍ରେକ୍ ସହିତ ଏବିଏସ୍, ହାଜାର୍ଡ ସ୍ୱିଚ୍ ସୁବିଧା ଓ ଦୃଢ଼ ଟ୍ରେଡ୍ ପାଟର୍ନ ଥିବା ଟାୟାର ଭଳି ଫିଚର ଗ୍ରାହକ ଏଥିରେ ଲାଭ କରିପାରିବେ। ଏହାବାଦ ୧୮୪ ସିସି ପିଜିଏମ୍-ଏଫ୍‌ଆଇ ଇଞ୍ଜିନ୍, ରୋଲର୍ ରକର୍ ଆର୍ମ, ପିଷ୍ଟନ୍ କୁଲିଂ ଜେଟ୍, ଡାଇମଣ୍ଡ ପ୍ରକାର ଷ୍ଟିଲ୍ ଫ୍ରେମ୍ ଏଥିରେ ରହିଛି। ଏହା ପର୍ଲ ନାଇଟ୍ ବ୍ଲାକ୍, ମ୍ୟାଟ୍ ସେଲେନ ସିଲ୍‌ଭର ମେଟାଲିକ୍, ସ୍ପୋର୍ଟସ ରେଡ୍ ରଙ୍ଗରେ ଉପଲବ୍ଧ ହେଉଛି। ଭୁବନେଶ୍ୱରରେ ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୧.୪୪ ଲକ୍ଷ ଟଙ୍କା ରହିଛି। ଏହା ଉପରେ ହୋଣ୍ଡାର ୬ ବର୍ଷିଆ ୱାରେଣ୍ଟି ପ୍ୟାକେଜ୍ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

## ତେଲ ଉପରେ ଜିଏସ୍‌ଟି ନେଇ ବିଚାର ହୋଇପାରେ

**ନୂଆଦିଲ୍ଲୀ,୧୪।୯:** ସାରା ଦେଶରେ ବର୍ତ୍ତମାନ ତୈଳ ରେକର୍ଡ ଉଚ୍ଚ ସ୍ତରରେ ରହିଛି। ପେଟ୍ରୋଲ ଓ ଡିଜେଲ ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିବା ଯୋଗୁ ଖାଉଟି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଡିଜେଲ ମୂଲ୍ୟ ବୃଦ୍ଧି ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ଆକାଶ ଛୁଆଁ ହୋଇଛି। ସାଧାରଣ ଜନତାଙ୍କ ରୋଷରୁ ବର୍ତ୍ତିବା ପାଇଁ ସରକାର ଏହାକୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିସରଭୁକ୍ତ କରିବା ନେଇ ଉପରେ ବିଚାର କରିବେ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଯଦି ସରକାର ଇନ୍ଧନ ସାମଗ୍ରୀକୁ ଜିଏସଟିରେ ଅନ୍ତର୍ଭୁକ୍ତ କରନ୍ତି ତାହେଲେ ପେଟ୍ରୋଲ ଓ ଡିଜେଲ୍ ମୂଲ୍ୟ କିଛି ପରିମାଣରେ ହ୍ରାସ ହୋଇପାରେ। ସେପ୍ଟେମ୍ବର ୧୭ରେ ହେବାକୁ ଥିବା ଜିଏସ୍‌ଟି ପରିଷଦ ବୈଠକରେ ଏହି ପ୍ରସଙ୍ଗ ଉପରେ ଆଲୋଚନା ହେବାର ଅନେକ ସମ୍ଭାବନା ରହିଛି। ହେଲେ ବର୍ତ୍ତମାନ ସମୟରେ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ପରିସରକୁ ଆଣିବା ସେତେଟା ସହଜ ହେବ ନାହିଁ କୁହାଯାଉଛି। ଜିଏସ୍‌ଟି ବ୍ୟବସ୍ଥାରେ କୌଣସି ବି ପରିବର୍ତ୍ତନ ପାଇଁ ପରିଷଦର ତିନି ଚତୁର୍ଥାଂଶ ସଦସ୍ୟଙ୍କ ମଞ୍ଜୁରୀ ଜରୁରୀ ରହିଛି। ଜିଏସ୍‌ଟି ପରିଷଦରେ ସମସ୍ତ ରାଜ୍ୟର ପ୍ରତିନିଧି ଥିବାବେଳେ ଏଥିରୁ ଅନେକ ରାଜ୍ୟ ଇନ୍ଧନକୁ ଜିଏସ୍‌ଟି ପରିସରଭୁକ୍ତ କରିବାକୁ ବିରୋଧ କରୁଛନ୍ତି।

## ଜୋମାଟୋ ସହ ପ୍ରତିଷ୍ଠାତା ଗୌରବ ଗୁପ୍ତାଙ୍କ ଇସ୍ତଫା

**ମୁମ୍ବାଇ,୧୪।୯:** ଜୋମାଟୋର ସହ ପ୍ରତିଷ୍ଠାତା ଗୌରବ ଗୁପ୍ତା ମଙ୍ଗଳବାର ଉକ୍ତ ସଂସ୍ଥାରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ଜୋମାଟୋ ସହ ସମ୍ପର୍କ ଛିନ୍ନ କରିଥିବା ନେଇ ସେ ଏକ ବ୍ଲଗ୍‌ପୋଷ୍ଟରେ ସୂଚନା ଦେଇଛନ୍ତି। ଖାଦ୍ୟ ଯୋଗାଣଠାରୁ ଅନ୍ୟାନ୍ୟ ସେବା ଯୋଗାଉଥିବା ଜୋମାଟୋ ଖୁବ୍ କମ୍ ସମୟରେ ସାରା ଦେଶରେ ତା'ର ବ୍ୟବସାୟିକ ବୃଦ୍ଧି କରିପାରିଛି। ହେଲେ କମ୍ପାନୀର ଅଭିବୃଦ୍ଧି ସମୟରେ ଏଭଳି ଏକ ଖବର ଜୋମାଟୋ ପରିବାରକୁ ଧକ୍କା ଲାଗିଛି। ୨୦୧୫ରେ ଗୌରବ ଜୋମାଟୋରେ ଯୋଗଦେଇଥିଲେ।

ଫୁରସତ୍

## ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ

# ପ୍ରବାସୀ ସାଜିବେ ୨୧.୬ କୋଟି

**ୱାଶିଂଟନ:** କୃଷି ଉତ୍ପାଦନ ହ୍ରାସ, ପାଣିର ଅଭାବ, ସମୁଦ୍ର ପତନ ବୃଦ୍ଧି ପାଇବା ଆଦି ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ଦ୍ୱାରା ୨୧ କୋଟି ୬୦ ଲକ୍ଷ ଲୋକ ୨୦୫୦ ମସିହା ସୁଦ୍ଧା ନିଜ ଭିଟାମାଟି ହରାଇ ପ୍ରବାସୀ ସାଜିବେ। ବିଶ୍ୱ ବ୍ୟାଙ୍କ ପକ୍ଷରୁ ସୋମବାର ଏହି ଚେତାବନୀ ଦିଆଯାଇଛି।

ୱାଶିଂଟନ ଭିତ୍ତିକ ଏକ ଉନ୍ନୟନ ସଂସ୍ଥା ୨୦୧୮ରେ ଦକ୍ଷିଣ ଏସିଆ, ଲାଟିନ ଆମେରିକା ଏବଂ ଉପ-ସାହାରୀୟ ଆଫ୍ରିକା ଉପରେ ଏକ ରିପୋର୍ଟ ପ୍ରକାଶ କରିଥିଲା। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଏହିସବୁ ଅଞ୍ଚଳର ୧୪ କୋଟି ୩୦ ଲକ୍ଷ ଲୋକଙ୍କୁ ନିଜ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ପଡ଼ିପାରେ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା। ସଦ୍ୟତମ ରିପୋର୍ଟରେ ଆଉ କେତେକ ଅଞ୍ଚଳକୁ ଯୋଡ଼ାଯାଇଛି। ସେଗୁଡ଼ିକ ହେଲା ପୂର୍ବ ୟୁରୋପ ଏବଂ ମଧ୍ୟ ଏସିଆ, ଉତ୍ତର ଆଫ୍ରିକା ଏବଂ ପୂର୍ବ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ। ସମ୍ଭାବ୍ୟ ଗଣ ପଳାୟନର ବିଶ୍ୱ ଆକଳନ କରିବା ନିମନ୍ତେ ଉଦ୍ୟମ କରାଯାଉଥିବା ବିଶ୍ୱ ବ୍ୟାଙ୍କର ନିରନ୍ତର ବିକାଶ କାର୍ଯ୍ୟକ୍ରମର ଉପସଭାପତି ଜୁର୍ଗେନ ଭୋଗେଲେ କହିଛନ୍ତି। ଯଦି ଦେଶଗୁଡ଼ିକ ଗ୍ରୀନ୍ ହାଉସ୍ ଗ୍ୟାସ୍ ହ୍ରାସ କରିବେ, ବିକାଶ ପାଇଁ ହେଉଥିବା ପ୍ରକୃତିର ବିନାଶକୁ ବନ୍ଦ କରିବେ, ସବୁଠୁ ଗୁରୁତ୍ୱପୂର୍ଣ୍ଣ ଇକୋସିଷ୍ଟମ୍‌କୁ ପୁନଃ ସ୍ଥାପନ କରିବେ ଏବଂ ଲୋକଙ୍କୁ ପରିବେଶ ଅନୁକୂଳ କରାଇବା ପାଇଁ ସାହାଯ୍ୟ କରିବା ଆରମ୍ଭ କରିବେ ତା'ହେଲେ ୨୦୫୦ ସୁଦ୍ଧା ଜଳବାୟୁ ଜନିତ ଆଭ୍ୟନ୍ତରୀଣ ସ୍ଥାନାନ୍ତର ୮୦% ପର୍ଯ୍ୟନ୍ତ ହ୍ରାସ ହୋଇପାରେ। ଅର୍ଥାତ୍ ୪ କୋଟି ୪୦ ଲକ୍ଷ ଲୋକଙ୍କ ପଳାୟନକୁ ରୋକାଯାଇପାରିବ। ଭୋଗେଲେ ଚେତାଇ ଦେଇଛନ୍ତି ଯେ, ନିର୍ଣ୍ଣାୟକ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦଶନ୍ଧି ମଧ୍ୟରେ ଜଳବାୟୁ ଜନିତ ପଳାୟନର କେତେକ ହଟ୍‌ସ୍ପଟ୍ ଶୀଘ୍ର ସୃଷ୍ଟି ହେବ ଏବଂ ୨୦୫୦ ସୁଦ୍ଧା ତୀବ୍ର ହେବ। କାରଣ ଲୋକମାନେ ସେହି ସ୍ଥାନ ଛାଡ଼ିବେ, ଯାହା ସେମାନଙ୍କ ରହିବା ପାଇଁ ଅନୁକୂଳ ନୁହେଁ। ଏଭଳି କ୍ଷେତ୍ରରେ ସେମାନେ ବଞ୍ଚିବାକୁ ସୁଯୋଗ ପ୍ରଦାନ କରୁଥିବା ଅଞ୍ଚଳକୁ ବାଛିବେ। ତେଣୁ ଆଗାମୀ କିଛି ବର୍ଷ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଏବଂ ବିକାଶ କ୍ଷେତ୍ରରେ ଆମର ସାମୂହିକ ଉଦ୍ୟମ ଉପରେ ଲୋକଙ୍କ ପଳାୟନର ଧାରା ନିର୍ଭର କରିବ ବୋଲି ଭୋଗେଲେ କହିଛନ୍ତି।



ବିଶ୍ୱ ବ୍ୟାଙ୍କ ଆକଳନ କରିଛି ଯେ ୨୦୫୦ ସୁଦ୍ଧା ଜଳବାୟୁ ପରିବର୍ତ୍ତନ ହେତୁ ଉପ-ସାହାରୀୟ ଆଫ୍ରିକାରେ ୮ କୋଟି ୬୦ ଲକ୍ଷ, ପୂର୍ବ ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ୪ କୋଟି ୯୦ ଲକ୍ଷ, ଦକ୍ଷିଣ ଏସିଆରେ ୪ କୋଟି, ଉତ୍ତର ଆଫ୍ରିକାରେ ୧ କୋଟି ୯୦ ଲକ୍ଷ, ଲାଟିନ ଆମେରିକାରେ ୧ କୋଟି ୭୦ ଲକ୍ଷ ଏବଂ ପୂର୍ବ ୟୁରୋପ ଏବଂ ମଧ୍ୟ ଏସିଆରେ ୫୦ ଲକ୍ଷ ଲୋକ ଆଭ୍ୟନ୍ତରୀଣ ସ୍ଥାନାନ୍ତର ହେବେ। ଏହା ସତ୍ୟ ଯେ, ସମସ୍ତ ଗଣ ପଳାୟନକୁ ରୋକାଯାଇପାରିବ ନାହିଁ। ଯଦି ଭଲ ଭାବରେ ପରିଚାଳନା କରାଯାଏ, ତେବେ ପ୍ରବାସୀଙ୍କ ସଂଖ୍ୟା ଆଧାରିତ ଥଇଥାନ ଏକ ପ୍ରଭାବଶାଳୀ ଅନୁକୂଳ ରଣନୀତିର ଏକ ଅଂଶ ହୋଇପାରେ। ଏହାଦ୍ୱାରା ସେମାନେ ଦାରିଦ୍ର୍ୟରୁ ଉଠିପାରିବେ ଏବଂ ସ୍ଥାୟୀ ଜୀବିକା ନିର୍ବାହ କରିପାରିବେ ବୋଲି ଭୋଗେଲେ କହିଛନ୍ତି।

## ଗଣତନ୍ତ୍ର ସ୍ୱାଧୀନତାର ପ୍ରତିଫଳନ

ମଣିଷ ସଭ୍ୟ ଭାବେ ସମାଜରେ ବାସ କରିବା ପରେ ଏକ ସୁସ୍ଥ ସାମାଜିକ ପରମ୍ପରା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲା। ପରବର୍ତ୍ତୀ ସମୟରେ ଏହା ପ୍ରାଚୀନ ରାଜାରାଜୁଡ଼ା ଶାସନର ପ୍ରମୁଖ ଆଭିମୁଖ୍ୟ ମଧ୍ୟ ପାଲଟିଥିଲା। ଜନମତକୁ ଗୁରୁତ୍ୱ ଦେଇ ହଜାର ହଜାର ବର୍ଷ ପୂର୍ବେ ପ୍ରାଚୀନ ଗ୍ରୀସରେ ଗଣତାନ୍ତ୍ରିକ ସମାଜର ମୂଳଦୁଆ ପଡିଥିଲା। ଏଥେନ୍ସର କ୍ଲିସ୍‌ଥେନିସ୍ ଗଣତନ୍ତ୍ରର ଜନକ ପାଲଟିଥିଲେ। ଗଣତାନ୍ତ୍ରିକ ସ୍ୱାଧୀନତାର ପ୍ରତିଫଳନ ତତ୍କାଳୀନ ସମାଜରେ ଆରମ୍ଭ ହୋଇଥିଲା। ଆଧୁନିକ ପୃଥିବୀରେ ୧୮୯୩ରେ ନ୍ୟୁଜିଲାଣ୍ଡ ପ୍ରଥମ ଗଣତାନ୍ତ୍ରିକ ଦେଶର ମାନ୍ୟତା ପାଇଥିଲା। ୨୦୦୭ ନଭେମ୍ବର ୮ରେ ଜାତିସଂଘରେ ଗଣତନ୍ତ୍ରକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଏକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ୧୫ ସେପ୍ଟେମ୍ବରକୁ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ଭାବରେ ପାଳନ ଲାଗି ନିଷ୍ପତ୍ତି ହୋଇଥିଲା। ୨୦୦୮ ସେପ୍ଟେମ୍ବର ୧୫ରେ ପ୍ରଥମ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା।

ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ



## ସୀତା ହେବେ କଙ୍ଗନା



**ମୁମ୍ବାଇ:** ଫିଲ୍ମ 'ଥାଲାଇଭି'ରେ ଦମଦାର ଅଭିନୟ ଦେଖାଇଥିବା କଙ୍ଗନା ରାନାୱତଙ୍କୁ ପୁଣି ଏକ ବଡ ଚରିତ୍ରରେ ଦେଖିବାକୁ ମିଳିବ। ପଦ୍ମଶ୍ରୀ ଓ ୪ ଥର ରାଷ୍ଟ୍ରୀୟ ପୁରସ୍କାର ବିଜୟିନୀ କଙ୍ଗନା ଏଥର ସୀତା ଭୂମିକାରେ ନଜର ଆସିବେ। ଏସ୍‌ଏସ୍ ଷ୍ଟୁଡିଓ ଦ୍ୱାରା 'ସୀତା- ଦ ଇନକାରନେଶନ' ନିର୍ମାଣ କରାଯାଉଛି। ଏଥିରେ କଙ୍ଗନା ସୀତା ଭୂମିକାରେ ଅଭିନୟ କରିବେ। ଅଲୌକିକ ଦେଶାଇ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଥିବାବେଳେ ଫିଲ୍ମର ନିର୍ମାତା ରହିଛନ୍ତି ସଲୋନି ଶର୍ମା। କଙ୍ଗନା ତାଙ୍କର ଦମଦାର ଅଭିନୟ ପାଇଁ ହିଁ ବଲିଉଡରେ କୁଇନ୍‌ର ପରିଚୟ ପାଇଛନ୍ତି। ଫିଲ୍ମ ମଣିକର୍ଣ୍ଣିକାଠାରୁ ଆରମ୍ଭ କରି ଥାଲାଇଭି, ଧାକଡ, ପଙ୍ଗା ସହିତ ପୂର୍ବରୁ କୁଇନ୍ ଭଳି ହିଟ୍ ଫିଲ୍ମ ଦେଇଥିବା କଙ୍ଗନା ପୁଣି ତାଙ୍କ ନିଆରା ଓ ଦମ୍‌ଦାର ଅଭିନୟ ଦେଖାଇବେ।

## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶ୍ରୀ ରବିନ୍ଦ୍ରନାଥ ଆଚାର୍ଯ୍ୟ
ଗ୍ରାମ:ତ୍ରିଲୋଚନପୁର, କଣାସ, ପୁରୀ
ଆବିର୍ଭାବ-୧୮।୧୧।୧୯୫୩
ତିରୋଧାନ- ୦୬।୦୯।୨୦୨୧
ଚାହୁଁ ଚାହୁଁ ଦଶଦିନ ବିତିଗଲା। ବିଶ୍ୱାସ କରି ହେଉନି, ତୁମର ଆମ୍ଭମାନଙ୍କ ସାଙ୍ଗରେ ରହିବାକୁ ବହୁତ ଇଚ୍ଛାଥିଲେ ମଧ୍ୟ ଭଗବାନ ତୁମକୁ ଆମ ପାଖରୁ ଛଡ଼ାଇ ନେଇଗଲେ। ତୁମର ଦମ୍ଭ, ସାହସ, ତ୍ୟାଗ ଓ ପରୋପକାରିତା ଗୁଣ ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ ଓ ପ୍ରେରଣାର ଉତ୍ସ ହୋଇ ରହିବ। ତୁମେ ଯେଉଁଠି ଥାଅ ଭଲରେ ଥାଅ ଏବଂ ଆମ୍ଭମାନଙ୍କୁ ଅମୃତ ଦୃଷ୍ଟିରେ ଚାହିଁଥାଅ। ଏହା ଆମ୍ଭମାନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୨୧୬୩୬

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ତରୁଣକାନ୍ତ ରାଉତରାୟ (ଟୁଆଁ)
ଜୟପୁର
ଆବିର୍ଭାବ- ୨୯.୯.୧୯୭୮
ତିରୋଧାନ- ୫.୯.୨୦୨୧
ହଠାତ୍ ଏକୁଟିଆ କରି ସମସ୍ତଙ୍କୁ ଛାଡ଼ି ଚାଲିଗଲୁ। ତୋର ଭଲ ପାଇବା ସ୍ନେହ, ଆଦର, କର୍ତ୍ତବ୍ୟ, ଚିନ୍ତାଧାରା ସର୍ବଦା ମନେ ରହିବ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ବାପା, ମାଆ, ଦାଦା, ଖୁଡୀ, ଭାଇ, ଭାଉଜ, ଶାଶୁ, ଶଶୁର, ସ୍ତ୍ରୀ, ପୁଅ ଓ ଆତ୍ମୀୟସ୍ୱଜନ।
ଧ-୨୧୬୪୪

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ପାଢ଼ି
ପଳାଶୁଣି, ସତ୍ୟବିହାର, ଭୁବନେଶ୍ୱର
ଆବିର୍ଭାବ: ୦୮।୧୨।୧୯୪୭
ତିରୋଧାନ: ୦୫।୦୯।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୨୧୬୩୭

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଜଳଧର ପାଣି
ବଡାସିଂହ, ପର୍ଜଙ୍ଗ, ଢେଙ୍କାନାଳ
ଆବିର୍ଭାବ : ୧୯.୦୬.୧୯୪୧
ତିରୋଧାନ : ୦୪.୦୯.୨୦୨୧
ପ୍ରକୃତିମ୍ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃ ପୁନଃ।
ଭୂତଗ୍ରାମମିମଂ କୃତ୍ସ୍ନମବଶମ୍ ପ୍ରକୃତେର୍ବଶାତ୍।।
ବାପା, ଜେଜେ, ଅଜା; ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠ, ତ୍ୟାଗ ଏବଂ ଭଲ ପାଇବା ଆମ୍ଭମାନଙ୍କ ପାଇଁ ଅବିସ୍ମରଣୀୟ। ଭାବି ହେଉନି ତୁମେ ଆମ ଗହଣରେ ନାହିଁ ବୋଲି। ପ୍ରତି ପାଦରେ ପ୍ରତି ମୁହୂର୍ତ୍ତରେ ତୁମର ଉପସ୍ଥିତି ଅନୁଭବ କରୁଛୁ। ତୁମର ଆଦର୍ଶ ଓ ଦିଗ୍‌ଦର୍ଶନ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମର ଅମର ଆତ୍ମା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ଚରଣରେ ଚିର ଶାନ୍ତି ଲାଭ କରୁ। ଏହା ହିଁ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ :ବୀଣା, ପପୁ, ମାମା, ଚିତ୍ତ, ସସ, ଝଂଜି, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୬୪୫

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଘରେ ବସି ସିଧାସଳଖ କମ୍ପାନୀରୁ ଶସ୍ତା ଦାମ୍‌ରେ ସିମେଣ୍ଟ ଅର୍ଡର କରନ୍ତୁ।
ଘର ନିର୍ମାଣ/ଆପାର୍ଟମେଣ୍ଟ ନିର୍ମାଣ/ ରାସ୍ତା ନିର୍ମାଣ ପାଇଁ।
40% ଅଗ୍ରିମ ପେମେଣ୍ଟ
60% କ୍ୟାଶ୍ ଡେଲିଭରି ସମୟରେ
(1) ଏସିସି ସିମେଣ୍ଟ
(2) ଅଲ୍‌ଟ୍ରାଟେକ୍ ସିମେଣ୍ଟ
(3) ଅମ୍ବୁଜା ସିମେଣ୍ଟ
(4) ଡାଲ୍‌ମିଆ ସିମେଣ୍ଟ
(5) ବିର୍ଲା ଗୋଲ୍ଡ ସିମେଣ୍ଟ
(6) କଂକ୍ରିଟ୍ ସିମେଣ୍ଟ
ଏବେ ହିଁ ଅର୍ଡର କରନ୍ତୁ
+919748850476

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପର୍ତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରାଜ୍ୟ ଶୁଟିଂ ପ୍ରତିଯୋଗିତା ଆରମ୍ଭ

- ଉତ୍କଳ କରାଟେ ସ୍କୁଲରେ ଏୟାର ୱିପନ ପ୍ରତିଯୋଗିତା
- କଳିଙ୍ଗ ଷ୍ଟାଡିୟମରେ ୫୦ ମିଟର ରାଇଫଲ ଓ ୨୫ ମିଟର ପିସ୍ତଲ ଇଭେଣ୍ଟ



ମଙ୍ଗଳବାର ଶୁଟିଂ ପ୍ରତିଯୋଗିତା ଅବସରରେ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୧୪।୯(କ୍ରୀଡ଼ା ପ୍ରତିନିଧି)

ଉତ୍କଳ କରାଟେ ସ୍କୁଲ ଓ କଳିଙ୍ଗ ଷ୍ଟାଡିୟମ ୫୦ ମିଟର ଶୁଟିଂ ରେଞ୍ଜ୍‌ରେ ୧୦ମ ଓଡ଼ିଶା ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରୁ ମନୋନୀତ ଖେଳାଳିମାନେ ଅକ୍ଟୋବର ୧୦ରୁ ଗୁଜରାଟର ଅହମଦାବାଦଠାରେ ହେବାକୁଥିବା ପ୍ରି-ନ୍ୟାଶନାଲ ଜି.ଭି. ମାଭଲେଙ୍କର ଶୁଟିଂ ଇଭେଣ୍ଟରେ ଭାଗନେଇ ପାରିବେ। ଓଡ଼ିଶା ରାଇଫଲ ସଂଘ ସହ ଅନୁବନ୍ଧିତ ୧୫ ଜିଲା ସଂଘ ଏବଂ ତାଳଚେର ରାଇଫଲ କ୍ଲବ, ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ଏଚପିସି, ଉତ୍କଳ କରାଟେ ସ୍କୁଲ, ରାଉରକେଲା ରାଇଫଲ କ୍ଲବ, ବାଲେଶ୍ୱର ରାଇଫଲ କ୍ଲବରୁ ପାଖାପାଖି ୨୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି।

୧୪ ଓ ୧୫ ତାରିଖରେ ଏୟାର ୱିପନ ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲଠାରେ ହେଉଥିବାବେଳେ ୧୬ ଓ ୧୭ ତାରିଖରେ କଳିଙ୍ଗ ଷ୍ଟାଡିୟମ ଶୁଟିଂ ରେଞ୍ଜ୍‌ରେ ୫୦ ମିଟର ରାଇଫଲ ଏବଂ ୨୫ ମିଟର ପିସ୍ତଲ ଇଭେଣ୍ଟ ଆୟୋଜନ ହେବ। ୧୭ ତାରିଖ ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମ ଶୁଟିଂ ରେଞ୍ଜ୍‌ରେ ପ୍ରତିଯୋଗିତାର ଆନୁଷ୍ଠାନିକ ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ଏବଂ ସଚିବ ଆର. ଭିନିଲ କ୍ରିଷ୍ଣା ମୁଖ୍ୟ ଅତିଥି ଏବଂ ପଦ୍ମଶ୍ରୀ ଦିଲୀପ ତିର୍କୀ ସମ୍ମାନିତ ଅତିଥିଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।


# ଜାଭେଲିନ୍ ଥ୍ରୋ କୋଚ୍ ହୋନ୍ ବିଦା

ଜୟପୁର, ୧୪।୯ (ପି.ଟି.)

ଜାତୀୟ ଜାଭେଲିନ୍ ଥ୍ରୋ ମୁଖ୍ୟ କୋଚ୍ ଉୱି ହୋନ୍ ତାଙ୍କ ପଦବୀରୁ ବିଦା ହୋଇଛନ୍ତି। ଭାରତୀୟ ଆଥଲେଟିକ୍ସ ମହାସଂଘ (ଏଏଫ୍‌ଆଇ) ତାଙ୍କ ପ୍ରଦର୍ଶନରେ ସନ୍ତୁଷ୍ଟ ନ ଥିବା କହିଛି। ଖୁବ୍ ଶୀଘ୍ର ଦୁଇଜଣ ନୂଆ ବିଦେଶୀ କୋଚ୍ ନିଯୁକ୍ତି ପାଇବେ। ଜର୍ମାନୀର ହୋନ୍ ହେଉଛନ୍ତି ଜଣେ ପୂର୍ବତନ ବିଶ୍ୱରେକର୍ଡଧାରୀ। ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରା ଏବଂ ଅନ୍ୟ ଦୁଇ ଟୋକିଓ ଅଲିମ୍ପିଆନ୍

## ପ୍ରଦର୍ଶନରେ ସନ୍ତୁଷ୍ଟ ନ ଥିଲା ଏଏଫ୍‌ଆଇ

ଶିବପାଲ ସିଂ ଓ ଅନୁ ରାଣୀଙ୍କୁ ଟ୍ରେନିଂ ଦେବା ଉଦ୍ଦେଶ୍ୟରେ ତାଙ୍କୁ ୨୦୧୭ରେ ଜାତୀୟ ଜାଭେଲିନ୍ ଥ୍ରୋର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦିଆଯାଇଥିଲା। ତାଙ୍କ କାର୍ଯ୍ୟକାଳ ଟୋକିଓ ଅଲିମ୍ପିକ୍ସ ଶେଷ ପର୍ଯ୍ୟନ୍ତ ରହିଥିଲା। ହୋନ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି ନ କରିବା ଲାଗି ଏଏଫ୍‌ଆଇ ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ, ନୀରଜ ପ୍ରଥମେ ୨୦୧୮ରେ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବେଳେ ହୋନ୍‌ଙ୍କଠାରୁ ଟ୍ରେନିଂ ନେଉଥିଲେ। ମାତ୍ର ପରେ ସେ ଜର୍ମାନୀର ଅନ୍ୟଜଣେ କୋଚ୍ କ୍ଲାଅସ୍ ବାର୍ଟୋନିଜ୍‌ଙ୍କ ଅଧୀନରେ ଟ୍ରେନିଂ ନେଇ ଆସୁଥିଲେ। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଓ ଏଏଫ୍‌ଆଇ ଦ୍ୱାରା ପ୍ରସ୍ତୁତ ଚୁକ୍ତିନାମାକୁ ଗ୍ରହଣ କରିବା ଲାଗି ତାଙ୍କୁ ବ୍ଲାକମେଲ କରାଯାଇଥିଲା ବୋଲି କହି ହୋନ୍ ଅଲିମ୍ପିକ୍ସ ପୂର୍ବରୁ ଏକ ଝଡ଼ ସୃଷ୍ଟି କରିଥିଲେ। ଉଭୟ ସଂସ୍ଥା କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏଏଫ୍‌ଆଇର ଦୁଇ ଦିନିଆ କାର୍ଯ୍ୟନିର୍ବାହୀ ବୈଠକ ବସିଥିଲା। ଏଥିରେ ଏଏଫ୍‌ଆଇ ଯୋଜନା କମିଟି ଚେୟାରମ୍ୟାନ ଲଳିତ କେ. ଭାନୋଟ ଓ ଉପସଭାପତି ଅଞ୍ଜୁ ବବି ଜର୍ଜ ମଧ୍ୟ ଯୋଗ ଦେଇଥିଲେ। ଏହି ବୈଠକରେ ଏଏଫ୍‌ଆଇର ଜୁନିୟର ତୃଣମୂଳ ବିକାଶ କାର୍ଯ୍ୟକ୍ରମକୁ ନୂଆରୂପ ଦେବା ଓ ବଡ଼ ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକ ଲାଗି କୋଚିଂ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ଆଦି ସମେତ ଅନ୍ୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।



ଉୱି ହୋନ୍ (ଡାହାଣ)ଙ୍କ ସହ ନୀରଜ ଚୋପ୍ରା।


# ଲି' ଓ ମିଥାଲି ମିଳିତ ପ୍ରଥମ

ଦୁବାଇ, ୧୪।୯ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦିନିକିଆ ମହିଳା ର‌୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ବ୍ୟାଟ୍ସଓମ୍ୟାନ ତାଲିକାରେ ଭାରତୀୟ ଅଧିନାୟିକା ମିଥାଲି ରାଜ ଓ ଦକ୍ଷିଣ ଆଫ୍ରିକା ଓପନର ଲିଜେଲି ଲି' ମିଳିତ ପ୍ରଥମ ସ୍ଥାନରେ ରହିଛନ୍ତି। ଲି' ମିଥାଲି ଓ ଲି'ଙ୍କର ରେଟିଂ ପଏଣ୍ଟ ବର୍ତ୍ତମାନ ସମାନ ୭୬୨ରହିଛି। ଅଷ୍ଟ୍ରେଲିଆର ଏଲିସା ହିଲି ତୃତୀୟ ସ୍ଥାନରେ ଅଛନ୍ତି। ଲି' ପୂର୍ବରୁ ୨୦୧୮ ଜୁନ୍‌ରେ ପ୍ରଥମେ ଟପ୍ ପୋଜିଶନରେ ରହିଥିଲେ। ଚଳିତ ବର୍ଷ ମାର୍ଚ୍ଚରେ ସେ ପୁଣି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବୋଲାରମାନଙ୍କ ଅଲ୍‌ରାଉଣ୍ଡର ତାଲିକାରେ ଦୀପ୍ତି ଶର୍ମା ତାଙ୍କ ୫ମ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ଟି୨୦ ର‌୍ୟାଙ୍କିଙ୍ଗରେ ଭାରତର ସ୍ୱଳ୍ପ ବୟସ୍କାରେ ଶେଫାଳି ବର୍ମା ଯଥାକ୍ରମେ ଅଷ୍ଟ୍ରେଲିଆର ବେଥ୍ ମୁନି (୭୪୪) ଓ ଭାରତ ଟି୨୦ ଉପଅଧିନାୟିକା ମନ୍ଧାନା (୭୧୬)ଙ୍କୁ ପଛରେ ପକାଇ ୭୫୯ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଟି୨୦ ବୋଲିଂ ର‌୍ୟାଙ୍କିଙ୍ଗରେ ଶର୍ମା (୬ଷ୍ଠ) ଓ ଯାଦବ (୮ମ)ଙ୍କ ସ୍ଥାନରେ କୌଣସି ପରିବର୍ତ୍ତନ ହୋଇନାହିଁ। ଟି୨୦ ଅଲ୍‌ରାଉଣ୍ଡର ତାଲିକାରେ ଶର୍ମା ତାଙ୍କ ଚତୁର୍ଥ ସ୍ଥାନ ବଜାୟ ରଖିଛନ୍ତି। ଟି୨୦ ବୋଲର ର‌୍ୟାଙ୍କିଙ୍ଗରେ ଇଂଲଣ୍ଡର ଶାରା ଗ୍ଲେନ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ଦ୍ୱିତୀୟ ହୋଇଛନ୍ତି। ନ୍ୟୁଜିଲାଣ୍ଡ ଅଫ୍ ସ୍ପିନର ଲେ' କାସ୍ପେରେକ୍ (୭ ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ) ଓ ଲେ' କାସ୍ପେରେକ୍ ଅଲ୍‌ରାଉଣ୍ଡର ଜେସ୍ କ୍ଲେର୍ ୮ ସ୍ଥାନ ପଦୋନ୍ନତି ପାଇ ୫୮ତମ ସ୍ଥାନରେ ଅଛନ୍ତି।

## ଆଇସିସି ଦିନିକିଆ ର‌୍ୟାଙ୍କିଙ୍ଗ୍





ମିଥାଲି ରାଜ ଓ ଲିଜେଲି ଲି'।

ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଓପନିଂ ମ୍ୟାଚରେ ଅପରାଜିତ ୯୧ରନ ସଂଗ୍ରହ କରିଥିଲେ। ମିଥାଲି ତାଙ୍କ ନମ୍ବରୱାନ ସ୍ଥାନ ବଜାୟ ରଖିଛନ୍ତି। ମଧ୍ୟରେ ଭେଟରାନ ଭାରତୀୟ ପେସ୍ ବୋଲର ଝୁଲଣ ଗୋସ୍ୱାମୀ ଓ ସିନିୟର ସ୍ପିନର ପୁନମ ଯାଦବ ୫ମ ଓ ୯ମ ସ୍ଥାନରେ ରହିଛନ୍ତି।




# ସମସ୍ତ ଫର୍ମାଟରୁ ମାଲିଙ୍ଗାଙ୍କ ଅବସର

କଲମ୍ବୋ, ୧୪।୯ (ପି.ଟି.)

ଶ୍ରୀଲଙ୍କାର ଭେଟେରାନ ପେସ୍ ବୋଲର ଲସିଥ ମାଲିଙ୍ଗା କ୍ରିକେଟର ସମସ୍ତ ଫର୍ମାଟ୍‌ରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଏହି ୩୮ ବର୍ଷୀୟ କ୍ରିକେଟର ଚଳିତବର୍ଷ ଜାନୁୟାରୀରେ ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିସାରିଥିଲେ। ମଙ୍ଗଳବାର ସେ କନ୍ତୁ ଅନ୍ତର୍ଜାତୀୟ ଟି୨୦ରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ମାଲିଙ୍ଗାଙ୍କ ଚମତ୍କାର ୟର୍କର ବୋଲିଂକୁ ସାମନା କରିବା ସହଜ ନ ଥିଲା। ବିଶ୍ୱର ପ୍ରତିଷ୍ଠିତ ବ୍ୟାଟ୍ସମ୍ୟାନମାନେ ତାଙ୍କ ବୋଲିଂକୁ ଭୟ କରୁଥିଲେ। ତାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଟି୨୦ ବିଶ୍ୱକପ୍ ୨୦୧୪ ଚାମ୍ପିୟନ ହୋଇପାରିଥିଲା। ସୋସିଆଲ ମିଡିଆ ଜରିଆରେ ତାଙ୍କ ଅବସର ଘୋଷଣା କରିଛନ୍ତି। ତାଙ୍କ କ୍ରିକେଟ କ୍ୟାରିୟରରେ ଯେଉଁମାନେ ତାଙ୍କୁ ସାହାଯ୍ୟ ଓ ସମର୍ଥନ ଦେଇଛନ୍ତି ସେମାନଙ୍କୁ ସେ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଆଗାମୀ ବର୍ଷରେ ସେ ତାଙ୍କ ଅଭିଜ୍ଞତା ଯୁବ ଖେଳାଳିଙ୍କ ମଧ୍ୟରେ ବାଣ୍ଟିବେ ବୋଲି କହିଛନ୍ତି। ଗତବର୍ଷ ସେ ଟି୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଦଳର ଅଧିନାୟକତ୍ୱ କରିବା ଲାଗି ଇଚ୍ଛା ପ୍ରକାଶ କରିଥିଲେ। ଏହା ପ୍ରକୃତରେ ୨୦୨୦ ଅକ୍ଟୋବର-ନଭେମ୍ବରରେ ଅଷ୍ଟ୍ରେଲିଆରେ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ କୋଭିଡ୍ ଯୋଗୁ ଏହା ପରବର୍ତ୍ତୀ ବର୍ଷକୁ ଘୁଞ୍ଚାଇ ଦିଆଯାଇଥିଲା। ମାଲିଙ୍ଗା ତାଙ୍କ ଜାତୀୟ ଦଳ ଏବଂ ଆଇପିଏଲ୍ ଟିମ୍ ମୁମ୍ବାଇ ଇଣ୍ଡିଆନ୍ ସମେତ ସମସ୍ତ ଫ୍ରାଞ୍ଚାଇଜ୍‌କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ମାଲିଙ୍ଗା ୧୨୨ ଆଇପିଏଲ୍ ମ୍ୟାଚ ଖେଳିଛନ୍ତି ଓ ୧୭୦ ଉଇକେଟ ନେଇଛନ୍ତି। ଏହି ବ୍ୟୟବହୁଳ ଲିଗ୍‌ରେ ତାଙ୍କ ଶ୍ରେଷ୍ଠ ବୋଲିଂ ଫିଗର ୫/୧୩ ରହିଥିଲା। ସେ ୮୪ ଅନ୍ତର୍ଜାତୀୟ ଟି୨୦ ଖେଳି ୧୦୭ ଉଇକେଟ ଅକ୍ତିଆର କରିଛନ୍ତି। ସେ ୨୨୬ ଅନ୍ତର୍ଜାତୀୟ ଦିନିକିଆରେ ୩୩୮ ଉଇକେଟ ଏବଂ ୩୦ ଟେଷ୍ଟ ମ୍ୟାଚରେ ୧୦୧ ଉଇକେଟ ଅକ୍ତିଆର କରିଛନ୍ତି।

# ଜାତୀୟ ଫାଇନାଲ ପାଇଁ ସ୍ପିଡ୍ ଫୋର୍ସର ଯୋଗ୍ୟତା



ବିଜୟ ହାସଲ ପରେ ସ୍ପିଡ୍ ଫୋର୍ସର ଖେଳାଳିମାନେ ଖୁସି ମନାଉଛନ୍ତି।

ଭୁବନେଶ୍ୱର, ୧୪।୯(କ୍ରୀଡ଼ା ପ୍ରତିନିଧି)

ଚଳିତ ମାସ ୧୧ ଓ ୧୨ ତାରିଖରେ କିଟ୍ ଷ୍ଟାଡିୟମରେ ଫାଇଭ୍-ଅନ୍-ଫାଇଭ୍ ଫୁଟବଲ ଟୁର୍ନାମେଣ୍ଟ ରେଡ୍ ବୁଲ୍ ନେମାର ଜୁନିୟର୍ସର ଭୁବନେଶ୍ୱର ପର୍ଯ୍ୟାୟ ଯୋଗ୍ୟତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱସ୍ତରରେ ପ୍ରତିଷ୍ଠିତ ଏହି ପ୍ରତିଯୋଗିତାର ସହର ଯୋଗ୍ୟତା ପର୍ଯ୍ୟାୟରେ ୩୨ଟି ଦଳ ଭାଗ ନେଇଥିଲେ। ଏଥିରେ ଚମତ୍କାର ପ୍ରଦର୍ଶନ କରି ସ୍ପିଡ୍ ଫୋର୍ସ ଚଳିତ ମାସ ଶେଷ ସପ୍ତାହରେ ଜାତୀୟ ସ୍ତରୀୟ ଫାଇନାଲରେ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ପାଇଛି। ନେମାର ଜୁନିୟର୍ସର ସହର ପର୍ଯ୍ୟାୟ ପ୍ରତିଯୋଗିତା ଗତ ଅଗଷ୍ଟ ୨୧ରେ ଆରମ୍ଭ ହୋଇ ସେପ୍ଟେମ୍ବର ୧୨ରେ ଶେଷ ହୋଇଛି। ଭୁବନେଶ୍ୱର ସମେତ ଇନ୍ଦୋର, ଅହମଦାବାଦ, ଜୟପୁର, ବାଙ୍ଗାଲୋର, ଲକ୍ଷ୍ନୌ, ପୁଣେ, କୋଲକାତା, ଚେନ୍ନାଇ, ସିଲିଗୁଡ଼ି, ମୁମ୍ବାଇ, ଦିଲ୍ଲୀ, ହାଇଦ୍ରାବାଦ, ଜଳନ୍ଧର, ଦିମାପୁର, କୋଚି, ଚଣ୍ଡିଗଡ଼ ଓ ଗୋଆ ଆଦି ୧୮ଟି ସହରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସବୁ ସହର ମାନଙ୍କରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଦଳକୁ ନେଇ ନେମାର ଜୁନିୟର୍ସ ଫାଇଭ୍ ଜାତୀୟ ଫାଇନାଲ ଅନୁଷ୍ଠିତ ହେବ। ଏଥିରେ ଯେଉଁ ଦଳ ଗୁଡ଼ିକ ଶ୍ରେଷ୍ଠ ପ୍ରଦର୍ଶନ କରିବେ ସେମାନେ କାତାରରେ ହେବାକୁଥିବା ବିଶ୍ୱ ଫାଇନାଲରେ ଭାଗ ନେବାପାଇଁ ଯୋଗ୍ୟ ହେବେ।

## ରେଡ୍ ବୁଲ୍ ନେମାର ଜୁନିୟର୍ସ ଫାଇଭ୍

ରେଡ୍ ବୁଲ୍ ନେମାର ଜୁନିୟର୍ସ ଫାଇଭ୍ ପ୍ରତିଯୋଗିତାରେ ପ୍ରତି ଦଳରେ ୫ ଜଣ ଲେଖାଏ ଖେଳାଳି ପ୍ରତିନିଧିତ୍ୱ କରିଥାନ୍ତି। ଏଥିରେ ୧୬ରୁ ୩୫ ବର୍ଷ ପର୍ଯ୍ୟନ୍ତ ଖେଳାଳି ଭାଗ ନେବାର ନିୟମ ରହିଛି। ଏହା ଏକ ଦ୍ରୁତ, କୌଶଳାତ୍ମକ ଏବଂ ମଜାଦାର ପ୍ରତିଯୋଗିତା। ଏଥିରେ ଗୋଲକିପର ନ ଥାନ୍ତି। ଉଭୟ ଦଳରେ ୫ ଜଣ ଖେଳାଳି ରହିଥାନ୍ତି ଏବଂ ମ୍ୟାଚର ଅବଧି ୧୦ ମିନିଟ ବିଶିଷ୍ଟ ହୋଇଥାଏ। ଯଦି କୌଣସି ଦଳ ଗୋଲ କରେ ତେବେ ବିପକ୍ଷ ଦଳର ଜଣେ ଖେଳାଳି ପଡ଼ିଆ ଛାଡ଼ିଥାନ୍ତି। ପ୍ରତ୍ୟେକ ଗୋଲ ପାଇଁ ଜଣେ ଲେଖାଏ ଖେଳାଳି ପଡ଼ିଆ ବାହାରକୁ ଯିବାର ନିୟମ ଥିବାରୁ ଏହା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଏବଂ ମନୋରଞ୍ଜକ ହୋଇଥାଏ।

# ଦ୍ୱିତୀୟ ପର୍ଯ୍ୟାୟ ଆଇପିଏଲ୍ କାର୍ଯ୍ୟସୂଚୀ



| ତାରିଖ | ମ୍ୟାଚ | ସ୍ଥାନ | ସମୟ |
|---|---|---|---|
| ସେପ୍ଟେମ୍ବର ୧୯ | ଚେନ୍ନାଇ ସୁପରକିଙ୍ଗ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଦୁବାଇ | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୦ | ନାଇଟ ରାଇଡର୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ | ଦୁବାଇ | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୧ | ପଞ୍ଜାବ କିଙ୍ଗ୍ସ ବନାମ ରାଜସ୍ଥାନ ରୟାଲ୍ସ | ଦୁବାଇ | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୨ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ସନ୍‌ରାଇଜର୍ସ | ଦୁବାଇ | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୩ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ନାଇଟ ରାଇଡର୍ସ | ଆବୁଧାବି | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୪ | ରୟାଲ ଚ୍ୟାଲେଞ୍ଜର୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ | ଶାରଜା | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୫ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରାଜସ୍ଥାନ ରୟାଲ୍ସ | ଆବୁଧାବି | ଅପରାହ୍ନ ୩ଟା ୩୦ |
| | ସନ୍‌ରାଇଜର୍ସ ବନାମ ପଞ୍ଜାବ କିଙ୍ଗ୍ସ | ଶାରଜା | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୬ | ଚେନ୍ନାଇ ସୁପରକିଙ୍ଗ୍ସ ବନାମ ନାଇଟ ରାଇଡର୍ସ | ଆବୁଧାବି | ଅପରାହ୍ନ ୩ଟା ୩୦ |
| | ରୟାଲ ଚ୍ୟାଲେଞ୍ଜର୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଦୁବାଇ | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୭ | ସନ୍‌ରାଇଜର୍ସ ବନାମ ରାଜସ୍ଥାନ ରୟାଲ୍ସ | ଦୁବାଇ | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୮ | ନାଇଟ ରାଇଡର୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଶାରଜା | ଅପରାହ୍ନ ୩ଟା ୩୦ |
| | ମୁମ୍ବାଇ ଇଣ୍ଡିଆନ୍ସ ବନାମ ପଞ୍ଜାବ କିଙ୍ଗ୍ସ | ଆବୁଧାବି | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୯ | ରାଜସ୍ଥାନ ରୟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ | ଦୁବାଇ | ରାତି ୭ଟା ୩୦ |
| ସେପ୍ଟେମ୍ବର ୩୦ | ସନ୍‌ରାଇଜର୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ | ଶାରଜା | ରାତି ୭ଟା ୩୦ |
| ଅକ୍ଟୋବର ୧ | ନାଇଟ ରାଇଡର୍ସ ବନାମ ପଞ୍ଜାବ କିଙ୍ଗ୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୨ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଶାରଜା | ଅପରାହ୍ନ ୩ଟା ୩୦ |
| | ରାଜସ୍ଥାନ ରୟାଲ୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ | ଆବୁଧାବି | ରାତି ୭ଟା ୩୦ |
| ଅକ୍ଟୋବର ୩ | ରୟାଲ ଚ୍ୟାଲେଞ୍ଜର୍ସ ବନାମ ପଞ୍ଜାବ କିଙ୍ଗ୍ସ | ଶାରଜା | ଅପରାହ୍ନ ୩ଟା ୩୦ |
| | ନାଇଟ ରାଇଡର୍ସ ବନାମ ସନ୍‌ରାଇଜର୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୪ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ଚେନ୍ନାଇ ସୁପରକିଙ୍ଗ୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୫ | ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଶାରଜା | ରାତି ୭ଟା ୩୦ |
| ଅକ୍ଟୋବର ୬ | ରୟାଲ ଚ୍ୟାଲେଞ୍ଜର୍ସ ବନାମ ସନ୍‌ରାଇଜର୍ସ | ଆବୁଧାବି | ରାତି ୭ଟା ୩୦ |
| ଅକ୍ଟୋବର ୭ | ଚେନ୍ନାଇ ସୁପରକିଙ୍ଗ୍ସ ବନାମ ପଞ୍ଜାବ କିଙ୍ଗ୍ସ | ଦୁବାଇ | ଅପରାହ୍ନ ୩ଟା ୩୦ |
| | ନାଇଟ ରାଇଡର୍ସ ବନାମ ରାଜସ୍ଥାନ ରୟାଲ୍ସ | ଶାରଜା | ରାତି ୭ଟା ୩୦ |
| ଅକ୍ଟୋବର ୮ | ସନ୍‌ରାଇଜର୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଆବୁଧାବି | ଅପରାହ୍ନ ୩ଟା ୩୦ |
| | ରୟାଲ ଚ୍ୟାଲେଞ୍ଜର୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୧୦ | କ୍ୱାଲିଫାୟର-୧ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୧୧ | ଏଲିମିନେଟର | ଶାରଜା | ରାତି ୭ଟା ୩୦ |
| ଅକ୍ଟୋବର ୧୩ | କ୍ୱାଲିଫାୟର-୨ | ଶାରଜା | ରାତି ୭ଟା ୩୦ |
| ଅକ୍ଟୋବର ୧୫ | ଫାଇନାଲ | ଦୁବାଇ | ରାତି ୭ଟା ୩୦ |



ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ଏଫ୍‌ସି ବେଙ୍ଗାଲୁରୁ ୟୁନାଇଟେଡ ଓ ମହମ୍ମଡାନ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଗ୍ରୁପ୍ ଏ' ଶୀର୍ଷରେ ଏଫ୍‌ସି ବେଙ୍ଗାଲୁରୁ ୟୁନାଇଟେଡ୍

**କଲ୍ୟାଣୀ, ୧୪।୯ (ପି.ଟି.):** ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଏଫ୍‌ସି ବେଙ୍ଗାଲୁରୁ ୟୁନାଇଟେଡ ୨-୦ ଗୋଲରେ ମହମ୍ମଡ଼ାନ ସ୍ପୋର୍ଟିଂକୁ ପରାସ୍ତ କରିଛି। ଦଳ ଏଥିସହିତ ଗ୍ରୁପ୍ ଏ'ର ଶୀର୍ଷ ସ୍ଥାନ ଅଧିକାର କରିଛି। ଉଭୟ ଦଳ ପୂର୍ବରୁ କ୍ୱାର୍ଟରଫାଇନାଲରେ ପ୍ରବେଶ କରିସାରିଛନ୍ତି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ୬୪ତମ ମିନିଟ୍‌ରେ ବେଙ୍ଗାଲୁରୁ ଦଳର ଥୋକ୍‌ଚୋମ୍ ଜେମ୍ସ ସିଂ ମ୍ୟାଚର ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଷ୍ଟପେଜ ଟାଇମର ୫ ମିନିଟ ପରେ ସ୍ଲୋଭେନିଆ ଫରୱାର୍ଡ ଲୁକା ମାଜ୍‌ସେନଙ୍କ ଗୋଲ ସହାୟତାରେ ବେଙ୍ଗାଲୁରୁ ଦଳ ୨-୦ଗୋଲରେ ଜିତି ନେଇଥିଲା। ବର୍ଷା ଯୋଗୁ ପଡ଼ିଆ ଖେଳ ଅନୁପଯୋଗୀ ହୋଇଯିବାରୁ ଇଣ୍ଡିଆ ଏୟାର ଫୋର୍ସ (ଆଇଓଏଫ୍) ବନାମ ସିଆର୍‌ପିଏଫ୍ ମ୍ୟାଚକୁ ବାତିଲ କରିଦିଆଯାଇଥିଲା। ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଥିଲା।

# ଜାଲାଟୋରିସ୍ ଜିତିଲେ ପିଜିଏ ଟୁର୍ ଆୱାର୍ଡ

**ପୋଣ୍ଟେ ଭେଡ୍ରେ ବିଚ୍, ୧୪।୯ (ୟୁ.ଏସ୍.):** ଆମେରିକାର ୱିଲ୍ ଜାଲାଟୋରିସ ପିଜିଏ ଟୁର୍‌ରେ ବର୍ଷର ଶ୍ରେଷ୍ଠ ଶିକ୍ଷାର୍ଥୀ ଖେଳାଳି ବିବେଚିତ ହୋଇଛନ୍ତି। ଜଣେ ପୂର୍ଣ୍ଣାଙ୍ଗ ପିଜିଏ ଟୁର୍ ସଦସ୍ୟ ନ ହୋଇ ସୁଦ୍ଧା ଏହି ପୁରସ୍କାର ଜିତିବାରେ ୨୦ବର୍ଷରେ ଡଲାସ୍‌ର ଏହି ୨୫ ବର୍ଷୀୟ ଗଲ୍ଫର ହେଉଛନ୍ତି ପ୍ରଥମ ଖେଳାଳି। ଜାଲାଟୋରିସ ଟପ୍ ୧୦ରେ ୮ମ ସ୍ଥାନ ସି ସିଜନ ଶେଷ କରିଥିଲେ। ଏହି ପୁରସ୍କାର ଦୌଡ଼ରେ ଜାଲାଟୋରିସ୍‌ଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ ଦକ୍ଷିଣ ଆଫ୍ରିକାର ଗ୍ୟାରିକ୍ ହିଗୋ, ଯିଏକି ଗତ ମେ ମାସରେ କଙ୍ଗାରିଠାରେ ପାମେଟୋ ଚାମ୍ପିୟନଶିପ୍ ଜିତିଥିଲେ। ଏହା ପୂର୍ବରୁ ବର୍ଷର ଶ୍ରେଷ୍ଠ ଶିକ୍ଷାର୍ଥୀ ଖେଳାଳି ପୁରସ୍କାର ୨୦୦୧ରେ ଚାର୍ଲ୍ସ ହାୱେଲ ଜିତିଥିଲେ।

# ନୂଆ ଆଇପିଏଲ୍ ଦଳ ପାଇଁ ବିଡିଂ ୧୭ରେ

**ମୁମ୍ବାଇ, ୧୪।୯ (ପି.ଟି.):** ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଲ୍)ର ଦୁଇଟି ନୂଆ ଟିମ୍ ପାଇଁ ଇ-ବିଡିଂ ଅକ୍ଟୋବର ୧୭ରେ ହେବ । ଏହି ଟି୨୦ ଲିଗ୍ ପାଇଁ ବିଡ୍ ଦାଖଲ ପ୍ରକ୍ରିୟା ଅକ୍ଟୋବର ୫ ପର୍ଯ୍ୟନ୍ତ ଚାଲିବ। ନୂଆ ଦଳର ଆସ୍ଥାନ ପାଇଁ ଯେଉଁ ସବୁ ସ୍ଥାନ ମନୋନୟନ କରାଯାଇଛି ସେମାନଙ୍କ ମଧ୍ୟରେ ଅହମଦାବାଦ, ଲକ୍ଷ୍ନୌ ଓ ପୁଣେ ରହିଛି। ନୂଆ ଫ୍ରାଞ୍ଚାଇଜ୍ ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମ ଓ ଲକ୍ଷ୍ନୌସ୍ଥିତ ଏକାନା ଷ୍ଟାଡିୟମକୁ ସେମାନଙ୍କ ଆସ୍ଥାନ ଭାବେ ମନୋନୟନ କରିପାରନ୍ତି। କାରଣ ଏହି ଦୁଇଟି ଷ୍ଟାଡିୟମରେ ଦର୍ଶକଙ୍କ ସଂଖ୍ୟା ଅଧିକ। ନୂଆ ଫ୍ରାଞ୍ଚାଇଜ୍ କ୍ରୟ କରିବା ଲାଗି ଆଗ୍ରହୀଙ୍କ ମଧ୍ୟରେ ରହିଛନ୍ତି ଆଦାନୀ ଗ୍ରୁପ୍, ଆରପିଜି ସଞ୍ଜୀବ ଗୋଏଙ୍କା ଗ୍ରୁପ୍, ବିଶିଷ୍ଟ ଫାର୍ମା କମ୍ପାନୀ ଟୋରେଣ୍ଟ ଏବଂ ଏକ ପ୍ରତିଷ୍ଠିତ ବ୍ୟାଙ୍କର।





Authorised Tata Motors Dealers:

| BHUBANESWAR | BHUBANESWAR | NAYAGARH | PARADIP | CUTTACK |
|---|---|---|---|---|
| Dion Automotives: 7506018735 | Trupti Enterprises: 7506018747 | Trupti Enterprises: 9152102480 | Trupti Enterprises: 9152102516 | Gugnani Autocars: 7506018750 |



DSPL--147

## କରୋନା ଭାଇରସ୍ (COVID-19)

## କୋଭିଡ୍ ସତର୍କତା ସହ ପାର୍ବଣ, ସୁରକ୍ଷିତ ଜୀବନ

- କୋଭିଡ୍ ଦ୍ୱିତୀୟ ଲହର ନସରୁଣୁ ଅନେକ ରାଜ୍ୟରେ ତୃତୀୟ ଲହର ଆରମ୍ଭ ହୋଇଗଲାଣି ।
- ପର୍ବ ପର୍ବାଣିରେ ଜନ ଗହଳି କୋଭିଡ୍ ସଂକ୍ରମଣକୁ ଅନେକ ମାତ୍ରାରେ ବଢ଼ାଇବ ଯାହା କେରଳ ରାଜ୍ୟର 'ଓନମ୍' ପର୍ବ ପରେ ଘଟିଲା ।
- ମୂର୍ତ୍ତି ଯେତେ ବଡ ହେବ, ତାହାର ସ୍ଥାନାନ୍ତର, ସ୍ଥାପନ ଓ ବିସର୍ଜନ କରିବା ପାଇଁ ଅଧିକ ଲୋକଙ୍କର ଆବଶ୍ୟକତା ପଡିବ ଓ ଦର୍ଶନ ପାଇଁ ମଧ୍ୟ ଗହଳି ବଢ଼ିବ ।
- ଛୋଟ ମୂର୍ତ୍ତିକୁ ଅଳ୍ପ ଲୋକଙ୍କ ସହାୟତାରେ ସହଜରେ ସ୍ଥାନାନ୍ତର, ସ୍ଥାପନ ଓ ବିସର୍ଜନ ଆଦି କରାଯାଇ ପାରିବ ।
- ଗତ ବର୍ଷ ମଧ୍ୟ ୪ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମା କରି ଦୁର୍ଗାପୂଜା,ଲକ୍ଷ୍ମୀପୂଜା,କାଳୀପୂଜା ଇତ୍ୟାଦି କାର୍ଯ୍ୟ ସୁରୁଖୁରୁରେ କରାଯାଇଥିଲା ଏବଂ ଏହାର ସୁଫଳ ସ୍ୱରୂପ ପାର୍ବଣ ଋତୁ ପରେ ମଧ୍ୟ ଆମ ରାଜ୍ୟରେ କୋଭିଡ୍ ସଂକ୍ରମଣର ହାର ସୀମିତ ରହିଥିଲା ।
- ବଡ ମୂର୍ତ୍ତି ଓ ଅଧିକ ସାଜସଜ୍ଜା ଲୋକଙ୍କ ଆଗ୍ରହ ଓ ଉତ୍ସୁକତା ବୃଦ୍ଧି କରିବା ସହ ପୂଜା କମିଟିର ଅନିଚ୍ଛା ସତ୍ତ୍ୱେ ପୂଜା ମଣ୍ଡପ ନିକଟକୁ ଅଧିକ ଲୋକଙ୍କୁ ଆକର୍ଷିତ କରି ଗହଳି ବଢ଼ାଇବ ଓ ଅଧିକ ସଂକ୍ରମଣକୁ ସୁଯୋଗ ଦେବ ।
- ଏହାକୁ ଦୃଷ୍ଟିରେ ରଖି ମୂର୍ତ୍ତିର ଉଚ୍ଚତା ୪ ଫୁଟ ମଧ୍ୟରେ ସୀମିତ ରଖିବାକୁ ଏବଂ ମଣ୍ଡପର ୩ ପାର୍ଶ୍ୱ ଆବଦ୍ଧ ଓ ସମ୍ମୁଖ ଭାଗ ପରଦା ଆଢୁଆଳରେ ରଖି ପୂଜା କାର୍ଯ୍ୟ କରିବା ଉଚିତ୍ ।
- ମୂର୍ତ୍ତିର ଉଚ୍ଚତା ଅପେକ୍ଷା ମା'ଙ୍କ ସେବା, ପୂଜା ଓ ତାଙ୍କ ସୁନ୍ଦର ସୃଷ୍ଟିର ସୁରକ୍ଷା ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ ।





ଏପରି ବିପଦପୂର୍ଣ୍ଣ ଜନଗହଳି ହେବାକୁ ଦିଅନ୍ତୁ ନାହିଁ

କୋଭିଡ୍ ନିୟମ ପାଳନ ଆମର ନୈତିକ ଓ ମାନବିକ ଦାୟିତ୍ୱ ।

ସଠିକ୍ ଭାବେ ମାସ୍କ ପିନ୍ଧନ୍ତୁ | ବାରମ୍ବାର ହାତ ଧୁଅନ୍ତୁ | ୬ ଫୁଟ ଦୂରତା ବଜାୟ ରଖନ୍ତୁ | ସମସ୍ତ ଯୋଗ୍ୟ ବ୍ୟକ୍ତି କୋଭିଡ୍ ଟୀକା ନିଅନ୍ତୁ

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR-10003/13/0068/2122


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଜେଲ୍ ଗଲେ ବ୍ରାଉନସୁଗାର ବ୍ୟବସାୟୀ

**ନୟାଗଡ଼ ଅଫିସ:** ଇଟାମାଟି ଥାନା ପୋଲିସ ବିଜିପୁର ଛକରୁ ଜଣେ ବ୍ୟବସାୟୀଙ୍କଠାରୁ ୫.୧୦୦ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏହି ଘଟଣାରେ ବ୍ରାଉନସୁଗାର ବ୍ୟବସାୟୀ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ମାଣିକାଗୋଡ଼ା ଗାଁର ମିର ଅବଦୁଲା(୨୦)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ପୋଲିସ ୧୩୩/୨୧ରେ ମାମଲା ରୁଜୁ କରି ତଦନ୍ତ କରିଛି।

# ପାସ୍ ହାର ୯୬.୩୦ ପ୍ରତିଶତ

## ନୟାଗଡ଼ କଲେଜ ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶିତ

- ଟପ୍ପର ତାଲିକାରେ ଛାତ୍ରୀ ଆଗରେ
- ଇତିଶ୍ରୀ ବିଶ୍ୱାଳ ଶ୍ରେଷ୍ଠ ସ୍ନାତକ



କଲେଜ ଅଧ୍ୟକ୍ଷ ଯୁକ୍ତ ୩ ପରୀକ୍ଷାଫଳ ଘୋଷଣା କରୁଛନ୍ତି।

**ନୟାଗଡ଼ ଅଫିସ,୧୪।୯**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଚଳିତ ବର୍ଷ ୯୬.୩୦ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଟପ୍ପର ତାଲିକାରେ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ଆଗରେ ଅଛନ୍ତି। ୧୯ଜଣ ବିଭାଗୀୟ ଟପ୍ପର ମଧ୍ୟରୁ ୧୪ ଜଣ ଛାତ୍ରୀ ଅଛନ୍ତି। ଫିଜିକ୍ସ ଅନର୍ସ ଛାତ୍ରୀ ଇତିଶ୍ରୀ ବିଶ୍ୱାଳ ମୋଟ ୨୬୦୦ରୁ ୨୪୧୯ ନମ୍ବର (୯୩.୦୩ ପ୍ରତିଶତ)ରଖି ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ଅନ୍ୟପକ୍ଷେ କଲେଜର ୩ ଟପ୍ପରଙ୍କ ମଧ୍ୟରୁ ଇତିଶ୍ରୀକୁ ଛାଡିଦେଲେ କଳା ବିଭାଗର ସଂସ୍କୃତ ଅନର୍ସ ଛାତ୍ରୀ ଐଶ୍ୱର୍ଯ୍ୟା ମହାନ୍ତି ୨୨୦୨ (୮୪.୫୯ପ୍ରତିଶତ) ଓ କମର୍ସ ବଭାଗ କମର୍ସ ଅନର୍ସ ଛାତ୍ର ଚିନ୍ମୟୀ ସ୍ୱାଇଁ ୨୧୦୫ (୮୦.୯୬ ପ୍ରତିଶତ) ନମ୍ବର ରଖି ଟପ୍ପର ହୋଇଛନ୍ତି। ଏହି ୩ ଟପ୍ପରଙ୍କୁ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଫେସର ସୁରେଶ କୁମାର ପ୍ରଧାନ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଅଧ୍ୟକ୍ଷଙ୍କ ସୂଚନା ଅନୁଯାୟୀ, ଚଳିତ ବର୍ଷ ୬୨୫ ଛାତ୍ରୀଛାତ୍ର ଫର୍ମପୂରଣ କରିଥିଲେ। ଏଥିରୁ ୬୦୨ ଜଣ ପାସ୍ କରିଥିବାବେଳେ ୨୩ ଜଣ ଫେଲ୍ ହୋଇଛନ୍ତି। ପାସ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୩୮୭ ଜଣ ଫାଷ୍ଟ କ୍ଲାସ ଅନର୍ସ ସହ ଡିଷ୍ଟିଂଶନ ପାଇଛନ୍ତି। ଫାଷ୍ଟ କ୍ଲାସ ଅନର୍ସରେ ୧୬୯ଜଣ, ସେକେଣ୍ଡ କ୍ଲାସ ଅନର୍ସ ଓ ଡିଷ୍ଟିଂଶନ ୧୬ ଜଣ, କେବଳ ସେକେଣ୍ଡ କ୍ଲାସ ଅନର୍ସରେ ୩୦ ଜଣ ଅଛନ୍ତି। ଅନ୍ୟପକ୍ଷେ କଳାରେ ୨୧୫ ଜଣ ଫର୍ମ ପୂରଣ କରିଥିବାବେଳେ ୨୧୨ ଜଣ ପାସ୍ କରିଛନ୍ତି। ପାସ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୭୧ ଜଣ ଫାଷ୍ଟ କ୍ଲାସ ଅନର୍ସ ସହ ଡିଷ୍ଟିଂଶନ, ଫାଷ୍ଟ କ୍ଲାସ ଅନର୍ସରେ ୨୭ଜଣ, ସେକେଣ୍ଡ କ୍ଲାସ ଅନର୍ସ ସହ ଡିଷ୍ଟିଂଶନରେ ୭ ଜଣ, କେବଳ ସେକେଣ୍ଡ କ୍ଲାସ ଅନର୍ସରେ ୭ ଜଣ ଅଛନ୍ତି। କଳା ଫଳ ୯୮.୬୦ ପ୍ରତିଶତ ହୋଇଛି। କମର୍ସରେ ୧୧୯ ଜଣ ଫର୍ମ ପୂରଣ କରିଥିବାବେଳେ ୧୧୦ ପାସ ହୋଇଛନ୍ତି। ୫୬ ଜଣ ଫାଷ୍ଟ କ୍ଲାସ ଅନର୍ସ ସହ ଡିଷ୍ଟିଂଶନରେ, ଫାଷ୍ଟ କ୍ଲାସ ଅନର୍ସରେ ୨୩ଜଣ, ସେକେଣ୍ଡ କ୍ଲାସ ଅନର୍ସ ସହ ଡିଷ୍ଟିଂଶନରେ ୯ ଜଣ, କେବଳ ସେକେଣ୍ଡ କ୍ଲାସ ଅନର୍ସରେ ୨୨ ଜଣ ଅଛନ୍ତି। କମର୍ସ ରେଜଲ୍ଟ ୯୨ ପ୍ରତିଶତ ହୋଇଛି। ଅପରପକ୍ଷେ ବିଜ୍ଞାନରେ ୯୬ ପ୍ରତିଶତ ରେଜଲ୍ଟ ହୋଇଛି। ବିଜ୍ଞାନରେ ୨୯୧ ଜଣ ପରୀକ୍ଷା ଦେଇଥିବାବେଳେ ୨୮୦ ପାସ୍ କରିଛନ୍ତି। ୧୬୦ ଜଣ ଫାଷ୍ଟ କ୍ଲାସ ଅନର୍ସ ସହ ଡିଷ୍ଟିଂଶନରେ, ଫାଷ୍ଟ କ୍ଲାସ ଅନର୍ସରେ ୧୧୯ଜଣ, କେବଳ ସେକେଣ୍ଡ କ୍ଲାସ ଅନର୍ସରେ ଜଣେ ପାସ୍ କରିଛନ୍ତି।

### ଶିକ୍ଷୟିତ୍ରୀ ହେବାକୁ ଲକ୍ଷ୍ୟ



"ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷାରେ ଫିଜିକ୍ସ ଅନର୍ସ ଛାତ୍ରୀ ଇତିଶ୍ରୀ ବିଶ୍ୱାଳ ମୋଟ ୨୬୦୦ରୁ ୨୪୧୯ ନମ୍ବର ରଖି (୯୩.୦୩ପ୍ରତିଶତ) ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ଇତିଶ୍ରୀଙ୍କ ଘର ଖଣ୍ଡପଡ଼ା ବ୍ଲକର ବନମାଳୀପୁର ଗ୍ରାମରେ । ନିଜ ପ୍ରତିକ୍ରିୟାରେ ଇତିଶ୍ରୀ କହିଛନ୍ତି, ମୁଁ ବିଇଡି ପରେ ପିଜି କରି ଜଣେ ଶିକ୍ଷୟିତ୍ରୀ ହେବାକୁ ଲକ୍ଷ୍ୟ ରଖିଛି। ମୁଁ ଟପ୍ପର ହେବାକୁ ଅଶା ରଖିଥିଲି ହେଲେ ମୋ ପରିଶ୍ରମ ମୋତେ ଆଶାଠାରୁ ଅଧିକ ସଫଳତା ଦେଇଛି । ମୁଁ ଏଥିରେ ବହୁତ ଖୁସି । ଅନ୍ୟତମ ଟପ୍ପର ଐଶ୍ୱର୍ଯ୍ୟା ମହାନ୍ତିଙ୍କ ଘର ନୟାଗଡ଼ ବ୍ଲକର ଗୋଡିଆଳି ଗାଁରେ ହୋଇଥିବାବେଳେ ଚିନ୍ମୟୀ ସ୍ୱାଇଁଙ୍କ ଘର କନ୍ଧମାଳ ଜିଲା ରାଇକିଆରେ ବୋଲି ସୂଚନା ମିଳିଛି।

### ପିଜି ପରୀକ୍ଷାଫଳ ଶତ ପ୍ରତିଶତ

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପିଜି ପରୀକ୍ଷା ଫଳ ଶତ ପ୍ରତିଶତ ହୋଇଛି। ଏଥିରେ ୫୫ ଜଣ ଫର୍ମ ପୂରଣ କରିଥିବାବେଳେ ୫୩ ଜଣ ଫାଷ୍ଟକ୍ଲାସ, ୨ଜଣ ସେକେଣ୍ଡ କ୍ଲାସରେ ପାସ୍ କରିଛନ୍ତି। ମାଷ୍ଟର ଇନ୍ ସୋସିଆଲ ୱାର୍କରେ ସମୁଦାୟ ୧୭ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ମାଷ୍ଟର ଇନ୍ କମର୍ସରେ ୨୦ଜଣ ପ୍ରଥମ ଶ୍ରେଣୀରେ ଓ ୨ ଜଣ ୨ୟ କ୍ଲାସରେ ପାସ୍ କରିଛନ୍ତି। ଏମଏ ଓଡ଼ିଆରେ ୧୬ ଜଣ ପ୍ରଥମ କ୍ଲାସରେ ପାସ୍ କରିଥିବା ଅଧ୍ୟକ୍ଷ କହିଛନ୍ତି।

## ବନ୍ୟାଜଳରେ ବୁଡ଼ିଲା ପରିବା, ଧାନ ଫସଲ

**ଖଣ୍ଡପଡ଼ା,୧୪।୯(ସ୍ୱ.ପ୍ର.)**

ଲଘୁଚାପ ଜନିତ ଲଗାଣ ବର୍ଷାରେ ଖଣ୍ଡପଡ଼ା ଦେଇ ପ୍ରବାହିତ କୁସୁମୀ, କୁଆଁରିଆ, ଡ଼ାହୁକା, ଆମ୍ବନାଳ,ସୁନାମୁହିଁ ଆଦି ନଦୀ ଓ ଶାଖା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟାଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହୋଇଥିଲେ ମଧ୍ୟ ତଟବର୍ତ୍ତୀ ଅଞ୍ଚଳରେ କ୍ଷତି ଘଟାଇଛି । ଖଣ୍ଡପଡ଼ା ଓ ଭାପୁର ବ୍ଲକର ଗୁଣ୍ଡୁଣି, ଶାଳଝରିଆ, ଜଗନ୍ନାଥପ୍ରସାଦ, ବନମାଳୀପୁର, ରାଣୀଛେଲ୍ଲୀ, ବୋଦସା, ବେଣାଗାଡିଆ, ଗଡିଆସାହି, କିଆଝର, କୋସକା, ସିଂଘାପଡା, କୁମ୍ଭାରପଡା, ରୟତଢୋଲମରା, ଧାନଚେଙ୍ଗଡା, ପଥରଚକଡା, ସିଧାମୂଳା ଆଦି ପଞ୍ଚାୟତର ଶତାଧିକ ହେକ୍ଟର ଚାଷ ଜମି ବନ୍ୟା ପାଣିରେ ବୁଡି ରହିଛି । ଏଥିପାଇଁ ଧାନ ଓ ପରିବା ଫସଲ ଉଜୁଡି ଯିବାର ଆଶଙ୍କା ପ୍ରକାଶ ପାଇଛି । ତଳିଆ ଅଞ୍ଚଳରେ ବନ୍ୟା ଓ ବର୍ଷାଜଳ ଲହଡି ଭାଙ୍ଗୁଛି । ଖଣ୍ଡପଡାରୁ ଗୁଣ୍ଡୁଣିକୁ ସଂଯୋଗ କରୁଥିବା ରାସ୍ତାରେ ୪ଫୁଟର ଉଚ୍ଚର ବର୍ଷା ଜଳ ପ୍ରବାହିତ ହେବା ଯୋଗୁ ଉକ୍ତ ରାସ୍ତା ଦେଇ ଯାତାୟତ ବନ୍ଦ ରହିଛି । ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କୁ ଉପଯୁକ୍ତ ଜାଗାରେ ଥଇଥାନ ସହ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ବ୍ଲକ ଓ ତହସିଲ ପ୍ରଶାସନଙ୍କ ନିକଟରେ ଦାବି ହେଉଛି ।

## ସଂକ୍ଷେପରେ

### କୁସୁମୀ ନଦୀରେ ଭାସି ଯାଉଥିବା ଯୁବକ ଉଦ୍ଧାର



**ଖଣ୍ଡପଡ଼ା,୧୪।୯(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ନୂଆ ସାହସପୁର ଗ୍ରାମର କଶୋର ଚନ୍ଦ୍ର ପ୍ରଧାନ(୩୯) ମଙ୍ଗଳବାର ଅପରାହ୍ନରେ କୁସୁମୀ ନଦୀରେ ମାଛ ମାରୁଥିବା ବେଳେ ବନ୍ୟାଜଳ ସ୍ରୋତରେ ଭାସି ଯାଇଥିଲେ। ଗ୍ରାମବାସୀ ଏ ସମ୍ପର୍କରେ ଖଣ୍ଡପଡ଼ା ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ମୋଟର ଲଞ୍ଚରେ ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ସମ୍ପୃକ୍ତ ଯୁବକଙ୍କୁ ନଦୀରୁ ଉଦ୍ଧାର କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ହିନ୍ଦୀ ଦିବସ ପାଳିତ

**ନୟାଗଡ଼ ଅଫିସ,୧୪।୯:** ହିନ୍ଦୀ ଭାରତର ରାଜଭାଷା ଭାବେ ସ୍ୱୀକୃତ। ୧୯୪୯ ସେପ୍ଟେମ୍ବର ୧୪ରେ ସମ୍ବିଧାନ ସଭାର ସହମତିକ୍ରମେ ହିନ୍ଦୀକୁ ରାଜଭାଷା ଭାବେ ଗ୍ରହଣ କରାଯାଇଥିଲା। ୧୯୫୩ ସେପ୍ଟେମ୍ବର ୧୪ଠାରୁ ସମଗ୍ର ଦେଶରେ ହିନ୍ଦୀ ଦିବସ ପାଳିତ ହୋଇଆସୁଛି। ଏବେ ପ୍ରାୟ ୨୦୦ରୁ ଅଧିକ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ହିନ୍ଦୀ ସ୍ଥାନିତ ହୋଇଛି। ଭାରତୀୟମାନଙ୍କୁ ପରସ୍ପର ସହ ଯୋଡିବାର ମାଧ୍ୟମ ରୂପେ ହିନ୍ଦୀ ପ୍ରମୁଖ ଭୂମିକା ନିର୍ବାହ କରୁଛି। ନୟାଗଡ଼ ଜିଲା ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହିନ୍ଦୀ ଦିବସ ପାଳନ ଅବସରରେ ଶିକ୍ଷୟିତ୍ରୀଶିକ୍ଷକମାନେ ଉପରୋକ୍ତ ମତପ୍ରକାଶ କରିଥିଲେ। ଜିଲା ସଂଘର ସଭାପତି ଜୟକୃଷ୍ଣ ସାହୁଙ୍କ ଅଧକ୍ଷତା ଏବଂ ସାହିତ୍ୟିକ ତଥା ଶିକ୍ଷକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ହିନ୍ଦୀ ଶିକ୍ଷକ ସଂଘର ସମ୍ପାଦକ ଅକ୍ଷୟ କୁମାର ପଣ୍ଡା, ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ରାଉରକେଲାର ଶିକ୍ଷକ ଡ. ସୁରେଶ ଚନ୍ଦ୍ର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ହିନ୍ଦୀ ଶିକ୍ଷୟିତ୍ରୀ ମଗନୁମ୍ ଜହାଁନ୍ କବିତା ପାଠ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଜିଲାରୁ ପ୍ରାୟ ୨୫ ଜଣ ହିନ୍ଦୀ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ନିରାକାର ସ୍ୱାଇଁ ହିନ୍ଦୀ ସଙ୍ଗଠନ ବିଷୟରେ ସୂଚନା ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

### ବନ୍ୟାବିପନ୍ନଙ୍କୁ ସହାୟତା

**ଖଣ୍ଡପଡ଼ା,୧୪।୯(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ଗଡିଆସାହି ପଞ୍ଚାୟତର ରାକେଶିଆ, ଖଣ୍ଡପଡ଼ା ସହରାଞ୍ଚଳର କୁମ୍ଭାରସାହି, ଶାଳଝରିଆ, ସାହସପୁର ଆଦି ଗ୍ରାମ ପାଣି ଘେରରେ ରହିଛି। ସ୍ଥାନୀୟ ଲୋକଙ୍କୁ ଖଣ୍ଡପଡ଼ା ପୋଲିସ ପକ୍ଷରୁ ଖାଦ୍ୟ ପୁଡିଆ ବଣ୍ଟନ କରାଯାଇଛି। ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ଶ୍ରଦ୍ଧା ନାୟକ ଓ ସହକାରୀ କର୍ମଚାରୀମାନେ ଜଳବନ୍ଦୀରେ ଥିବା ପରିବାର ସଦସ୍ୟଙ୍କୁ ଭେଟି ସହାୟତା ପ୍ରଦାନ କରିଛନ୍ତି।

### ଜରିସ୍‌ପାଲରେ ଘୋଡ଼ାଯାଇଛି ରେକର୍ଡ ପତ୍ର

**ଦଶପଲ୍ଲା, ୧୪।୯( ଡି.ଏନ.ଏ.):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ସବ୍‌ଟ୍ରେଜେରୀ କାର୍ଯାଳୟରେ ଲଗାଣ ବର୍ଷା ଯୋଗୁ ରେକର୍ଡ଼ ପତ୍ର ଏବଂ କମ୍ପ୍ୟୁଟରଗୁଡିକୁ ଜରି ପାଲ ଘୋଡାଇ ରଖା ଯାଇଛି। ବର୍ଷା ବେଳେ ଘର ଛାତରୁ ପାଣି ଗଳୁଥିବାରୁ ରେକର୍ଡ ପତ୍ର ଏବଂ କମ୍ପ୍ୟୁଟରଗୁଡିକୁ ଜରି ଦ୍ୱାରା ଘୋଡା ଯାଇଥିଲା। ଦୀର୍ଘଦିନ ହେଲା ପୁରୁଣା କୋଠାରେ କାର୍ଯ୍ୟାଳୟଟି ଚାଲୁଛି। ତାହାର ପଛ ପାର୍ଶ୍ୱରେ ନୂତନ କୋଠା ନିର୍ମାଣ ହୋଇଥିଲେ ହେଁ ହସ୍ତାନ୍ତର ହୋଇ ନ ଥିବାରୁ କାର୍ଯ୍ୟାଳୟଟି ପୁରୁଣା କୋଠାରେ ଚାଲୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପ୍ରତିକାର କରିବାକୁ ଦାବି ହେଉଛି।

### ଦୁର୍ଦ୍ଦୁରା ଗାଁରେ ବନ୍ୟା ଜଳ

**ନୟାଗଡ଼ ଅଫିସ,୧୪।୯:** ନୂଆଗାଁ ବ୍ଲକ ଦୁଦ୍ଦରା ଗାଁରେ ୧ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଲଗାଣ ବର୍ଷ ଛାଡି ଯାଇଥିଲେ ମଧ ଡାହୁକା ନଦୀର ଜଳ ଗାଁ ଭିତରେ ପଶି ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଅନ୍ୟପକ୍ଷେ ଲଗାଣ ବର୍ଷାରେ ଦୁର୍ଦ୍ଦୁରା ଗାଁର ଗଙ୍ଗାଧର ସାହୁଙ୍କ ଘର ଭାଙ୍ଗି ଯାଇଛି ।

# ସ୍କୁଲ ପରିସରରେ ବର୍ଷାଜଳ

**ଖଣ୍ଡପଡ଼ା,୧୪।୯(ସ୍ୱ.ପ୍ର.)**



ଛାତ୍ରୀଛାତ୍ରମାନେ ଜମି ରହିଥିବା ବର୍ଷା ପାଣିରେ ପଶି ସ୍କୁଲ ଯାଉଛନ୍ତି।

ଗତ ୩ ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ଏହାରି ପ୍ରଭାବରେ ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ପରିସରରେ ବର୍ଷାପାଣି ଜମି ରହିଛି। ବିଦ୍ୟାଳୟ ପୂର୍ବପାର୍ଶ୍ୱ ମାଳବନ୍ଧରେ ଥିବା ସ୍ଲୁଇସି ଗେଟ୍

**ନିଷ୍କାସନ ପଥ ବନ୍ଦ ଯୋଗୁ ସମସ୍ୟା**

ଦେଇ ବର୍ଷା ଜଳ ନିଷ୍କାସନ ହୋଇଥାଏ। ହେଲେ ଉକ୍ତ ପଥ ବନ୍ଦ ରହିଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକ ଓ କର୍ମଚାରୀମାନେ ଜମି ରହିଥିବା ପାଣିରେ ପଶି ସ୍କୁଲ ଯାଉଛନ୍ତି।

ସୂଚନା ଅନୁଯାୟୀ, ମହାନଦୀ ଓ କମେଇ ନଦୀରେ ଜଳ ପତନ ବୃଦ୍ଧି ଘଟିଲେ ବନ୍ୟା ଜଳ ବିଦ୍ୟାଳୟ ପାର୍ଶ୍ୱରେ ଥିବା ପଲଟନ ପଡିଆ ଦେଇ ବିଦ୍ୟାଳୟ ପରିସରକୁ ପ୍ରବେଶ କରିଥାଏ। ନଦୀର ଜଳ ପତନ କମିଲେ ବନ୍ୟାଜଳ ସେହି ପଥଦେଇ ନିଷ୍କାସନ ହୋଇଥାଏ। ଅପରପକ୍ଷେ ବର୍ଷା ଦିନେ ବିଦ୍ୟାଳୟ ପରିସରରେ ଜମି ରହିଥିବା ବର୍ଷା ଜଳ ସ୍ଲୁଇସି ଗେଟ୍ ଦେଇ ନିଷ୍କାସନ ହୋଇଥାଏ। ତେବେ ମାଳବନ୍ଧ ତଳେ ଥିବା ସ୍ଲୁଇସି ଗେଟ୍‌ଟି ବନ୍ଦ ରହିଯାଇଥିବାରୁ ବିଦ୍ୟାଳୟ ପରିସରରେ ପାଣି ଜମି ରହିଛି। ପ୍ରଧାନଶିକ୍ଷକ ମନୋଜ କୁମାର ନାୟକ ଏସମ୍ପର୍କରେ କଣ୍ଟିଲୋ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରା କହିଛନ୍ତି, ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରାଯିବ।

ସେହିପରି ଗତ ୩ ଦିନ ଧରି କଣ୍ଟିଲୋ ପ୍ରାଣୀ ଚିକିତ୍ସାଳୟ ପାଣି ଘେରରେ ରହିଛି। ଫଳରେ ଅସୁସ୍ଥ ଗୋରୁଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି। ନୀଳମାଧବ ଜୀଉ ମନ୍ଦିର ସଂଲଗ୍ନ ପାହାଡ଼ରୁ ବର୍ଷାପାଣି ଡ୍ରେନରେ ଆସି ଖାଲୁଆ ସ୍ଥାନରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ ଜମି ରହୁଥିବାରୁ ଚିକିତ୍ସାଳୟକୁ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ମୁଣ୍ଡିଆ ହନୁମାନ ପୀଠରେ ଅଖଣ୍ଡ ଚାଳିଶା

**ଖଣ୍ଡପଡ଼ା,୧୪।୯(ସ୍ୱ.ପ୍ର.)**

ମଙ୍ଗଳବାର ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ରରେ ୩ୟ ବାର୍ଷିକ ଅଖଣ୍ଡ ହନୁମାନ ଚାଳିଶା ଅନୁଷ୍ଠିତ ହୋଇ ଯାଇଛି। ମୁଣ୍ଡିଆ ହନୁମାନ ସାଂସ୍କୃତିକ ପରିଷଦ ଓ ହନୁମାନ ଚାଳିଶା ମଣ୍ଡଳୀ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟପୂଜା ପରେ ହୋମ ଯଜ୍ଞ ଆରମ୍ଭ ହୋଇଥିଲା। ଅଖଣ୍ଡ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ମାଧପୁର, ସେରେଜେଙ୍ଗେ, ନୀଳକଣ୍ଠପ୍ରସାଦ, ବେଣାଗାଡିଆ ଓ ବୋଦଶା ଆଦି ଅଞ୍ଚଳର ହନୁମାନ ଚାଳିଶା ମଣ୍ଡଳୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ମର୍ଦ୍ଦରାଜପୁର ଗ୍ରାମବାସୀଙ୍କ ସହଯୋଗ ତଥା କାର୍ଯ୍ୟଗ୍ରାହୀ କୁଳମଣି ଗୋଛିଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ସନ୍ଧ୍ୟା ୬ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ଶୈବ ପୀଠରେ ପଶିଲା ବନ୍ୟାଜଳ



ବଟେଶ୍ୱର ମନ୍ଦିର ପରିସରରେ ଜମି ରହିଥିବା ପାଣି।

**ଖଣ୍ଡପଡା,୧୪।୯(ସ୍ୱ.ପ୍ର.)**

ଖଣ୍ଡପଡ଼ାର ପ୍ରସିଦ୍ଧ ଶୈବ ପୀଠ ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର କୁସୁମୀ ନଦୀର ବନ୍ୟା ଜଳରେ ବୁଡିରହିଛି। ମନ୍ଦିର ବେଢାରେ ୪ଫୁଟ ଉଚ୍ଚରେ ବନ୍ୟାଜଳ ଲହଡି ଭାଙ୍ଗୁଛି। ବନ୍ୟାପାଣି ଯୋଗୁ ବିଗ୍ରହଙ୍କ ପୂଜା ନୀତିରେ ବିଭ୍ରାଟ ସୃଷ୍ଟି ହୋଇଛି । ମନ୍ଦିର ବାହାରେ ବିଗ୍ରହଙ୍କ ନୀତିକାନ୍ତି ସଂପନ୍ନ କରାଯାଉଥିବା ପୂଜକମାନେ କହିଛନ୍ତି। ସେହିପରି କଣ୍ଟିଲୋ ବାପୁଜୀ ନଗରସ୍ଥିତ ବଟେଶ୍ୱର ମନ୍ଦିର ପରିସରରେ ଲଗାଣ ବର୍ଷା ଫଳରେ ୫ଫୁଟ ଉଚ୍ଚର ବର୍ଷାପାଣି ଜମି ରହିଛି ।

# ୪ ଗାଁରେ ବିଦ୍ୟୁତ୍ ସରବରାହ ବନ୍ଦ

**ନୟାଗଡ଼ ଅଫିସ,୧୪।୯**

**ବର୍ଷା ଛାଡ଼ିବା ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍**

ଦୁଇ ଦିନ ଧରି ୪ ଗାଁରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏହାକୁ ନେଇ ନୟାଗଡ଼ ବ୍ଲକ ଗମ୍ଭାରିଡିହି ପଞ୍ଚାୟତର ୪ ଗାଁ ଲୋକେ ହଇରାଣ ହେଉଛନ୍ତି। ବିଶେଷ କରି ଗମ୍ଭାରିଡିହି ପଞ୍ଚାୟତ ଗମ୍ଭାରିଡିହି ଦଳିତ ସାହି ସମେତ କୃଷ୍ଣାଦେଇପୁର, ଦେଉଳି,ଚନ୍ଦ୍ରଶେଖରପୁର ଗାଁକୁ ବିଦ୍ୟୁତ୍ ସଂଯୋଗ ପାଇଁ ଆସିଥିବା ୧୧କେଭି ବିଦ୍ୟୁତ ଖୁଣ୍ଟି ଏକ ପାଖକୁ ଢଳି ରହିଛି। ଏହି କାରଣରୁ ୨ ଦିନ ଧରି ବିଦ୍ୟୁତ୍ ସେବା ବନ୍ଦ ରହିଛି। ବାରମ୍ବାର ଅଭିଯୋଗ ପରେ ବି ଲଗାଣ ବର୍ଷା ଆଳ ଦେଖାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଏ ସଂକ୍ରାନ୍ତରେ ପଦକ୍ଷେପ ନେଇ ନ ଥିଲେ। ମଙ୍ଗଳବାର ବର୍ଷା ଛାଡି ଯିବା ପରେ ବିଦ୍ୟୁତ୍ ବିଭାଗ ଏହାର ମରାମତି ନ କରିବା କାରଣରୁ ୪ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବୁଧବାର ଗାଁରେ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ନ ହେଲେ ୪ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ସ୍ଥାନୀୟ ସରପଞ୍ଚ ଚେତାବନୀ ଦେଇଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ବଳଦ ମୃତ

**ନୟାଗଡ଼ ଅଫିସ,୧୪।୯:** ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ବଳଦଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ନୟାଗଡ଼ ବ୍ଲକ ତେନ୍ତୁଳିଆପଲ୍ଲୀର ସତ୍ୟବ୍ରତ ଦାସ ନାମକ ଜଣେ ଚାଷୀ ବିଲରେ ମଇ ଦେଇ ବଳଦ ନେଇ ଘରକୁ ଫେରୁଥିଲେ। ଗାଁ ମୁଣ୍ଡରେ ଥିବା ଟ୍ରାନ୍ସଫର୍ମର ନିକଟରେ ହଠାତ୍ ବଳଦ ଦ୍ୱୟ ଟାଣି ହୋଇ ଏକ ଖାଲରେ ପଡି ଛଟପଟ ହୋଇ ପ୍ରାଣ ହରାଇଲେ। ମାଟିରେ ବିଦ୍ୟୁତ୍ ଚାର୍ଜ ହୋଇଥିବାରୁ ଦୁଇ ବଳଦ ପ୍ରାଣ ହରାଇଥିଲେ। ଦୂରରେ ଥିବା ଚାଷୀ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏକଥା ଜଣାପଡିବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ସରପଞ୍ଚ ଚାଷୀଙ୍କ ସହ କଥାବାର୍ତ୍ତାହେବା ସହ ବିଦ୍ୟୁତ୍ ବିଭାଗର ଜେଇଙ୍କ ସହ ଆଲୋଚନା କରିଛନ୍ତି। ତୁରନ୍ତ ଏହି ବିବାଦର ସମାଧାନ ହେବ ବୋଲି ସେ କହିବା ପରେ ପରିସ୍ଥିତି ଶାନ୍ତ ପଡିଛି।

# ୧୦ ଶାଗୁଆନ ଗଛ, ୨ ସାଇକେଲ ଜବତ

**ଖଣ୍ଡପଡ଼ା,୧୪।୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍ ଖଳିସାହି ବନ ବିଭାଗ ବିଟ୍ ହାଉସ ଅଧୀନରେ ଥିବା ମାରଥା ତୋଟା ପରିସରରୁ ୨ ବ୍ୟକ୍ତି ଗଜା ଶାଗୁଆନ ଗଛ କାଟି ନେଉଥିବା ବେଳେ ଧରାପଡିଛନ୍ତି। ସେମାନେ ହେଲେ ଖଳିସାହି ଗ୍ରାମର ରବି ନାଏକ ଓ ମଣିଆ ନାଏକ। ମଙ୍ଗଳବାର ରବି ଓ ମଣିଆ ନିଜ ସାଇକେଲରେ ୧୦ ଗଜା ଶାଗୁଆନ ଗଛ ନେଉ ଯାଉଥିବା ବେଳେ ସ୍ଥାନୀୟ ବାସିନ୍ଦା ଧରିଥିଲେ। ସେହି ଗଛ ଓ ସାଇକେଲକୁ ଖଳିସାହି ବନ ବିଭାଗ ବିଟ୍ ହାଉସ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, କୋଟପୋଖରୀ ଗ୍ରାମବାସୀ ଏହି ଶାଗୁଆନ ବନୀକରଣକୁ ସୁରକ୍ଷା ଦେଇ ଆସୁଛନ୍ତି। ମାତ୍ର କାଠ ଚୋରମାନେ ସୁବିଧା ଓ ସୁଯୋଗ ଦେଖି ଗଜା ଶାଗୁଆନ ଗଛ କାଟି ନେଇ ଯାଉଛନ୍ତି।




ଜବତ ହୋଇଥିବା କାଠ।

# ଗଣିଆରେ ବହୁ ଗ୍ରାମ ଜଳମଗ୍ନ, ଭାଙ୍ଗିଲା ଘର

**ଗଣିଆ,୧୪।୯(ଡି.ଏନ.ଏ.)**

୩ ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଗଣିଆ ବ୍ଲକର ବହୁ ଗାଁରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କେତେଗୋଟି ଘର ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଏଥିସହ ମହାନଦୀର ବନ୍ୟା ଜଳସ୍ତର ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଲଗାଣ ବର୍ଷାରେ ବ୍ଲକର ଛାମୁଣ୍ଡିଆ ଗାଁର କାଳନ୍ଦୀ ସେଠୀଙ୍କ ଏକ ବଖରା ଇଟା ଓ ଟାଇଲି ନିର୍ମିତ ଘର ଭାଙ୍ଗି ଯାଇଥିବା ବେଳେ ଗହିର ବିଲର ବିଦେଶୀ ବେହେରାଙ୍କ ୨ ବଖରା ଝାଟିମାଟି ଘର ଭାଙ୍ଗି ନଷ୍ଟ ହୋଇଯାଇଛି। ସେହିପରି ଛାମୁଣ୍ଡିଆ ମଧୁପୁର ଗାଁର ଶ୍ରୀଧର ମୁଦୁଲିଙ୍କର ଲଗାଣ ବର୍ଷାରେ ଘର ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁଁ କିଶୋର ପ୍ରସାଦ ପଞ୍ଚାୟତ ପତୁରିଆ ଗାଁରେ ନିକଟସ୍ଥ ମହୁକଣ ଜଙ୍ଗଲରୁ ବଡଧଡା ଡ୍ରେନ ଭାଙ୍ଗି ଯିବାରୁ ବନ୍ୟାଜଳ ପଶି ୬ଟି ପରିବାର ସୋମବାର ଅପରାହ୍ନ ବାସଚ୍ୟୁତ ହୋଇପଡିଥିବା ଜଣାପଡିଛି। ରାସଙ୍ଗ ପଞ୍ଚାୟତ ଓସ୍ତିଆ, ବସନ୍ତପୁର ଗାଁରେ ମଧ ଲଗାଣ ବର୍ଷା ଯୋଗୁ ବହୁ କଚ୍ଚା ଘରେ ପାଣି ପଶିବାରୁ ଲୋକେ ଗ୍ରାମର ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିବା ଦେଖାଦେଇଛି। ମହାନଦୀର ଉପରମୁଣ୍ଡରେ ବର୍ଷା ଜାରି ରହିଛି।



ଛାମୁଣ୍ଡିଆ ଗ୍ରାମର କାଳନ୍ଦୀ ସେଠୀଙ୍କ ଘର ଭାଙ୍ଗିଯାଇଛି।

**ମହାନଦୀରେ ଜଳସ୍ତର ବଢୁଛି**

ବର୍ଷା ଯୋଗୁ ମହାନଦୀର ଜଳସ୍ତର ବୃଦ୍ଧି ପାଇଛି। ମଙ୍ଗଳବାର ୧୨ଟା ସୁଦ୍ଧା ବଡମୂଳଠାରେ ୨୮ ଫୁଟ ୪ ଇଞ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି। ମଙ୍ଗଳବାର ସକାଳ ୬ଟାରୁ ୧୨ ମଧ୍ୟରେ ମହାନଦୀରେ ଜଳସ୍ତର ୮ଇଞ୍ଚ ବୃଦ୍ଧି ପାଇଛି। ସେହିପରି ବ୍ଲକର ଗଣିଆ, ବେଲପଡାପାଟଣା, ରାସଙ୍ଗ, କାଦୁଆ, ଛାମୁଣ୍ଡିଆ, ମୁଦୁଲିଗାଡିଆ, ରାଜିଙ୍ଗି ଓ ଈଶ୍ୱରପୁର ଗାଁର ଗହିର ବିଲ ଜଳାର୍ଣ୍ଣବ ହୋଇଯାଇଛି। ମଙ୍ଗଳବାର ସକାଳୁ ବର୍ଷା କମିଥିବା ବେଳେ ଚାଷଜମିରୁ ଜଳ ନିଷ୍କାସନ ହୋଇପାରିନାହିଁ। ଆସନ୍ତା ୨ଦିନ ମଧ୍ୟରେ ଜମିଗୁଡିକରୁ ବନ୍ୟାଜଳ ନିଷ୍କାସନ ହୋଇ ନ ପାରିଲେ ଧାନ ଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି ବୋଲି ଛାମୁଣ୍ଡିଆ ଗାଁର ଚାଷୀ ହାଡିବନ୍ଧୁ ବେହେରା କୁହିଛନ୍ତି। ଲଗାଣ ବର୍ଷାରେ ବୃତ୍ତଙ୍ଗ ନଦୀ ଓ ଖଳଖଳା ନାଳରେ ବର୍ଷାଜଳ ଆସି ଦୁଇ କୂଳ ଖାଉଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ମହାନଦୀରେ ଉପରୁମୁଣ୍ଡରୁ ବନ୍ୟାଜଳ ଆସିଲେ ଗଣିଆ ବ୍ଲକର ରାସଙ୍ଗ, ଛାମୁଣ୍ଡିଆ ପଞ୍ଚାୟତରେ ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା ଦେଖାଦେଇଛି।

## ମୋବାଇଲ ଦୋକାନରୁ ଚୋରି

**ଫୁଲବାଣୀ ଅଫିସ:** ଫୁଲବାଣୀ ସହରରେ ଚୋରମାନେ ବିଶେଷକରି ମୋବାଇଲ୍ ଦୋକାନଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ସୋମବାର ବିଳମ୍ବିତ ରାତିରେ କନ୍ଧମାଳ ଏସ୍‌ପିଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ଥିବା ଏକ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଏବଂ ବିଭିନ୍ନ ମୋବାଇଲ୍ ସାମଗ୍ରୀ ଚୋରି ହୋଇଛି। ମଙ୍ଗଳବାର ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ବାରମ୍ବାର ମୋବାଇଲ ଦୋକାନରୁ ଚୋରି ଡେଉଥିବାରୁ ମୋବାଇଲ ବ୍ୟବସାୟୀ ସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯିବା ସହ ଏକ ଦାବିପତ୍ର ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ଚୋରଙ୍କୁ ତୁରନ୍ତ ଗିରଫ କରିବାକୁ ସେମାନେ ଦାବି କରିଛନ୍ତି।

# ବହିଷ୍କୃତ ହେଲେ ସ୍ୱାସ୍ଥ୍ୟକର୍ମୀ

**ବେଆଇନ ନିଯୁକ୍ତି ମାମଲା**
■ ପୂର୍ବତନ ସିଡିଏମ୍‌ଙ୍କ ପ୍ରତି ଅନୁକମ୍ପା

**ନୟାଗଡ଼ ଅଫିସ,୧୪।୯**

ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ବିଳମ୍ବରେ କାର୍ଯ୍ୟକାରୀ ହୋଇଛି। ଗତ ୭ ବର୍ଷ ତଳେ ନିଯୁକ୍ତି ପାଇଥିବା ସ୍ୱାସ୍ଥ୍ୟକର୍ମୀ ସଞ୍ଜୀବ କୁମାର ପଣ୍ଡାଙ୍କୁ ଚାକିରିରୁ ମଙ୍ଗଳବାର ବହିଷ୍କାର କରାଯାଇଛି। ତେବେ ନୟାଗଡ଼ର ପୂର୍ବତନ ସିଡିଏମ୍‌ଓ ହାଡିବନ୍ଧୁ ରାଉତରାୟଙ୍କ ବିରୋଧରେ ଫୌଜଦାରି ମକଦ୍ଦମା ରୁଜୁ ନ କରି ଲୋକାୟୁକ୍ତଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଇଛି। ସ୍ୱାସ୍ଥ୍ୟକର୍ମୀଙ୍କ ବହିଷ୍କାର ପରେ ଏହି ବେଆଇନ ନିଯୁକ୍ତିର କ୍ରାଇମବ୍ରାଞ୍ଚ ଅଥବା ସିବିଆଇ ଦ୍ୱାରା ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

ନୟାଗଡ଼ ଜିଲାରେ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ୨୦୧୨ ଅଗଷ୍ଟ ୧ରେ ବିଜ୍ଞାପନ ପ୍ରକାଶ ପାଇଥିଲା। ବିଜ୍ଞାପନ ଅନୁଯାୟୀ ୨୦୧୨ ଜୁନ୍ ୧ ସୁଦ୍ଧା ପ୍ରାର୍ଥୀଙ୍କ ବୟସ ଅନ୍ୟୂନ ୩୨ ବର୍ଷ ହେବା କଥା। ମାତ୍ର ଦଶପଲ୍ଲା ବ୍ଲକ ମଧଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଚଢ଼େୟାପଲ୍ଲୀ ପଞ୍ଚାୟତରେ ନିଯୁକ୍ତି ପାଇଥିବା ପୁରୁଷ ସ୍ୱାସ୍ଥ୍ୟକର୍ମୀ ସଞ୍ଜୀବ କୁମାର ପଣ୍ଡାଙ୍କ ବୟସ ବିଜ୍ଞାପନ ଅନୁଯାୟୀ ୨୦୧୨ ଜୁନ୍ ୧ ତାରିଖ ସୁଦ୍ଧା ୩୨ ବର୍ଷ ଅତିକ୍ରମ କରି ସାରିଥିଲା। ଏଣୁ ପ୍ରାର୍ଥୀ ଚାକିରିପାଇଁ ଆବେଦନ କରିବାକୁ ଯୋଗ୍ୟ ନ ଥିଲେ। ତେବେ ଚଞ୍ଚକତା କରାଯାଇ ତାଙ୍କୁ ପୂର୍ବତନ ସିଡିଏମ୍‌ଓ ହାଡିବନ୍ଧୁ ରାଉତରାୟ ନିଯୁକ୍ତି ଦେଇଥିଲେ। ଏଭଳିସ୍ଥଳେ ଦଶପଲ୍ଲାର ସୂଚନା ଅଧିକାର କର୍ମୀ କୁଞ୍ଜ ବିହାରୀ ପାତ୍ର ୨୦୧୨ର ପୁରୁଷ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ ଉପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୂଚନା ଆଇନ ଅନୁସାରେ ତଥ୍ୟ ମାଗିଥିଲେ। ସୂଚନା ଅଧିକାରରେ ମିଳିଥିବା ତଥ୍ୟ ଆଧାରରେ ୭୮ ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଛନ୍ତି। ପୁନଃ ନିଯୁକ୍ତିରେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ସଞ୍ଜୀବ କୁମାର ପଣ୍ଡାଙ୍କୁ ନିଯୁକ୍ତି ମିଳିଥିଲା। ଏପରକି ଗୋଟିଏ ଦିନରେ ୧ ହଜାର ଚିଠି (ଚିଠି ସଂଖ୍ୟା ୨୪୨୯ରୁ ୩୪୩୦) ସ୍ୱାସ୍ଥ୍ୟ ବିଭାଗ କରିଥିବା ଜଣାପଡିଥିଲା।

ସୂଚନା ଅଧିକାର ତଥ୍ୟକୁ ନେଇ ପାତ୍ର ୨୦୨୦ ମାର୍ଚ୍ଚ ୫ରେ ଲୋକାୟୁକ୍ତରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତରେ ଏହି ଅଭିଯୋଗ ଏଲୱାଇ ୪୩୭/୨୦୨୦ରେ ପଞ୍ଜୀକୃତ ହୋଇଥିଲା। ଏହାପରେ ସ୍ୱାସ୍ଥ୍ୟକର୍ମୀ ସଞ୍ଜୀବ କୁମାର ପଣ୍ଡାଙ୍କ ବେଆଇନ ନିଯୁକ୍ତିର ଖୋଳତାଡ ଆରମ୍ଭ ହୋଇଥିଲା। କୌଣସି ମେରିଟ ଲିଷ୍ଟରେ ସ୍ୱାସ୍ଥ୍ୟକର୍ମୀ ସଞ୍ଜୀବ କୁମାର ପଣ୍ଡାଙ୍କ ନାମ ନ ଥିବା ବର୍ତ୍ତମାନର ସିଡିଏମ୍‌ଓ ଲୋକାୟୁକ୍ତଙ୍କୁ ଲେଖି ଜଣାଇଥିଲେ। ସେହିପରି ପୂର୍ବତନ ସିଡିଏମ୍‌ଓ ହାଡିବନ୍ଧୁ ରାଉତରାୟ ନିଜର ବୟାନରେ ଦୋଷ ଖସାଇ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ କିରାଣିଙ୍କ ଉପରେ ଲଦି ଦେଇଥିଲେ। ତେବେ ସମସ୍ତ ତଥ୍ୟ ଆଧାରକୁ ଭିତ୍ତି କରି ଚାକିରି ପାଇଥିବା ସ୍ୱାସ୍ଥ୍ୟକର୍ମୀ ସଞ୍ଜୀବ କୁମାର ପଣ୍ଡାଙ୍କୁ ଚାକିରିରୁ ବହିଷ୍କାର କରିବା ସହ ପୂର୍ବତନ ସିଡିଏମ୍‌ଓ ହାଡିବନ୍ଧୁ ରାଉତରାୟଙ୍କ ବିରୋଧରେ ଫୌଜଦାରି ମକଦ୍ଦମା ରୁଜୁ କରିବାକୁ ଲୋକାୟୁକ୍ତ ୨୦୨୧ ଜୁଲାଇ ୧୫ରେ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଉପସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଲୋକାୟୁକ୍ତଙ୍କ ଆଦେଶ ଶୀତଳ ଭଣ୍ଡାରରେ ପଡିଥିବା ଅଭିଯୋଗ ହୋଇ ଆସୁଥିଲା। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ପୁରୁଷ ସ୍ୱାସ୍ଥ୍ୟକର୍ମୀ ସଞ୍ଜୀବ କୁମାର ପଣ୍ଡାଙ୍କୁ ମଙ୍ଗଳବାର ବହିଷ୍କାର କରାଯାଇଛି। ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶ ଅନୁସାରେ ସେ ବହିଷ୍କୃତ ହୋଇଛନ୍ତି।

### ୧୩ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ଅନୁକମ୍ପା

୨୦୧୨ରେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତିରେ ସଞ୍ଜୀବ କୁମାର ପଣ୍ଡାଙ୍କ ନିଯୁକ୍ତିକୁ ବେଆଇନ ଦର୍ଶାଇ ଲୋକାୟୁକ୍ତ ତାଙ୍କୁ ଚାକିରିରୁ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେବା ପରେ ପୁଣି ୧୩ ପୁରୁଷ ସ୍ୱାସ୍ଥ୍ୟକର୍ମୀ ବେଆଇନ ଭାବେ ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଛି। ଏନେଇ ବାରମ୍ବାର ଅଭିଯୋଗ ପରେ ତଦନ୍ତ ଆରମ୍ଭ ନ କରି ଅନୁକମ୍ପା ଦେଖା ଯାଉଥିବା କୁହାଯାଉଛି। ଅଭିଯୋଗ ଅନୁସାରେ ୨୦୧୨ରେ ୭୮ ଜଣ ପୁରୁଷ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଥିଲେ। ଏଥିରୁ ୧୪ଜଣ ଜାଲ୍ କରି ନିଯୁକ୍ତି ପାଇଥିବା ସୂଚନା ଆଇନରେ ତଥ୍ୟ ମିଳି ସାରିଛି। ଜଣେ ଫସିଥିବାବେଳେ ଅନ୍ୟ ୧୩ ଜଣ ବେଆଇନ ଭାବେ ଚାକିରିରେ ରହିଥିବା ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ଗଛରେ ପିଟି ହେଲା ବସ୍




**ଫୁଲବାଣୀ ଅଫିସ/ଚକାପାଦ, ୧୪।୯:** କନ୍ଧମାଳ ଜିଲା ଚକାପାଦ ବ୍ଲକ ପସର ଫାଣ୍ଡି ନିକଟ ବୁଲାଣୀ ରାସ୍ତାରେ ଥିବା ଗଛରେ ଏକ ବସ୍ ପିଟି ହୋଇଯାଇଛି। ଡ୍ରାଇଭର ଭାରସାମ୍ୟ ହରାଇବାରୁ ଏହି ଦୁର୍ଘଟଣା ଘଟିଛି। ଏଥିରେ ୪ ଜଣ ଗୁରୁତର ହୋଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ଜାତୀୟ ପୋଷଣ ସପ୍ତାହ

**ଗୋପାଳପୁର,୧୪।୯(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକ ରଙ୍ଗିପୁର ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଜାତୀୟ ପୋଷଣ ସପ୍ତାହ ଆଇସିଡିଏସ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଙ୍ଗେଇଲୁଣ୍ଡା ବିଡିଓ ପ୍ରସନ୍ନ ପାତ୍ର, ଅତିଥି ଭାବେ କନିଷ୍ଠ ତହସିଲଦାର ତାପସ ରାଉତ, ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ କୁମାର ଦାଶ, ରଙ୍ଗେଇଲୁଣ୍ଡା ବିଇଓ ଡ. ପ୍ରଭାତୀ କୁମାରୀ ମହାପାତ୍ର ଉପସ୍ଥିତ ଥିଲେ। ଗର୍ଭବତୀ ଓ ଶିଶୁ ଜନ୍ମ ହେବାର ୬ ବର୍ଷ ପର୍ଯ୍ୟନ୍ତ କେଉଁ ଭିଟାମିନ ଯୁକ୍ତ ଖାଦ୍ୟ ଖାଇଲେ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଭଲ ରହିବ ସେ ସମ୍ପର୍କରେ ମହିଳାଙ୍କୁ ସଚେତନ କରାଯାଇଥିଲା। ଏଥିସହ ଖାଦ୍ୟପଦାର୍ଥ ଓ ପନିପରିବା ମଧ ପ୍ରଦର୍ଶିତ କରାଯାଇଥିଲା। ସେହିପରି ଗୋଳନ୍ଥରା, ବଡ଼କୁଶସ୍ଥଳୀ, କେଲୁଆପଲୀ ଆଦି ସ୍ଥାନରେ ମଧ ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ୫୪ନଂ. ଜିଲା ପରିଷଦ ସଭ୍ୟ ମଞ୍ଜୁଶ୍ରୀ ଦଳେଇ, ସରପଞ୍ଚ ରଶ୍ମିତା ପଟ୍ଟନାୟକ, ପିଇଓ ନିରଞ୍ଜନ ଖାଡ଼ଙ୍ଗା, ସୁପରଭାଇଜର ସରସ୍ୱତୀ ବେହେରାଙ୍କ ସମେତ ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦିନକ ପରେ ବି ସ୍ୱାଭାବିକ ହୋଇନି ରାଜପଥ

**ଦାରିଙ୍ଗବାଡ଼ି,୧୪।୯(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ଦେଇ ଯାଇଥିବା ୫୯ନଂ. ଜାତୀୟ ରାଜପଥର ସୁଲୁମାହା ନିକଟରେ ଏକ ବାଇପାସ ରାସ୍ତାର ଅସ୍ଥାୟୀ ପୋଲ ସୋମବାର ଲଗାଣ ବର୍ଷାରେ ଧୋଇଯାଇଛି। ତେବେ ୨୪ଘଣ୍ଟା ପରେ ବି ଉକ୍ତ ରାଜପଥରେ ଯାତାୟାତ ସ୍ୱାଭାବିକ ହୋଇପାରିନାହିଁ । ଗତ ଦୁଇଦିନ ଭଳି ମଙ୍ଗଳବାର ମଧ ଦାରିଙ୍ଗବାଡ଼ି ଅଞ୍ଚଳରେ ବର୍ଷା ଲାଗିରହିଛି । ପୋଲ ଧୋଇ ଯିବାରୁ ବାଲିଗୁଡ଼ା ଠାରୁ ଦାରିଙ୍ଗବାଡ଼ି ଦେଇ ବ୍ରହ୍ମପୁର, ଭଞ୍ଜନଗର, ସୋରଡ଼ା ଆଦିକୁ ଯାତାୟାତ ବନ୍ଦ ରହିଛି । କେତେକ ବସ୍ ଅଲଗା ରାସ୍ତା ଦେଇ ଚଳାଚଳ କରୁଥିଲେ ସୁଦ୍ଧା ଦାରିଙ୍ଗବାଡ଼ି ଠାରୁ ସିମନବାଡ଼ିକୁ ବସ ଚଳାଚଳ ଠପ ହୋଇଯାଇଛି । ଫଳରେ ଛାତ୍ରୀଛାତ୍ର ପାଠପଢ଼ା ପାଇଁ ବିଦ୍ୟାଳୟ ଓ କଲେଜକୁ ଯାଇ ପାରୁନାହାନ୍ତି। ଠିକା ସଂସ୍ଥା ପକ୍ଷରୁ ଉକ୍ତ ଅସ୍ଥାୟୀ ପୋଲକୁ ମରାମତି କରାଯାଇଥିଲେ ମଧ ତାହା ବାରମ୍ବାର ଧୋଇଯିବାରୁ ଚିନ୍ତା ବଢ଼ାଇଛି। ସେପଟେ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଶୀଘ୍ର ଉକ୍ତ ପୋଲ ମରାମତି କରାଯିବା ପାଇଁ ପରାମର୍ଶ ଦିଆଯାଇଛି । ଠିକାସଂସ୍ଥା ପୁଣି ଉକ୍ତ ପୋଲ କାମକୁ ଜୋରଦାର କରିଛି । ସୂଚନାଯୋଗ୍ୟ, ଉକ୍ତ ରାଜପଥର ସଂପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ଏକାଧିକ ସ୍ଥାନରେ ନୂଆ ପୋଲ ନିର୍ମାଣ କରାଯାଉଛି। ପୋଲ ପାଇଁ ବାଇପାସ ରାସ୍ତା ହୋଇଥିଲେ ସୁଦ୍ଧା ତାହା ନିମ୍ନମାନର ଯୋଗୁ ବର୍ଷାରେ ଧୋଇଯାଇଛି ।



ଧୋଇ ଯାଇଥିବା ରାସ୍ତା ଏବଂ ପୋଲ ।

## ବର୍ଷାରେ ହନ୍ତସନ୍ତ ଖଜୁରିପଡ଼ାବାସୀ

**ବଲସକୁମ୍ପା,୧୪।୯**

ଦୁଇ ଦିନିଆ ଲଘୁଚାପ ଜନିତ ଲଗାଣ ବର୍ଷାରେ ଖଜୁରିପଡ଼ା ଅଞ୍ଚଳରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଖଜୁରିପଡ଼ା ସଦର ମହକୁମା ସମେତ ବଲସକୁମ୍ପା ମାଁ ବରାଳ ଦେବୀ ଶକ୍ତିପୀଠ, ସୁଦ୍ରୁକୁମ୍ପା, ନୂଆଗାଁ, ଅରାପାୟୁ, ଦୂତିପଡ଼ା, ଦୂତିମେଣ୍ଡି ଅଞ୍ଚଳର ଦୋକାନ ବଜାର ଛକ ଗୁଡ଼ିକରେ ଜନଶୂନ୍ୟ ଦେଖା ଦେଇଥିଲା। ଅନ୍ୟପକ୍ଷରେ ଆରଆଇ, ତହସିଲଦାର, ବିଡିଓ, ସରପଞ୍ଚ ପ୍ରମୁଖ ସଜାଗ ରହି ସ୍ଥିତି ଅନୁଧାନ କରୁଥିଲେ। ଏହି ଲଗାଣ ବର୍ଷାରେ ଲୋକମାନଙ୍କ ସହ ଗୃହପାଳିତ ପ୍ରାଣୀ ମଧ ବହୁ ଅସୁବିଧା ଭୋଗୁଛନ୍ତି। ମଙ୍ଗଳବାର ସୁଦ୍ଧା ଖଜୁରିପଡ଼ା ତହସିଲ ଅଞ୍ଚଳରେ ୧୭ ଘର ଆଂଶିକ ଭାଙ୍ଗିଥିବା ତହସିଲଦାର ସପ୍ନୀତା ନାୟକ ସୂଚନା ଦେଇଛନ୍ତି। ସେହିପରି ବଲସକୁମ୍ପା ରାଜସ୍ୱ ଅଞ୍ଚଳରେ ୬ ଟି ଘର ଭାଙ୍ଗିଥିବା ରାଜସ୍ୱ ନୀରିକ୍ଷକ ଅଧିକାରୀ ସବିତା ନାୟକ ସୂଚନା ଦେଇଛନ୍ତି। ପେନାବାଲି ଗାଁରେ ପଲିଥିନ ଟାଣି ଅତି ଦୟନୀୟ ଜୀବନ ବିତାଉଥିବ ହରିଶ୍ଚନ୍ଦ୍ର ବେହେରା ଓ ସ୍ତ୍ରୀ ଜୟନ୍ତୀ ଏବଂ ୩ ବର୍ଷର ଶିଶୁ ସିରଞ୍ଜିତ ଲଗାଣ ବର୍ଷାରେ ଭିଜି ଭିଜି ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଥିବା ଦେଖିବାକୁ ମିଳିଛି। ଗତ ବର୍ଷ ଲଘୁଚାପ ଜନିତ ବର୍ଷାରେ ଲୀଳାବତୀ ବେହେରା ଏବଂ ଯମୁନା କହଁରଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। କିନ୍ତୁ ଆଜି ଯାଏ ଏମାନଙ୍କୁ ଘର ଖଣ୍ଡେ ମିଳି ନଥିବା ବେଳେ ପୁଣି ବର୍ଷାରେ ଘର କାନ୍ଥ ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଆଜି ଯମୁନା କହଁରଙ୍କ ଘରେ ସରପଞ୍ଚ ଅଜୟ କୁମାର ମଲ୍ଲିକ ଓ ଆରଆଇ ସବିତା ନାୟକ ଏଆରଆଇ ଅଞ୍ଜଳି ରଣା ପହଞ୍ଚି କ୍ଷୟ କ୍ଷତି ଆକଳନ କରିଥିଲେ। ଅନ୍ୟପଟେ ଲଗାଣ ବର୍ଷା ଯୋଗୁ ପିଲା ସାଲୁଙ୍କୀ ଓ ପୁରୁଣା ପାଣି ଜଳଭଣ୍ଡାରରେ ଜଳରାଶି ପରିପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି।

## ରାସ୍ତା ନିର୍ମାଣ ଦାବିରେ କୁଣିଆ ଗାଁବାସୀଙ୍କ ଆନ୍ଦୋଳନ



ଗ୍ରାମବାସୀଙ୍କ ରାସ୍ତା ଅବରୋଧ କରିଛନ୍ତି।

**ଦିଗପହଣ୍ଡି,୧୪।୯(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଅନ୍ତର୍ଗତ କୁଣିଆ ଗାଁ ରାସ୍ତା ନିର୍ମାଣ ଦାବିରେ ମଙ୍ଗଳବାର ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଦିଗପହଣ୍ଡି ତହସିଲଦାର ଅଦୈତ୍ୟ କୁମାର ସ୍ୱାଇଁ ପହଞ୍ଚି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରିବା ପରେ ଲୋକମାନେ ରାସ୍ତା ଅବରୋଧରୁ ହଟିଥିଲେ। ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବା ଗାଁ ମୁଖିଆ ଚନ୍ଦ୍ର ନାୟକ, ସନାତନ ନାୟକ, ବିଜୟ ନାୟକ, ଭଗବାନ ଗୌଡ ପ୍ରମୁଖଙ୍କ ଅଭିଯୋଗ ପ୍ରକାରେ ଦିଗପହଣ୍ଡି-ଘୋଡାହାଡ ରାସ୍ତାକୁ ସଂଯୋଗ କରିଥିବା କୁଣିଆ ଗାଁର ରାସ୍ତାର ଦୈର୍ଘ୍ୟ ୫ଶହ ମିଟର ହେବ। ଦିଗପହଣ୍ଡି ଆର୍.ଡି ବିଭାଗ ସେକ୍ସନ୍ -୨ ଉପଖଣ୍ଡ କାର୍ଯ୍ୟାଳୟ ଅଧିନରେ ଏହିରାସ୍ତାଟିଯାଉଛି। ଦୀର୍ଘ ୨୫ ବର୍ଷତଳେ ଏହି ରାସ୍ତାଟି ମୋରମ ଦ୍ୱାରା ନିର୍ମାଣ ହୋଇଥିଲା। ସେହିଦିନରୁ ବିଭାଗୀୟ ଅଧିକାରୀମାନେ ଏହି ରାସ୍ତାର ରକ୍ଷଣାବେକ୍ଷଣ ପ୍ରତି କାଳକ୍ଷେପଣ ନୀତି ଅବଲମ୍ବନ କରିଆସୁଛନ୍ତି। ଗାଁର ଶେଷ ମୁଣ୍ଡରେ ଥିବା ଏକ ପାହାଡ ନିକଟରେ ଏକ କ୍ରସର୍ ପ୍ରତିଷ୍ଠା ହୋଇଛି। ପ୍ରତିଦିନ ୨୦ ରୁ ୩୦ ଭାରିଯାନ ଏହି ରାସ୍ତା ଦେଇ ଚଳପ୍ରଚଳ କରୁଥିବାରୁ ରାସ୍ତାଟି ଖାଲଖମାରେ ପରିପୂର୍ଣ୍ଣ ହୋଇଯାଇଛି। ରାସ୍ତାର ଏଭଳି ଅବସ୍ଥା ଯୋଗୁ ଜରୁରିକାଳୀନ ପରିସ୍ଥିତିରେ କୌଣସି ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି। ଏହି ରାସ୍ତା ତିଆରି ପାଇଁ ଆର୍.ଡି ବିଭାଗ ସେକ୍ସନ୍-୨ ବିଭାଗ ପକ୍ଷରୁ ଗତ ୫ମାସ ହେଲା ଟେଣ୍ଡର କାର୍ଯ୍ୟ ସମାପ୍ତ ହୋଇଥିଲେ ମଧ ରାସ୍ତା ତିଆରି ହେଲା ନାହିଁ। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଗାଁ ଲୋକେ ରାସ୍ତା ଅବରୋଧ କରିଥିବା କହିଛନ୍ତି। ତହସିଲଦାର ସମ୍ପୃକ୍ତ ସହକାରୀ ଯନ୍ତ୍ରୀ ଶିବପ୍ରସାଦ ସୁବୁଦ୍ଧିଙ୍କ ସହ ଯୋଗାଯୋଗ କରିବାରୁ ବର୍ଷାରୁତୁ ଯୋଗ କାମ ଆରମ୍ଭ କରାଯାଇନାହିଁ। ଆସନ୍ତା ୧୮ ପରେ ଏହି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଘଟଣାସ୍ଥଳରେ ପଦ୍ମନାଭପୁର ସରପଞ୍ଚ ବି.କ୍ରୀଷ୍ଣାରାଓ ସୁବୁଦ୍ଧି, ରାଜସ୍ୱ ନୀରିକ୍ଷକ ଫକିର ମୋହନ ରାଉତ, ପୁଷ୍ପାଞ୍ଜଳି ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

## କୋର୍ଟସାହିରେ ପାନୀୟ ଜଳ ସଙ୍କଟ

**ପାଇପ୍ ଲାଇନ୍‌କୁ ଭାଙ୍ଗି ଦେଲେ ଠିକାଦାର**

**ଦିଗପହଣ୍ଡି,୧୪।୯(ଡି.ଏନ.ଏ.)**

ଦିଗପହଣ୍ଡି-ଆସିକା ରାସ୍ତା ପାର୍ଶ୍ୱରେ ଏବେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ରାସ୍ତା ପାର୍ଶ୍ୱରେ ବିଛା ଯାଇଥିବା ପାଣି ପାଇପ୍ ଲାଇନ୍ ଅନେକ ସ୍ଥାନରେ ଫାଟିଯାଇଛି। ଫଳରେ ଅଞ୍ଚଳ କଲୋନୀର କୋର୍ଟ ସାହି ବାସିନ୍ଦାମାନେ ଦୀର୍ଘ ୧୫ ଦିନ ହେଲା ପିଇବା ପାଣି ପାଇଁ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ଏହି ଫଟା ପାଣି ପାଇପ୍ ମଧ୍ୟରେ ରାସ୍ତା ପାର୍ଶ୍ୱର ଆବର୍ଜନା ପାଣି ମିଶି ଗୋଳିଆ ପାଣି ସାହି ବାସିନ୍ଦାଙ୍କୁ ଯୋଗାଣ ହେଉଛି। ଫଳରେ ଲୋକମାନଙ୍କ ଭିତରେ ଏବେ ଅସନ୍ତୋଷ ଦେଖାଯାଇଛି। ଜନସ୍ୱାସ୍ଥ୍ୟ ବିଭାଗ ମଧ ଏଥିପ୍ରତି ନିରବଦ୍ରଷ୍ଟା ସାଜିଛି। ଫାଟିଯାଇଥିବା ସ୍ଥାନରେ ମରାମତି ହେଉନି କିମ୍ବା ନୂତନ ପାଇପ୍ ସଂଯୋଗ କରିବାରେ ସମ୍ପୃକ୍ତ ବିଭାଗ ଅବହେଳା ପ୍ରଦର୍ଶନ କରୁଛନ୍ତି ବୋଲି ସାହିବାସୀ ଅଭିଯୋଗ କରିଛନ୍ତି। ଦିଗପହଣ୍ଡି ଅଞ୍ଚଳ କଲୋନୀ ହେଉଛି ସହରର ସାମ୍ଭ୍ରାନ୍ତ ଅଞ୍ଚଳ। ଏଭଳି ଘଟଣାରେ ତହସିଲଦାର ଅଦୈତ୍ୟ କୁମାର ସ୍ୱାଇଁ ଅସନ୍ତୋଷ ପ୍ରକାଶ କରିବା ସହ ଏ ନେଇ ସମ୍ପୃକ୍ତ ଠିକାଦାରଙ୍କୁ ଡକେଇ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଡ୍ରେନ୍ ନିର୍ମାଣ କାର୍ଯ୍ୟ ସମୟରେ ତାଙ୍କ ଉପସ୍ଥିତିରେ ଡ୍ରେନ୍ ଖୋଳିବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ କୁହାଯାଇଥିଲା। କିନ୍ତୁ ତାଙ୍କ ଅନୁପସ୍ଥିତିରେ ମନଇଛା ଜେସିବି ମେସିନ ସାହାର୍ଯ୍ୟରେ ଡ୍ରେନ୍ ଖୋଳି ଦେଇଥିଲେ। ଫଳରେ କୋର୍ଟ ସାହିକୁ ସଂଯୋଗ ହୋଇଥିବା ପାଇପ୍ ଲାଇନ୍ ଫାଟିଯାଇଥିଲା। ତାହାକୁ ମରାମତି କରାଯାଇଥିଲେ ମଧ ଠିକାଦାରଙ୍କ ମନମୁଖୀ କାମ ଯୋଗୁ ପୁନଃର୍ବାର ସେହି ସ୍ଥାନକୁ ଭାଙ୍ଗି ଦେଇଥିଲେ। ଫଳରେ ଏହି ପାଇପ୍ ଲାଇନ୍‌ରେ ବିଭିନ୍ନ ପ୍ରକାର ଦୂଷିତ ଗୋଳିଆ ପାଣି ଭର୍ତ୍ତି ହୋଇଯାଇଛି। ସେ ସବୁ ନିଷ୍କାସନ ହେବା ପାଇଁ ସମୟ ଲାଗିବ ବୋଲି ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ଦୀପକ ବେହେରାଙ୍କ ସହ ଯୋଗାଯୋଗ କରିବାରୁ କହିଛନ୍ତି। ଏ ସମ୍ପର୍କରେ ଦିଗପହଣ୍ଡି ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ଡାକୁଆଙ୍କ ସହିତ ଯୋଗାଯୋଗ କରିବାରୁ ସମ୍ପୃକ୍ତ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରି ଏହାର ପ୍ରତିକାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

## ପ୍ରଧାନ ଶିକ୍ଷକ ସ୍ମାର୍ଟ ସ୍କୁଲର ଯତ୍ନ ନିଅନ୍ତୁ

**ଛତ୍ରପୁର,୧୪।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୧୬୭ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟ ଚାଲୁଛି। ଓଡିଶା ଆଦର୍ଶ ବିଦ୍ୟାଳୟ ଏବଂ ସମସ୍ତ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ମଙ୍ଗଳବାର ଭିଡିଓ କନଫରେନ୍ସରେ ଅନୁଷ୍ଠିତ ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସଂପୃକ୍ତ ଅଧିକାରୀମାନଙ୍କୁ ଅବଗତ କରାଇଛନ୍ତି। ସ୍କୁଲ କାର୍ଯ୍ୟରେ ବ୍ୟବହାର ହେଉଥିବା ସାମଗ୍ରୀ ଉତ୍ତମମାନର ହେଲେ ଭିତ୍ତିଭୂମି ଦୀର୍ଘସ୍ଥାୟୀ ହୋଇ ରହିବ। ସ୍ମାର୍ଟ ସ୍କୁଲର ଯତ୍ନ ନେବା ଦିଗରେ ପ୍ରଧାନ ଶିକ୍ଷକମାନେ ଗୁରୁତ୍ୱ ଦେବାକୁ କୁହାଯାଇଛି। ବିଜ୍ଞାନ ଲ୍ୟାବ କିମ୍ବା କମ୍ପ୍ୟୁଟରଗୁଡିକ ବ୍ୟବହାର ହୋଇ ଖରାପ ହେଲେର ମରାମତି ହେବ। ବ୍ୟବହାର ନ ହୋଇ ପଡି ରହି ଖରାପ ହେଲେ ତାହାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଜିଲାପାଳ ଶିକ୍ଷକମାନଙ୍କୁ ଜଣାଇଛନ୍ତି । ସମସ୍ତ ୧୬୭ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲା ଡିଆରଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ୱ,କିଓୀ ଭାସନ, ଅତିରିକ୍ତ ଜିଲାପାଳ ଅମୀୟ କୁମାର ସାହୁ, ଲୀନା କୁମାରୀ ଖେସ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଅଧିକାରୀ, ତହସିଲଦାର, ଶିକ୍ଷା ବିଭାଗୀୟ ଅଧିକାରୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ଜିଲାପାଳ ଛତ୍ରପୁର ଅନସ୍ଲୋ ବିଦ୍ୟାଳୟକୁ ଯାଇ ରୂପାନ୍ତରୀକରଣ କାର୍ଯ୍ୟ ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ।

## ଅରବିନ୍ଦନଗର ମୁଖ୍ୟ ରାସ୍ତା ଶୋଚନୀୟ

**ବୁଗୁଡ଼ା,୧୪।୯(ଡି.ଏନ୍.ଏ.)**

ବୁଗୁଡ଼ା ଏନ୍‌ଏସିର ୱାର୍ଡ ନଂ. ୨ ଓ ୩ର ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅରବିନ୍ଦ ନଗର ୧ ଓ ୨ ଉଭୟ ଲେନ୍ ଛକରେ ବଡ଼ ବଡ଼ ଖାଲ ରହିଥିବାରୁ ଯାନବାହନ ଚଳାଚଳରେ ବହୁ ଅସୁବିଧା ହେଉଛି। ସାମାନ୍ୟ ବର୍ଷା ହେଲେ ସେହି ରାସ୍ତାର ଅବସ୍ଥା ଦୟନୀୟ ହୋଇପଡୁଛି। ଦୈନିକ ହଜାର ହଜାର ଲୋକ ସେହି ରାସ୍ତା ଦେଇ ଯାତାୟାତ କରି ଅସୁବିଧା ଭୋଗୁଛନ୍ତି। ଏନେଇ ସ୍ଥାନୀୟ ଅଧିବାସୀ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିବା ସତ୍ତ୍ୱେ ବି ରାସ୍ତା ମରାମତି କିମ୍ବା ନୂତନ ରାସ୍ତାର ନିର୍ମାଣ ପ୍ରତି ଧ୍ୟାନ ଦିଆଯାଉ ନଥିବା ଅଭିଯୋଗ ହେଉଛି। ଏନ୍‌ଏସିର କେତେକ ୱାର୍ଡରେ ଭଲଥିବା ରାସ୍ତାକୁ ଭାଙ୍ଗି ଫେବର ପକାଯାଇ ଚକାଚକ୍ କରାଯାଉଥିବା ବେଳେ ଅରବିନ୍ଦ ନଗର ପ୍ରତି ସ୍ଥାନୀୟ ପ୍ରଶାସନର ବୈମାତୃକ ମନୋଭାବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି, ଯାହାକି ଆଗାମୀ ଦିନରେ ଜନ ଆନ୍ଦୋଳନର ସମ୍ଭାବନା ସୃଷ୍ଟି କରିଛି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କୁ ପଚାରିବାରୁ ଶୀଘ୍ର ସେହି ରାସ୍ତା କାର୍ଯ୍ୟ ପ୍ରତି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।


**OFFICE OF THE PANCHAYAT SAMITI, CUTTACK-SADAR**
**(Panchayati Raj & Drinking Water Deptt. Govt. of Odisha)**

**SHORT QUOTATION CALL NOTICE**

No.2864/ Dtd. 13.09.2021

Sealed quotations from intending bidders are invited in plain paper for Demolition of existing of Old Building and old materials in the premises of Cuttack, Sadar, Panchayat Samiti, Naya Bazar, Cuttack up to ground level as is where is basis including removal of debris and dismantled materials both usable and unusable and shifting of old materials from the campus of the above building and complete clearance of site.

| | | | |
|---|---|---|---|
| 1. | No. of work | : | 10 Nos. |
| 2. | Nature of work | : | Demolition of buildings |
| 3. | Class of contractor | : | Any class of contractor |
| 4. | Receipt of bid document | : | 13.09.2021 to 27.09.2021 (During working days from 11 A.M. to 4 P.M.) |
| 5. | Date of opening of bid | : | 28.09.2021, 11 A.M. |

Details are available in the Notice Board of Office of the Block Development Officer, Cuttack Sadar, Cuttack.

**Sd./- Block Development Officer**
**Cuttack, Sadar**



NATION TAX MARKET

**COMMISSIONERATE OF CT & GST**
**(Under Finance Department)**
**(GOVERNMENT OF ODISHA)**

No. S-19

**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ ।**

**ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

ଯେଉଁ ଟିକସଦାତାଙ୍କ ଜିଏସ୍‌ଟି ପଞ୍ଜୀକରଣ "ରିଟର୍ଣ୍ଣ ଦାଖଲ ନ କରିବା" ଯୋଗୁ ରଦ୍ଦ କରାଯାଇଅଛି ଏବଂ ଯେଉଁଠି ପଞ୍ଜୀକରଣ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ସମୟ ସୀମା ୨୦୨୦ ମସିହା ମାର୍ଚ୍ଚ ତାରିଖରୁ ୨୦୨୧ ମସିହା ଅଗଷ୍ଟ ୩୧ ତାରିଖ ମଧ୍ୟରେ ରହିଥିଲା (ବିଜ୍ଞପ୍ତି ସଂଖ୍ୟା ୩୪/୨୦୨୧ ତାରିଖ ୨୯ ଅଗଷ୍ଟ ୨୦୨୧ ଓ ସର୍କୁଲାର ସଂଖ୍ୟା ୧୫୮/୪/୨୦୨୧- ଜିଏସ୍‌ଟି ତାରିଖ ୬ ସେପ୍ଟେମ୍ବର ୨୦୨୧ ଅନୁଯାୟୀ), ସେମାନଙ୍କ ପାଇଁ ଜିଏସ୍‌ଟି ପଞ୍ଜୀକରଣ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ସମୟ ସୀମାକୁ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

**ନିମ୍ନୋକ୍ତ କ୍ଷେତ୍ରରେ ଏହି ସୁବିଧା ପ୍ରଯୁଜ୍ୟ ହେବ:**

(୧) ଟିକସଦାତାଙ୍କ ଦ୍ୱାରା ରଦ୍ଦୀକରଣ ପ୍ରତ୍ୟାହର ପାଇଁ ଦରଖାସ୍ତ ଦାଖଲ ହୋଇ ନ ଥିବ।
(୨) ରଦ୍ଦୀକରଣ ଆଦେଶ ବିରୋଧରେ ଅପିଲ ହୋଇଥିବ ଓ ଏହି ଅପିଲକୁ ପ୍ରତ୍ୟାଖ୍ୟାନ କରାଯାଇଥିବ।
(୩) ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତକୁ ପ୍ରପର ଅଫିସରଙ୍କ ଦ୍ୱାରା ଅଗ୍ରାହ୍ୟ କରାଯାଇଥିବ।
(୪) ରଦ୍ଦୀକରଣ ଆଦେଶ ବିରୋଧରେ ଟିକସଦାତାଙ୍କ ଦ୍ୱାରା ଅପିଲ ହୋଇଥିବ ଏବଂ ଏହାର ନିଷ୍ପତ୍ତି ଟିକସଦାତାଙ୍କ ବିରୋଧରେ ସ୍ଥିରୀକୃତ ହୋଇଥିବ।

ଉପରୋକ୍ତ ସମସ୍ତ ମାମଲାରେ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ସାନି ଅନ୍‌ଲାଇନ ଦରଖାସ୍ତ ୩୦ ସେପ୍ଟେମ୍ବର ୨୦୨୧ ସୁଦ୍ଧା ଦାଖଲ କରିବା ପାଇଁ ଟିକସଦାତାଙ୍କୁ ଏହି ସୁବିଧା ବର୍ତ୍ତମାନ ଉପଲବ୍ଧ କରାଯାଇଛି।

**ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ**
**ଓଡ଼ିଶା ସରକାର, କଟକ**

**Help Desk: 1800-345-6753 (Toll Free)**
**email: ctdho@odishatax.gov.in**

OIPR-05006/11/0006/2122



**LEPRA SOCIETY** requires Project Manager for Target Intervention (IDU) Project, Bhubaneswar. Master in Social Science or Graduate with Minimum 3 Yrs. experience with Social Development.
**Salary Rs.15,000**. Apply to:
**hrd@leprahealthinaction.in**
within 7 days.
For detail visit: **www.leprasociety.in**



**APPOINTMENT**
**Meridian Medicare Ltd.** for its expansion programme required experience **Pharma Personnel** to fillup uncovered area. Please mail your resume with full confidence to
**meridianmedicare.mml@gmail.com.**



**WANTED**
A Lady for Clerical work in a Office. Free accommodation & 10000/-.
**Mob. No.7809525452**



NATIONAL HEALTH MISSION

**Odisha State Health & Family Welfare Society, Govt. of Odisha**
**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8, Bhubaneswar- 751012, District-Khordha (Odisha) Phone/Fax: 0674- 2392480/79**

**Advt. No:- 19/21** **Walk-in-Interview** **Date:- 15.09.2021**

No. E-439:- Walk-in-Interview will be conducted as scheduled below for filling up of the vacant position of **Training Consultant, SNC** under National Health Mission, Odisha on contractual basis with monthly remuneration as noted and subject to renewal as per OSH&FW Society terms and conditions. The above position is purely temporary and co-terminus with the scheme. Lower age limit is 21 years as on dt.01.09.2021.

| Sl. No. | Name of the Position | Remuneration (in Rs.), Performance Incentive (P.I) & other allowances as admissible | Date of Registration & Interview |
|---|---|---|---|
| 01 | **Training Consultant, SNC** | Rs.56,157/- + PI | 29.09.2021 |

Interested candidates can log on to www.nhmodisha.gov.in for details of vacancy, eligibility criteria, age, application form, ToR etc. **Candidates fulfilling the eligibility criteria may appear for registration on the date as mentioned against the position. Registration timing shall be from 10.30 A. M. to 12.00 Noon only on Walk-in-Interview date**. No application shall be received after scheduled date & timing of registration.

**Venue: - Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist- Khordha, Pin – 751012, Odisha.**

**Sd./- Mission Director, NHM**
**Member Secretary, OSH&FWS, Odisha**

OIPR-10084/11/0017/2122



**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**
**Email: rd_bgh@yahoo.co.in // Fax : 06646-230676, Gmail: adityabhoi@gmail.com**

No.O-662:- **e-Procurement Notice No. ONLINE-BGH- 04 OF 2021-22**

| Sl. No. | Name of the work | : | Construction of bridge over Ranj river at 2nd Km. on Barguda to Bhatigaon road (Balance Work) 2021-22 in the district of Bargarh. |
|---|---|---|---|
| 1 | Approx. estimated cost put to tender | : | Rs.81.00 Lakhs |
| 2 | Cost of tender paper | : | 10000/- |
| 3 | EMD | : | Bid security declaration |
| 4 | Class of contractor | : | B&A class |
| 5 | Time of completion | : | 6(Six) calender months |
| 6 | Other details | : | As per DTCN |

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-04 OF 2021-22 | 21.09.21 at 11.00 A.M. | 28.09.21 upto 5.00 P.M. | 27.09.21 upto 5.00 P.M. | 30.09.21 at 11.00 A.M. |

Further details can be seen from the website www.tendersorissa.gov.in

**Executive Engineer, R.W. Division, Bargarh**
OIPR--25062/11/0007/2122

**ଯୁବକଙ୍କୁ ବଞ୍ଚାଇଲା ଛତ୍ରପୁର ପୋଲିସ**

ଛତ୍ରପୁର,(ଡି.ଏନ.ଏ. ): ଛତ୍ରପୁର ଥାନା ଶାନ୍ତି ନଗର ଅଞ୍ଚଳରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ପୋଲିସ ବଞ୍ଚାଇଛି। ଉକ୍ତ ଯୁବକ ଜଣଙ୍କ କୌଣସି କାରଣରୁ ଘର ଭିତରେ ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ଖବର ପାଇ ଛତ୍ରପୁର ପୋଲିସ ଟିମ ପହଞ୍ଚି ଘରର କବାଟ ଭାଙ୍ଗି ସମ୍ପୃକ୍ତ ଯୁବକଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲା। ବର୍ତ୍ତମାନ ଯୁବକଙ୍କ ଅବସ୍ଥା ସୁସ୍ଥ ଥିବା ଜଣାପଡ଼ିଛି। ଛତ୍ରପୁର ଥାନାଧିକାରୀ ସତ୍ୟ ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଛତ୍ରପୁର ଥାନା ସବ ଇନ୍ସପେକ୍ଟର ବିଶ୍ୱମ୍ଭର କଅଁର, ସତ୍ୟଜିତ ବେହିଆ ଓ ସିଲୁ ଧଳଙ୍କ ସମେତ ବହୁ ଯୁବକ ମିଶି ମୃତ୍ୟୁ ମୁଖରୁ ଯୁବକଙ୍କୁ ଉଦ୍ଧାର କରିଥିଲେ। ପୋଲିସର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

## ସଂକ୍ଷେପରେ

### ରାଧାଷ୍ଟମୀ ଉତ୍ସବ



ବୁଗୁଡା,୧୪।୯(ଡି.ଏନ.ଏ.): ବୁଗୁଡା ବ୍ଲକ ଅନ୍ତର୍ଗତ ବି.ବ୍ରହ୍ମପୁରରେ ରାଧାଷ୍ଟମୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୁରୋହିତ ମନୋଜ କୁମାର ଦାଶଙ୍କ ପରିଚାଳନାରେ ମନ୍ଦିରରେ ନୀତିକାନ୍ତି ପୂର୍ବକ ଆବାହନ, ବାଳଭୋଗ ଓ ଘୃତ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ଦିରର ପ୍ରତିଷ୍ଠାତା ନରେଶ କୁମାର ଦାଶ, କବିରାଜ ଗୌଡ, ଜୟକୃଷ୍ଣ ପାଢୀଙ୍କ ସମେତ ଗ୍ରାମର ଭକ୍ତମାନେ ଉପସ୍ଥିତ ରହି ଠାକୁରଙ୍କ ଦର୍ଶନ କରିଥିଲେ।

### ତାଳପାଟଣା ରାସ୍ତା କାମ ଆରମ୍ଭ

ଧରାକୋଟ,୧୪।୯(ଡି.ଏନ୍.ଏ.): ଧରାକୋଟ ଥାନା ଅଞ୍ଚଳର ତାଳପାଟଣା ଏକ ମୁଖ୍ୟ ରାସ୍ତା। ଏହି ରାସ୍ତା ଏନ୍‌ଏଚ୍ ୫୯ ସହ ଋଷିକୂଲ୍ୟା ସେତୁକୁ ସଂଯୋଗ କରୁଥିବାରୁ ନଦୀ ଅପରପାର୍ଶ୍ୱରେ ରହିଥିବା ୫ ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଧରାକୋଟ ସଦର ମହକୁମା ସହ ଯୋଡ଼ି ହୁଅନ୍ତି। କିନ୍ତୁ ଖାଲଖମାରେ ଏହି ରାସ୍ତା ଭର୍ତ୍ତି ହୋଇ ରହିଥିବାରୁ ଗମନାଗମନ ଉପଯୋଗୀ ହେଉନଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶନ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଉକ୍ତ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଶୀଘ୍ର ବ୍ଲକ ପ୍ରଶାସନ ତରଫରୁ ସୁରକ୍ଷା ପ୍ରାଚୀର ଓ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ସ୍ମୃତିଚାରଣ

ଶେରଗଡ,୧୪।୯(ଡି.ଏନ୍.ଏ.): ଶେରଗଡ଼ର ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାବୁଲା ଚୌଧୁରୀଙ୍କ ସ୍ମୃତିଚାରଣ ସଭା ହରିକୃଷ୍ଣପୁର ଗ୍ରାମର ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଦିଲୀପ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମର ତ୍ରୁଷ୍ଟି ବିପ୍ରଚରଣ ମିଶ୍ର ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ନେତା ହୃଷୀକେଶ ପାଢ଼ୀ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ପଣ୍ଡା, ବରିଷ୍ଠ ନାଗରିକ ପ୍ରସନ୍ନ କୁମାର ତ୍ରିପାଠୀ, ବରିଷ୍ଠ ଚାଷୀ ବଳରାମ ରାଉତ, କର୍ମକାଣ୍ଡ ବିଶାରଦ ରଜନୀ କାନ୍ତ ତ୍ରିପାଠୀ ଓ ଚୌଧୁରୀଙ୍କ ସହଧର୍ମିଣୀ ସବିତା ରାଣୀ ଯୋଗଦେଇ ଅମରାତ୍ମାର ସଦ୍‌ଗତି କାମନା କରିଥିଲେ। ଶତାଧିକ କର୍ମୀ ଓ ନେତା ଚୌଧୁରୀଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିବା ବେଳେ ୧୦ଜଣ ଗରିବ ମହିଳାଙ୍କୁ ଶାଢ଼ି ପ୍ରଦାନ କରାଯାଇଥିଲା। ଏଥିସହ ୧୦ ଔଷଧୀୟ ଚାରାରୋପଣ କରାଯାଇଥିଲା। ସୂର୍ଯ୍ୟ ନାରାୟଣ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁକାନ୍ତ ପ୍ରଧାନ, ସମ୍ବାରୁ ଗୌଡ଼, ବାବୁ ତ୍ରିପାଠୀ, ଇଂ. ଚିନ୍ମୟ ପାତ୍ର, ଶ୍ରୀଦୀପ ମହାପାତ୍ର, କୃତ୍ତିବାସ ରେଡ୍ଡୀ, ବାସୁଦେବ ସ୍ୱାଇଁ, ଗୌରହରି ବିଷୋୟୀ, ସାମାଜିକ କର୍ମୀ ଦୁର୍ଗାମାଧବ ବିଷୋୟୀ ଉପସ୍ଥିତ ଥିଲେ।

### ନୂଆ ବରପଲ୍ଲୀଠାରେ ଚାରାରୋପଣ

ରମ୍ଭା,୧୪।୯: ଖଲ୍ଲିକୋଟ ବ୍ଲକ ଡିମିରିଆ ପଞ୍ଚାୟତର ନୂଆ ବରପଲ୍ଲୀଠାରେ ଦେବୀକୃପା ସଫ୍ଟ ଡ୍ରିଙ୍କସ୍, ଡ.ଅବଦୁଲ କାଲାମ ଜନକଲ୍ୟାଣ ପରିଷଦ ଖଲ୍ଲିକୋଟ ଓ ଗାୟତ୍ରୀ ଶକ୍ତିପୀଠ ରମ୍ଭାର ମିଳିତ ସହଯୋଗରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନା, ସମ୍ମାନିତ ଅତିଥିଭାବେ ଡ. ଅବଦୁଲ କାଲାମ ଜନକଲ୍ୟାଣ ପରିଷଦର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଖଲ୍ଲିକୋଟ ବ୍ଲକ ଚେୟାରମ୍ୟାନ ପ୍ରତିନିଧି ସମାଜସେବୀ ରତ୍ନାକର ସାହୁ, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ମୁଖ୍ୟ ବକ୍ତାଭାବେ ରମ୍ଭା ସାହିତ୍ୟଘର ସମ୍ପାଦକ ପ୍ରକୃତିବନ୍ଧୁ ଶିକ୍ଷକ ଶେଷଦେବ ବେହେରା ଯୋଗଦେଇଥିଲେ। ଦେବୀକୃପା ସଫ୍ଟ ଡ୍ରିଂକ୍ସର ପ୍ରୋପ୍ରାଇଟର ଗୌରୀ ଶଙ୍କର ପାତ୍ର ଓ ଗାୟତ୍ରୀ ପରିବାର ବିଶ୍ୱମଙ୍ଗଳ ଗୋ-କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପ୍ରକୃତି ବନ୍ଧୁ ପଞ୍ଚାନନ ଖଟୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ପତଞ୍ଜଳି ଯୋଗଗୁରୁ ରବୀନ୍ଦ୍ର ବେହେରା, ଶିକ୍ଷକ ମହାଦେବ ମଲ୍ଲିକ, ଉମାଶଙ୍କର ପାତ୍ର ପ୍ରମୁଖ ଯୋଗଦେଇ ନିମ୍ବ,ଅଁଳା ଓ ଶାଗୁଆନ ଚାରା ରୋପଣ କରିଥିଲେ।

# ଗଞ୍ଜାମର ୨୦୪୨ଗାଁ, ୨୨୧ ପଞ୍ଚାୟତ ବାଲ୍ୟବିବାହ ମୁକ୍ତ

ଛତ୍ରପୁର,୧୪।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ବାଲ୍ୟବିବାହ, କନ୍ୟା ଭ୍ରୁଣ ହତ୍ୟା ଓ ଶିଶୁ ଶ୍ରମିକ ରୋକିବା ଉଦ୍ଦେଶ୍ୟରେ ନିର୍ଭୟା କଢି ଓ ମୋ ଗେହ୍ଲା ଝିଅ କାର୍ଯ୍ୟାନୁଷ୍ଠାନ କମିଟି ଏବଂ ଜିଲା ଶିଶୁ ସୁରକ୍ଷା କମିଟିର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଜିଲାସ୍ତରୀୟ ବୈଠକରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ ଅଧ୍ୟକ୍ଷତା କରି ଗଞ୍ଜାମ ଜିଲାରେ ଅଦ୍ୟବଧି ଦ୍ୱିତୀୟ ପର୍ଯ୍ୟାୟରେ ୧୦୧୦ ଗ୍ରାମ, ସହରାଞ୍ଚଳର ୧୨୬ଟି ୱାର୍ଡ ଓ ୨୨୧ ପଞ୍ଚାୟତକୁ ବାଲ୍ୟବିବାହ ମୁକ୍ତ ଘୋଷଣା ହୋଇଥିବା ସୂଚନା ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଗତ ଜାନୁୟାରୀ ମାସରେ ୧୦୩୨ ଗ୍ରାମ ଏବଂ ସହରାଞ୍ଚଳର ୧୪୦ ୱାର୍ଡକୁ ବାଲ୍ୟବିବାହ ମୁକ୍ତ ଘୋଷଣା କରାଯାଇଥିଲା। ବୈଠକରେ ଜିଲାରେ ଶିଶୁ ଶ୍ରମିକ ଉଚ୍ଛେଦ ଏବଂ ଶିଶୁ ସୁରକ୍ଷା ଦିଗରେ ସମସ୍ତେ ଭାଗିଦାରୀ ହୋଇ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଆଲୋଚନା ହୋଇଥିଲା। ଅଧାରୁ ପାଠ ଛାଡୁଥିବା ପିଲାଙ୍କ ଅଭିଭାବକଙ୍କୁ ବୁଝାଇ ବିଦ୍ୟାଳୟକୁ ଆଣିବା, ସମସ୍ତ ଲାଇନ ବିଭାଗ ସହିତ ସୁସଂପର୍କ ରକ୍ଷା କରି ବାଲ୍ୟବିବାହ ରୋକିବାକୁ ଆଲୋଚନା ହୋଇଥିଲା । ଶିଶୁ ଯତ୍ନ ଅନୁଷ୍ଠାନ ଗୁଡିକରେ କୋଭିଡ ନିୟମର ଅନୁପାଳନ କରି ଶିଶୁ ସୁରକ୍ଷା ସୁନିଶ୍ଚିତ କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି । ବାଲ୍ୟ ବିବାହକୁ ରୋକିବା ଦିଗରେ କିଶୋର କିଶୋରୀମାନଙ୍କ ବିଭିନ୍ନ ଦକ୍ଷତା ବିକାଶ ତାଲିମରେ ଅନ୍ତର୍ଭୁକ୍ତ କରି ସେମାନେ ଯେପରି ଆତ୍ମ ନିର୍ଭରଶୀଳ ହେବେ ସେ ଦିଗରେ ମଧ୍ୟ ଆଲୋଚନା ହୋଇଛି। ଜିଲାରେ ଅଦ୍ୟାବଧି ୨୦୪୨ ଗ୍ରାମ, ସହରାଞ୍ଚଳର ୨୬୬ ୱାର୍ଡ ଏବଂ ୨୨୧ ପଞ୍ଚାୟତ ବାଲ୍ୟ ବିବାହ ମୁକ୍ତ ଭାବେ ଘୋଷଣା କରାଯାଇଛି । ଆସନ୍ତା ଡିସେମ୍ବର ସୁଦ୍ଧା ଜିଲାକୁ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ ଭାବେ ଗଢି ତୋଳିବା ପାଇଁ ଜିଲାସ୍ତରରୁ ଗ୍ରାମସ୍ତର ପର୍ଯ୍ୟନ୍ତ ନିର୍ଭୟା କଢି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଜିଲାପାଳ ଖେସ ଜଣାଇଥିଲେ ।

ବିବାହ ବୟସ ଅତିକ୍ରାନ୍ତ ପରେ ବିବାହ ହେଉଥିବା ଯୁବତୀମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ବ୍ୟବସ୍ଥା ରହିଛି । ଏହାକୁ ଅଧିକ ମାତ୍ରାରେ ପ୍ରଚାର ଓ ପ୍ରସାର କରି ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନେଇ ତୁମ୍ଭା ଉନ୍ନୟନ ସଂସ୍ଥା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପଞ୍ଚାୟତ କିମ୍ବା ବ୍ଲକସ୍ତରରେ ହେଉଥିବା ସମସ୍ତ ବୈଠକରେ ପିଲାଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ହେବା ଜରୁରୀ। ଏହି ଦିଗରେ ତତ୍ପରତା ପ୍ରକାଶ କରିବାକୁ ସମସ୍ତ ପଞ୍ଚାୟତ ଏବଂ ବ୍ଲକସ୍ତରୀୟ ଅଧିକାରୀ ମାନଙ୍କୁ ପତ୍ର ମାଧ୍ୟମରେ ଜଣାଇବାକୁ କୁହାଯାଇଛି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ସୁଶ୍ରୀ ଅନୁପମା ସାହୁ, ସୁଶ୍ରୀ ଦେବିକା ରାଣୀ ସାହୁ, ସୁଶ୍ରୀ ଲହ୍ମରି ଚୈନୀ ଉପସ୍ଥିତ ରହି ବାଲ୍ୟ ବିବାହ ଓ ଶିଶୁ ସୁରକ୍ଷା ଦିଗରେ ଚାଲିଥିବା କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ଅନ୍ୟ ଜିଲାରେ ଉଦାହରଣ ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ।



ଭାସିଯାଇଥିବା ପୋଲ।

## ବନ୍ୟାରେ ଭାସିଗଲା କାଠପୋଲ

କ.ନୂଆଗାଁ ୧୪।୯(ଡି.ଏନ୍.ଏ.)

କ.ନୂଆଗାଁ ବ୍ଲକର ଗୁଞ୍ଜିବାଡି ପଞ୍ଚାୟତରେ କାଳିପେନୁ ନଦୀ ଉପରେ ବରିନ୍ଦାପଡ଼ାବାସୀଙ୍କ ଦ୍ୱାରା ତିଆରି ହୋଇଥିବା ଏକ କାଠପୋଲ ବନ୍ୟା ଜଳରେ ଭାସିଯାଇଛି। ବିରିନ୍ଦାପଡା ଗ୍ରାମରୁ ଗୁଞ୍ଜିବାଡି ଗ୍ରାମକୁ ଅନ୍ୟ ରାସ୍ତା ଦେଇ ଗଲେ ୫ କିଲୋମିଟର ଯିବାକୁ ପଡ଼େ। କାଳିପେନୁ ନଦୀ ପାର ହୋଇ ଗଲେ ୫୦୦ ମିଟର ଯିବାକୁ ହୁଏ। ବର୍ଷା ଦିନେ ନଦୀ ପାର ହୋଇ ଯିବାକୁ ବହୁ ଅସୁବିଧା ହେଉଥିବାରୁ ଉକ୍ତ ନଦୀ ଉପରେ ଗ୍ରାମବାସୀ ଗୋଟିଏ କାଠ ପୋଲ ତିଆରି କରିଥିଲେ। ଦୁଇ ଦିନ ଧରି ଲଗାଣ ବର୍ଷା ହେବାରୁ ଏହି କାଠପୋଲଟି ଭାସିଯାଇଛି। ଫଳରେ ଗ୍ରାମବାସୀ ଓ ଛାତ୍ରୀଛାତ୍ରମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏ ନେଇ ବାଲିଗୁଡା ବିଧାୟକ ଚକ୍ରମଣି କହଁରଙ୍କୁ ପଚାରିବାରୁ କାଳିପେନୁ ନଦୀ ଉପରେ ପୋଲ ନିର୍ମାଣ ନିମନ୍ତେ ସରକାର ୪.୧୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପୋଲ ନିର୍ମିତ ହେଲେ ବିରିନ୍ଦାପଡ଼ା, ବାଞ୍ଜାମାହା, ଦ୍ରାବାକେତା, ବାନ୍ଦାବାଲୁ, ପାଜିମହା, ଲକେବାଡିର ଗ୍ରାମବାସୀ ଉପକୃତ ହେବେ ବୋଲି ସେ କହିଛନ୍ତି।

## ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ସମରଝୋଳ ପୋଖରୀ

ହିଞ୍ଜିଳିକାଟୁ,୧୪।୯(ଡି.ଏନ୍.ଏ.)



ପୋଖରୀ କାର୍ଯ୍ୟ ଦେଖିବାକୁ ଆସିଥିବା ଜିଲାପାଳ ଓ ଅନ୍ୟ ଅଧିକାରୀ ।

ହିଞ୍ଜିଳିକାଟୁ ଦେଇ ଯାଇଥିବା ୫୯ ନଂ. ଜାତୀୟ ରାଜପଥର ସମରଝୋଳ ଠାରେ ୩୫ଏକର ଜମିରେ ଥିବା ପୋଖରୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ମଙ୍ଗଳବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ବିଭିନ୍ନ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟର ସମୀକ୍ଷା କରାଯାଇଛି। ଜଳସେଚନ ବିଭାଗର ଏହି ପୋଖରୀକୁ ସୌନ୍ଦର୍ଯ୍ୟକରଣ କରାଯିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବୋଟିଂ, ଶିଶୁ ଉଦ୍ୟାନ, ଫୁଡ଼ ପ୍ଲାଜା ଓ ଅନ୍ୟାନ୍ୟ ମନୋରଞ୍ଜନ ବ୍ୟବସ୍ଥା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ହିଞ୍ଜିଳିକାଟୁ ଠାରୁ ବ୍ରହ୍ମପୁର ଦିଗରେ ପ୍ରାୟ ୯କି.ମି. ଓ ବ୍ରହ୍ମପୁର ଠାରୁ ହିଞ୍ଜିଳିକାଟୁ ଦିଗରେ ୧୩ କି.ମି. ଦୂରରେ ଏହ ପୋଖରୀ। ଜାତୀୟ ରାଜପଥ କଡ଼କୁ ଲାଗି ରହିଥିବାରୁ ପର୍ଯ୍ୟଟକଙ୍କ ଗମନାଗମନ ସୁବିଧା ହେବ। ସୌନ୍ଦର୍ଯ୍ୟକରଣ ପରେ ଏହା ଜିଲା ପର୍ଯ୍ୟଟନ ମାନଚିତ୍ରରେ ଏହା ଅନ୍ୟତମ ପ୍ରମୁଖ ସ୍ଥାନ ପାଇବ। ପ୍ରାୟ ୫.୮୭କୋଟି ଟଙ୍କାର ଅନୁମୋଦନ ପାଇଥିବା ଏହି କାର୍ଯ୍ୟକୁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ତଦାରଖ କରାଯିବ। ପ୍ରଥମ କିସ୍ତିରେ ୪.୦୮କୋଟି ଟଙ୍କାର ଟେଣ୍ଡର ହୋଇ ଠିକାଦାରଙ୍କ ସହ କାର୍ଯ୍ୟ ଚୁକ୍ତିନାମା ସରିଛି। ଆସନ୍ତା ଜୁଲାଇ ସୁଦ୍ଧା ଏହି କାର୍ଯ୍ୟ ସରିବ । ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ପରେ ପର୍ଯ୍ୟଟନ ବିଭାଗ ସହ ମିଶି ୨ୟ ପର୍ଯ୍ୟାୟରେ ପୋଖରୀର ଆହୁରି ଉନ୍ନତି କରାଯିବ। ଜିଲାପାଳଙ୍କ ସହ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୀବ ଦାସଶର୍ମା, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ବଙ୍କିମଚନ୍ଦ୍ର ପଣ୍ଡା, ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ବେହେରା ଓ ବିଦ୍ୟୁତ ବିଭାଗ (ଟିପିଏସଓଡ଼ିଏଲ) ନିର୍ବାହୀ ଯନ୍ତ୍ରୀ ନରୋତ୍ତମ ପଟ୍ଟନାୟକ ଉପସ୍ଥିତ ରହି କାର୍ଯ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ହିଞ୍ଜିଳିକାଟୁ ବ୍ଲକ ଅଧ୍ୟକ୍ଷ ଏନ ରଘୁନାଥ, ବିଡ଼ିଓ ସୁବ୍ରତ କୁମାର ଜେନା, ତହସିଲଦାର ପ୍ରଭାତ କୁମାର ପରିଡ଼ା, ଠିକାଦାର ସରୋଜ କୁମାର ଶତପଥୀ, ବଡ଼ଖଣ୍ଡି ସରପଞ୍ଚ କେ. ଦୁର୍ଗାମାଧବ ପ୍ରମୁଖ ଉପସ୍ଥିତ ଥିଲେ।

## ୧୯ରେ ଜିଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ପାରଳାଖେମୁଣ୍ଡି,୧୪।୯(ଡି.ଏନ୍.ଏ.)

ଗଜପତି ଜିଲାରେ ଆସନ୍ତା ୧୯ରେ ଜିଲା ସ୍ତରୀୟ ଏବଂ ତାଲୁକା ସ୍ତରୀୟ ବିଚାର ବିଭାଗିୟ କୋର୍ଟ ପରିସରରେ ଏକ ରାଷ୍ଟ୍ରୀୟ ସ୍ତରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଦେବାନୀ, ଫୌଜଦାରୀ, ସାଲିସ ଯୋଗ୍ୟ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ମାମଲା ଆଦିର ସମସ୍ୟାର ସମାଧାନ କରାଯିବ। କେବଳ ବିଚାରାଧୀନ ମାମଲା, ପ୍ରାକ ମକଦ୍ଦମା ସ୍ତରୀୟ (କଚେରୀରେ ଦାଏର ହୋଇନଥିବା) ବିବାଦର ମଧ୍ୟ ସମାଧାନ ହୋଇପାରିବ। ଏହା ସମ୍ପର୍କରେ ମଙ୍ଗଳବାର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଭାକର ତ୍ରିପାଠୀ ସୂଚନା ଦେଇଥିଲେ।

## ମାଟିତଳୁ ବୃଦ୍ଧଙ୍କ କଟାମୁଣ୍ଡ, ଶରୀର ଜବତ

ଖଲ୍ଲିକୋଟ,୧୪।୯(ଡି.ଏନ.ଏ.)

**ସମ୍ପର୍କୀୟ ପୁତୁରା ଝିଆରୀ କରିଥିଲେ ହତ୍ୟା**

ଖଲ୍ଲିକୋଟ ଥାନା ବି.ନୂଆପଲି ଗ୍ରାମର ପାହାଡ଼ ଉପରେ ମାଟିତଳୁ ଜଣେ ବୃଦ୍ଧଙ୍କ କଟାମୁଣ୍ଡ ସହ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ଯୁଧିଷ୍ଠିର ପ୍ରଧାନ (୬୦)। ପରିବାର ଲୋକଙ୍କ ହତ୍ୟା ଏତଲାକୁ କ୍ରମେ ପୋଲିସ ଶୈଳେନ୍ଦ୍ରୀ ପ୍ରଧାନ, ଝିଲି ପ୍ରଧାନ, ପ୍ରଭାକର ପ୍ରଧାନ ଓ ନବ ପ୍ରଧାନଙ୍କୁ ଗିରଫ କରିଛି। ଯୁଧିଷ୍ଠିର ରବିବାର କୌଣସି କାମରେ ସାଇକେଲରେ ଘରୁ ବାହାରିଥିଲେ। ସନ୍ଧ୍ୟା ସୁଦ୍ଧା ସେ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ସୋମବାର ଗାଁ ମୁଣ୍ଡରେ ଥିବା ପାହାଡ଼ ନିକଟରେ ଯୁଧିଷ୍ଠିରଙ୍କ ଚପଲ, ଲୁଗା, କାଗଜପତ୍ର ଓ କିଛି ଦୂରରେ ତାଙ୍କ ସାଇକେଲ ପଡ଼ିଥିବା ଦେଖିବାକୁ ମିଳିଥିଲା। ଯୁଧିଷ୍ଠିରଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଖଲ୍ଲିକୋଟ ଥାନାରେ ଏତଲା ଦେଇଥିଲେ। ଏଥିରେ ପୋଲିସ ଗ୍ରାମର ଯୁଧିଷ୍ଠିରଙ୍କ ୪ ସମ୍ପର୍କୀୟଙ୍କୁ ଥାନାରେ ଅଟକ ରଖିଥିଲା। ପଚରାଉଚରା ପରେ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ମଙ୍ଗଳବାର ଖଲ୍ଲିକୋଟ ପୋଲିସ ସହ ସାଇଣ୍ଟିଫିକ ଟିମ୍, କୋଦଳା ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ମୁଣ୍ଡ ବିହୀନ ଶରୀରକୁ ବାହାର କରିଥିଲେ। ସେହିପରି ୩ ହାତ ଦୂରରେ ମୁଣ୍ଡକୁ ମାଟିତଳୁ ବାହାର କରିଥିଲେ। ଜଙ୍ଗଲ ଭିତରୁ ହତ୍ୟାରେ ବ୍ୟବହୃତ ୨ଟି କାତି ମଧ୍ୟ ଜବତ ହୋଇଛି। ଜମିବାଡ଼ିକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଛି ବୋଲି ପୋଲିସ ପ୍ରକାଶ କରିଛି। ଏ ନେଇ ନଂ. ୫୬୪/୨୧ରେ ମାମଲା ରୁଜୁ ହୋଇଛି।

## କାଗଜ କଲମରେ ସୀମିତ ଗଞ୍ଜାମ ସହରର ବିକାଶ

**ପ୍ରଶାସନିକ ଆନ୍ତରିକତା ଅଭାବ, ଅସନ୍ତୁଷ୍ଟ ଅଞ୍ଚଳବାସୀ**



କାର୍ଯ୍ୟକ୍ଷମ ହୋଇ ନ ଥିବା ଆହାରକେନ୍ଦ୍ର।

ଗଞ୍ଜାମ,୧୪।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ପ୍ରମୁଖ ସହର ମଧ୍ୟରେ ଗଞ୍ଜାମ ସହର ଅନ୍ୟତମ। ୧୨ଟି ୱାର୍ଡକୁ ନେଇ ଗଠିତ ଏହି ଏନ୍‌ଏସିରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସହରବାସୀ। ସଦର ମହକୁମା ଛତ୍ରପୁର ଏନ୍‌ଏସି ଓ ରମ୍ଭା ଏନ୍‌ଏସିଠାରୁ ବହୁ ପଛରେ ଗଞ୍ଜାମ ଏନ୍‌ଏସି। ବହୁବର୍ଷ ପୂର୍ବରୁ ଏହି ସହର ଏନ୍‌ଏସିର ମାନ୍ୟତା ପାଇଥିଲେ ମଧ୍ୟ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବରୁ ଆବଶ୍ୟକ ରାସ୍ତାଘାଟ କିମ୍ବା କଲ୍ୟାଣ ମଣ୍ଡପଟିଏ ନାହିଁ। ଏଥିସହିତ ସହରରେ ବିଶ୍ରାମାଗାର କିମ୍ବା ଶୌଚାଳୟ ମଧ୍ୟ ନାହିଁ। ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ କାର୍ଯ୍ୟ କେବଳ କାଗଜ କଲମରେ ସୀମିତ ରହିଛି। ୨୦୧୫ ଅଗଷ୍ଟ ୩୧ରେ ବଡ଼ ବଜାରଠାରେ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ହୋଇଥିଲା। ଭିତ୍ତି ପ୍ରସ୍ତରକୁ ୬ ବର୍ଷରୁ ଅଧିକ ସମୟ ବିତିଲାଣି, କିନ୍ତୁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହା ନିର୍ମାଣ ପାଇଁ ପଛୁଆ ଅଞ୍ଚଳ ବିକାଶ ପାଣ୍ଠିରୁ ୯ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ବରାଦ ହୋଇଥିଲା। ସେହିପରି କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଓଡ଼ିଆ ଡାମଣା ସାହି ରୋଡ଼ ପାର୍ଶ୍ୱରେ ଭିତ୍ତି ପ୍ରସ୍ତର କରାଯାଇଛି, ହେଲେ ଏଯାବତ୍ କାମ ଆରମ୍ଭ ହୋଇନି। ସରକାର ଲୋକଙ୍କ ମୌଳିକ ସମସ୍ୟାକୁ ଗୁରୁତ୍ୱ ଦେଉଥିବା ଡିଣ୍ଡିମ ପିଟୁଥିବା ବେଳେ ତାହା ବାସ୍ତବରେ କାର୍ଯ୍ୟକାରୀ ହେଉନି ଏହି ଏନ୍‌ଏସିରେ। ସହରରେ ନୂତନ ଆହାର କେନ୍ଦ୍ର ନିର୍ମାଣ କାର୍ଯ୍ୟ ସରିବାର ନାଁ ଧରୁନି। ଏ ସମ୍ପର୍କରେ ଏନ୍‌ଏସି ଇଓ ରୋନିତ କୁମାରଙ୍କୁ ପଚାରିବାରୁ ବିଶ୍ରାମାଗାର ଓ କଲ୍ୟାଣମଣ୍ଡପର କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି କହିଛନ୍ତି। ଅନ୍ୟପଟେ ଏନ୍‌ଏସି ଯୁବ ବିଜେଡି ସଭାପତି ସୁଧୀର କୁମାର ପାଢ଼ୀ କହିଛନ୍ତି, ସହରର ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କୁ ଜଣାଯାଇଛି। ଅଧାପନ୍ତରିଆ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରାଯିବ ଏବଂ ଆରମ୍ଭ ହୋଇନଥିବା ପ୍ରକଳ୍ପ ନିର୍ମାଣ କାମ ଶୀଘ୍ର ଆରମ୍ଭ ହେବ ବୋଲି ପାଢ଼ୀ କହିଛନ୍ତି।

## ଜିଲାପାଳଙ୍କ ଆର୍‌ଟିଓ କାର୍ଯ୍ୟାଳୟ ପରିଦର୍ଶନ

ଛତ୍ରପୁର,୧୪।୯(ଡି.ଏନ୍.ଏ.)

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ଗଞ୍ଜାମ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ନଥିପତ୍ର ଯାଞ୍ଚ କରିଛନ୍ତି । କାର୍ଯ୍ୟାଳୟର ସ୍ମାର୍ଟ କାର୍ଡ ସେଣ୍ଟରଠାରୁ ଆରମ୍ଭ କରି ବିଭିନ୍ନ କକ୍ଷ ବୁଲିଥିଲେ। ଲୋକଙ୍କୁ କିପରି ପରୀକ୍ଷା କରି ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯାଉଛି ତାହା ବୁଝିଥିଲେ। ଠିକ ଲୋକଙ୍କୁ ଲାଇସେନ୍ସ ପ୍ରଦାନ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପାନୀୟଜଳ, ଶୌଚାଳୟ ଓ ଗାଡି ପାର୍କିଂ ଏବଂ ଲୋକଙ୍କ ସୁବିଧା ନିମନ୍ତେ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଗଞ୍ଜାମ ଆରଟିଓ ବିକାଶ ଚନ୍ଦ୍ର ଚୌଧୁରୀଙ୍କ ସହ ଆଲୋଚନା କରିଥିଲେ । ଏମଭିଆଇ ଶିବ ଶଙ୍କର ଚୌଧୁରୀ, ଆସିଷ୍ଟାଣ୍ଟ ଏମଭିଆଇ ପ୍ରତାପ କୁମାର ବେହେରା, ଅକ୍ଷୟ ଜେନା, ଆଡିଶନାଲ ଆରଟିଓ କେ. ଭେଙ୍କଟ, ଟ୍ରାଫିକ ଇନ୍ସପେକ୍ଟର ଏନ. କେ. ଚିନ୍ନରାଙ୍କ ସହ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।

## ଜଳବନ୍ଦୀ ପୁଇଁତୋଳା ଗ୍ରାମ



ପୁଇଁତୋଳା ଗ୍ରାମ ଯିବା ରାସ୍ତାରେ ପାଣି ।

ଗଞ୍ଜାମ,୧୪।୯(ଡି.ଏନ.ଏ.)

ଗତ ଦୁଇ ଦିନ ଧରି ଲଘୁଚାପ ଜନିତ ବର୍ଷାରେ ସହର ବେହାଲ ହୋଇପଡିଛି। ମଙ୍ଗଳବାର ବର୍ଷା ଛାଡ଼ିଯାଇଛି ହେଲେ ଲୋକଙ୍କ ଦୁର୍ଦ୍ଦଶା ବଢିଛି। ପୁଇଁତୋଳା ଗ୍ରାମ ଏବେବି ପାଣି ଘେରରେ ରହିଛି। ଡ୍ରେନେଜ ନ ଥିବାରୁ ପୁଇଁତୋଳା ଗ୍ରାମ ଜଳମଗ୍ନ। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ବର୍ଷା ଜଳ ନିଷ୍କାସିତ ହୋଇପାରୁନି। ପ୍ରତିବର୍ଷ ଏନଏସି ପ୍ରଶାସନ ଜେସିବି ମେସିନ ଦ୍ୱାରା ଅସ୍ଥାୟୀ ନାଳ କରି ପାଣି ଛଡାଯାଉଛି। ଅନାୟାସରେ ଟଙ୍କା ଖର୍ଚ୍ଚ ହେଉଛି, ମାତ୍ର ସ୍ଥାୟୀ ପ୍ରତିକାର କରାଯାଉନି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏଥିସହିତ ସହର ସାରା ଚାରିଆଡେ ଅଳିଆ ଆବର୍ଜନା ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଛି। ଡେଙ୍ଗୁ ବ୍ୟାପିବା ଆଶଙ୍କା ରହିଛି। ସେହିପରି ଡଗର ପଡିଆ ରୋଡ଼, ସାନବଜାର, ମଧ୍ୟଖଣ୍ଡ ସାହି ରୋଡ୍, ଷ୍ଟେଶନ ରୋଡ୍ ଆଦି ସ୍ଥାନରେ ପାଣି ଜମିଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ଲୋକ, ଛାତ୍ରୀଛାତ୍ର ଯାତାୟାତ କରୁଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ସ୍ମାର୍ଟ ହେବ ସିମନବାଡ଼ି ଉଚ୍ଚ ବିଦ୍ୟାଳୟ



ବିଦ୍ୟାଳୟ ବଗିଚାରେ ଚାରାରୋପଣ କରାଯାଉଛି।

ଦାରିଙ୍ଗବାଡ଼ି,୧୪।୯(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟ ଜୋରଦାର ଚାଲିଛି । ଅକ୍ଟୋବର ୨ ତାରିଖରେ ଏହି ସ୍ମାର୍ଟ ସ୍କୁଲର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ସ୍ଥାନୀୟ ବିଡିଓ କଳାକୃଷ୍ଣ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ବବ୍ରୁବାହନ ବେହେରା, କନିଷ୍ଠ ଯନ୍ତ୍ରୀ ତୁଷାର ରଞ୍ଜନ ସେଠୀ ନିୟମିତ ସେଠାରେ ଉପସ୍ଥିତ ରହି କାର୍ଯ୍ୟକୁ ଶୀଘ୍ର ସାରିବାକୁ ଉଦ୍ୟମ ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଉଦଘାଟନ ହେବା ପୂର୍ବରୁ ଏହି ସ୍କୁଲକୁ ରାଜ୍ୟ ସରକାରଙ୍କ ଜଣେ ସଚିବଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ୍ ପରିଦର୍ଶନ ଆସିବେ ବୋଲି ଜଣାଯାଇଛି । ବିଡିଓ ପ୍ରଧାନଙ୍କ ନେତୃତ୍ୱରେ ମଙ୍ଗଳବାର ଦାରିଙ୍ଗବାଡ଼ି ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲ୍ଲିକଙ୍କ ସହ ଅନ୍ୟ ଅଧିକାରୀ ବିଦ୍ୟାଳୟର ବଗିଚାରେ ଚରାରୋପଣ କରିଥିଲେ । ଶ୍ରମିକମାନେ ବଗିଚା କାମ କରୁଥିଲେ ମଧ୍ୟ ବିଡିଓ ନିଜେ ଉପସ୍ଥିତ ରହି ତାହାର ତଦାରଖ କରୁଛନ୍ତି। ସେହିପରି ବିଦ୍ୟାଳୟର ସମସ୍ତ ଶ୍ରେଣୀ କୋଠା, କମ୍ପ୍ୟୁଟର ଗୃହ ସମେତ ଅନ୍ୟ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି।

## କରୋନା ଟିକା ପାଇଁ ଅସମ୍ଭାଳ ଭିଡ଼

ଦିଗପହଣ୍ଡି,୧୪।୯(ଡି.ଏନ.ଏ.)



ଟିକା କେନ୍ଦ୍ରରେ ଲୋକଙ୍କ ଭିଡ଼।

- ଟିକା ଯୋଗାଣରେ ଚାଲିଛି ପାତରଅନ୍ତର
- ନ ମିଳିଲେ ଆନ୍ଦୋଳନ ଚେତାବନୀ

ମହାମାରୀ ବିରୋଧରେ ଚାଲିଥିବା ଟିକାକରଣ ଅଭିଯାନକୁ ୨୦୦ ଦିନ ବିତିଯାଇଥିଲେ ମଧ୍ୟ ଦିଗପହଣ୍ଡିରେ ଲୋକଙ୍କୁ ମିଳୁନି କରୋନା ଟିକା। ଗତ ଜାନୁଆରୀ ୧୬ ରୁ ଟିକା କରଣ ଅଭିଯାନ ଶୁଭାରମ୍ଭ କରାଯାଇଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନିକ ଅବ୍ୟବସ୍ଥା କାରଣରୁ ସହରର ଟିକା ପ୍ରଦାନ କେନ୍ଦ୍ରକୁ ଆସିପାରୁନି ଆବଶ୍ୟକ ପ୍ରଥମ ଡୋଜ। ମଙ୍ଗଳବାର ସ୍ଥାନୀୟ ଚାଚା ନେହେରୁ ପ୍ରାଥମିକ ବିଦ୍ୟାଳୟ ଟିକା କେନ୍ଦ୍ରରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ନାନା ଅବ୍ୟବସ୍ଥା କାରଣରୁ ଦୀର୍ଘ ସମୟ ଧରି ଟିକା ପାଇଁ ବହୁ ମହିଳା ପୁରୁଷ ସକାଳୁ ମଧ୍ୟାହ୍ନ ଯାଏଁ ଧାଡ଼ିରେ ଠିଆ ହୋଇଥିବା ବେଳେ ବିଳମ୍ବ ଜନିତ କାରଣରୁ ହୋ ହାଲ୍ଲା କରିଥିଲେ। ପୋଲିସ ପହଞ୍ଚିବାରୁ ପରିସ୍ଥିତିରେ ସୁଧାର ଆସିଥିଲା। ମାତ୍ର ୧ ଶହ ଡୋଜ ଟିକା ଆସିଥିବାରୁ ୫ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଟିକା ନପାଇ ନିରାଶରେ ଘରକୁ ଫେରିଥିଲେ। ରାଜନୈତିକ ଚାପରେ ଟିକା ବଣ୍ଟନ କରାଯାଉଥିବା ଗୁରୁତର ଅଭିଯୋଗ ହୋଇଛି। ଟିକା ଯୋଗାଣରେ ପାତର ଅନ୍ତର ନୀତି ଅବଲମ୍ବନ କରାଯିବା ପଛରେ କିଛି ବ୍ୟକ୍ତିଙ୍କ ମନ୍ଦ ଉଦ୍ଦେଶ୍ୟ ରହିଥିବା ନେଇ ଚର୍ଚ୍ଚା ହେଉଛି। ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଥିବା ଟିକା କେନ୍ଦ୍ରମାନଙ୍କୁ ଆବଶ୍ୟକ ନଥିଲେ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ଟିକା ଉପଲବ୍ଧ ହେଉଥିବା ବେଳେ ଦିଗପହଣ୍ଡି ସହରବାସୀଙ୍କ ପାଇଁ ଟିକା ଆସୁ ନାହିଁ। ଦିଗପହଣ୍ଡି ସହର ବାସିନ୍ଦାଙ୍କୁ ଆବଶ୍ୟକ ମୁତାବକ ପ୍ରଥମ ଡୋଜ ଟିକା ତୁରନ୍ତ ଯୋଗାଣ କରାନଗଲେ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଗଞ୍ଜାମ ଜିଲା କଂଗ୍ରେସ କମିଟି ସମ୍ପାଦକ କେ.କୁନା, ନଗର କଂଗ୍ରେସ ସଭାପତି ଦୀପକ କୁମାର ମିଶ୍ର, ପୂର୍ବତନ କାଉନସିଲର ଏମ୍. ତ୍ରିନାଥ, ଭାଜପା ନଗର କମିଟି ସଭାପତି ପ୍ରଶାନ୍ତ ପୂଜାରୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏନେଇ ଦିଗପହଣ୍ଡି ଟିକା କରଣ ଦାୟିତ୍ୱରେ ଥିବା ବୋମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ବିଜୟ କୁମାର ନାୟକଙ୍କୁ ପଚାରିବାରୁ ଗତ ୧୦ ସୁଦ୍ଧା ବ୍ଲକ ଏବଂ ଏନ୍‌ଏସିର ୮୧୬ ସ୍ୱାସ୍ଥ୍ୟ କର୍ମଚାରୀ, ୪୩୦ ସମ୍ମୁଖ ଯୋଦ୍ଧା, ୧୮ ବର୍ଷରୁ ୪୪ ବର୍ଷୀୟଙ୍କୁ ୯୧୦୬, ୪୫ ବର୍ଷରୁ ୫୯ ବର୍ଷୀୟଙ୍କୁ ୯୯୭୬ ଏବଂ ୬୦ ରୁ ଊର୍ଦ୍ଧ୍ୱ ୧୩୭୩୯ ବ୍ୟକ୍ତିଙ୍କୁ କୋଭିଶିଲ୍ଡ ପ୍ରଥମ ଡୋଜ ଟିକା ଦିଆଯାଇଥିବା ବେଳେ ୭୭୪ ସ୍ୱାସ୍ଥ୍ୟ କର୍ମଚାରୀ, ୫୧୦ ସମ୍ମୁଖ ଯୋଦ୍ଧା, ୧୮ ରୁ ୪୪ ବର୍ଷୀୟଙ୍କୁ ୭୬୫, ୪୫ ବର୍ଷରୁ ୫୯ ବର୍ଷୀୟଙ୍କୁ ୭୮୦୩ ଏବଂ ୬୦ରୁ ଊର୍ଦ୍ଧ୍ୱ ୫୧୦୯ ବ୍ୟକ୍ତିଙ୍କୁ ୨ୟ ଡୋଜ କୋଭିଶିଲ୍ଡ ଟିକା ଦିଆସରିଛି। ସେହିପରି ଦିଗପହଣ୍ଡି ଅଞ୍ଚଳର ବିଭିନ୍ନ ବର୍ଗର ୩୪୭୫୮ଙ୍କୁ କୋଭାକ୍ସିନର ପ୍ରଥମ ଡୋଜ ଏବଂ ୮୭୪୬ ଲୋକଙ୍କୁ ୨ୟ ଡୋଜ ଟିକା ଦିଆଯାଇଥିବା କହିଛନ୍ତି। ଦିଗପହଣ୍ଡି ବିଡିଓ ହଳଧର ଶବରଙ୍କୁ ଯୋଗାଯୋଗ କରିବାରେ ଦିଗପହଣ୍ଡି ସହରରେ ନିୟମିତ ବ୍ୟବଧାନରେ ଟିକା କେନ୍ଦ୍ର ଖୋଲାଯାଇ ଲୋକଙ୍କୁ ଟିକା ଯୋଗାଇ ଦିଆଯିବା ପାଇଁ ମନିଟରିଂ କରାଯାଉଥିବା କହିଛନ୍ତି। ଟିକା କେନ୍ଦ୍ର ଗୁଡ଼ିକରେ ପ୍ରଶାସନିକ ଅବ୍ୟବସ୍ଥା କିମ୍ବା ରାଜନୈତିକ ହସ୍ତକ୍ଷେପ ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି।